# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୦/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, March 20/2023 | Page 16 | ₹ 7.00

୪୯ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 114 | ମୂଲ୍ୟ ₹୭/-





**ବୋପାନ୍ନା ବୟସ୍କ ଚାମ୍ପିୟନ**

ଭାରତର ରୋହନ ବୋପାନ୍ନା ସବୁଠାରୁ ବୟସ୍କ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ୧୦୦୦ ଚାମ୍ପିୟନ ହୋଇଛନ୍ତି। ୧୪

୧୩ **ରେଷ୍ଟୁରାଣ୍ଟ ସ୍ୱପ୍ନ ସ୍ୱପ୍ନରେ ହିଁ ଅଛି**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଆର୍ଥିକ ସମସ୍ୟା ପାଇଁ ଖୋଲିଥିବା ରେଷ୍ଟୁରାଣ୍ଟକୁ ନିକଟରେ ବନ୍ଦ କରିବାକୁ ପଡିଛି।




# ଦୁର୍ଦ୍ଦଶା ଆଣିଲା ଝଡ଼ବର୍ଷା

## ବ୍ୟାପକ ଫସଲ ନଷ୍ଟ, ଚିନ୍ତାରେ ଚାଷୀ



ବ୍ରହ୍ମଗିରି ଅଞ୍ଚଳର ଜଣେ ଚାଷୀ ନଷ୍ଟ ହୋଇଥିବା ଫସଲ ଦେଖାଉଛନ୍ତି।

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ପଶ୍ଚିମା-ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ, କୁଆପଥର ବର୍ଷା ସହ ବଜ୍ରପାତ ହୋଇଛି। ବିଶେଷକରି ଉତ୍ତର, ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର ବହୁ ସ୍ଥାନରେ ଶନିବାର ସନ୍ଧ୍ୟାରେ ବର୍ଷା ପବନ ଲାଗି ରହିଥିଲା। ଦୀର୍ଘ ୪ମାସ ପରେ ବର୍ଷା ହୋଇଥିବାରୁ ପାଗରେ ପରିବର୍ତ୍ତନ ଆସିବା ସହ ରାଜ୍ୟବାସୀଙ୍କୁ ଖରାରୁ ସାମାନ୍ୟ ଆଶ୍ୱସ୍ତି ଦେଇଛି। ହେଲେ ଏହି ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡ ପୁଣି ଥରେ ଦୋହଲାଇ ଦେଇଛି। ବର୍ଷା ଏବଂ କୁଆପଥର ମାଡ଼ରେ ବିଭିନ୍ନ ସ୍ଥାନରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ୟାପକ ଫସଲ ନଷ୍ଟ ହୋଇଛି। ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରେ ବର୍ଷା ଯୋଗୁ ଏକର ଏକର ଧାନ ଚାଷ ନଷ୍ଟ ହୋଇଯାଇଥିବାବେଳେ ବାଲେଶ୍ୱର ଓ ଭଦ୍ରକରେ ବହୁ ଫସଲ ନଷ୍ଟ ହୋଇଛି। ସେହିପରି ନବରଙ୍ଗପୁରରେ ମକା ଚାଷ, ରାୟଗଡ଼ା, ମାଲକାନଗିରିରେ ତରଭୁଜ ଏବଂ କୋରାପୁଟରେ ବହୁ ପରିବା ଚାଷ ନଷ୍ଟ ହୋଇଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ମିଳିଥିବା ସୂଚନା ଅନୁସାରେ ଶନିବାର ଅପରାହ୍ନରୁ ରବିବାର ଅପରାହ୍ନ ପର୍ଯ୍ୟନ୍ତ ଏକାଧିକ ଜିଲାରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରେବଣା, ବନ୍ଧକେରା, ବ୍ରହ୍ମଗିରି, ସନ୍ଧ୍ୟାତଳ, ସାନବନ୍ଧକେରା ଆଦି ବିଭିନ୍ନ ଗ୍ରାମରେ ହୋଇଥିବା ଧାନ ଫସଲ କ୍ଷତି ହୋଇଛି। ବର୍ଷା ଲାଗିରହିଲେ ଧାନ ଗଜା ହେବା ସହ ପାଚିଲା ଧାନ ଉଜୁଡ଼ିଯିବ ବୋଲି ଚାଷୀ ରାମଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ସେହିପରି କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଚିନାବାଦାମ ଫସଲ ନଷ୍ଟ ହୋଇଯାଇଛି। କିଛିଦିନ ପରେ ଚାଷୀମାନେ ଚିନାବାଦାମ ଅମଳ କରିଥାନ୍ତେ। ହେଲେ ଅମଳ ପୂର୍ବରୁ ଅଦିନିଆ ବର୍ଷା ଫସଲ ଉଜାଡ଼ିଦେଲା। ଆଉ ଦୁଇଦିନ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବାଲେଶ୍ୱର ଜିଲାର ☞ପୃଷ୍ଠା-୪

# ରାହୁଲଙ୍କ ଘରେ ଦିଲ୍ଲୀ ପୋଲିସ

**ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ମନ୍ତବ୍ୟ**

- **ତଥ୍ୟ ସଂଗ୍ରହ ପାଇଁ ଯାଇଥିବା କହିଲା ପୋଲିସ**
- **ବିସ୍ତୃତ ଉତ୍ତର ଦେବାକୁ ସମୟ ମାଗିଲେ ରାହୁଲ**

**ନୂଆଦିଲ୍ଲୀ, ୧୯।୩**

ଗତ ଜାନୁୟାରୀ ୩୦ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ବେଳେ ଶ୍ରୀନଗରରେ ସମ୍ବୋଧନ କରି ମହିଳାମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ବିଷୟ କହିଥିଲେ। ଏହାକୁ ନେଇ ରବିବାର ପୂର୍ବାହ୍ନରେ ଦିଲ୍ଲୀ ପୋଲିସ ରାହୁଲଙ୍କ ୧୨ ତୁଗ୍‌ଲକ୍ ଲେନ୍ ବାସଭବନରେ ପହଞ୍ଚିଥିଲା। ଦୁଇ ଘଣ୍ଟା ପରେ ରାହୁଲ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତାଙ୍କୁ ପୀଡ଼ିତାମାନଙ୍କ ସମ୍ପର୍କରେ ତଥ୍ୟ ମାଗିଥିବା ଗଣମାଧ୍ୟମକୁ କହିଥିଲା। ଏହାକୁ ନେଇ କ୍ଷୁବ୍ଧ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ ☞ପୃଷ୍ଠା-୪

# ଡିଜେ ଆଜେକ୍ସଙ୍କ ଆତ୍ମହତ୍ୟା



ଅକ୍ଷୟ କୁମାର ମହାରଣା

- **ପ୍ରେମ ପାଇଁ ମାନସିକ ଚାପରେ ରହୁଥିଲେ ଅକ୍ଷୟ**
- **ପ୍ରେମିକା ଓ ତାଙ୍କ ନୂଆ ପୁରୁଷବନ୍ଧୁଙ୍କ ବିରୋଧରେ ବ୍ଲାକ୍‌ମେଲ୍ ଅଭିଯୋଗ**

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ୍ ଅକ୍ଷୟ କୁମାର ମହାରଣା (୨୯)ଙ୍କ ରହସ୍ୟଜନକ ମୃତ୍ୟୁ ଘଟିଛି। ଖାରବେଳନଗର ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରିଆଲ୍ କଲୋନୀ ପ୍ଲଟ୍ ନଂ.୩ସ୍ଥିତ ବାସଭବନରେ ସେ ଫ୍ୟାନରେ ବେଡ୍‌ଶିଟ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। ଶନିବାର ରାତିରେ ଏହି ଘଟଣା ଘଟିଥିବାବେଳେ ପୋଲିସ ମୃତଦେହ ଜବତ ପରେ ରବିବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଅକ୍ଷୟଙ୍କ ମୃତ୍ୟୁ ପଛରେ ପ୍ରେମିକା ଓ ତାଙ୍କ ନୂଆ ପୁରୁଷବନ୍ଧୁଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିପଦରେ ଗଣତନ୍ତ୍ର

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ନ୍ୟାୟପାଳିକା ଉପରେ ଚାପ ପକାଇବାକୁ ଉଦ୍ୟମ କରୁଛନ୍ତି। ସରକାରଙ୍କ କଥାରେ ଯାଉ ନ ଥିବା ବିଚାରପତିମାନଙ୍କୁ ଧମକ ଦିଆଯାଉଛି।

-ସଞ୍ଜୟ ରାଉତ, ଶିବସେନା(ୟୁବିଟି) ନେତା








| Size (mm) | Price(₹)/Piece |
|---|---|
| 5.5 | 197 |
| 6 | 225 |
| 8 | 396 |
| 10 | 612 |
| 12 | 870 |
| 16 | 1548 |
| 20 | 2420 |
| 25 | 3771 |
| 28 | 4731 |
| 32 | 6181 |
| With effect from: | 01.02.2023 |





ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କୁ ଇମେଲ୍ ଯୋଗେ ହତ୍ୟା ଧମକ ମିଳିବା ପରେ ମୁମ୍ବାଇ ପୋଲିସ ତାଙ୍କ ଘର ବାହାରେ ସୁରକ୍ଷାକୁ ବଢ଼ାଇ ଦେଇଛି। ଶନିବାର ସନ୍ଧ୍ୟାରେ ସଲମାନ୍‌ଙ୍କ ଟିମ୍‌ର ଜଣେ ସଦସ୍ୟ ଏହି ଇମେଲ୍ ପାଇଥିଲେ। ପୂର୍ବରୁ ସଲମାନଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ, ଗୋଲ୍ଡି ବ୍ରାର ଓ ଅନ୍ୟମାନଙ୍କ ବିରୋଧରେ ବାନ୍ଦ୍ରା ଥାନାରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା।



## ସଂକ୍ଷେପରେ

### ଗୁଜରାଟ ଠକଙ୍କ ସହଯୋଗୀ ସିଏମ୍‌ଓ ଅଧିକାରୀଙ୍କ ପୁଅ

**ଶ୍ରୀନଗର, ୧୯।୩:** ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ବରିଷ୍ଠ ଅଫିସର ପରିଚୟ ଦେଇ ଜେଡ୍ ପ୍ଲସ୍ ସୁରକ୍ଷାରେ କଶ୍ମୀର ଗସ୍ତ କରିବା ସହ ଅନ୍ୟାନ୍ୟ ସୁବିଧା ପାଇଥିବା ଗୁଜରାଟ ଠକ କିରନ ଭାଇ ପଟେଲଙ୍କ ସାଙ୍ଗରେ ଥିବା ଦୁଇ ସହଯୋଗୀଙ୍କୁ ଜେରା ପାଇଁ ଶ୍ରୀନଗର ପୋଲିସ ଡାକିଛି। ସେମାନଙ୍କ ମଧ୍ୟରୁ ଅମିତ ହିତେଶ ପାଣ୍ଡ୍ୟା ହେଉଛନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଜଣେ ଅଧିକାରୀଙ୍କ ପୁଅ। କିରନ ପଟେଲ ଗିରଫ ହେବାବେଳେ ତାଙ୍କ ସହଯୋଗୀ ଅମିତ ହିତେଶ ପାଣ୍ଡ୍ୟା ଏବଂ ଜୟ ସୀତାପାରାଙ୍କୁ ପୋଲିସ ଛାଡ଼ିଦେଇଥିଲା। ଅମିତଙ୍କ ବାପା ହିତେଶ ପାଣ୍ଡ୍ୟା ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜନସମ୍ପର୍କ ଅଧିକାରୀ ଅଛନ୍ତି। ତାଙ୍କ ପୁଅ କିଛି ଭୁଲ୍ କରି ନ ଥିବେ ବୋଲି ହିତେଶ କହିଛନ୍ତି। ଅମିତ୍ ଏକ କମ୍ପାନୀ ଚଳାଉଥିବା ପୋଲିସ କହିଛି।

### କାର୍ ଦୁର୍ଘଟଣାରେ ଟେକ୍ କମ୍ପାନୀ ସିଇଓଙ୍କ ମୃତ୍ୟୁ



**ମୁମ୍ବାଇ, ୧୯।୩:** ମୁମ୍ବାଇର ୱେରଲିରେ ରବିବାର ସକାଳେ କାର୍ ଧକ୍କାରେ ଟେକ୍ କମ୍ପାନୀ ସିଇଓ ରାଜଲକ୍ଷ୍ମୀ ରାମଙ୍କ ମୃତ୍ୟୁ ଘଟିଛି। ଦାଦର ମାଟୁଙ୍ଗା ଅଞ୍ଚଳରେ ରାଜଲକ୍ଷ୍ମୀଙ୍କ ଘର। ରବିବାର ସକାଳ ପ୍ରାୟ ସାଢ଼େ ୬ଟାବେଳେ ସେ ଶିବାଜୀ ପାର୍କ ନିକଟରେ ଜଗିଂ କରୁଥିବାବେଳେ ଏକ ଦ୍ରୁତଗାମି କାର୍ ତାଙ୍କ ସହ ପିଟି ହୋଇଥିଲା। କାର୍‌ରେ ପିଟିହୋଇ ରାଜଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ତେବେ ସ୍ଥାନୀୟ ଲୋକେ କାର୍ ଡ୍ରାଇଭରକୁ ଧରି ୱେରଲି ପୋଲିସ ଜିମା ଦେଇଛନ୍ତି।

### ଖାତକୁ ଖସିଲା ବସ୍: ୧୯ ମୃତ

**ଢାକା, ୧୯।୩:** ବାଂଲାଦେଶ ମଦାରିପୁର ଜିଲା ଶିବଚାରରେ ରବିବାର ବସ୍ ଦୁର୍ଘଟଣାରେ ୧୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ହାଇୱେ ରେଲିଂରେ ପିଟି ହୋଇ ୯ ମିଟର ଗଭୀର ଖାତକୁ ଖସିପଡ଼ିଥିବା ସ୍ଥାନୀୟ ପୋଲିସ କହିଛି। ଗୁରୁତର ଆହତମାନଙ୍କୁ ଚିକିତ୍ସା ପାଇଁ ଢାକା ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

# ଅମ୍ରିତପାଲ୍‌ଙ୍କୁ ବଳ ଦେଉଛି ଆଇଏସ୍ଆଇ

## ଟ୍ରକ୍ ଡ୍ରାଇଭରରୁ ଭିନ୍ଦ୍ରନ୍‌ୱାଲେ ୨.୦



ଖଲିସ୍ତାନୀ ନେତା ଅମ୍ରିତପାଲ୍ ସିଂ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

ଦୁବାଇରେ ଏକଦା ଟ୍ରକ୍ ଚଳାଉଥିବା ଅମ୍ରିତପାଲ୍ ସିଂ ଏବେ ଖଲିସ୍ତାନୀ ନେତା ତଥା ଦ୍ୱିତୀୟ ଭିନ୍ଦ୍ରନ୍‌ୱାଲେର ପରିଚୟ ହାସଲ କରିଛନ୍ତି। ୱାରିସ୍ ପଞ୍ଜାବ ଦେ' ସଂଗଠନର ନେତୃତ୍ୱ ନେଉଥିବା ଅମ୍ରିତ୍‌ପାଲ ଏବେ ପଞ୍ଜାବ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଦୁଇଦିନ ହେଲା ସାରା ରାଜ୍ୟରେ ଚଢ଼ାଉ ଜାରି ରହିଛି।

ସୂଚନାଯୋଗ୍ୟ, ଜର୍ନେଲ ସିଂ ଭିନ୍ଦ୍ରନ୍‌ୱାଲେ ଖଲିସ୍ତାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ୧୯୮୨ରେ ତାଙ୍କ ଗ୍ରୁପ୍ ସ୍ୱର୍ଣ୍ଣମନ୍ଦିର କମ୍ପ୍ଲେକ୍ସରେ ପ୍ରବେଶ କରି ଏହାକୁ ସେମାନଙ୍କର ହେଡକ୍ୱାର୍ଟର୍ସ ବନାଇଥିଲେ। ଏବେ ସ୍ୱତନ୍ତ୍ର ଖଲିସ୍ତାନ ଗଠନ ପାଇଁ ଅମ୍ରିତ୍‌ସର ସରକାରଙ୍କୁ ଯେଭଳି ଧମକ ଦେଉଛନ୍ତି, ତାଙ୍କୁ ଭିନ୍ଦ୍ରନ୍‌ୱାଲେ ୨.୦ କହିବା ଅତ୍ୟୁକ୍ତି ହେବନାହିଁ।

ଦୁବାଇରେ ଟ୍ରକ୍ ଚଳାଉଥିବାବେଳେ ପଞ୍ଜାବରେ ଆତଙ୍କବାଦକୁ ପୁନରୁଜ୍ଜୀବିତ କରିବା ଲକ୍ଷ୍ୟରେ ସେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇକୁ ସହାୟତା କରିବାକୁ ଉଦ୍ୟମ କରିଥିଲେ। ଏହା ପରେ ସେ ଖଲିସ୍ତାନର ଜଣେ ଦୃଢ଼ ସମର୍ଥକ ହୋଇଥିଲେ। ୨୦୨୨ରେ ଦୁବାଇରୁ ଫେରିବା ପରେ ପୂର୍ବତନ ଅଭିନେତା ଦୀପ୍ ସିଦ୍ଧୁ ଗଠନ କରିଥିବା 'ୱାରିସ୍ ପଞ୍ଜାବ ଦେ' ସଂଗଠନ ସହ ଜଡ଼ିତ ହୋଇଥିଲେ। ପରେ ସେ ପଞ୍ଜାବକୁ ଭାରତରୁ ଅଲଗା କରିବାକୁ ଦାବି କରିବା ସହ ଏଥିପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ଧମକ ଦେଇଥିଲେ। ଅପହରଣ ମାମଲାରେ ଗିରଫ ହୋଇଥିବା ଅମ୍ରିତ୍‌ପାଲଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କୁ ମୁକୁଳାଇନେବା ଲାଗି ଗତ ମାସରେ ତାଙ୍କ ସମର୍ଥକମାନେ ଥାନାରେ ପଶି ହିଂସାକାଣ୍ଡ ଘଟାଇ ଦେଶର ସମ୍ବିଧାନ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମେତ ଅନ୍ୟ ନେତାଙ୍କ ପାଇଁ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ।

## ଖଲିସ୍ତାନୀ ନେତାଙ୍କ ବିରୋଧରେ ସାନି ମାମଲା

**ଚଣ୍ଡିଗଡ଼/ଦିବ୍ରୁଗଡ଼, ୧୯।୩**

### ସହଯୋଗୀଙ୍କୁ ଆସାମ ଜେଲ ପଠାଗଲା

ବେଆଇନ ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ଖଲିସ୍ତାନୀ ନେତା ଅମ୍ରିତପାଲ୍ ସିଂ ଓ ତାଙ୍କର କେତେଜଣ ସହଯୋଗୀଙ୍କ ବିରୋଧରେ ରବିବାର ସାନି ମାମଲା ରୁଜୁ ହୋଇଛି। ଅମ୍ରିତ୍‌ପାଲଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ାଉ ଜାରି ରହିଥିବାବେଳେ ଗିରଫ ହୋଇଥିବା ତାଙ୍କର ୪ ଜଣ ସହଯୋଗୀଙ୍କୁ ଆସାମର ଦିବ୍ରୁଗଡ଼ କେନ୍ଦ୍ରୀୟ ଜେଲକୁ ପଠାଇ ଦିଆଯାଇଛି। ସେମାନେ ଏକ ସ୍ୱତନ୍ତ୍ର ବିମାନରେ ଆସାମର ଦିବ୍ରୁଗଡ଼ରେ ପହଞ୍ଚିଥିଲେ। ରାଜ୍ୟରେ ମୋବାଇଲ ଇଣ୍ଟରନେଟ ସେବା ଏବଂ ଏସ୍ଏମ୍ଏସ୍ ସେବାକୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଅମୃତସର, ଜଳନ୍ଧର ଏବଂ ଲୁଧିଆନା ସମେତ ପଞ୍ଜାବର ବିଭିନ୍ନ ସହରରେ ସୁରକ୍ଷା ବଳ ପକ୍ଷରୁ ରବିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଖୁବ୍‌ଶୀଘ୍ର ଅମ୍ରିତପାଲ୍‌ଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ୱାରିସ୍ ପଞ୍ଜାବ ଦେ'ର ମୁଖ୍ୟ ଅମ୍ରିତପାଲ୍‌ଙ୍କୁ ଧରିବା ଲାଗି ଶନିବାର ରାଜ୍ୟ ପୋଲିସଙ୍କ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇ ୭୮ ଜଣଙ୍କୁ ଗିରଫ କରାଯାଇଥିଲା। ଜଳନ୍ଧର ଜିଲାରେ ଖଲିସ୍ତାନୀ ନେତାଙ୍କୁ ଗାଡ଼ିସମୂହକୁ ପୋଲିସ ପିଛା କରୁଥିବାବେଳେ ସେ କୌଣସି ପ୍ରକାରେ ଖସି ପଳାଇଥିଲେ। ପଞ୍ଜାବ ପୋଲିସ ଅମ୍ରିତପାଲ୍‌ଙ୍କୁ ପଳାତକ ଘୋଷଣା କରିଛି।

## ମାନବ ବୋମା ପ୍ରସ୍ତୁତ କରୁଥିଲେ ଅମ୍ରିତପାଲ୍

**ଚଣ୍ଡିଗଡ଼**

ଖଲିସ୍ତାନୀ ନେତା ଅମ୍ରିତପାଲ ସିଂ ଅସ୍ତ୍ରଶସ୍ତ୍ର ଠୁଳ ରଖିବା ସହ ଯୁବକମାନଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ପ୍ରସ୍ତୁତ କରୁଥିଲା ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାବାହିନୀକୁ ଆଲର୍ଟ କରାଯାଇଛି। ୱାରିସ୍ ପଞ୍ଜାବ ଦେ' ପରିଚାଳିତ ନିଶା ନିବାରଣ କେନ୍ଦ୍ର ଏବଂ ଅମୃତସର ଗୁରୁଦ୍ୱାରାରେ ଅମ୍ରିତପାଲ୍ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖୁଥିଲା ବୋଲି ଜଣେ ଅଧିକାରୀ ରବିବାର କହିଛନ୍ତି। ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେଉଥିବା ଯୁବକମାନଙ୍କୁ ବନ୍ଧୁକ ଚାଳନା ତାଲିମ ଦିଆଯିବା ସହ ମୃତ ଆତଙ୍କବାଦୀ ଦିଲୱାର ସିଂଙ୍କ ମାର୍ଗ ଅନୁସରଣ କରିବାକୁ ପରାମର୍ଶ ଦିଆଯାଉଥିଲା। ପାକିସ୍ତାନୀ ଆଇଏସ୍ଆଇ ନିର୍ଦ୍ଦେଶରେ ଗତବର୍ଷ ଦୁବାଇରୁ ଫେରିଥିବା ଅମ୍ରିତପାଲ୍ ଯୁବକମାନଙ୍କୁ ଖଡ୍‌କୁ (ମାନବ ବୋମା) ହେବା ଲାଗି ପ୍ରବର୍ତ୍ତାଉଥିଲେ। ତାଙ୍କର ତଥାକଥିତ ଆନନ୍ଦପୁର ଖାଲ୍‌ସା ଫ୍ରଣ୍ଟ (ଏକେଏଫ୍) ପାଇଁ ଗଚ୍ଛିତ ଥିବା ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ସମେତ ପୋଷାକ ଓ ଜାକେଟକୁ ପୋଲିସ ଜବତ କରିଛି। ଅମ୍ରିତପାଲ୍‌ଙ୍କ କାର୍‌ରୁ ଜବତ ଅସ୍ତ୍ର ଓ ଗୁଳିଗୋଳାରେ ଏକେଏଫ୍ ଲେଖା ରହିଛି।

ସାଧାରଣତନ୍ତ୍ର ଦିବସରେ ତର୍ନ ତରନରେ ରାଲି ଏବଂ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଅମ୍ରିତ୍‌ପାଲ ବିଚ୍ଛିନ୍ନତାବାଦ ଏବଂ ଖଲିସ୍ତାନ ଗଠନକୁ ଖୋଲା ସମର୍ଥନ ଜଣାଇଥିଲେ। ପଞ୍ଜାବ ସରକାର ବିରୋଧରେ ସଶସ୍ତ୍ର ବିଦ୍ରୋହ କରିବା ପାଇଁ ସେ ଶିଖ୍ ଯୁବଗୋଷ୍ଠୀକୁ ଉସୁକାଉଥିଲେ। ପୋଲିସ ଚଢ଼ାଉ ବେଳେ ତାଙ୍କ ସମର୍ଥକମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

## ମିଲେଟ ମ୍ୟାନ୍ ପି.ଭି. ସତୀଶଙ୍କ ପରଲୋକ

**ହାଇଦ୍ରାବାଦ, ୧୯।୩**



ମାଣ୍ଡିଆକୁ ଏକ ବିକଳ୍ପ, ପରିବେଶ ଅନୁକୂଳ କୃଷି ଉତ୍ପାଦ ଭାବେ ପ୍ରଦର୍ଶିତ କରିବାରେ ପ୍ରମୁଖ ଭୂମିକା ନେଇ 'ମିଲେଟ୍ ମ୍ୟାନ୍'ର ପରିଚୟ ହାସଲ କରିଥିବା ପି.ଭି. ସତୀଶଙ୍କର ରବିବାର ସକାଳେ ହାଇଦ୍ରାବାଦରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ସତୀଶ ଡେକାନ ଡେଭେଲପ୍‌ମେଣ୍ଟ ସୋସାଇଟି (ଡିଡିଏସ୍)ର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାର ପାସ୍ତାପୁର ଗ୍ରାମରେ କାର୍ଯ୍ୟ କରୁଥିଲେ। ସେଠାରେ ସୋମବାର ପୂର୍ବାହ୍ନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ସିଭିଲ୍ ସୋସାଇଟିରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା। ଜାହିରାବାଦରେ ଥିବା ତାଙ୍କ ସଂଗଠନ କୃଷି-ଜୈବବିବିଧତା, ଖାଦ୍ୟ ସାର୍ବଭୌମତ୍ୱ, ମହିଳା ସଶକ୍ତୀକରଣ, ସାମାଜିକ ନ୍ୟାୟ, ବିକାଶରେ ଯୋଗଦାନ ଓ ଗୋଷ୍ଠୀ ଗଣମାଧ୍ୟମ ଆଦି ପ୍ରସଙ୍ଗରେ ସଫଳତାର ସହ କାର୍ଯ୍ୟ କରୁଥିଲା।

## ବ୍ରିଟେନ୍‌ରେ ନୂଆ ପ୍ରବାସୀ ବିଲ୍‌କୁ ବିରୋଧ




ନୂଆ ପ୍ରବାସୀ ବିଲ୍‌କୁ ବିରୋଧ କରି ଲଣ୍ଡନର ଡାଉନିଂ ଷ୍ଟ୍ରିଟ୍‌ରେ ବିକ୍ଷୋଭ।

**ଲଣ୍ଡନ, ୧୯।୩**

ବ୍ରିଟେନ୍‌ରୁ ବେଆଇନ୍ ପ୍ରବାସୀଙ୍କୁ ଦେଶରୁ ବାହାର କରିବା ପାଇଁ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ନୂଆ ପ୍ରବାସୀ ବିଲ୍ ବିରୋଧରେ ଲଣ୍ଡନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଖାପାଖି ୨୦୦୦ ପ୍ରଦର୍ଶନକାରୀ ପ୍ଲାକାର୍ଡ ଧରି ଶନିବାର ଡାଉନିଂ ଷ୍ଟ୍ରିଟ୍‌ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ଯାତ୍ରା କରିଥିଲେ। ଏହାଛଡ଼ା ଗ୍ଲାସଗୋ, ସ୍କଟଲାଣ୍ଡ ଏବଂ ୱେଲ୍ସ କାପିଟାଲ କାର୍ଡିଫରେ ମଧ୍ୟ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଛୋଟ ବୋଟ୍ ସାହାଯ୍ୟରେ ଚ୍ୟାନେଲ୍ ଦେଇ ଗତବର୍ଷ ବ୍ରିଟେନ୍‌କୁ ୪୫,୦୦୦ ଅନୁପ୍ରବେଶକାରୀ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ଭାରତୀୟ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଦେଶରୁ ବେଆଇନ୍ ପ୍ରବାସୀଙ୍କୁ ବାହାର କରିବା ପାଇଁ ଏହି ନୂଆ ପ୍ରବାସୀ ବିଲ୍ ଅଣାଯାଇଛି।

## ଇକ୍ୱେଡରରେ ଭୂକମ୍ପ: ୧୫ ମୃତ



ଭୂକମ୍ପ ଯୋଗୁ ଇକ୍ୱେଡରର କ୍ୱେନ୍‌କାରେ ଏକ ଘରର ଭଗ୍ନାବଶେଷ ପଡ଼ି କାର ଚୂରମାର।

**ଗୁଆୟାକିଲ୍, ୧୯।୩**

ଦକ୍ଷିଣ ଆମେରିକାର ଇକ୍ୱେଡରରେ ଶନିବାର ପ୍ରଳୟଙ୍କରୀ ଭୂକମ୍ପରେ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ଭୂକମ୍ପର ତୀବ୍ରତା ୬.୮ ଥିଲା। ଏହାର ପ୍ରଭାବରେ ଇକ୍ୱେଡରର ମଶାଲା ଏବଂ କ୍ୱେନ୍‌କା ସହରରେ ବହୁ କୋଠା ଏବଂ ଚର୍ଚ୍ଚ ଭୁଶୁଡ଼ିଯାଇଛି। ପେରୁ ସୀମା ନିକଟବର୍ତ୍ତୀ ବାଲାଓ ଭୂକମ୍ପର କେନ୍ଦ୍ରସ୍ଥଳ। ଭୂକମ୍ପର ଝଟକା ଗୁଆୟାକିଲ୍, କ୍ୱେଟୋ, ମାନାବି ଏବଂ ମିଣ୍ଟୋରେ ମଧ୍ୟ ଅନୁଭୂତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ସୁନାମି ଆଶଙ୍କା ନ ଥିବା ଇକ୍ୱେଡର ନୌସେନା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ପେରୁରେ ଭୂକମ୍ପ ପ୍ରଭାବରେ ଜଣଙ୍କର ପ୍ରାଣହାନି ଘଟିଛି।

# ୟୁକ୍ରେନ୍‌ର ମାରିଉପୋଲରେ ପୁଟିନ୍



ମାରିଉପୋଲରେ ସ୍ଥାନୀୟ ଲୋକଙ୍କ ସହ କଥା ହେଉଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

**କିଭ୍/ମସ୍କୋ, ୧୯।୩**

ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ଦ୍ୱାରା ଯୁଦ୍ଧ ଅପରାଧ ଅଭିଯୁକ୍ତ ଘୋଷିତ ହେବାର ଦିନକ ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନୀୟ ସହର ମାରିଉପୋଲ ଗସ୍ତ କରିଛନ୍ତି। ୟୁକ୍ରେନ୍ ଆକ୍ରମଣର ବର୍ଷକ ପରେ ସ୍କୋ ଦଖଲରେ ଥିବା ଏହି ଅଞ୍ଚଳକୁ ଶନିବାର ରାତିରେ ପୁଟିନ୍‌ଙ୍କ ଆକସ୍ମିକ ଗସ୍ତର ବିସ୍ତୃତ ଫୁଟେଜ୍ ରୁଷିଆର ସରକାରୀ ଟିଭି ଚ୍ୟାନେଲଗୁଡ଼ିକରେ ଦେଖିବାକୁ ମିଳିଛି।

ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ଗତ ମେ'ରେ ରୁଷୀୟ ସୈନ୍ୟ ମାରିଉପୋଲକୁ ଦଖଲ କରିଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ସେମାନେ ୟୁକ୍ରେନ୍‌ର ବହୁ ସୈନ୍ୟ ଓ ସାଧାରଣ ଜନତାଙ୍କୁ ହତ୍ୟା କରିଥିଲେ। ସେବେଠୁ ଏହି ବନ୍ଦର ସହର ବିଶ୍ୱରେ ମୃତ୍ୟୁ ଓ ଧ୍ୱଂସର ଉପତ୍ୟକା ରୂପେ ପରିଗଣିତ ହୋଇଛି। ୟୁକ୍ରେନ୍‌ରୁ ଅନେକ ଶହ ଶିଶୁ ଓ ମହିଳାଙ୍କୁ ଅପହରଣ କରିବାରେ ସମ୍ପୃକ୍ତି ଅଭିଯୋଗରେ ଶୁକ୍ରବାର ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ପୁଟିନ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏହାର ଦିନକ ପରେ ପୁଟିନ୍ ନିଜ ଉପପ୍ରଧାନମନ୍ତ୍ରୀ ମାରାଟ୍ ଖୁସ୍‌ନୁଲିନ୍‌ଙ୍କ ସହ ମାରିଉପୋଲ ଯାଇଥିଲେ। ସମ୍ପୃକ୍ତ ଅଞ୍ଚଳରେ ଗୃହ, ବ୍ରିଜ୍, ହସ୍ପିଟାଲ, ରାସ୍ତା ଓ ଏକ କନ୍‌ସର୍ଟ ହଲ୍ ନିର୍ମାଣ ନେଇ ଖୁସ୍‌ନୁଲିନ୍ ତାଙ୍କ ସହ ଆଲୋଚନା କରିଥିଲେ। ଗତ ସେପ୍ଟେମ୍ବରରେ ମସ୍କୋ ଏହି ସହରକୁ ବେଆଇନ ଭାବେ ନିଜ ଭୂଖଣ୍ଡରେ ମିଶ୍ରଣ କରାଇବା ପରେ ରୁଷୀୟ ସେନା ପକ୍ଷରୁ ଡୋନେସ୍କ ଅଞ୍ଚଳରେ ଏକ ନୂଆ ବସତି ସ୍ଥାପନ କରାଯାଇଥିବା ଟିଭିରେ ଦେଖିବାକୁ ମିଳିଛି। ପୁଟିନ୍ ସେଠାରେ କେତେଜଣ ବାସିନ୍ଦାଙ୍କୁ ପଚାରିଛନ୍ତି, ତୁମେ ଏଠାରେ ରହୁଛ? ଏହି ସ୍ଥାନକୁ ପସନ୍ଦ କରୁଛ? ଜଣେ ମହିଳା ଉତ୍ତର ଦେଇଛନ୍ତି, ଏହା ଏକ ଛୋଟ ସ୍ୱର୍ଗ ସଦୃଶ। ଏହି ଅବସରରେ ମହିଳା ପୁଟିନ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି। ପୁଟିନ୍ ମାରିଉପୋଲ ଗସ୍ତ ପରେ ସେଠାରୁ କିଛି ଦୂରରେ ଥିବା କ୍ରିମିଆକୁ ମଧ୍ୟ ଯାଇଥିଲେ। କୃଷ୍ଣସାଗରର ଏହି ଉପଦ୍ୱୀପକୁ ରୁଷିଆ ୨୦୧୪ରେ ଦଖଲ କରିଥିଲା।

### ଜିନ୍‌ପିଙ୍ଗ୍‌ଙ୍କ ରୁଷିଆ ଗସ୍ତ ଉପରେ ବିଶ୍ୱ ନଜର

▶▶ ସପ୍ତାହେ ତଳେ ତୃତୀୟ ଇନିଂସ ଆରମ୍ଭ କରିଥିବା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ସୋମବାର ୩ ଦିନିଆ ମସ୍କୋ ଗସ୍ତ କରିବେ। ଏହି ଅବସରରେ ଜିନ୍‌ପିଙ୍ଗ୍ ରୁଷୀୟ ପ୍ରତିପକ୍ଷ ପୁଟିନ୍‌ଙ୍କୁ ଭେଟିବେ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆକୁ ଏକଘରିକିଆ କରିଦେଇଥିବାବେଳେ ପୁଟିନ୍‌ଙ୍କ ସହ ଜିନ୍‌ପିଙ୍ଗ୍‌ଙ୍କ ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଛି। କାରଣ ଗତ ମାସରେ ଚାଇନା ଯୁଦ୍ଧବିରତି ଏବଂ କୂଟନୈତିକ ଉପାୟରେ ୟୁକ୍ରେନ୍ ଆକ୍ରମଣର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲା। ୧୨ଟି ବିନ୍ଦୁ ଉପରେ ଜିନ୍‌ପିଙ୍ଗ୍‌ଙ୍କ ଶାନ୍ତି ପ୍ରସ୍ତାବକୁ ପୁଟିନ୍ ଗ୍ରହଣ କଲେ ଯୁଦ୍ଧାବସାନ ଘଟିପାରେ ବୋଲି କୁହାଯାଉଛି।

▶▶ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ରବିବାର ୩୮୯ ଦିନ ପୂରିଛି। ୟୁକ୍ରେନ୍‌ରୁ କୃଷ୍ଣସାଗର ଦେଇ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଶସ୍ୟ ରପ୍ତାନି ଉଦ୍ଦେଶ୍ୟରେ କରାଯାଇଥିବା ଚୁକ୍ତିନାମାର ଆଉ ୬୦ ଦିନ ପାଇଁ ନବୀକରଣ କରାଯାଇଛି। ପାଶ୍ଚାତ୍ୟର କେତେକ କଟକଣାକୁ ହଟାଇ ଦିଆଗଲେ ଆଗକୁ ଏହି ଅବଧି ବଢ଼ାଯାଇପାରେ ବୋଲି ମସ୍କୋ କହିଛି।

▶▶ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ପକ୍ଷରୁ ଜାରି ଗିରଫ ପରୱାନା ବଳରେ ପୁଟିନ୍‌ଙ୍କୁ ତତ୍କାଳ ଗିରଫ କରାଯାଇ ନ ପାରେ। କିନ୍ତୁ ଏଣିକି ସେ ଅନ୍ୟ ବିଶ୍ୱନେତାମାନଙ୍କୁ ଭେଟିବା ପାଇଁ ଭିନ୍ନ ରାଷ୍ଟ୍ରକୁ ଯାତ୍ରା କରିପାରିବେ ନାହିଁ। ଦକ୍ଷିଣ ଆଫ୍ରିକା ଏନେଇ ନିଜ ଆଇନଗତ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ ଥିବା କହିଛି।



**ଅଣ୍ଡିରା ହାତୀ ମୃତଦେହ ଠାବ**

ଅନୁଗୋଳ ଅଫିସ, ୧୯।୩: ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ତରଭା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ଅଣ୍ଡିରା ହାତୀର ମୃତଦେହ ଠାବ କରାଯାଇଛି। ମୃତ ହାତୀର ବୟସ ୮ ବର୍ଷ ଭିତରେ ହେବ ବୋଲି କୁହାଯାଉଛି। ତେବେ ହାତୀଟିର ମୃତ୍ୟୁ ରୋଗ କାରଣରୁ କିମ୍ବା ତାହାକୁ ଶିକାର କରାଯାଇଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଘଟଣାସ୍ଥଳରେ ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡାଙ୍କ ସହ ଅନ୍ୟ ପଦାଧିକାରୀ ଏବଂ ଡାକ୍ତରୀ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦନ୍ତା ମୃତ

■ ନିୟମିତ ସମନ୍ୱୟ ବୈଠକ ପରେ ବି ଫଳ ଶୂନ

■ ପରସ୍ପରକୁ ଦୋଷ ଦେଲେ ବନ-ବିଦ୍ୟୁତ୍ ବିଭାଗ

**କେନ୍ଦୁଝର, ୧୯।୩(ସ୍ୱ.ପ୍ର.)**



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରି ସେକ୍ସନ ବସନ୍ତପୁର ଗ୍ରାମ ନିକଟରେ ରବିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ହାତୀର ବୟସ ୧୨ ବର୍ଷ ହୋଇଥିବା ବେଳେ ୧୯୦ ସେଣ୍ଟିମିଟର ଉଚ୍ଚତା ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ବନ ଓ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଘଟଣାସ୍ଥଳ ଅନୁଧ୍ୟାନ କରି ଚିରାଚରିତ ଭାବେ ପରସ୍ପରକୁ ଦୋଷାରୋପ କରିଛନ୍ତି। ମାତ୍ର ଉଭୟ ବିଭାଗର ସମନ୍ୱୟ ଅଭାବରୁ ପୁଣି ଏକ ହାତୀର ଜୀବନ ଗଲା ବୋଲି ସ୍ଥାନୀୟ ଲୋକେ କହିବା ସହ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଏଭଳି ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

ସୂଚନା ଅନୁଯାୟୀ, ବସନ୍ତପୁର ଗ୍ରାମ ଜଡ଼ିପଦା ସାହିକୁ ଯାଇଥିବା ଉକ୍ତ ବିଦ୍ୟୁତ୍ ଲାଇନର ଇନସ୍ୟୁଲେଟର (ଶଙ୍ଖ) ଫାଟିଯାଇଥିଲା। ଫଳରେ ୧୧ କେଭି ତାର ଖୁଣ୍ଟର ଷ୍ଟେ ସଂସ୍ପର୍ଶରେ ଆସିଥିଲା। ହାତୀଟି ଶନିବାର ରାତିରେ ଉକ୍ତ ଖୁଣ୍ଟର ଷ୍ଟେ ଦେଇ ଯାଉଥିବା ବେଳେ ଗୋଡ଼ ବାଜି ଯାଇଥିଲା। ଘଟଣାସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା। ସେଠାରେ ଅନ୍ୟ ୩ ହାତୀ ବୁଲୁଥିବା ବେଳେ ବର୍ତ୍ତି ଯାଇଛନ୍ତି। ରବିବାର ସକାଳେ ଗ୍ରାମବାସୀ ଦେଖି ବନ ଓ ବିଦ୍ୟୁତ୍ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ରାଉରକେଲା ଅରୁଣ ମିଶ୍ର, ଡିଏଫ୍‌ଓ କେନ୍ଦୁଝର ଏଚ୍.ଡି. ଧନରାଜ, ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କ ସମେତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ସେହିପରି ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ, ଏସ୍‌ଡିଓ ଯୋଡ଼ା ଦିବ୍ୟରଞ୍ଜନ ସାହୁଙ୍କ ସମେତ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ପରେ ହାତୀର ଦାନ୍ତ ଜବତ କରି ବନ ବିଭାଗ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଥିଲା।

ଘଟଣାରେ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ କହିଛନ୍ତି, ସରକାରଙ୍କ ନିୟମାନୁଯାୟୀ ହାତୀମାନଙ୍କ ଚଳପ୍ରଚଳ ନେଇ ବନ ବିଭାଗ ତାଙ୍କ ବିଭାଗକୁ ସୂଚନା ଦେବା ଜରୁରୀ। ତଦନୁଯାୟୀ ତାଙ୍କ ବିଭାଗ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରିଥାନ୍ତି। ଉକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ ନେଇ ଶୁକ୍ରବାର ସୂଚନା ମିଳିବା ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। କିନ୍ତୁ ଶନିବାର କୌଣସି ସୂଚନା ଦିଆଯାଇ ନ ଥିଲା। ଫଳରେ ଏଭଳି ଅଘଟଣ ଘଟିଲା ବୋଲି ସେ କହିଛନ୍ତି।

କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍.ଡି କହିଛନ୍ତି, ବିଦ୍ୟୁତ୍ ଇନସ୍ୟୁଲେଟର ଫାଟିଯିବା ଫଳରେ ୧୧ କେଭି ବିଦ୍ୟୁତ୍ ତାର ଖୁଣ୍ଟର ଷ୍ଟେ ସଂସ୍ପର୍ଶରେ ଆସିଥିଲା। ଫଳରେ ହାତୀଟି ସେହି ବାଟରେ ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଲା। ହାତୀ ଚଳପ୍ରଚଳ ସ୍ଥାନରେ ଓହଳିଥିବା ତାର ଓ ସମସ୍ୟାକୁ ସଜାଡ଼ିବାକୁ ବିଦ୍ୟୁତ୍ ବିଭାଗକୁ ବାରମ୍ବାର କୁହାଯାଇଛି। ମାତ୍ର ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ହାତୀ ମୃତ୍ୟୁ ସଂଖ୍ୟା ବଢ଼ୁଛି। ବିଦ୍ୟୁତ୍ ବିଭାଗ ତ୍ରୁଟି ସୁଧାରିବା ପରିବର୍ତ୍ତେ ଆମ ଉପରେ ଦୋଷାରୋପ କରୁଛନ୍ତି। ଘଟଣାର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

ପ୍ରକାଶଯୋଗ୍ୟ, ହାତୀ ମୃତ୍ୟୁ ରୋକିବା ପାଇଁ ନିୟମିତ ବନ, ବିଦ୍ୟୁତ୍ ବିଭାଗ, ରେଳ ମନ୍ତ୍ରଣାଳୟ ଓ ଏନ୍‌ଏଚ୍‌ଏଆଇ ପ୍ରାଧିକରଣ ମଧ୍ୟରେ ସମନ୍ୱୟ ବୈଠକ ବସୁଛି। ଏତେ ପରେ ମଧ୍ୟ ଅଘଟଣ ଘଟିଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୂର୍ବରୁ ବିଦ୍ୟୁତ୍ ଆଘାତରେ ଜିଲାରେ ୩ ହାତୀଙ୍କ ମୃତ୍ୟୁ ହୋଇଛି। ତଥାପି ସେଥିରୁ ଉଭୟ ବିଭାଗ କୌଣସି ଶିକ୍ଷା ପାଇ ପାରୁ ନ ଥିବା ପରିବେଶବିତ୍‌ମାନେ କହିଛନ୍ତି। ଏନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଆଜି ଶ୍ରୀମନ୍ଦିରରେ ୫ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫିସ, ୧୯।୩**

**ମହାପ୍ରଭୁଙ୍କ ଖସାପଡ଼ା ନୀତି**



ଚୈତ୍ର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ। ଏହା ଏକ ଗୁପ୍ତନୀତି। ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ଗୁପ୍ତ ନୀତି ଅନୁଷ୍ଠିତ ହେବ। ତେଣୁ ସୋମବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସହ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ପରେ ମଇଲମ ନୀତି ସାରି ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ସେହିପରି ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସାରି ଦଇତାପତିମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ସନ୍ଧ୍ୟା ଆଳତୀ ବଢ଼ି ଅନ୍ୟାନ୍ୟ ନୀତି ସହ ରାତ୍ର ପହୁଡ଼ ସମ୍ପନ୍ନ କରାଯିବ। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଛନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଦେଇଛନ୍ତି। ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପାଦନ କରିବେ।

**XIME, Kochi**

**Xavier Institute of Management & Entrepreneurship**

**Reputed for:**

- Excellent record of a decade in Post Graduate Management Education.
- Excellent placement track record (refer details on website).
- Manifest Student Diversity- 20 Indian states represented.
- Fully residential on campus.
- Founded by Prof. J Philip (Former Director of IIM Bangalore) along with a group of senior professionals.

**Admissions Open for PGDM 2023**

**Last date to apply: 26th March 2023 (2nd Round)**

www.ximekochi.org, Ph: 9048779888

# ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ପରଲୋକ

**ବ୍ରଜରାଜନଗର, ୧୯।୩(ଡି.ଏନ୍.ଏ.)**



ଝାରସୁଗୁଡ଼ାର ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କର ୭୪ ବର୍ଷ ବୟସରେ ରବିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ଯକୃତ ରୋଗରେ ପୀଡ଼ିତ ହେବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେ ଝାରସୁଗୁଡ଼ାରେ କଂଗ୍ରେସର ଜଣେ ବରିଷ୍ଠ ନେତା ଥିଲେ। ସେ ୧୯୮୦ରୁ ୧୯୮୫ ପରେ ୧୯୮୫ରୁ ୧୯୯୦ ଓ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ବିଧାୟକ ରହିଥିଲେ। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର କଲେଜରୁ ଏମ୍‌ଏ, ଏଲ୍‌ଏଲ୍‌ବି ଶିକ୍ଷାଲାଭ କରିଥିଲେ। ସେ ଛାତ୍ର ଜୀବନରୁ ରାଜନୀତି ପ୍ରତି ଆଗ୍ରହ ରଖି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇଥିଲେ। ତାଙ୍କର ୨ ପୁଅ ଓ ଜଣେ ଝିଅ ଅଛନ୍ତି। ତାଙ୍କ ପରଲୋକରେ ଝାରସୁଗୁଡ଼ାରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ ଶୋକ ପ୍ରକାଶ କରି ରାଜ୍ୟ ଜଣେ ସ୍ପଷ୍ଟବାଦୀ ନେତାଙ୍କୁ ହରାଇଲା ବୋଲି କହିଛନ୍ତି। ତାଙ୍କୁ ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଝାରସୁଗୁଡ଼ା ନିଆଯାଇଛି। ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. ##As certified by Test agency under Rule 115(G) of CMVR 1989. ^^1.0L VXI AGS petrol variants. For more details, please contact your nearest ARENA dealership. **Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st March, 2023.

**ପୁରୁଣାପାଣି, ତାରସିଂରୁ ପୁରୀ ରଥଯାତ୍ରାକୁ ଯିବ ଫାଶି କାଠ**

ଭଞ୍ଜନଗର,୧୯।୩(ଡି.ଏନ୍.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ପୁରୁଣାପାଣି ଜଙ୍ଗଲରୁ ପୁରୀ ରଥଯାତ୍ରା ନିମନ୍ତେ ପ୍ରଥମଥର ପାଇଁ ଫାଶି କାଠ ଯିବ। ରବିବାର କାଠ ଚିହ୍ନଟ ପ୍ରକ୍ରିୟା ହୋଇଥିଲା। ପୁରୁଣାପାଣି ଜଙ୍ଗଲରେ ୩ଟି ଫାଶି ଗଛ ଚିହ୍ନଟ କରାଯିବାବେଳେ ଜଗନ୍ନାଥ ମନ୍ଦିର ପ୍ରଶାସନର ଅଧିକାରୀ, କର୍ମଚାରୀ, ଡିଏଫଓ ସୁଦର୍ଶନ ବେହେରା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ଉପସ୍ଥିତ ଥିଲେ। ଦୁଇରୁ ଚାରିଦିନ ମଧ୍ୟରେ ଗଛକୁ ପୂଜାର୍ଚ୍ଚନା କରି କାଟି ପୁରୀ ପଠାଯିବ। ଗଛ ଚିହ୍ନଟ ସମୟରେ ଗ୍ରାମବାସୀ ପୁରୀ ମନ୍ଦିର ପ୍ରଶାସନ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ତାରସିଂ ରେଞ୍ଜରେ ମଧ ୬ଟି ଫାଶି ଗଛ ଚିହ୍ନଟ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଳୁ, ସାରୁ, ବୋଇତି କଖାରୁ**
**ଚିଙ୍ଗୁଡ଼ି ଶୁଖୁଆରୁ ପୁଞ୍ଜିଏ ପଡ଼ିଲେ**
**ବୁଢ଼ା, ମଜା କାହିଁକି ପଚାରୁ ?**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଖାଦ୍ୟ ସ୍ୱାଦଯୁକ୍ତ ହେଲେ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଏ। ଆଳୁ, ସାରୁ, ବୋଇତି କଖାରୁ ସହ ଚିଙ୍ଗୁଡ଼ି ଶୁଖୁଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗରେ ଥିଲେ ମୋର ମୋର**
**ପିଠି କଲେ କିଏ କାହାର ?**

କେତେଜଣ ବ୍ୟକ୍ତି ନିଜର ସ୍ୱାର୍ଥ ରକ୍ଷା ପାଇଁ ଅନ୍ୟକୁ ପ୍ରଂଶସାରେ ପୋତି ଦେଇଥାନ୍ତି। କିନ୍ତୁ ସ୍ୱାର୍ଥସିଦ୍ଧି ପରେ ହତାଦର କରିବାକୁ ତିଳେହେଲେ ପଛାଇ ନ ଥାନ୍ତି। ଆଗରେ ଭଲେଇହୋଇ ପଛରେ ମୁହଁ ବୁଲାଇ ଦେଇଥା'ନ୍ତି। ସ୍ୱାର୍ଥପର ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ଏବେ ଛୁଟି ମିଳିବ, ଧନ୍ୟବାଦ ଭଗବାନ'

ବାରିପଦା ଅଫିସ,୧୯।୩

- ବର୍ଷା ଦେଖି ନାଚିଲେ ବନ କର୍ମଚାରୀ
- ଲିଭିଲା ଶିମିଳିପାଳ ନିଆଁ
- ଭିଡିଓ ଭାଇରାଲ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଜଳୁଥିଲା। ନିଆଁରେ ଜୀବଜନ୍ତୁ ଅତିଷ୍ଠ ହୋଇପଡ଼ିଥିବା ବେଳେ ଲିଭେଇବାକୁ ବନ ବିଭାଗ ନାକେଦମ୍ ହୋଇଥିଲା। ପଶ୍ଚିମା ଝଡ଼ ପ୍ରଭାବରେ ଗତ ଦୁଇଦିନ ଧରି ବର୍ଷା ଫଳରେ ଏହି ଅଭୟାରଣ୍ୟ ନିଆଁରୁ ମୁକ୍ତି ପାଇଛି। ବନ୍ୟଜନ୍ତୁଙ୍କ ସମେତ ଜୀବଜଗତକୁ ଆଶ୍ୱସ୍ତି ମିଳିଛି। ଦୀର୍ଘ ତିନିମାସ ଧରି ଜଳୁଥିବା ଜଙ୍ଗଲକୁ ସୁରକ୍ଷା ଦେଉଥିବା ବନ କର୍ମଚାରୀ ଖୁସିରେ ଆତ୍ମହରା ହୋଇଛନ୍ତି। ଏହାକୁ ନେଇ ଜଣେ ବନ କର୍ମଚାରୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି। ଏବେ ବର୍ଷା ହେବାରୁ ଛୁଟି ମିଳିବ କହି ଖୁସି ମନାଇବା ସହ ଭଗବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରକାଶ ଯେ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ୫ ବନଖଣ୍ଡରେ ନିଆଁ ଲାଗିଥିଲା। ତିନିମାସ ମଧ୍ୟରେ ମୋଟ ୧୩୦୪ ସ୍ଥାନରେ ନିଆଁ ଲାଗି ଥିବାବେଳେ କର୍ମଚାରୀମାନେ ଏହାକୁ ରୋକିଥିଲେ। ଅଭୟାରଣ୍ୟରେ ବନାଗ୍ନି ଯୋଗୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯିବାରୁ ସେମାନେ ନିରବଚ୍ଛିନ୍ନ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନିଆଁକୁ ପ୍ରଶମିତ କରିବା ପାଇଁ ଶତାଧିକ ବନ କର୍ମଚାରୀ ଓ ସ୍ଥାନୀୟ ଲୋକେ ନିୟୋଜିତ ଥିଲେ। ଶନିବାରଠାରୁ ଜିଲାରେ ବର୍ଷା ଆରମ୍ଭ ହୋଇଛି। ଏଥିସହ ଶିମିଳିପାଳରେ ମଧ ପ୍ରବଳ ବର୍ଷା ହୋଇଛି। ଏହି ବର୍ଷା ଯୋଗୁ ବନାଗ୍ନି ସ୍ଥିତି ଟଳିଥିବା ବେଳେ ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହୋଇଯାଇଛି। ଏହି ଖୁସିରେ ଆତ୍ମହରା ହୋଇ ବନ କର୍ମଚାରୀ ଜଣକ ନିଜ ମୋବାଇଲରେ ଭିଡିଓ କରିଛନ୍ତି, ଯାହା ଏବେ ଭାଇରାଲ ହୋଇଛି। ଉକ୍ତ ବନ କର୍ମଚାରୀ ହେଲେ ବାଙ୍ଗିରିପୋଷି ରେଞ୍ଜର ରଙ୍ଗାମାଟିଆ ବିଟ୍‌ର ବନରକ୍ଷୀ ସାମାୟ ସୋରେନ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ଦୀର୍ଘଦିନ ହେଲା ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଥିଲେ। ଛୁଟି ନ ମିଳିବାରୁ ସେ ଘରକୁ ଯାଇ ନ ଥିଲେ। ଠାକୁରଙ୍କ ଦୟାରୁ ବର୍ଷା ହେବା ଦ୍ୱାରା ସ୍ଥିତି ଟଳି ଥିବାରୁ ଏବେ ଛୁଟି ମିଳିବ ଆଶା କରୁଛି। ଦୁଇଦିନ ଛୁଟି ମିଳିଲେ ପରିବାର ସହ ଦେଖା କରିଆସନ୍ତେ ବୋଲି ସେ କହିଛନ୍ତି। ସେ ଛୁଟି ନେଇ ଘରକୁ ଯାଇପାରିବେ ବୋଲି ଖୁସିରେ ଆତ୍ମହରା ହୋଇ ବର୍ଷାରେ ଭିଜି ଭିଜି ମୋବାଇଲରେ ନିଜେ ଭିଡିଓ ଉତ୍ତୋଳନ କରିଛନ୍ତି।



ଭିଡିଓ କରି ଖୁସି ମନାଉଥିବା ବନରକ୍ଷୀ ସାମାୟ ସୋରେନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କ ସମ୍ପର୍କରେ ଚିନ୍ତିତ ରହିବେ। ଆଜିର ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ଦ୍ୱିଜା ନକ୍ଷତ୍ର ଯେକୌଣସି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବ ନାହିଁ। ସଭାସମିତି, ମନୋରଞ୍ଜନ, ସଙ୍ଗୀତ ଚର୍ଚ୍ଚା, କଳା, ସାହିତ୍ୟ ସବୁ ଦିଗରୁ ଖୁସି ରହିବେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟାରମ୍ଭ, ବନ୍ଧୁମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହୋଇ କାମ ହାସଲ ପାଇଁ ଖୋରାକ ଯୋଗାଇବ। ଆଲୋଚନାରେ ତର୍କ ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ପାରିବାରିକ ସମ୍ପର୍କ ଓ କର୍ମ କ୍ଷେତ୍ରରେ ଶତ୍ରୁତା ହେତୁ ଚିନ୍ତା କରି ପାରନ୍ତି।

**ମିଥୁନ** ଆଜି ହାତରୁ ଖର୍ଚ୍ଚ କରି ଅନ୍ୟକୁ ଖୁଆଇ ପିଆଇ ଆଦର, ସମ୍ମାନ ଲାଭ କରିବେ। ଫେରି ଯାଇଥିବା ବନ୍ଧୁ ଘରକୁ ପୁଣି ଲେଉଟି ଆସିବେ। ବାକି ଥିବା ଲୋକଟିଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ରାସ୍ତାରେ ଯିବା ସମୟରେ କୌଣସି ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି।

**କର୍କଟ** ନିଜ ଦ୍ୱାରା ଉପକୃତ ହୋଇଥିବା ବ୍ୟକ୍ତିଙ୍କ ବେଖାତିର ମନୋଭାବ ହେତୁ କ୍ଷୁବ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ। ପୁରୁଣା ପାରିବାରିକ ସମସ୍ୟା ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂଆ ସମସ୍ୟା ଦେଖାଦେବ। ବ୍ୟବସାୟ, ଭ୍ରମଣ, କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିବ।

**ସିଂହ** ସ୍ୱାସ୍ଥ୍ୟକୁ ନ ଜଗିଲେ ଅସୁବିଧାର ସମ୍ମୁଖୀନ ହେବେ। ଏହି ସମୟର ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ଏଣୁ ମନ କଥା ମନରେ ରଖି ଯଥାସମ୍ଭବ ଔପଚାରିକତାକୁ ଭୁଲିଯିବା ଠିକ୍ ହେବ ନାହିଁ। ପରିବହନ, ବ୍ୟବସାୟ, ନିର୍ମାଣ, ସଙ୍ଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ହେବନି। ଦୂରବନ୍ଧୁ ଆଗମନ ଯୋଗ ରହିଛି।

**କନ୍ୟା** କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ବନ୍ଧୁଙ୍କ ସ୍ୱର୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ବାହାରକୁ ଯିବାକୁ ଇଚ୍ଛା ନ ଥିଲେ ମଧ ଯିବାକୁ ବାଧ ହୋଇପାରନ୍ତି। ଲୋକ ସମ୍ପର୍କ, ଗଠନମୂଳକ କିମ୍ବା ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ନୂତନ ଗାଡ଼ି, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ପୋଷାକପତ୍ର କିଣିବା ପାଇଁ ମନ ବଳାଇ ପାରନ୍ତି। ଅନ୍ୟ କଥାରେ ପଡ଼ି ଭଲ ପାଉଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯାଇପାରେ। ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ନିଜକୁ ସାମିଲ କରିପାରନ୍ତି।

**ବିଛା** ଆଜି କିଛି ନୂଆ କାମ ସକାଶେ ମନ ବଳିବ ଏବଂ ଏଥିପାଇଁ ଆନୁଷଙ୍ଗିକ ସହଯୋଗ ମଧ ପାଇଯିବେ। ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ସଭା ସମିତି, ଆନୁଷ୍ଠାନିକ ଆଲୋଚନାକୁ ପୂରା କରିବେ। ବିଶାଖା ନକ୍ଷତ୍ରର ଆର୍ଥିକ ସ୍ଥିତି ଦୁର୍ବଳ ରହିବାରୁ କେତେକ କାମ ଅଟକି ରହିଯାଇପାରେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ।

**ଧନୁ** ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଶା ପୂରଣ ହେବା ମାନସରେ ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡ଼ି ପଛରେ ଦୌଡ଼ିପାରନ୍ତି। ଆଜି ଯାତ୍ରା, କଳା ଓ ସାହିତ୍ୟାଦିରେ ପ୍ରଶଂସିତ ହେବେ।

**ମକର** ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇ ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କୁମ୍ଭ** କାଳକ୍ଷେପଣ ନୀତି ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖାନଦେଲେ ମଧ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ। ଭ୍ରମଣ, ସଭାସମିତି ଓ ବନ୍ଧୁ ମିଳନରୁ ଖୁସି ରହିବେ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଥା କଟାକଟି କାରଣରୁ ସାମାନ୍ୟ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଆଜି ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ସକାଳ ଘ.୦୫।୫୪ ଗତେ ଘ.୦୭।୨୪ ମଧ୍ୟେ, ଘ.୧୦।୪୨ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୨୪ ଗତେ ଘ.୦୮।୫୪ ମଧ୍ୟେ ରାହୁକାଳ।

## ଗଙ୍ଗାଧର ରଥ ଫାଉଣ୍ଡେଶନର ସମ୍ମାନ ପ୍ରଦାନ ସମାରୋହ | ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ପାଇଲେ ସାହିତ୍ୟ ଭାରତୀ ସମ୍ମାନ



କଟକ କଳାବିକାଶ କେନ୍ଦ୍ରରେ ଆୟୋଜିତ ସମ୍ମାନ ପ୍ରଦାନ ସମାରୋହରେ ସମ୍ମାନିତ ପ୍ରତିଭାଧାରୀ।

କଟକ ଅଫିସ,୧୯।୩

ସାହିତ୍ୟ ସବୁବେଳେ ବେଦନାର ଭାଷାକୁ ରୂପାୟିତ କରିଥାଏ। ମଣିଷ ଯେତେବେଳେ ସଭ୍ୟ ହେଲା ସେତେବେଳେ ସାହିତ୍ୟକୁ ଚିହ୍ନିଲା। ସାହିତ୍ୟ ଏକ ଆଧ୍ୟାତ୍ମିକ ଶକ୍ତି। ଏହା ମାନବତାକୁ ଉତ୍ତରଣକୁ ନେଇଯାଏ। ମଣିଷର ବ୍ୟଥା ଓ ବେଦନାରୁ ସାହିତ୍ୟ ସୃଷ୍ଟି ହୋଇଥାଏ ବୋଲି କବି ଡ. ଅପର୍ଣ୍ଣା ମହାନ୍ତି କହିଛନ୍ତି। ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ କଟକ କଳାବିକାଶ କେନ୍ଦ୍ରରେ ରବିବାର ସନ୍ଧ୍ୟାରେ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ କହିଥିଲେ, ମଣିଷ ଶୂନ୍ୟତା ଭିତରେ ପୂର୍ଣ୍ଣତାକୁ ଖୋଜିଲାବେଳେ ସାହିତ୍ୟକୁ ପାଇଲା। ସାହିତ୍ୟ ତଥାକଥିତ ମନୋରଞ୍ଜନ ନୁହେଁ। ଲୁହର ଜଳ ସିଞ୍ଚି ଭଲ ପାଇବାର ଲତା ସାହିତ୍ୟ ସୃଷ୍ଟିକରେ। ସାହିତ୍ୟର ଭାଷା ଛଳନା ବା କପଟତାର ଭାଷା ନୁହେଁ। ସାହିତ୍ୟର ଚରିତ୍ର ଥାଏ। ସାହିତ୍ୟିକ ଭିତରେ ସ୍ପର୍ଦ୍ଧା ଥାଏ। ସାହିତ୍ୟିକଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି କୁହାଯାଏ। ସାହିତ୍ୟ ଭାରତୀ ଏହି ଈଶ୍ୱରମାନଙ୍କୁ ସର୍ବଦା ସମ୍ମାନର ଶୀର୍ଷରେ ବସାଇ ଆସିଛି। ସାହିତ୍ୟ ଭାରତୀ ଚରମ ବ୍ୟଥାକୁ ପରମ ଆନନ୍ଦରେ ପରିଣତ କରିଦିଏ ବୋଲି ସେ କହିଛନ୍ତି।

ଅନୁଷ୍ଠାନର ଟ୍ରଷ୍ଟି ଡ. ଜୟନ୍ତ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମାନ ପ୍ରଦାନ ସମାରୋହକୁ ମୁଖ୍ୟ ଅତିଥି ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟର ବିକାଶ ଓ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଗଙ୍ଗାଧର ରଥ ଫାଉଣ୍ଡେଶନ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ସାହିତ୍ୟିକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେତେବେଳେ ଆରମ୍ଭ କରିଥିବା ପ୍ରୟାସ ସଫଳ ହୋଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସାଧକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଡ. ଷଡ଼ଙ୍ଗୀ ତାଙ୍କୁ ମାନପତ୍ର, କୋଣାର୍କ ସୂର୍ଯ୍ୟମନ୍ଦିରର ଏକ ପ୍ରତିକୃତି ସହ ଏକ ଲକ୍ଷ ଟଙ୍କା ପୁରସ୍କାର ବାବଦ ଅର୍ଥ ପ୍ରଦାନ କରିଥିଲେ। ସେହିପରି ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ, କବି ଭଗବାନ ଜୟସିଂହଙ୍କୁ ଭାନୁଜି ରାଓ ସ୍ମାରକୀ ସମ୍ମାନ, କଥାକାର ମାନସୀ ଦାସଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢ଼ୌକନ ପ୍ରଦାନ କରାଯାଇଛି। ଏଥିସହ ଡ. ମୌସୁମୀ ପରିଡ଼ା ଏବଂ ରବିନାରାୟଣ ଦାଶଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାରରେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫାଉଣ୍ଡେଶନର ସମ୍ପାଦକ ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ବନ୍ଦିତା ଦାଶ, ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ, ଲିପ୍‌ସିତା ରଥ ମାନପତ୍ର ପାଠ କରିଥିଲେ। ଅଳକା ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇନଜୀବୀ ସଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଫାଉଣ୍ଡେଶନ ପକ୍ଷରୁ ୧୯୯୨ରୁ ଏପର୍ଯ୍ୟନ୍ତ ସାହିତ୍ୟ ଭାରତୀ ସମ୍ମାନ ସହିତ ବିଭିନ୍ନ ସମ୍ମାନ କୃତୀ ସାହିତ୍ୟିକମାନଙ୍କୁ ପ୍ରଦାନ କରାଯାଇଆସୁଛି।

## ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦଶା ଆଣିଲା ...

ରେମୁଣା ବ୍ଲକ ଅଧୀନ ନିଜାମପୁର ପଞ୍ଚାୟତ ଦୁମୁଦା, ଖମଟଣା, ଗୋବିନ୍ଦପୁର ଏବଂ କଲ୍ୟାଣପୁର ପଞ୍ଚାୟତର ଶତାଧିକ ଏକର ଚାଷ ଜମିରେ ହୋଇଥିବା ରବି ଫସଲ ଯଥା ମକା, କୋବି, ବାଇଗଣ, ବୋଇତାଳୁ ଆଦି ନଷ୍ଟ ହୋଇଯାଇଛି। ବ୍ଲକ ପ୍ରଶାସନ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇବାକୁ ଚାଷୀମାନେ ଦାବି କରିଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ଏବଂ ବନ୍ତ ବ୍ଲକ ଅଞ୍ଚଳର ବିଭିନ୍ନସ୍ଥାନରେ ବର୍ଷା ଓ କୁଆ ପଥର ମାଡ଼ରେ ସୂର୍ଯ୍ୟମୁଖୀ, ବିରି, ମୁଗ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ମାଲକାନଗିରି ଜିଲାର ପଡ଼ିଆ,କାଲିମେଲା, ମାଲକାନଗିରି ମାଥିଲି, ଚିତ୍ରକୋଣ୍ଡା ଆଦି ବ୍ଲକରେ ପ୍ରବଳ ବର୍ଷା ଫଳରେ ବ୍ୟାପକ ତରଭୁଜ ଚାଷ ନଷ୍ଟ ହୋଇଛି। ସେହିପରି ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ମକାଚାଷ ଜମିରେ ଶୋଇ ପଡ଼ିଛି। ଚାଷୀମାନେ ଧାରକରଜ କରି ଚାଷ କରିଥିବାବେଳେ ଅମଳ ପୂର୍ବରୁ ପ୍ରକୃତି ଦାଉ ସାଧିଛି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି।

ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ଅପରାହ୍ନରୁ ରବିବାର ଅପରାହ୍ନ ମଧ୍ୟରେ କେବଳ ଦେବଗଡ଼ ଜିଲାକୁ ଛାଡ଼ି ରାଜ୍ୟର ସମସ୍ତ ଜିଲାରେ ବର୍ଷା ହୋଇଛି। ଏହି ସମୟରେ କୋରାପୁଟ, ମାଲକାନଗିରି, ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। କୋରାପୁଟ ଜୟପୁରରେ ସର୍ବାଧିକ ୧୪୮.୮ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ମାଥିଲିରେ ୧୨୯, କୋରାପୁଟରେ ୧୨୨, ଭଦ୍ରକ ତିହିଡ଼ିରେ ୧୧୨, ବାଲେଶ୍ୱର ରେମୁଣାରେ ୯୧, ଭଦ୍ରକ ବାସୁଦେବପୁରରେ ୯୦, ମାଲକାନଗିରି ପାଦିଆରେ ୮୦ କୋରାପୁଟ ସିମିଳିଗୁଡ଼ାରେ ୭୭, ମାଲକାନଗିରିରେ ୭୪.୧, ବାଲେଶ୍ୱର ସୋରୋରେ ୭୧, ବାଲେଶ୍ୱରରେ ୭୦.୮, ମୟୂରଭଞ୍ଜ କପ୍ତିପଦାରେ ୬୬, କୋରାପୁଟ ଲମତାପୁଟରେ ୫୭.୪, କଟକ ନରସିଂହପୁରରେ ୫୭ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବାକୁ ଥିବାବେଳେ ସୋମବାର ୬ଟି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ପାଣିପାଗ ବିଭାଗ ସୋମବାର ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ନୂଆପଡ଼ା, ନବରଙ୍ଗପୁର ଓ କଳାହାଣ୍ଡିରେ କାଳବୈଶାଖୀ ସହ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରିଛି। ତେବେ ଆସନ୍ତା ୨୪ଘଣ୍ଟା ଚାଷୀମାନଙ୍କୁ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସୁନ୍ଦରଗଡ଼, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଭଦ୍ରକ, ବାଲେଶ୍ୱର, ଗଜପତି, ଗଞ୍ଜାମ ଓ କନ୍ଧମାଳରେ କିଛି ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦କିମି ବହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ରାହୁଲଙ୍କ ଘରେ ...

କରାଯାଇଥିବାବେଳେ ପବନ ଖେରା, ଅଭିଷେକ ମନୁ ସିଂଘଭି ଓ ଜୟରାମ ରମେଶଙ୍କ ସମେତ ଦଳୀୟ ନେତାମାନେ ପହଞ୍ଚି ପୋଲିସର ଧାଇଁବା ସମୟକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହା ହଇରାଣ ଓ ରାଜନୈତିକ ପ୍ରତିଶୋଧର ସବୁଠୁ ନିକୃଷ୍ଟ ମାମଲା ବୋଲି କଂଗ୍ରେସ ନେତାମାନେ ସମାଲୋଚନା କରିଥିବାବେଳେ ପୋଲିସ କେବଳ ନିଜ ଆଇନଗତ ଦାୟିତ୍ୱ ତୁଲାଉଥିବା ଭାଜପା କହିଛି।

ଦିଲ୍ଲୀ ପୋଲିସ ସ୍ୱେଶାଲ କମିଶନର (ଆଇନ ଶୃଙ୍ଖଳା) ସାଗରପ୍ରୀତ ହୁଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ପୂର୍ବାହ୍ନ ୧୦ଟାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କ ବାସଭବନକୁ ଯାଇଥିଲା। ଦୁଇ ଘଣ୍ଟା ଧରି ସେଠାରେ ରହିବା ପରେ ରାହୁଲଙ୍କୁ ପୋଲିସ ଅଧିକାରୀମାନେ ସାକ୍ଷାତ୍ କରିଥିଲେ। ଏହି ବିଷୟ ଜଣାପଡ଼ିବା ପରେ ଦଳର ବହୁ ନେତା ଓ କର୍ମୀ ରାହୁଲଙ୍କ ବାସଭବନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭ ବେଳେ ୪-୫ ଜଣ କର୍ମୀଙ୍କୁ ଅଟକ ରଖାଯାଇଥିଲା। ନିକଟସ୍ଥ ଥାନାକୁ ନେଇ ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ପୋଲିସର କହିବା ହେଉଛି, 'ଭାରତ ଯୋଡ଼ୋ ଯାତ୍ରା' ବେଳେ ଶ୍ରୀନଗରରେ ରାହୁଲ କହିଥିଲେ, ମହିଳାମାନଙ୍କୁ ଏବେ ମଧ ଯୌନ ଉତ୍ପୀଡ଼ନ କରାଯାଉଛି। ଯେହେତୁ ରାହୁଲ ଦିଲ୍ଲୀ ଦେଇ ପଦଯାତ୍ରା କରିଥିଲେ, ରାଜଧାନୀରେ କଂଗ୍ରେସ ନେତାଙ୍କୁ କୌଣସି ମହିଳା ଅନୁରୂପ ଅଭିଯୋଗ ଜଣାଇଥିଲେ କି। ଯଦି ଏପରି କିଛି ଅଭିଯୋଗ ଥାଏ ତେବେ ସେମାନେ ମାମଲା ରୁଜୁ କରି ତଦନ୍ତ କରିବେ। ତେଣୁ ସେମାନେ ରାହୁଲଙ୍କୁ ପୀଡ଼ିତାମାନଙ୍କ ସମ୍ପର୍କରେ ତଥ୍ୟ ମାଗିଥିବା ଜଣେ ପୋଲିସ ଅଧିକାରୀ କହିଥିଲେ। ତେବେ ଦିଲ୍ଲୀରେ ଏଭଳି ଘଟଣା ସେମାନଙ୍କ ଦୃଷ୍ଟିଗୋଚରକୁ ଆସିନାହିଁ କିମ୍ବା ସେମାନେ କୌଣସି ପୀଡ଼ିତାଙ୍କୁ ପାଇନାହାନ୍ତି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ କିଛି ପ୍ରଶ୍ନ ଉଲ୍ଲେଖ କରି ଏକ ନୋଟିସ ପୂର୍ବରୁ ରାହୁଲଙ୍କୁ ଦିଆଯାଇଥିଲା। କିନ୍ତୁ ସେ ବିଦେଶ ଗସ୍ତରେ ଥିବାରୁ ଦୁଇଥର ଯୋଗାଯୋଗ ସମ୍ଭବ ହୋଇ ନ ଥିଲା ବୋଲି କମିଶନର ହୁଡ଼ା କହିଛନ୍ତି। ପୋଲିସ ଅଧିକାରୀମାନେ ସେଠାରୁ ଅପରାହ୍ନ ୧ଟାରେ ଫେରିଯାଇଥିଲେ। ଇତିମଧ୍ୟରେ ରହୁଲ ନିଜ ମନ୍ତବ୍ୟ ଉପରେ ଦିଲ୍ଲୀ ପୋଲିସକୁ ନିଜ ପ୍ରାଥମିକ ଉତ୍ତର ଦେଇଛନ୍ତି। ୪ ପୃଷ୍ଠା ସମ୍ବଳିତ ଏକ ପତ୍ରରେ ସେ ୧୦ଟି ବିନ୍ଦୁ ଉପରେ ନିଜ ମତ ରଖିଛନ୍ତି। ଏଥିସହ ବିସ୍ତୃତ ଜବାବ ପାଇଁ ୮-୧୦ ଦିନ ସମୟ ମାଗିଛନ୍ତି। ଏଆଇସିସି ମୁଖ୍ୟାଳୟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଓ ଜାତୀୟ ମୁଖପାତ୍ର ଅଭିଷେକ ମନୁ ସିଂଘଭି ଏକ ଖବରଦାତା ସମ୍ମିଳନୀ କରି ଏହାକୁ ରାହୁଲଙ୍କ ବିରୋଧରେ ରାଜନୈତିକ ପ୍ରତିଶୋଧ ବୋଲି ଅଭିହିତ କରିଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ୪୫ ଦିନ ପରେ ପୋଲିସ ରାହୁଲଙ୍କୁ ପ୍ରଶ୍ନ କରିବାକୁ କାହିଁକି ଆସିଛି। ରାହୁଲଙ୍କ ଲିଗାଲ ଟିମ୍ ଆଇନାନୁସାରେ ଏହାର ଉତ୍ତର ଦେବ ବୋଲି ଜୟରାମ କହିଛନ୍ତି। ଅନ୍ୟପକ୍ଷେ ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ ରାହୁଲ ଗଣତନ୍ତ୍ର ବିପଦରେ ଥିବା କଥା କହୁଛନ୍ତି।

### ଡିଜେ ଆଜେକ୍ସଙ୍କ ...

ସମ୍ପୃକ୍ତି ଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅକ୍ଷୟଙ୍କ ମା' ଲକ୍ଷ୍ମୀପ୍ରିୟାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ.୧୨୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ସଂକ୍ରାନ୍ତରେ ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି, ଅକ୍ଷୟ ମାନସିକ ଚାପରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଷ୍ଟମର୍ଟମ ଓ ଡିଜିଟାଲ ପ୍ରମାଣ ଆଧାରରେ ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ। ଏହି ଘଟଣାରେ ଜଡ଼ିତ ଥିବା ସମସ୍ତଙ୍କୁ ପଚରାଉଚରା କରାଯିବ ବୋଲି ଏସିପି କହିଛନ୍ତି।

ସୂଚନା ଅନୁଯାୟୀ, ଅକ୍ଷୟ ମା' ଲକ୍ଷ୍ମୀପ୍ରିୟା, ବାପା ଭଗବାନ, ସାନ ଭଉଣୀ, ଦାଦା ଚନ୍ଦ୍ରମଣି ମହାରଣା ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଭୁବନେଶ୍ୱରରେ ରହୁଥିଲେ। ଶନିବାର ସନ୍ଧ୍ୟାରେ ବର୍ଷା ହେଉଥିବା ସମୟରେ ସେ ତାଙ୍କ ରୁମ୍‌କୁ ଯାଇ ଭିତର ପଟୁ ଲକ୍ କରି ଶୋଇଥିଲେ। ଏପିରି କି କେହି ତାଙ୍କୁ ନ ଡାକିବାକୁ ମଧ କହିଥିଲେ। ରାତି ପ୍ରାୟ ୧୦ଟା ୧୫ରୁ ସାଢ଼େ ୧୦ଟା ମଧ୍ୟରେ ପରିବାର ଲୋକେ ତାଙ୍କୁ ଖାଇବାକୁ ଡାକିବାରୁ ସେ କବାଟ ଖୋଲି ନ ଥିଲେ। ଅକ୍ଷୟ ଆତ୍ମହତ୍ୟା କରିଥିବା ଝରକା ପଟୁ ପରିବାର ଲୋକେ ଦେଖିବା ପରେ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ପୋଲିସକୁ ଖବର ଦେବା ସହ ଅକ୍ଷୟଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ। ଅକ୍ଷୟଙ୍କୁ ଯୁବପିଢ଼ିମାନେ ବେଶ ପସନ୍ଦ କରୁଥିଲେ। ତାଙ୍କୁ ପପୁଲାର ସୋସିଆଲ ମିଡିଆ 'ଇନ୍‌ଷ୍ଟାଗ୍ରାମ'ରେ ୯୫.୩ ହଜାର ପ୍ରଶଂସକ ଅନୁସରଣ କରିଛନ୍ତି। ତେବେ ହଠାତ୍ ଅକ୍ଷୟଙ୍କ ମୃତ୍ୟୁକୁ ତାଙ୍କ ପ୍ରଶଂସକମାନେ ଗ୍ରହଣ କରିପାରୁନାହାନ୍ତି। ଏହାପଛରେ ଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠନ ନେଉ ବୋଲି ସେମାନେ ଦାବି କରିଛନ୍ତି।

### ନୂଆ ପୁରୁଷବନ୍ଧୁଙ୍କ ପାଇଁ ପ୍ରେମିକାଙ୍କ ସହ ତିକ୍ତତା

୨ବର୍ଷ ତଳେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ମେଡିକାଲ କଲେଜକୁ ଅକ୍ଷୟ ଶୋ' କରିବାକୁ ଯାଇଥିଲେ। ସେଠାରେ ଡାକ୍ତରୀ ପଢୁଥିବା ଉକ୍ତ ଯୁବତୀଙ୍କ ସହ ମିଳାମିଶା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ହେଲେ ଏହି ନିବିଡ଼ ପ୍ରେମ ସମ୍ପର୍କ ମଧ୍ୟରେ ଆଉଜଣେ ଯୁବକଙ୍କ ଏଣ୍ଟ୍ରି ହୋଇଥିଲା। କିଛିମାସ ହେବ ଉକ୍ତ ଯୁବତୀଙ୍କୁ ଆଉଜଣେ ଯୁବକ ଭଲ ପାଇଥିଲେ। ନୂଆ ପୁରୁଷବନ୍ଧୁଙ୍କ ପାଇଁ ପ୍ରେମିକା ଜଣକ ଅକ୍ଷୟଙ୍କଠାରୁ ଦୂରେଇବା ଆରମ୍ଭ କରିଥିଲେ। ଅକ୍ଷୟଙ୍କ ବନ୍ଧୁ ରାହୁଲ କହିଛନ୍ତି, ଶନିବାର ରାତିରେ ଅକ୍ଷୟ ତାଙ୍କ ପ୍ରେମିକାଙ୍କ ଘର ସାମ୍ନାକୁ ଯାଇଥିଲେ। ପଛକଥା ଭୁଲି ତାଙ୍କୁ ପୂର୍ବପରି ଭଲ ପାଇବାକୁ ନିବେଦନ କରିଥିଲେ। ହେଲେ ଉକ୍ତ ଯୁବତୀ ଜଣକ ତାଙ୍କୁ ୨ ଚାପୁଡ଼ା ମାରିଥିଲେ। ତେବେ ପ୍ରେମିକା ତଥା ଉକ୍ତ ଯୁବତୀଙ୍କ ନୂଆ ପୁରୁଷ ବନ୍ଧୁ ଜଣକ ମଧ ଅକ୍ଷୟଙ୍କୁ ଧମକ ଦେଉଥିଲେ ବୋଲି ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ଯୁବତୀଙ୍କୁ ଭୁଲିଯା' ନ ହେଲେ ତାଙ୍କ ସହ ଥିବା କିଛି ଭିଡିଓକୁ ଭାଇରାଲ କରିଦେବାକୁ ନୂଆ ପୁରୁଷବନ୍ଧୁ ଜଣକ ବାରମ୍ବାର ଧମକ ଦେଉଥିଲେ। ଏହାକୁ ନେଇ ଅକ୍ଷୟ କିଛିଦିନ ହେଲା ମାନସିକ ଚାପରେ ରହୁଥିଲେ ବୋଲି ପରିବାର ଲୋକ କହିଛନ୍ତି।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ଲୋକଙ୍କ ସହିତ ମତ ବିନିମୟ କଲେ ୫-ଟି ସଚିବ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)



ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଦୁଇଦିନିଆ ନବରଙ୍ଗପୁର ଜିଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଫେରିଛନ୍ତି। ଏହାସହ ବିଭିନ୍ନ ବ୍ଲକରେ ଚାଲିଥିବା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସେ ଲୋକମାନଙ୍କ ସହ ମତ ବିନିମୟ କରି ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ କିପରି ଅଧିକ ଭଲରେ ହୋଇପାରିବ ସେନେଇ ମତ ସଂଗ୍ରହ କରିଛନ୍ତି। ଜିଲା ଗସ୍ତର ପ୍ରଥମ ଦିନ ଅର୍ଥାତ୍ ଗତ ଶୁକ୍ରବାର ସର୍କିଟ ହାଉସ୍‌ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସେ ବିଭିନ୍ନ ବର୍ଗର ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଦ୍ୱିତୀୟ ଦିନ ସେ ବିଭିନ୍ନ ବ୍ଲକ ଗସ୍ତ କରି ଏକାଧିକ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପାଣ୍ଡିଆନ ନବରଙ୍ଗପୁର ସମେତ ପାପଡ଼ାହାଣ୍ଡି, ଝରିଗାଁ ଚନ୍ଦାହାଣ୍ଡି ଏବଂ ଉମରକୋଟ ବ୍ଲକ ଗସ୍ତ କରିଛନ୍ତି। ନବରଙ୍ଗପୁର ବ୍ଲକରେ ଥିବା ମାଣ୍ଡାଡଙ୍ଗରୀ ଶୈବପୀଠର ବିକାଶ ସହିତ ଏହାକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ପାପଡାହାଣ୍ଡି ବ୍ଲକର ଜଟାବାଲସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରୁ ଝରିଗାଁ ବ୍ଲକର ବିନ୍ଦ୍ରି ଧର୍ମପୀଠ ପରିଦର୍ଶନ କରିଛନ୍ତି। ସେଠାରେ ସେ ମିଶନ ଶକ୍ତି ଏବଂ ମନ୍ଦିର କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ସେଠାରୁ ସେ ଉମରକୋଟ ବ୍ଲକ ଗସ୍ତ କରି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ଯାଇଥିଲେ। ଶେଷରେ ସେ ଝରିଆଁ ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ନବରଙ୍ଗପୁର ସର୍କିଟ ହାଉସ୍‌ଠାରେ ବିଭିନ୍ନ ବର୍ଗର ଲୋକଙ୍କୁ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ ଲାଇନ୍ କରି ପାଣ୍ଡିଆନଙ୍କ ସହିତ ସାକ୍ଷାତ୍ କରାଇବାକୁ ଛାଡୁଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ପ୍ରସାରିତ ହେବାରେ ଲାଗିଛି। ଜଣେ ଜନପ୍ରତିନିଧି କିପରି ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରପାଳ ହୋଇଛନ୍ତି ବୋଲି ପ୍ରଚାର ହେବାପରେ ପ୍ରଣବ ଏନେଇ ତାଙ୍କ ମତ ରଖିଛନ୍ତି।

ପ୍ରଣବ କହିଛନ୍ତି ଯେ, ଏହା ଏକ ମଧ୍ୟଯୁଗୀୟ ଚିନ୍ତାଧାରା। ସିଏମ୍‌ଓ ଲୋକଙ୍କ କାମ କରିବା ଲାଗି ନବରଙ୍ଗପୁର ଆସିଥିଲା। ସମସ୍ତଙ୍କୁ ସେ ସିଏମ୍‌ଓ ସହ ଭେଟେଇବାକୁ ଡାକିଥିଲେ। ରାଜ୍ୟବାସୀଙ୍କ କାମ କରାଇବା ଲାଗି ଦ୍ୱାରପାଳ ନୁହେଁ, ସେ କ୍ରୀତଦାସ ହେବାକୁ ପ୍ରସ୍ତୁତ ଅଛନ୍ତି। ବିଜେଡିର ମୂଳିଆ ହେବାକୁ ମଧ ପ୍ରସ୍ତୁତ। ଲୋକଙ୍କୁ ସେ ଡାକିକି ଧାଡ଼ିରେ ଠିଆ କରାଇ ଭିତରକୁ ପଠାଉଥିଲେ। ଲୋକମାନେ ବାହାରେ ଠିଆ ହୋଇଥିବେ ସେ ଭିତରେ ବସିବେ ଏହା କ'ଣ ଠିକ୍ ହେବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବରଙ୍ଗପୁରବାସୀଙ୍କ ସହ ଆଲୋଚନା କରି ସବୁ କାମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପୂରଣ କରିବାକୁ ସିଏମ୍‌ଓ ନବରଙ୍ଗପୁର ଯାଇଥିଲା ବୋଲି ପ୍ରଣବ କହିଛନ୍ତି।

ହେଲେ ଭାଜପା ଏବଂ କଂଗ୍ରେସ ଏହି ଘଟଣାରେ ବିଜେଡିକୁ ପାଲଟା ଟାର୍ଗେଟ କରିଛନ୍ତି। ପ୍ରଣବଙ୍କ ଏଭଳି ବୟାନ ପରେ ପାଲଟା ପ୍ରଶ୍ନ କରି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ରବିବାର ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ପ୍ରଣବ ପ୍ରକାଶ ଦାସ ଲୋକଙ୍କର ନୁହେଁ, ବରଂ ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ଚାହୁଁଛନ୍ତି। ପ୍ରଣବଙ୍କ ମନ୍ତବ୍ୟ ତାଙ୍କର ସାମନ୍ତବାଦୀ ମାନସିକତାର ପରିଚୟ। ୧୮୪୩ରୁ କ୍ରୀତଦାସ ପ୍ରଥା ବିଲୋପ ହୋଇଛି। ତେଣୁ ଏ କେଉଁ ପ୍ରକାର ମାନସିକତା। ପୁଣି ବ୍ରିଟିଶ ଶାସନ ଫେରୁ ବୋଲି ବିଜେଡି ନେତା ଚାହୁଁଛନ୍ତି କି ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ପ୍ରଣବ କହୁଛନ୍ତି ନବରଙ୍ଗପୁରକୁ ସିଏମ୍‌ଓ ଆସିଛି। ହେଲେ ସିଏମ୍‌ଓ କିଏ ତା'ର ଉତ୍ତର ଦିଅନ୍ତୁ। ୫-ଟି ଯଦି ଏକ ଚିନ୍ତାଧାରା ତେଣୁ ଚିନ୍ତାଧାରା ସିଏମଓ କେମିତି ହେଲା ବୋଲି ଗୋଲକ କହିଛନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଯେଉଁମାନେ ନିର୍ବାଚିତ ପ୍ରତିନିଧି ଅଛନ୍ତି ସେମାନେ ସମସ୍ତେ ହେଉଛନ୍ତି ଲୋକଙ୍କ ସେବକ। ଜଣେ ବିଧାୟକ ହେଉଛନ୍ତି ପ୍ରଶାସନିକ ଅଧିକାରୀଙ୍କଠାରୁ ଉଚ୍ଚରେ। ତେଣୁ ସେ କେବେହେଲେ କାହା ଦୁଆରକୁ ଯିବା ଉଚିତ୍ ନୁହଁ ବୋଲି ତାରା କହିଛନ୍ତି।

# ଫାଷ୍ଟ ଫୁଡ୍ ଦୋକାନ ଆଳରେ ବନ୍ୟପ୍ରାଣୀଙ୍କ ଚମଡ଼ା ବିକ୍ରି

ଭୁବନେଶ୍ୱର,(ବ୍ୟୁରୋ)/ ବୌଦ୍ଧ,୧୯।୩(ସ୍ୱ.ପ୍ର.)





■ ବୌଦ୍ଧରୁ ପୁଣି ବାଘ, ହରିଣ ଛାଲ ଜବତ: ଜଣେ ଗିରଫ
■ ୫ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା

ଫାଷ୍ଟଫୁଡ୍ ଦୋକାନ ଆଳରେ ଚଳାଇଥିଲେ ବନ୍ୟପ୍ରାଣୀଙ୍କ ଚମଡ଼ା ବିକ୍ରି କାରବାର। ଖବର ପାଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶନିବାର ରାତିରେ ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଞ୍ଚଳରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ଗିରିଶ୍ କୁମାର ସାହୁ। ତାଙ୍କଠାରୁ ଏସ୍‌ଟିଏଫ୍ ଗୋଟିଏ କଲରାପତରିଆ ବାଘ ଛାଲ ଓ ଦୁଇଟି ହରିଣ ଛାଲ ଜବତ କରିଛି। ଏନେଇ ଏକ ମାମଲା (ନଂ.୫/୨୩ ) ରୁଜୁ ସହ ସୋମବାର ଗିରିଶ୍‌ଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବ। ଜବତ ଛାଲ ୫ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଡିଲ୍ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ଜବତ ଛାଲକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବ। କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ସ୍ଥାନୀୟ ବନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ। ସୂଚନା ମୁତାବକ, ଛତରଙ୍ଗ-ହରଭଙ୍ଗା ରାସ୍ତାରେ ଅଭିଯୁକ୍ତଙ୍କର ଏକ ଫାଷ୍ଟଫୁଡ୍ ଦୋକାନ ରହିଛି। ସେଠାରେ ସେ ବନ୍ୟପ୍ରାଣୀଙ୍କ ଚମଡ଼ା ବିକ୍ରି କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ଶନିବାର ସେଠାରେ ପହଞ୍ଚିଥିଲା। ଦିନରେ ଦୋକାନ ବନ୍ଦ ଥିବାରୁ ରାତିରେ ଚଢାଉ କରାଯାଇଥିଲା। ଅପରପକ୍ଷରେ ୨୦୨୧ରେ ଏସ୍‌ଟିଏଫ କର୍ମଚାରୀ ମନମୁଣ୍ଡା ଓ ବାଉଁଶୁଣୀ ଅଞ୍ଚଳରୁ ଗୋଟିଏ ଲେଖାଏ ବାଘଛାଲ ଜବତ କରିଥିବା ବେଳେ ଚଳିତବର୍ଷ ଜାନୁୟାରୀ ୪ରେ ବୌଦ୍ଧ ସହରର ସାଲୁଙ୍କୀ ନଦୀ ପୋଲ ନିକଟରେ ଚଢାଉ କରି ଗୋଟିଏ ମହାବଳ ବାଘ ଓ ଗୋଟିଏ କଲରାପତରିଆ ଛାଲ ଜବତ କରିଥିଲା।

**ଛାତ୍ରୀ ମୃତ୍ୟୁ ଘଟଣା**

# ବାଳସୁଧାର ଗୃହ ଗଲେ ନାବାଳକ

ଢେଙ୍କାନାଳ ଅଫିସ,୧୯।୩

ଢେଙ୍କାନାଳ ସହର ହାଟରୋଡ୍ ଅଞ୍ଚଳର ୯ମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ମାମଲାରେ ରବିବାର ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ଗାଧୋଇବା ବେଳର ଭିଡିଓକୁ ସ୍ଥାନୀୟ ଜଣେ ୧୦ମ ଶ୍ରେଣୀ ପଢୁଥିବା ନାବାଳକ ଛାତ୍ର ଭାଇରାଲ୍ କରିଦେବା ପରେ ଛାତ୍ରୀଜଣକ ଲୋକଲଜ୍ଜା ଏବଂ ମାନସିକ ଯନ୍ତ୍ରଣା ସହି ନ ପାରି ଏଭଳି ନିଷ୍ପତ୍ତି ନେଇଥିବା ତାଙ୍କ ମା' ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ନଂ. ୧୮୧/୨୩, ଦଫା ୩୦୬ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଢେଙ୍କାନାଳସ୍ଥିତ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ୍ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଇଥିଲା। ଏହାପରେ ତାଙ୍କୁ ଅନୁଗୋଳସ୍ଥିତ ବାଲ୍ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପଟେ ନାବାଳକଙ୍କ ମା' ଗଣମାଧ୍ୟମ ଆଗରେ ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି ଦାବି କରିଛନ୍ତି। ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ହିଁ ହତ୍ୟା କରିଛନ୍ତି। ଓଲଟି ତାଙ୍କ ପୁଅ ଓ ପରିବାର ଉପରେ ଦୋଷ ଲଦୁଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ଶନିବାର ପୂର୍ବାହ୍ନରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଜବତ କରାଯାଇଥିଲା।




# ନବବଧୂଙ୍କୁ ବାନ୍ଧି ସଶସ୍ତ୍ର ଡକାୟତି

## ପାଣି ପିଇବାକୁ ମାଗି ଘରେ ପଶିଥିଲେ

ଖଇରା,୧୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଧୀନ ମିରୁଆଣି ଗ୍ରାମର ଜଣେ ନବବଧୂଙ୍କୁ ଦଉଡ଼ିରେ ବାନ୍ଧି ଦୁଇ ଦୁର୍ବୃତ୍ତ ୧ଲକ୍ଷ ଟଙ୍କା ଓ ୫ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଗହଣା ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ନବବଧୂ ଆହତ ହୋଇ ଚିକିତ୍ସା ପାଇଁ ଖଇରା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରି ଫେରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀଙ୍କ ଘରୁ ରବିବାର ଅପରାହ୍ନରେ ଏହି ସଶସ୍ତ୍ର ଡକାୟତି ହୋଇଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା୩୦ମିନିଟ ସମୟରେ ଘରେ କେବଳ ନବବଧୂ ଜ୍ୟୋତିରେଖା ସାହୁ ଥିଲେ। ୨ଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ପାଣି ପିଇବାକୁ ମାଗିଥିଲେ। ଜ୍ୟୋତିରେଖା ପାଣି ଆଣିବାକୁ ଯିବା ପରେ ସେମାନେ ଘର ଭିତରକୁ ଯାଇ ଏକ ବାଡ଼ିରେ ତାଙ୍କୁ ଆକ୍ରମଣ କରିବା ସହ ହାତ ଗୋଡ଼ ବାନ୍ଧି ପକାଇଥିଲେ। ପରେ ନଗଦ ୧ଲକ୍ଷ ଟଙ୍କା ଓ ୫ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଗହଣା ନେଇ ପଳାଇଥିଲେ। ଖବରପାଇ ପରିବାର ଲୋକେ ଘରେ ପହଞ୍ଚି ଜ୍ୟୋତିରେଖାଙ୍କୁ ଡାକ୍ତରଖାନା ନେଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୮୦/୨୩) ରୁଜୁ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି ଆଇଆଇସି କହିଛନ୍ତି।




# ଗୋପୀକା ବର୍ମାଙ୍କୁ 'ମାହାରୀ ସମ୍ମାନ'

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ପ୍ରତିଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ୩ଦିନ ଧରି ଚାଲିଥିବା 'ଗୁରୁ ପଙ୍କଜ ଉତ୍ସବ' ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୋହିନୀ ଆଟ୍ଟମ୍ ନୃତ୍ୟାଙ୍ଗନା ଗୋପୀକା ବର୍ମାଙ୍କୁ ଚଳିତ ବର୍ଷର 'ମାହାରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥି ଭାବେ ଏସ୍‌ବିଆଇର ମହାପ୍ରବନ୍ଧକ ଉତ୍ତମ ହାଜରା ଚୌଧୁରୀ ଓ ସଂସ୍କୃତି ପୃଷ୍ଠପୋଷକ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ଦାସ ସ୍ୱାଗତ ଭାଷଣ ଓ ସଭାପତି ବଟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।






କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ- ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା- ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍‌ଭବ ହେବ। —ଶ୍ରୀଅରବିନ୍ଦ

# ବିପଦରେ ଗଣତନ୍ତ୍ର

ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ବେକାରି ସମସ୍ୟା, ଅଂଶଧନକାରୀଙ୍କ ପୁଞ୍ଜିନିବେଶରେ କ୍ଷତି, ସ୍ୱାସ୍ଥ୍ୟ ସେବାର ଅଭାବ, ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ, ପ୍ରଦୂଷଣ ଆଦି ବହୁବିଧ ସମସ୍ୟା ଦେଇ ଏବେ ଭାରତ ଗତି କରୁଛି। ଏସବୁର ସମାଧାନ ଆଣିବା ଦିଗରେ ପାର୍ଲାମେଣ୍ଟର ଗୁରୁଦାୟିତ୍ୱ ରହିଛି। କୌଣସି ସମସ୍ୟାର ସମାଧାନ ଲାଗି ବିରୋଧୀଙ୍କ ସହ କଥାବାର୍ତ୍ତା କରିବା, ଆଲୋଚନା ଓ ବିତର୍କ ମାଧ୍ୟମରେ ଆଇନ ଆଣିବା, ଏପରିକି ଅନୁକୂଳ ବାତାବରଣ ସୃଷ୍ଟି କରାଯାଇ ଭାରତୀୟ ସଂସଦୀୟ ବ୍ୟବସ୍ଥାର ମର୍ଯ୍ୟାଦା ରକ୍ଷା କରିବା ହେଉଛି ସରକାରୀ ଦଳର କର୍ତ୍ତବ୍ୟ। କିନ୍ତୁ ଆମର ଗଣତାନ୍ତ୍ରିକ ଇତିହାସ କହୁଛି ଯେ, କୌଣସି ସମୟରେ ବିରୋଧୀଙ୍କ ସହିତ ଆଲୋଚନା କରି ଆଇନ ପ୍ରଣୟନ କରାଯାଏ ନାହିଁ। ଯଦି କେତେବେଳେ ଆଲୋଚନା ମାଧ୍ୟମରେ ଆଇନ ଅଣାଯାଇଥାଏ, ତାହା ସାଧାରଣତଃ ଗୁରୁତ୍ୱହୀନ ବିଷୟ ସମ୍ବନ୍ଧୀୟ ଆଇନ। ନଚେତ୍ ସଂସଦ ଓ ବିଧାନସଭାରେ ସରକାରୀ ଦଳର ଇଚ୍ଛା ଅନୁଯାୟୀ ଆଇନ ପ୍ରଣୟନ ହୋଇଥାଏ। ବିରୋଧୀ ତାଙ୍କ ମତ ଦେବା ବେଳେ ଯଥାର୍ଥ ବିଷୟ କହିଲେ ମଧ୍ୟ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଏ। ବିଗତ କେତୋଟି ବର୍ଷରେ ଦେଖାଯାଉଛି ଯେ, ବିରୋଧୀଙ୍କ ତରଫରୁ ଯେତେ ଅଧିକ ପାଟିତୁଣ୍ଡ କରାଯିବ ସେତିକି ସରକାରୀ ଦଳ ସକାଶେ ଆଇନ ପ୍ରଣୟନ କରିବାରେ ସହଜ ହୋଇଯାଏ। ଯେକେହି ବ୍ୟକ୍ତି ବାଚସ୍ପତି ଆସନରେ ବସନ୍ତି, ସମସ୍ତେ ସରକାରୀ ଦଳର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି।

ପାର୍ଲାମେଣ୍ଟର ଚଳିତ ବଜେଟ ପରବର୍ତ୍ତୀ ଅଧିବେଶନ ଯେଭଳି ଭାବେ ବିଶୃଙ୍ଖଳିତ ଭାବେ ଗତି କରୁଛି, ସେଥିରେ ଦେଶବାସୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି କୁହାଗଲାଣି। କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ବିଦେଶ ମାଟିରେ ସରକାର ବିରୋଧୀ ମନ୍ତବ୍ୟ ଦେଇଛନ୍ତି ବୋଲି ଦୋଷାରୋପ କରି ଶାସକ ଦଳ ଲୋକ ସଭାକୁ ଅଚଳ କରିଦେଇଛି। ଅନ୍ୟପଟେ ଆଦାନୀ-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ବିରୋଧୀ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ଲାଗି ବାରମ୍ବାର ଦାବି କରିଆସୁଛନ୍ତି। ତେବେ ଉଭୟଙ୍କ ଦାବିର ଓଜନକୁ ଦେଖିଲେ ସରକାରୀ ଦଳ ଅଧିକ ଆକ୍ରମଣାତ୍ମକ କାର୍ଯ୍ୟକଳାପ ପ୍ରଦର୍ଶନ କରି ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି ରଖିଛି। ଏଥିରୁ ବୁଝାପଡୁଛି ଯେ, ଆଦାନୀ ଦୁର୍ନୀତି ସମ୍ବନ୍ଧରେ ଆଲୋଚନା କରିବା ସକାଶେ ସରକାରୀ ଦଳ ଅରାଜି। ବ୍ରିଟେନରୁ ଫେରି ରାହୁଲ ଗାନ୍ଧୀ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟି ଥିଲେ ମଧ୍ୟ ତାଙ୍କୁ କହିବାକୁ ସୁଯୋଗ ଦିଆଯାଇ ନ ଥିଲା। ଶାସକ ଦଳ ସଦସ୍ୟମାନେ ହୋହଲ୍ଲା କରିବାରୁ ଲୋକ ସଭାକୁ ମୁଲତବୀ କରିଦିଆଯାଇଥିଲା। ତେଣୁ ରାହୁଲ ଗାନ୍ଧୀ ପାର୍ଲାମେଣ୍ଟ ବାହାରେ କହିଥିଲେ ଯେ, ଯଦି ଭାରତୀୟ ଗଣତନ୍ତ୍ର ଠିକ୍ ଭାବେ ଚାଲୁଥାଆନ୍ତା, ତାହା ହେଲେ ସେ ତାଙ୍କ ମତ ରଖିବାକୁ ସୁଯୋଗ ପାଇଥାଆନ୍ତେ। ଏଥିରୁ ବୁଝାପଡୁଛି ଯେ ରାହୁଲ ଗାନ୍ଧୀଙ୍କ କ୍ଷମା ପ୍ରାର୍ଥନାକୁ ଆଳ କରି ଶାସକ ଗୋଷ୍ଠୀ ଆଦାନୀ ପ୍ରସଙ୍ଗକୁ ଦୁର୍ବଳ କରି ଦେବାକୁ ଚାହିଁଛି।

**କେତେକ ରାଜନୈତିକ ବିଶେଷଜ୍ଞଙ୍କ ମତରେ ବିରୋଧୀଙ୍କ କଣ୍ଠରୋଧ କରିବା ଲାଗି ସରକାର ଲୋକ ସଭାରେ ବାଚସ୍ପତି ଓ ରାଜ୍ୟ ସଭାରେ ଏହାର ଅଧ୍ୟକ୍ଷଙ୍କୁ ଅସ୍ତ୍ର କରୁଛନ୍ତି। ଭାରତର ଗଣତନ୍ତ୍ରକୁ ପଙ୍ଗୁ କରିଦିଆଯାଇଛି ବୋଲି ଯେଉଁ ଅଭିଯୋଗ ହେଉଛି ତାହା ଏହି କଣ୍ଠରୋଧରୁ ସତ୍ୟ ପ୍ରମାଣିତ ହେଉଛି।**

ପ୍ରାୟ କୁହାଯାଇଥାଏ ଯେ, ବିରୋଧୀ କୌଣସି ପ୍ରସଙ୍ଗରେ ଅଡ଼ି ବସିଲେ ଶାସକ ଦଳ ତାହାକୁ ସମାଲୋଚନା କରିଥାଏ। ବିରୋଧୀଙ୍କ ଯୋଗୁ ଗୃହ ଚାଲି ପାରି ନ ଥିବା ଅଭିଯୋଗ ହୋଇଥାଏ। ଗଣମାଧ୍ୟମ ଏହି ଧ୍ୱନି ସହିତ ଏକମତ ହୋଇଥାଏ। ଏପରିକି ଅନେକ ବିଜ୍ଞ ବ୍ୟକ୍ତି ପ୍ରତ୍ୟେକ ସଂସଦୀୟ ଅଧିବେଶନର ମିନିଟ୍ ପାଇଁ କେତେ କୋଟି ଟଙ୍କା ଖର୍ଚ୍ଚ ହେଉଛି ତାହାର ହିସାବ ମଧ୍ୟ ପ୍ରକାଶ କରିଥାଆନ୍ତି। ଏବେ ସେହିଭଳି ହିସାବ ଦେବାକୁ କେହି ଆଗେଇ ଆସୁନାହାନ୍ତି।

ବର୍ତ୍ତମାନ ପାର୍ଲାମେଣ୍ଟରେ ଆଲୋଚନାର ଗତିରୋଧ କରାଯିବାରେ ଗୃହର ନେତା ତଥା ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଛି। କାରଣ ସେ ଚାହିଁଲେ ଅଚଳାବସ୍ଥାକୁ ଦୂର କରି ଆଲୋଚନାକୁ ଆଗେଇ ନେଇପାରନ୍ତେ। ବିରୋଧୀଙ୍କ ତୁଳନାରେ ଦେଖିଲେ ଶାସକ ଦଳ ଅପେକ୍ଷାକୃତ ଅଧିକ ଦାୟିତ୍ୱବାନ୍ ହେବା ଦରକାର। ଜଣେ ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ପାର୍ଲାମେଣ୍ଟକୁ ଅଚଳ କରି ରଖାଯାଇଥିବାରୁ ବହୁ ପ୍ରସଙ୍ଗ ଉପରେ ହେବାକୁ ଥିବା ବିତର୍କ ଓ ଆଲୋଚନା ଅଟକି ରହିଛି। ଶାସକ ଦଳ ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରି ଗୃହ କାର୍ଯ୍ୟ ଆଗେଇ ନେଇଥିଲେ ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଥାଆନ୍ତେ। କିନ୍ତୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଶାସକ ବର୍ଗ କହୁଛି, ପ୍ରଥମେ ରାହୁଲ ଗାନ୍ଧୀ କ୍ଷମା ପ୍ରାର୍ଥନା ମାଗିଲେ ପରେ ତାଙ୍କୁ ଗୃହରେ କହିବାର ସୁଯୋଗ ମିଳିବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜଣେ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ରାୟ ଦେବା ପୂର୍ବରୁ ଆଇନଗତ ଭାବେ ତାଙ୍କ ଯୁକ୍ତି ଶୁଣିବା ପାଇଁ ଅଦାଲତ ବାଧ୍ୟ।

ଏହି ପରିପ୍ରେକ୍ଷୀରେ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ର ଏକ ଟୁଇଟ୍ କରି କହିଛନ୍ତି ଯେ, ବିରୋଧୀଙ୍କ ପ୍ରତି ବାଚସ୍ପତିଙ୍କ ବ୍ୟବହାର ଠିକ୍ ରହୁ ନାହିଁ। ସେ କହିଛନ୍ତି ଯେ, କିଛି ଦିନ ହେବ ବାଚସ୍ପତି ଓମ୍ ବିର୍ଲା କେବଳ ଭାଜପା ସଦସ୍ୟମାନଙ୍କୁ କହିବାକୁ ମାଇକ୍ ଦେଉଛନ୍ତି। ଜଣେ ବି ବିରୋଧୀ ସଦସ୍ୟଙ୍କୁ କହିବାକୁ ଅନୁମତି ଦିଆଯାଉ ନାହିଁ। ଶାସକ ଦଳ କହିବା ପରେ ଗୃହକୁ ମୁଲତବୀ କରିଦିଆଯାଉଛି। ଗଣତନ୍ତ୍ର ଏବେ ବିପଦରେ ପଡ଼ିଛି ବୋଲି ମହୁଆ କହିଛନ୍ତି। କେତେକ ରାଜନୈତିକ ବିଶେଷଜ୍ଞଙ୍କ ମତରେ ବିରୋଧୀଙ୍କ କଣ୍ଠରୋଧ କରିବା ଲାଗି ସରକାର ଲୋକ ସଭାରେ ବାଚସ୍ପତି ଓ ରାଜ୍ୟ ସଭାରେ ଏହାର ଅଧ୍ୟକ୍ଷଙ୍କୁ ଅସ୍ତ୍ର କରୁଛନ୍ତି। ଭାରତର ଗଣତନ୍ତ୍ରକୁ ପଙ୍ଗୁ କରିଦିଆଯାଇଛି ବୋଲି ଯେଉଁ ଅଭିଯୋଗ ହେଉଛି ତାହା ଏହି କଣ୍ଠରୋଧରୁ ସତ୍ୟ ପ୍ରମାଣିତ ହେଉଛି।

# ମ୍ୟୁନିକ୍ ପୂର୍ବାନୁମାନ ଓ ବୈଶ୍ୱିକ ପରିବର୍ତ୍ତନ



ଜର୍ଜ ସୋରୋସ

ଠିକ୍ ମାସେ ପୂର୍ବେ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ମୋ ବକ୍ତବ୍ୟ ଉପସ୍ଥାପନ କରିଥିଲି। ତା'ପରଠାରୁ ବିଶ୍ୱରେ ଅନେକ ଉଲ୍ଲେଖନୀୟ ଘଟଣା ସାମ୍ନାକୁ ଆସିଛି। ଏସବୁ ଖୁବ୍ ଶୀଘ୍ର ଘଟିଛି ଓ ଏଗୁଡ଼ିକର ସ୍ଥିତିର ବାସ୍ତବ ଉନ୍ନତିକୁ ଦେଖିଲେ ମୋ ପୂର୍ବାନୁମାନର ମହତ୍ତ୍ୱ ଥିବା ଜଣାଯାଏ। ସବୁଠୁ ବଡ଼ ପରିବର୍ତ୍ତନ ହୋଇଛି ବୈଶ୍ୱିକ ଜଳବାୟୁ ପରିବର୍ତ୍ତନରେ। ଏଥିରୁ ବୁଝାପଡୁଛି, ପ୍ରକୃତରେ ଜଳବାୟୁ କାର୍ଯ୍ୟକ୍ରମ ଏବଂ ଜଳବାୟୁ ବିଜ୍ଞାନୀମାନେ ଏସବୁ ଘଟଣାକୁ ଭଲ ଭାବେ ବୁଝିଛନ୍ତି। ଉତ୍ତର ମେରୁ ଅଞ୍ଚଳରେ ଯାହା ଘଟୁଛି ସେସବୁ ଉପରେ ବୈଶ୍ୱିକ ଜଳବାୟୁ ବ୍ୟବସ୍ଥା ଅଧିକ ନିର୍ଭର କରେ ବୋଲି ମ୍ୟୁନିକ୍‌ରେ ମୋର ପ୍ରମୁଖ ବାର୍ତ୍ତା ଥିଲା। ମେରୁ ଅଞ୍ଚଳର ଜଳବାୟୁ ପ୍ରଣାଳୀ ବୈଶ୍ୱିକ ଜଳବାୟୁ ବ୍ୟବସ୍ଥାଠାରୁ ଭିନ୍ନ ରହିଆସିଥିଲା। ସେଠାକାର ବାୟୁ ବାମାବର୍ତ୍ତୀ ଦିଗରେ ପ୍ରବାହିତ ହୁଏ। କିନ୍ତୁ ଦେଖାଯାଉଛି, ବାଧା ସୃଷ୍ଟିକାରୀ ମଣିଷକୃତ କାର୍ଯ୍ୟକଳାପ ଯୋଗୁ ମେରୁ ଜଳବାୟୁ ବ୍ୟବସ୍ଥା ଏବଂ ବୈଶ୍ୱିକ ଜଳବାୟୁ ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ ଆଉ ବେଶି ଦିନ ତିଷ୍ଠି ରହିବ ନାହିଁ। ବାସ୍ତବରେ ଏବେ ମେରୁ ଅଞ୍ଚଳରୁ ଶୀତଳ ବାୟୁ ଲିକ୍ ହେବା ସହ ବାହାରର ଉଷ୍ମ ବାୟୁ ଏହାର ସ୍ଥାନ ନେଉଛି। ଫଳସ୍ୱରୂପ ବିଗତ ୪ ଦଶନ୍ଧି ମଧ୍ୟରେ ମେରୁଅଞ୍ଚଳ ଅବଶିଷ୍ଟ ପୃଥିବୀ ତୁଳନାରେ ୪ଗୁଣ ଶୀଘ୍ର ଉତ୍ତପ୍ତ ହେବାରେ ଲାଗିଛି ଓ ତାପମାତ୍ରା ଶୀଘ୍ର ବଢୁଛି। ମ୍ୟୁନିକ୍‌ରେ ମୋ ବକ୍ତବ୍ୟ ପରଠାରୁ ମେରୁ ଅଞ୍ଚଳର ତାପମାତ୍ରା ଏହାର ସାଧାରଣ ସ୍ତରଠାରୁ ୨୦ ଡିଗ୍ରୀ ସେଲସିୟସରୁ ଅଧିକ ବୃଦ୍ଧିପାଇଛି। ଏହା ଏକ ରେକର୍ଡ ବୃଦ୍ଧି ଏବଂ ଯେଉଁ ହାରରେ ଗ୍ରୀନ୍‌ଲାଣ୍ଡର ବରଫ ତରଳୁଛି ତାହା ଅତ୍ୟନ୍ତ ଚିନ୍ତାଜନକ।

ଜଳବାୟୁ ବିଜ୍ଞାନୀମାନେ ମେରୁ ଉତ୍ତପ୍ତ ହେବା ପ୍ରକ୍ରିୟାକୁ ବୁଝି ବଡ଼ ପଦକ୍ଷେପ ନେଇଛନ୍ତି। କାର୍ବନ ଡାଇଅକ୍ସାଇଡ୍‌ଠାରୁ ଅତ୍ୟଧିକ ଶକ୍ତିଶାଳୀ ଓ ବିପଜ୍ଜନକ ସବୁଜ ଗୃହ ବାଷ୍ପ ମିଥେନ ଗ୍ୟାସ୍ ନିର୍ଗମନ ମଣିଷର କାର୍ଯ୍ୟକଳାପ ସହ ଜଡ଼ିତ ଉତ୍ସଗୁଡ଼ିକରୁ ହେଉଥିବା ନର୍ଗମନଠାରୁ ଅଧିକ ବୋଲି ସେମାନେ ପ୍ରମାଣ କରିଛନ୍ତି। ଏହି ସିଦ୍ଧାନ୍ତ ସୂଚିତ କରୁଛି କି, ମିଥେନ୍ ନିର୍ଗମନର ଆଉ କେତେକ ଉତ୍ସ ଅଛି। ଉଦାହରଣ ସ୍ୱରୂପ, ସ୍ଥାୟୀ ବରଫ ଅଞ୍ଚଳରୁ ଅଧିକ ମିଥେନ ନିର୍ଗମନ ହେଉଛି। ପ୍ରକୃତି ଉପରେ ମଣିଷର ହସ୍ତକ୍ଷେପ ଯୋଗୁ ଏହା ଘଟୁଛି। ଏସବୁକୁ ଲକ୍ଷ୍ୟ କରି ଏକ ଜଳବାୟୁ ଜରୁରୀ ସ୍ଥିତି ଘୋଷଣା କରିବା ଆବଶ୍ୟକ ବୋଲି ଜଳବାୟୁ ବିଜ୍ଞାନୀମାନେ କହନ୍ତି। କାରଣ, ଏବେ ଯେଉଁ ହାରରେ ତାପମାତ୍ରା ବୃଦ୍ଧି ପାଉଛି ବିଶ୍ୱତାପନ ନିଶ୍ଚିତ ଭାବେ ୧.୫ ଡିଗ୍ରୀ ସେଲସିୟସ୍‌କୁ ଟପିଯିବ। ବ୍ରିଟେନର ଗର୍ଡନ ବ୍ରାଉନ୍‌ଙ୍କ ସରକାରରେ ଥିବା ପ୍ରମୁଖ ବିଜ୍ଞାନ ପରାମର୍ଶଦାତା ତଥା ଏବକାର ଜଳବାୟୁ ସଙ୍କଟ ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ସାର୍ ଡ୍ୟାଭିଡ କିଙ୍ଗ୍ ଗତ ମାସରେ କହିଥିଲେ ଯେ, ଆମକୁ ଶୀଘ୍ର ନିର୍ଗମନ ହ୍ରାସ କରିବା ସହ ଅଧିକ ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳରୁ ହଟାଇବାକୁ ପଡ଼ିବ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମେରୁ ଅଞ୍ଚଳର ତାପମାତ୍ରା ହ୍ରାସ କରି ପୁନର୍ବାର ସେଠାରେ ବରଫ ଜମାଟର ବ୍ୟବସ୍ଥା କରିବା ଜରୁରୀ। ଏହା ଏକ ବଡ଼ ଯୋଜନା। କିନ୍ତୁ ଏବକାର ସ୍ଥିତିକୁ ଦେଖିଲେ ଏହା ଉପରେ ଯୋଜନା କରିବାରେ ଆମେ ପଛେଇ ଯାଇଛୁ।



ବିଶ୍ୱ ଦୃଶ୍ୟପଟରେ ଗୁରୁତ୍ୱପର୍ଣ୍ଣ ପରିବର୍ତ୍ତନ ହୋଇଥିବା ଅନ୍ୟ ଏକ କ୍ଷେତ୍ର ହେଉଛି ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଅକ୍ଟୋବର ପର୍ଯ୍ୟନ୍ତ ଯୁଦ୍ଧରେ ୟୁକ୍ରେନ୍ ଜିତୁଥିଲା। ପରେ ଇରାନ ସହଯୋଗରେ ରୁଷିଆ ଅତ୍ୟଧିକ ଡ୍ରୋନ୍ ବ୍ୟବହାର କଲା। ଲୋକଙ୍କୁ ବିଦ୍ୟୁତ୍, ଇନ୍ଧନ ଓ ପାଣିରୁ ବଞ୍ଚିତ କରି ୟୁକ୍ରେନ୍‌ର ନୈତିକ ବଳ ଭାଙ୍ଗି ଦେବା ଥିଲା ମୁଖ୍ୟ ଲକ୍ଷ୍ୟ। ଫଳରେ ୟୁକ୍ରେନ୍ ରକ୍ଷାତ୍ମକ ପନ୍ଥା ଗ୍ରହଣ କଲା। ଯାହାଫଳରେ ରୁଷିଆର ସରକାରୀ ବା ନିୟମିତ ସେନା ଏବେ ନୈରାଶ୍ୟଜନକ ସ୍ଥିତିରେ ଅଛି ଓ ଏହାର ନେତୃତ୍ୱ ଭଲ ଭାବେ ନିଆଯାଉନାହିଁ। ସେନା ଗମ୍ଭୀର ରୂପେ ହତୋତ୍ସାହିତ ଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍ ଜାଣିବା ପରେ ଏଥିରେ ସୁଧାର ଆଣିବା ଲାଗି ଯାହା କଲେ ସେଥିରେ ଗୁଡ଼ିଏ ବିପଦ ଆମନ୍ତ୍ରଣ କରିଛନ୍ତି। ସେ ଜେଭଗିନି ପ୍ରିଗୋଝିନ୍‌ଙ୍କୁ ଗୁରୁତ୍ୱ ଦେଲେ, ଯିଏ କି ପ୍ରିଗୋଝିନ୍ 'ୱାଗନର ପ୍ରାଇଭେଟ ମିଲିଟାରି ଗ୍ରୁପ୍' ନାମକ ବୃତ୍ତିଗତ ସେନାର ନେତୃତ୍ୱ ନେଇଥିଲେ। ରୁଷିଆର ସରକାରୀ ସେନାଠାରୁ ତାଙ୍କ ଯୋଦ୍ଧାମାନେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ସେ ପ୍ରମାଣ କରିବାକୁ ଆଗ୍ରହୀ ଥିଲେ। ଏଣୁ ପୁଟିନ୍ ରୁଷିଆର ଜେଲ୍‌ରେ ଥିବା ବନ୍ଦୀମାନଙ୍କୁ ସେଥିରେ ନିଯୁକ୍ତ କରିବାକୁ ପ୍ରିଗୋଝିନ୍‌ଙ୍କୁ ଅନୁମତି ଦେଲେ। ନିଯୁକ୍ତ ବନ୍ଦୀମାନଙ୍କର ଏବଂ ଅନ୍ୟ ବୃତ୍ତିଗତ ଯୋଦ୍ଧାଙ୍କ ଜୀବନକୁ ବାଜି ଲଗାଇ ୱାଗନର ଯୁଦ୍ଧ କଲା। ଯୁଦ୍ଧରେ ରୁଷୀୟ ସେନା ବିଫଳ ହେଉଥିବାବେଳେ କିମ୍ବା ସବୁଠି ସ୍ଥିତି ହରାଉଥିବାବେଳେ ୱାଗନର ସେନା ୟୁକ୍ରେନ୍ ପୂର୍ବଭାଗରେ ଥିବା ବଖ୍‌ମୁତ୍ ସହରର ଚାରିପାଖକୁ ଦଖଲ କରିବାକୁ ଲାଗିଲା।

ପୁଟିନ୍‌ଙ୍କ ବାଜି ଏକ ନିର୍ଦ୍ଦିଷ୍ଟ ସମୟ ଯାଏ ଭଲ କାମ କଲା। ନିୟମିତ ସେନା ନିଜକୁ ଅସୁରକ୍ଷିତ ମନେକରି ପ୍ରିଗୋଝିନ୍‌ଙ୍କ ବିରୋଧରେ କୂଟନୈତିକ ଯୁଦ୍ଧ ଆରମ୍ଭ କରି ଜିତିଗଲା। ଫଳରେ କିଛି ସପ୍ତାହ ପୂର୍ବେ ପ୍ରିଗୋଝିନ ସାଧାରଣରେ ଅଭିଯୋଗ ଆଣିବା ପରେ ପୁଟିନ୍ ଅକଳରେ ପଡ଼ିଗଲେ। ପ୍ରଥମେ ପ୍ରିଗୋଝିନ୍‌ଙ୍କୁ ସାହାଯ୍ୟ କରିବାକୁ ପୁଟିନ୍ ଚେଷ୍ଟା କରିଥିଲେ। କିନ୍ତୁ ପୂରା ସରକାରୀ ବ୍ୟବସ୍ଥା ରୁଷୀୟ ସେନାକୁ ସମର୍ଥନ କରିଥିଲା। ଏହାସହ ସେମାନେ ପୁଟିନ୍‌ଙ୍କୁ ଅବଗତ କରିଥିଲେ ଯେ, ଏବକାର ସରକାର ପ୍ରତି ପ୍ରିଗୋଝିନ୍ ଏକ ବିପଦ। ମୁଖ୍ୟ ବିଷୟ ହେଉଛି, ରୁଷିଆର ଏହି ଆଭ୍ୟନ୍ତରୀଣ ବିବାଦରୁ ୟୁକ୍ରେନ୍ ଲାଭ ଉଠାଉଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନ୍‌ସ୍କି ତାଙ୍କ ସେନା ଅଧିକାରୀଙ୍କ ସହ ପରାମର୍ଶ କଲେ। ପ୍ରିଗୋଝିନଙ୍କ ସେନା ବିଧ୍ୱଂସକ ଭାବେ ବାହାରକୁ ଜଣା ଥିଲେ ବି ଏହାର ବହୁ ଦୁର୍ବଳତା ଅଛି ବୋଲି ସେମାନେ ସମସ୍ତେ ସ୍ୱୀକାର କଲେ। ୟୁକ୍ରେନ ସେନା ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ବିଶେଷକରି ଲିଓପାର୍ଡ ଟ୍ୟାଙ୍କ ପାଇଲେ ପ୍ରତି ଆକ୍ରମଣ କରିବାକୁ ସକ୍ଷମ ହେବେ। ଏଣୁ ଏହି ଟ୍ୟାଙ୍କୁ ଯୋଗାଇ ଦେବା ଲାଗି ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ତାହା ମେ' ପାଖାପାଖିରେ ନିଶ୍ଚିତ ଘଟିବ, କିନ୍ତୁ ତା' ପୂର୍ବରୁ ଏହା ବି ଘଟିପାରେ। ଯୁଦ୍ଧ ଏବଂ ବସନ୍ତରେ ୟୁକ୍ରେନ୍‌ର ଆକ୍ରମଣ ନିର୍ଣ୍ଣାୟକ ହୋଇ ସ୍ଥିତିରେ ପରିବର୍ତ୍ତନ ଘଟିବ ବୋଲି ଗୋଟିଏ ମାସ ପୂର୍ବରୁ ମୁଁ ଯେଉଁ ପୂର୍ବାନୁମାନ କରିଥିଲି ତାହା ସତ ହେବା ସମ୍ଭାବନା ଅଧିକ। ଏହାସହ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପୂର୍ବନୁମାନ ବି ସତ ହୋଇପାରେ। ମୁଁ ଏ ସମ୍ପର୍କରେ ଅବଗତ ଅଛି, ଅବଶ୍ୟ ଅନେକ ପ୍ରତିଷ୍ଠିତ ପ୍ରକାଶନ ଆର୍ଟିକିଲଗୁଡ଼ିକରେ ଯୁଦ୍ଧର ଅଗ୍ରଗତିକୁ ନେଇ ବହୁ ନୈରାଶ୍ୟଜନକ ଛବି ଦର୍ଶାଇଛନ୍ତି। ଏଭଳି ଦୁଷ୍ପ୍ରଚାର ଅଭିଯାନକୁ ମାନିନେବା ଦ୍ୱାରା ସେମାନେ କିଭଳି ମୋ ଉତ୍ସାହିତ ଦୃଷ୍ଟିକୋଣକୁ ସ୍ୱୀକାର କରିପାରିବେ ? ପୁଟିନ୍ ଏକ ଯୁଦ୍ଧ ବିରତି ପାଇଁ ଆତୁର, କିନ୍ତୁ ସେ ଏହାକୁ ସ୍ୱୀକାର କରିବାକୁ ଚାହୁଁନାହାନ୍ତି। ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଚିନ୍ତାଧାରା ବି ସେୟା। କିନ୍ତୁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଏକ ଯୁଦ୍ଧ ବିରତି ଲାଗି ମଧ୍ୟସ୍ଥ ହେବାର ସମ୍ଭାବନା ନାହିଁ। ପୂର୍ବରୁ ସୋଭିଏଟ ସାମ୍ରାଜ୍ୟରେ ଥିବା ତଥା ସ୍ୱାଧୀନତା ପାଇବା ଲାଗି ଅଧିକ ଆଗ୍ରହୀ ଦେଶଗୁଡ଼ିକ ୟୁକ୍ରେନ୍‌ରେ ରୁଷିଆ ସେନାର ପରାଜୟକୁ ଆଗ୍ରହର ସହ ଅପେକ୍ଷା କରି ରହିଛନ୍ତି। ରୁଷିଆ ହାରିଗଲେ ପୁଟିନ୍‌ଙ୍କର ଏକ ନବୀକରଣ ରୁଷିଆ ସାମ୍ରାଜ୍ୟର ସ୍ୱପ୍ନ ଭାଙ୍ଗି ଚୂରମାର ହୋଇଯିବ ଏବଂ ୟୁରୋପ ପ୍ରତି ସୃଷ୍ଟି ହେଉଥିବା ବିପଦର ଅନ୍ତ ଘଟିବ। ରୁଷୀୟ ସାମ୍ରାଜ୍ୟବାଦ ପରାଜୟର ଦୀର୍ଘମିଆଦୀ ପରିଣାମ ଅବଶିଷ୍ଟ ବିଶ୍ୱ ଉପରେ ପଡ଼ିବ। ଏହା ମୁକ୍ତ ତଥା ଗଣତାନ୍ତ୍ରିକ ସମାଜଗୁଡ଼ିକୁ ଅଧିକ ସହାୟକ ହେବାବେଳେ ଗଣତାନ୍ତ୍ରିକ ଧାରାରୁ ଦୂରେଇ ରହୁଥିବା ସମାଜଗୁଡ଼ିକ ପ୍ରତି ଭୟଙ୍କର ସମସ୍ୟା ସୃଷ୍ଟି କରିବ। ବଡ଼ କଥା ହେଉଛି, ଏହା ଜଳବାୟୁ ପରିବର୍ତ୍ତନ ଭଳି ବୃହତ୍ ସମସ୍ୟା ଉପରେ ବିଶ୍ୱର ଦୃଷ୍ଟି କେନ୍ଦ୍ରିତ କରିବାରେ ସାହାଯ୍ୟ କରିବ।

ପ୍ରତିଷ୍ଠାତା ଓ ଅଧ୍ୟକ୍ଷ,
ଓପନ୍ ସୋସାଇଟି ଫାଉଣ୍ଡେଶନ

# ଡଙ୍ଗରର ଘା



ଧୃତୀ ଚନ୍ଦ୍ର ସାହୁ

ଫଗୁଣର ରଙ୍ଗ ସରି ନ ଥିବ ଆସିଯିବ ଚୈତ୍ର। ପତ୍ର ସବୁ କଅଁଳି ସାରିଥିବେ ଗଛରେ। ଥୁଣ୍ଟା ଗଛ ନୂଆ ଜନ୍ମ ନେଇଥିବ। ଚୋରା ଚଇତିର ବାଆ ବହୁଥିବ। ଖରା ଆସ୍ତେ ଆସ୍ତେ ତୁରୁଥିବ। ଗାଁ ପାଖ ବିଲ ସବୁ ଚିତ ହୋଇ ଶୋଇଥିବେ। ଦେହରେ ଫଡ଼ା ଫଡ଼ା ଫାଟ। ମାଡ଼ି ଯାଇଥିବେ ନାନାଦି ଲଟାବୁଦା। ସେପଟକୁ କାହାର ନିଘା ନ ଥିବ। ଚଇତ ହେଉଛି ଜନଜାତିଙ୍କ ଲାଗି ଶରଧାର ମାସ। ବେଣ୍ଟର ଦିନ। ଭୋଜିଭାତ ଓ ବେଣ୍ଟରେ ମିଳିଥିବା ଜନ୍ତୁଜନ୍ତାଙ୍କ ମାଉଁସରେ ଖୁସି ହେବାର ବେଳ। ଡିଶାରି ଯୋଗ ଦେଲା ପରେ ମାତିଯିବେ ଆଦିବାସୀ। ମତପୁରି ହୋଇ ଉଠିବେ। ଧାଙ୍ଗଡା ଧାଙ୍ଗିଡି ଟିକେ ଅଧିକା ଉତ୍ସାହିତ ହେବେ। ଚଇତି ପର୍ବ ବର୍ଷର ଶେଷ ପରବ। ସେଇଟା ପୁଣି ଆସୁଥିବା ବର୍ଷ ପାଇଁ ପ୍ରଥମ ପର୍ବ। ଚଇତି ଶେଷ ପର୍ବ ଏଥିପାଇଁ ଆଦିବାସୀକୁ ଆଉ ତର ସହିବନି। ଜମିବାଡି ସଜଡାସଜଡି। ବୁଣାବୁଣି କାମ ଆରମ୍ଭ କରିବେ। ସେଥିପାଇଁ ଯେତିକି ଶରଧା ହେବା କଥା ସେତିକି ଶରଧା ହେବେ ଚଇତି ପର୍ବରେ।

କନ୍ଧ ଜନଜାତିରେ ଚଇତି ଏକ ଗଣପର୍ବ। ସବୁ ଗାଁରେ ହେବ ଚଇତି ପରବ। ସେମିତି ଚଇତିକୁ ପ୍ରଥମ ପର୍ବ ବୋଲି କନ୍ଧ ଲୋକେ ଲେଖାଯୋଖା କରନ୍ତି ଏଇଥିପାଇଁ ଯେ ଚଇତିରେ ଡିଶାରୀ କହିବା ପ୍ରକାରେ ବେଜୁଣୀ ବିହନ ବୁଣିବା ଅନୁକୂଳ କରେ। ବିହନ ବୁଣା ଅନୁକୂଳ ହୋଇଗଲେ ତେଣିକି ପରବ ପରେ ପରେ ଚାଷବାସରେ ମାତି ଉଠିବେ ଲୋକେ। କନ୍ଧ ଅଞ୍ଚଳରେ ଚଇତି ପରେ ପରେ ଗାଁରେ ପଞ୍ଚାତି ବସିବ। ଡିଶାରୀ ପୋଡୁଚାଷର ଯୋଗ କହିବ। ଯେଉଁ ଦିଗକୁ କହିବ ସେଇ ଦିଗକୁ ଖେଦିଯିବେ ଆଦିବାସୀ। ବଣର ପରିଧି ନିଶ୍ଚିତ ହେବ। ଜମି ଠିକଣା ହେବ କେତେ ଜଙ୍ଗଲ ମରାହେବ। ସେଥିପାଇଁ ଦିନେ ପୂଜାଟିଏ ହୁଏ। ବଣ ଭିତରେ ଥିବା ପୋଡୁଚାଷର ଦେବତା ବାନ୍ଦୁଣ୍ଡ ପେନୁକୁ ପୂଜା ହୁଏ। ବେଜୁଣୀ ଉଆ ଚାଉଳ, କୁକୁଡ଼ା ଛୁଆ, ରନ୍ଧା ମଦକୁ ମିଶେଇ ଡଙ୍ଗରରେ ପୂଜା କରେ। ପୂଜା ଶେଷରେ ଭୋଜିଭାତ ହୁଏ। ପୂଜା ସରୁ ସରୁ ଲେଉଟାଣି ବେଳ। ତା' ପରେ ଅନୁକୂଳ କରି କନ୍ଧ ଜନଜାତି ଟାଙ୍ଗିଆରେ ଚୋଟ ପକାଏ ଗଛରେ। ଚାହୁଁ ଚାହୁଁ ଢଳିଯାଏ ଆକାଶକୁ ଚାହିଁଥିବା ଗଛ। ସେଠି ସଜବାଜ କରି ନିଆଁ ଧରାଏ। ତା'ପରେ ଫେରେ ଗାଁକୁ। ଲଗେଇଥିବା ନିଆଁ ଚରିଯାଏ ଗଛରୁ ଗଛ। ଏ ଜାଗାରୁ ସେ ଜାଗା। ରାତିରେ ଅନ୍ଧାର ସହ ଲେସି ହୋଇଯାଏ ଡଙ୍ଗର। ଡଙ୍ଗର ଦିଶେନି। ଦିଶେ ଅଙ୍କାବଙ୍କା ନିଆଁର ଗାର ଦେହର ସଜ କଟା ଦାଗ ପରି।

ସଞ୍ଜ ମୁହଁରେ ପୋଡୁ ନିଆଁ ଦୂରକୁ ଭଲ ଲାଗେ ଦେଖିବାକୁ। ପାହାଡ଼ରେ ଏମିତି ଅସଂଖ୍ୟ କଟା ଦାଗ ଦିଶେ ଦୂରକୁ। ମାଡ଼ି ଚାଲେ ନିଆଁ। ସଭ୍ୟସମାଜ ଏହାକୁ ମାଙ୍କଡ଼ର ବାହାଘର ଭୋଜି ବୋଲି କହେ। ହୁତୁ ହୁତୁ ହୋଇ ଜଳେ ଡଙ୍ଗର। ଡଙ୍ଗର ଭିତରେ ଥିବା ଅନେକ ଗଛ ଠିଆ ଜଳିଯାଏ। ଦୁଲଦାଲ ହୋଇ ଧରାଶାୟୀ ହୁଏ। ଦରପୋଡ଼ା ଗଛ ସବୁ ଚଢ଼ଚାଢ଼ ହୋଇ ବାହୁନି ବାହୁନି କାନ୍ଦୁଥାଏ ଯେମିତି। ତା'ର କଥାକୁ କିଏ ବୁଝିବ। ସକାଳ ନ ହେଉଣୁ କନ୍ଧ ଗାଁ ଖାଲି ହୋଇଯିବ। ପରିବାରର ସମସ୍ତେ ଲାଗି ପଡିବେ ଡଙ୍ଗର ସଫାରେ। କନ୍ଧ ପୁରୁଷ ଦରପୋଡ଼ା ଗଛକୁ ହାଣି କାଠ ଯୋଗାଡ଼ କରେ ଘର ପାଇଁ। କନ୍ଧ ରମଣୀ ପୋଡୁଥିବା ଜାଗାକୁ ସଫା କରେ। ଡାଙ୍ଗଡୁଙ୍ଗା, ପଥର ସବୁ ଗୋଟାଇ ଅଲଗା କରେ। ତା' ଆୟତର ଜମିକୁ ସେ ବର୍ଷ ପାଇଁ ସଜ କରେ। ସେଥିରେ ପ୍ରଥମ ବର୍ଷ ମାଣ୍ଡିଆ ବୁଣେ। ଦ୍ୱିତୀୟ ବର୍ଷ ଅଳସି ବୁଣେ। ତୃତୀୟ ବର୍ଷ ସୁଆଁ। ତା' ପରେ ଜମିର ଭାଗ୍ୟ। କନ୍ଧ କପାଳରେ ଭଲ ଜମି ପଡିଥିବ ତ ଚାଷ ହେଉଥିବ। ନ ହେଲେ ସେଠାକୁ ଛାଡି ନୂଆ ଡଙ୍ଗର ଖୋଜିବ ଜନଜାତି।

ଏବେ ଏଇ ଡଙ୍ଗର ଜମିରେ ବର୍ଷ ବର୍ଷ ଧରି ଭଲ କପା ଚାଷ ହେଉଛି। ସକାଳର ଫର୍ଚ୍ଚା ଆଲୁଅରେ ପୋଡୁ ଚାଷରେ ଅଧା ପୋଡା ଡଙ୍ଗର ରୋଗଣା ଲାଗେ। ଡଙ୍ଗରର ଘା' ଭଳି ଲାଗେ ପୋଡୁ ଚାଷରେ ସଫା ହୋଇଥିବା ଯେତକ ପୋଡା କଳା ଅଞ୍ଚଳ। ଏଇ ଘା ଆଉ ଶୁଖେନି। ସେମିତି କ୍ୟାନସର ଭଳି ବଢ଼ିଚାଲେ ଡଙ୍ଗରରୁ ଡଙ୍ଗର। ବଣ ଘୁଞ୍ଚି ଘୁଞ୍ଚି ଯାଏ। ଲଣ୍ଡା ଲାଗେ ପାହାଡ଼ ଠିକ୍ କେମୋଥେରାପି ପରେ କ୍ୟାନସର ରୋଗୀର ଚୁଟି ଝଡ଼ି ଯାଉଥିବା ମୁଣ୍ଡ ପରି। ଏବେ ବି କନ୍ଧ ରାଇଜରେ ପୋଡୁଚାଷ ହୁଏ। ଆଗେ ଗାଁ ଲୋକଙ୍କ ଚାହିଦା ମୁତାବକ ଡଙ୍ଗରରେ ପୋଡୁ ଚାଷ ହେଉଥିଲା ନିର୍ଦ୍ଦିଷ୍ଟ ଅଞ୍ଚଳରେ। ଏବେ ଆଉ ଧରାବନ୍ଧା ନିୟମ ନାହିଁ। ଯିଏ ଯେଉଁଠି ପାରିଲା ଏବେ ଡଙ୍ଗରରେ ଘା ତିଆରି କରୁଛି। ଡଙ୍ଗରକୁ ଡଙ୍ଗର ପଦା ହେଉଛି। ଏଥିରେ ଏବେ ଅନୁସୂଚିତ ଜାତିର ଲୋକ ବି ପୋଡୁ ଚାଷକୁ ଅଣ୍ଟା ଭିଡିଲେଣି। ନୂଆ ଡଙ୍ଗର କରି ଜନଜାତି ଭଳି ଚାଷବାସ କରୁଛନ୍ତି ସେମାନେ। ଚାଷବାସ କରି ଡଙ୍ଗର ଜମିକୁ ନିଜ ଅକ୍ତିଆରରେ ରଖିଲେ ଆଗକୁ ଡଙ୍ଗର ଜମି ପଟ୍ଟା ମିଳିଯିବାର ଗୋଟେ ଆଶା ରଖେ ସେ। ସେଇ ଆଶାରେ ଏବେ ବହୁତ ପୋଡୁ ଚାଷ ହେଉଛି ଓଡ଼ିଶାରେ।



କେବଳ କନ୍ଧ ବସତି ଅଞ୍ଚଳରେ ନୁହେଁ ଚାରିଆଡେ ଡଙ୍ଗର ଉପରେ ଆକ୍ରମଣ। ଫଗୁଣ ନ ସରୁଣୁ ଓଡ଼ିଶାର ସବୁ ଅଞ୍ଚଳରେ ବଣରେ ନିଆଁ। ଦିନ ଦିନ ଧରି ନିଆଁ ଲିଭୁନି। ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ବଣ ନିଆଁକୁ ନେଇ। ଏମିତି କି ସଂରକ୍ଷିତ ଜଙ୍ଗଲରେ ଓ ଅଭୟାରଣ୍ୟରେ ବି ଅନେକ ସମୟରେ ନିଆଁ ଲାଗୁଛି। ବନ ବିଭାଗ ପାରୁପର୍ଯ୍ୟନ୍ତ ଉଦ୍ୟମ କରୁଛି ନିଆଁକୁ ଆୟତ୍ତ କରିବା ପାଇଁ। ସାମୟିକ ଭାବେ ହୁଏତ ସଫଳ ହେଉଛି, କିନ୍ତୁ ସ୍ଥାୟୀ ପ୍ରତିକାର ଏଯାବତ ସମ୍ଭବ ହୋଇପାରୁନି। ଜନଜାତି ଲୋକ ପେଟପାଟଣାର ଦାୟ ହେଉ କି ପରମ୍ପରା ପାଳନ ନାମରେ ପୋଡୁ ଚାଷ କରି ଚାଲିଛି ବର୍ଷ ବର୍ଷ। କିନ୍ତୁ କାଠ ଓ ଜମି ହାତେଇବା ଲାଗି ବହୁଳ ଭାବରେ ଡଙ୍ଗର ପାହାଡ଼ରେ ନିଆଁ ଲାଗୁଛି ବାହାର ଲୋକଙ୍କ ନିର୍ଦ୍ଦେଶରେ। ଖଣି ଖନନ ପାଇଁ ବହୁ କମ୍ପାନୀ ଡଙ୍ଗରକୁ ଖୋଳିତାଡି ଗଭୀର କ୍ଷତ କରି ଚାଲିଛନ୍ତି। ଏଣିକି ମାଳ ଅଞ୍ଚଳରେ ବଢୁଛି ତାତି। ପାଣି ଟୋପାଏକୁ କାତର ହେଉଛନ୍ତି ମଣିଷ। ତଥାପି ଚେତୁନାହାନ୍ତି ମଣିଷ। ଏବେ ପୃଥିବୀ ସାରା ଡଙ୍ଗରର ଘା ମଣିଷକୁ କଲବଲ କରୁଛି। ଡଙ୍ଗର ଶଢୁଛି। ତା' ସହିତ ମଣିଷକୁ ଜୀବନବ୍ୟାପୀ ଶଢିବାକୁ ଛାଡି ଦେଇଛି। ବେଳ ଥାଉ ଥାଉ ନ ଚେତିଲେ ପିଢ଼ି ପରେ ପିଢ଼ି ଦହଗଞ୍ଜ ହେବା ନିଶ୍ଚିତ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ -୯୪୩୭୯୦୯୬୭୧

## ଏଇ ଭାରତରେ

ଆମ ଦେଶରେ ଏଭଳି ଗାଁ ସବୁ ଅଛି ଯାହା ସମ୍ପର୍କରେ ଏବେ ମଧ୍ୟ ଅନେକେ ଜାଣିନାହାନ୍ତି। କିଏ ସୌନ୍ଦର୍ଯ୍ୟ ପାଇଁ ତ ଆଉ କେଉଁ ଗାଁ ଭିନ୍ନ ଭିନ୍ନ ବିଶେଷତାକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ତେବେ ଏଭଳି ଗାଁ ମଧ୍ୟରୁ ନାଗାଲାଣ୍ଡର ଲୋଙ୍ଗୱା ଗାଁ ଅନ୍ୟତମ। ମୌନ ଜିଲା ଅନ୍ତର୍ଗତ ଉକ୍ତ ଗାଁ ରାଜ୍ୟରେ ବଡ଼ ଗାଁ ମଧ୍ୟରୁ ଗୋଟିଏ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହାକୁ ଗାଁ ତାଲିକାରେ ସ୍ଥାନ ଦିଆଯାଇନାହିଁ। ଏହି ଗାଁ ପଡ଼ା ଭାବେ ଭାରତ ଓ ମ୍ୟାନ୍‌ମାର ସୀମା ମଧ୍ୟରେ ରହିଛି। ଏହା ଭାରତର ଗାଁ ହେଲେ ବି ଗ୍ରାମବାସୀଙ୍କ ପାଖରେ ମ୍ୟାନ୍‌ମାରର ନାଗରିକତା ଅଛି। ଲୋଙ୍ଗୱାର ଜଣେ ମୁଖିଆ ଅଛନ୍ତି। ତାଙ୍କୁ ରାଜା ବା ଅଙ୍ଘ ବୋଲି ସମ୍ବୋଧନ କରାଯାଏ। ଯେ କେହି ଏହି ରାଜାଙ୍କ ଘରେ ବସିବ ସେ ଏକାସମୟରେ ଭାରତ ଓ ମ୍ୟାନ୍‌ମାରରେ ଥିବା ଭଳି ଅନୁଭବ କରିବ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୯୮

- ଆଫଗାନିସ୍ତାନର ରାଜଧାନୀ କାବୁଲର ଦକ୍ଷିଣ ଭାଗରେ ଏକ ଆଫଗାନ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୨ ମୃତ।
- ସମସ୍ତ ରାଜନୈତିକ ଅନିଶ୍ଚିତତା ଓ ଅଚଳାବସ୍ଥାର ଅବସାନ ଘଟାଇ କେନ୍ଦ୍ରରେ ଭାଜପା ନେତା ଅଟଳ ବିହାରୀ ବାଜପାୟୀଙ୍କ ନେତୃତ୍ୱରେ ୪୩ ସଦସ୍ୟ ବିଶିଷ୍ଟ ଦୁଇଥାକିଆ ମନ୍ତ୍ରିମଣ୍ଡଳର ଦାୟିତ୍ୱଗ୍ରହଣ।
- ବାମପନ୍ଥୀ ଆନ୍ଦୋଳନର ମହାରଥୀ, ପ୍ରବୀଣ ମାର୍କ୍ସବାଦୀ ପ୍ରବକ୍ତା, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ପୂର୍ବତନ ମହାସଚିବ ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ ପରଲୋକ।

## ଚିରନ୍ତନୀ

ଅସଲ ସତଟି ଘୋଡ଼ାଇବା ପାଇଁ
ଭାଷାର ଚାତୁରୀ ଛଳନା କଥା
ବାକି ଅଛି ସେ କି, ବୁଝିବାକୁ ତାକୁ
ବେକ ପରେ ଯା'ର ରହିଛି ମଥା
(ପ୍ରେମର ଅର୍ଥ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 4 | | 2 | 7 | | |
| 4 | | | | | 7 | 5 | | |
| | | | 6 | 8 | | | | 3 |
| | | 8 | | | 1 | 3 | | 9 |
| 2 | 9 | | | | | | | 8 |
| | | 5 | 2 | | | | | |
| | 6 | | | | | | | |
| 1 | 2 | | 3 | | 9 | | 7 | |
| | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 3 | 8 | 2 | 1 | 4 | 6 |
| 6 | 2 | 4 | 5 | 9 | 1 | 8 | 7 | 3 |
| 1 | 3 | 8 | 4 | 7 | 6 | 2 | 5 | 9 |
| 5 | 1 | 3 | 9 | 4 | 8 | 7 | 6 | 2 |
| 4 | 6 | 2 | 7 | 1 | 3 | 5 | 9 | 8 |
| 9 | 8 | 7 | 6 | 2 | 5 | 4 | 3 | 1 |
| 3 | 9 | 1 | 2 | 5 | 7 | 6 | 8 | 4 |
| 2 | 4 | 5 | 8 | 6 | 9 | 3 | 1 | 7 |
| 8 | 7 | 6 | 1 | 3 | 4 | 9 | 2 | 5 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ

ମହାଶୟ,

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଆଠ ବର୍ଷ ପୂରିଗଲାଣି। ଏବେ ମଧ୍ୟ ଆମେ ଓଡ଼ିଆ ଭାଷାକୁ ଶୁଦ୍ଧ ଭାବେ ବ୍ୟବହାର କରିପାରିଲୁ ନାହିଁ। ବହୁ ଲେଖକ, ସାହିତ୍ୟିକ, ଶିକ୍ଷାବିତ୍, ପ୍ରବଚକ, ବ୍ୟାଖ୍ୟାକାର ଓ ଗଣମାଧ୍ୟମ ପ୍ରତିନିଧି ଅଶୁଦ୍ଧ ଶବ୍ଦ ପ୍ରୟୋଗ କରୁଥିବାର ଲକ୍ଷ୍ୟ କରାଯାଉଛି। ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନ ଲାଗିଲା ପରି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ବିଦ୍ୱାନ୍‌ମାନେ ବ୍ୟବହାର କରୁଥିବା ଏହି ଅଶୁଦ୍ଧ ଶବ୍ଦଗୁଡ଼ିକୁ ସାଧାରଣ ଲୋକ ଶୁଦ୍ଧ ଭାବରେ ଗ୍ରହଣ କରି ନେବାର ଆଶଙ୍କା ରହିଛି। ଏଣୁ ସମସ୍ତେ ଶୁଦ୍ଧ ଶବ୍ଦର ପ୍ରୟୋଗ ଉପରେ ସଚେତନ ରହିବା ଉଚିତ।

**- ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ସାନୁଜିତ୍



@ପୁରୁଷୋତ୍ତମ



@ପ୍ରିୟଙ୍କା



@ଗାୟତ୍ରୀ



@ସ୍ୱପ୍ନାରାଣୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ପ୍ରଗତି, ସରଳତା ମୁଖ୍ୟମନ୍ତ୍ରୀଙ୍କ ପୁଞ୍ଜି

## 'ନବୀନ@୨୫: ପର୍ସପେକ୍ଟିଭ୍ସ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଦୀର୍ଘ ୨୫ ବର୍ଷ ଧରି ରାଜନୀତିରେ ଅବିଚଳିତ ଓ ଅଲଂଘ୍ୟ ହୋଇ ରହିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଚିନ୍ତାଧାରା ବିରଳ। ଜନତାଙ୍କ ପ୍ରିୟଭାଜନ ହୋଇ ନିରନ୍ତର ସଫଳତା ହାସଲ କରିଥିବା ମୁଖ୍ୟମନ୍ତ୍ରୀଙ୍କ ପୁଞ୍ଜି ହେଉଛି ପ୍ରଗତି ଓ ସରଳତା। ତାଙ୍କ ରାଜନୈତିକ ସ୍ଥିରତା ଉପରେ ଏବେ ଗବେଷଣା ଆରମ୍ଭ ହେଲାଣି ବୋଲି ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି। ରବିବାର ସୂଚନା ଭବନଠାରେ ପେନ୍ ଇନ୍ ବୁକ୍ସ ପ୍ରକାଶନୀ ସଂସ୍ଥା ପକ୍ଷରୁ 'ନବୀନ@୨୫: ପର୍ସ୍ପେକ୍ଟିଭ୍ସ' ପୁସ୍ତକକୁ ଉନ୍ମୋଚନ କରି ମନ୍ତ୍ରୀ ଘଡ଼େଇ ମୁଖ୍ୟମନ୍ତ୍ରୀଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରା ଓ ଜନତାଙ୍କ ପ୍ରିୟଭାଜନ ହେବାର ଧାରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଲେଖକ ତଥା ଏଫ୍ଆଇଡିଆର୍ର ଅଧ୍ୟକ୍ଷ ଚାରୁଦତ୍ତ ପାଣିଗ୍ରାହୀ କହିଲେ,




ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟ ଅତିଥିମାନେ 'ନବୀନ@୨୫: ପର୍ସପେକ୍ଟିଭ୍ସ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ବର୍ତ୍ତମାନର ରାଜନୈତିକ ପ୍ରେକ୍ଷାପଟ୍ଟରେ ନବୀନ ଜଣେ ବିରଳ ବିସ୍ମୟ। ରାଜନୀତିରେ ସ୍ଥିରତା ଅଦୃଶ୍ୟ ହେବାକୁ ବସିଥିବାବେଳେ ନିଜର ଲୋକାଭିମୁଖୀ ନୀତି ଓ ସରଳତା ପାଇଁ ୨୫ବର୍ଷ ଧରି ଅପରାଜେୟ ଭାବେ ରାଜନୀତିରେ ତିଷ୍ଠି ରହି ନବୀନ ବିଶ୍ୱରେ ଜଣେ ବିରଳ ବ୍ୟକ୍ତିତ୍ୱ ପାଲଟିଛନ୍ତି। ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ଭାସ୍କର ପରିଚ୍ଛା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ନବୀନ ପଟ୍ଟନାୟକଙ୍କ ୨୫ ବର୍ଷର ରାଜନୈତିକ ଦୃଷ୍ଟିଭଙ୍ଗୀକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖିଥିବା ୨୫ଜଣ ଲେଖକ ଏ ପୁସ୍ତକରେ ନିଜର ଆଲେଖ ରଖିଛନ୍ତି। ସେମାନେ ହେଲେ ଚିନ୍ମୟ ଜେନା, ଅରୁଣ କୁମାର ମହାନ୍ତି, ସତ୍ୟନାରାୟଣ ମିଶ୍ର, ତ୍ରୈଲୋକ୍ୟ ଜେନା, ବସନ୍ତ କୁମାର ପଣ୍ଡା, ଭାସ୍କର ପରିଚ୍ଛା, ଦୀପକ ସାମନ୍ତରାୟ, ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ବିଜୟକେତନ ମିଶ୍ର, ପ୍ରଦୀପ ବିଶ୍ୱାଳ, ତେଜେଶ୍ୱର ପଟ୍ଟନାୟକ, ଅନିଲ ଧୀର, ଚିନ୍ମୟ କୁମାର ହୋତା, ଦେବୀପ୍ରସାଦ ମିଶ୍ର, ପ୍ରଫୁଲ୍ଲ ଦାସ, ପ୍ରସନ୍ନ କୁମାର ପଣ୍ଡା, ଦାଶରଥି ଭୂୟାଁ, ଚାରୁଦତ୍ତ ପାଣିଗ୍ରାହୀ, ତପନ କୁମାର ପଣ୍ଡା, ସସ୍ମିତ ଦାଶ, ଶୋଭନ କର, ଅବଶ ପରିଡ଼ା, ପ୍ରଦୀପ କୁମାର ପଣ୍ଡା ଓ ଯତୀନ୍ଦ୍ର କୁମାର ନାୟକ। ଏହି ଅବସରରେ ସମସ୍ତ ଲେଖକଙ୍କୁ ପେନ୍ ଇନ ବୁକ୍ସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ଉତ୍ସବ ପରିଚାଳନା କରିଥିଲେ।

## ଷ୍ଟେଟ୍ ଡେଣ୍ଟାଲ କାଉନ୍ସିଲ୍ ପୁନଃଗଠିତ

# ଏସ୍ସିବିର ଡା. ଆଶିଷ ବାରିକ ନୂତନ ସଭାପତି

କଟକ ଅଫିସ,୧୯।୩: ବହୁ ବର୍ଷ ପରେ ଷ୍ଟେଟ୍ ଡେଣ୍ଟାଲ କାଉନ୍ସିଲ୍ ପୁନଃଗଠିତ ହୋଇଛି। ରାଜ୍ୟ ସରକାରଙ୍କ ସହାୟତାରେ ଅତିରିକ୍ତ ଡିଏମ୍ଇଟି ପ୍ରଫେସର ଡା. ଉମାକାନ୍ତ ଶତପଥୀ ଓ ଭାରପ୍ରାପ୍ତ ରେଜିଷ୍ଟ୍ରାର ଡା. ସୁବାସ ଚନ୍ଦ୍ର ରାଜ ନୂତନ ସଦସ୍ୟ ଓ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଶେଷ କରିଛନ୍ତି। ନୂତନ କାଉନ୍ସିଲ୍ରେ ସଭାପତି ଭାବେ ଏସ୍ସିବି



ଦନ୍ତ ଚିକିତ୍ସା ମହାବିଦ୍ୟାଳୟର ବରିଷ୍ଠ ସହକାରୀ ପ୍ରଫେସର ଡା. ଆଶିଷ କୁମାର ବାରିକଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ଡ. ରାଧା ପ୍ରସନ୍ନ ଦଳାଇ, ସଚିବ ତଥା ରେଜିଷ୍ଟ୍ରାର ଭାବେ ଡା. ସୁବାସ ଚନ୍ଦ୍ର ରାଜ ଏବଂ ସଦସ୍ୟ ଭାବେ ଡିଏମ୍ଇଟିଙ୍କ ସମେତ ବିଭିନ୍ନ ଦନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବରିଷ୍ଠ ଦନ୍ତରୋଗ ବିଶେଷଜ୍ଞଙ୍କୁ ସାମିଲ କରାଯାଇଥିବା ଜଣାପଡିଛି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'ଗୁରୁ ପଙ୍କଜ ଉତ୍ସବ'ର ରବିବାର ଶେଷ ସନ୍ଧ୍ୟାରେ ମୋହିନୀ ଆଟ୍ଟମ୍ ନୃତ୍ୟାଙ୍ଗନା ଗୋପିକା ବର୍ମାଙ୍କୁ 'ମାହାରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି।

# ଗୋପିକା ବର୍ମା ପାଇଲେ 'ମାହାରୀ ସମ୍ମାନ'

## ଗୁରୁ ପଙ୍କଜ ଉତ୍ସବ ଉଦ୍ଯାପିତ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ପ୍ରତିଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ୩ଦିନ ଧରି ଚାଲିଥିବା 'ଗୁରୁ ପଙ୍କଜ ଉତ୍ସବ' ରବିବାର ଶେଷ ହୋଇଛି। ଉଦ୍ଯାପନୀ ସନ୍ଧ୍ୟାରେ ମୋହିନୀ ଆଟ୍ଟମ୍ ନୃତ୍ୟାଙ୍ଗନା ଗୋପିକା ବର୍ମାଙ୍କୁ ଚଳିତ ବର୍ଷର 'ମାହାରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥି ଭାବେ ଏସ୍ବିଆଇର ମହାପ୍ରବନ୍ଧକ ଉତ୍ତମ ହାଜରା ଚୌଧୁରୀ ଓ ସଂସ୍କୃତି ପୃଷ୍ଠପୋଷକ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ଦାସ ସ୍ୱାଗତ ଭାଷଣ ଓ ସଭାପତି ବଟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ନୃତ୍ୟାଙ୍ଗନା ବର୍ମାଙ୍କ ସତ୍ୟାଭାମା ନୃତ୍ୟାଭିନୟରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଶିଳ୍ପୀ ଶୁଭ୍ରା ମାଇଟି ଘୋଷ ଶୁଦ୍ଧ ନୃତ୍ୟ ପଲ୍ଲବୀ ଉପସ୍ଥାପନ କରିଥିଲେ। ଓଡ଼ିଶୀ ନୃତ୍ୟରେ ଶିଳ୍ପୀ ପୂଜା କାଲେଙ୍କର ଶଙ୍କରାଭରଣ ପଲ୍ଲବୀ ଓ ଅଭିନୟରେ ଲୀଳାନିଧି ହେ..ବେଶ ମନଛୁଆଁ ଥିଲା। ଶିଳ୍ପୀ ଡ. ଶୁଭଶ୍ରୀ ପଟ୍ଟନାୟକଙ୍କ ପରିବେଷିତ ଅଭିନୟ ଶ୍ୟାମହେ ସତ କୁହ.. ଭାବ ଓ ଆବେଗକୁ ପରଷି ଦେଇଥିଲା। ଶିଳ୍ପୀ ସୋନାଲି ମହାନ୍ତିଙ୍କ ରାଗଶ୍ରୀ ପଲ୍ଲବୀ ସନ୍ଧ୍ୟାର ଅନ୍ତିମ କାର୍ଯ୍ୟକ୍ରମ ଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ସୁହାଗ ନଳିନୀ ଦାସ ଓ ବିନୋଦିନୀ ଦାସ, ଚିରାଗ ଚିରଞ୍ଜିବୀ ଓ ସିଦ୍ଧାନ୍ତ ଦାସ ପରିଚାଳନାରେ ସହାୟତା କରିଥିଲେ।

# ଡା. ଆଶୁତୋଷ ମହାପାତ୍ରଙ୍କୁ 'ମୋଷ୍ଟ ଇନ୍ଫ୍ଲୁଏନ୍ସନାଲ ପର୍ସନ' ସମ୍ମାନ

ଭୁବନେଶ୍ୱର,୧୯।୩(ବ୍ୟୁରୋ)– ପେଟ ଓ ଲିଭର ରୋଗ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖୀୟ ଅବଦାନ ଲାଗି ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟ ଡା. ଆଶୁତୋଷ ମହାପାତ୍ରଙ୍କୁ 'ମୋଷ୍ଟ ଇନ୍ଫ୍ଲୁଏନ୍ସନାଲ ପର୍ସନ' ସମ୍ମାନ ମିଳିଛି। ଇକୋନୋମିକ୍ସ ଟାଇମ୍ସ ପକ୍ଷରୁ କୋଲକାତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଡା. ମହାପାତ୍ର ଭୁବନେଶ୍ୱର ଶହୀଦନଗରସ୍ଥିତ ସାଇ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର୍ ସାଇନ୍ସର ପ୍ରତିଷ୍ଠାତା। ଏଠାରେ ଜୁମ୍ କଲୋନୋସ୍କୋପ୍, ଏଣ୍ଡୋସାଇଟୋସ୍କୋପ୍ଭଳିଅତ୍ୟାଧୁନିକଉପକରଣରହିଛି। ପେଟ ଓ ଲିଭରଜନିତ ରୋଗ ଚିକିତ୍ସାରେ ଏହି ଅନୁଷ୍ଠାନ ପୂର୍ବ ଭାରତରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ଡା. ମହାପାତ୍ର ଜାପାନର ଟୋକିଓସ୍ଥିତ ନ୍ୟାଶନାଲ କ୍ୟାନ୍ସର ଇନ୍ଷ୍ଟିଚ୍ୟୁଟ୍ ଏବଂ ଓସାକା ଇଣ୍ଟରନ୍ୟାଶନାଲ କ୍ୟାନ୍ସର ଇନ୍ଷ୍ଟିଚ୍ୟୁଟ୍ରୁ ପ୍ରଶିକ୍ଷଣ ନେଇଛନ୍ତି।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲୁସି/ଆରଓ ପିଏଟି/ଇଏନ୍ଜିଜି/ପିଏନ୍/୨୦୨୨-୨୩

**ପ୍ରେସ୍ ବିଜ୍ଞପ୍ତି**
(ଇ ଏନ୍ଆଇଟି_ଆରଓ-ପିଏଟି/ଇଏନ୍ଜିଜି/୨୨-୨୩/୧୬)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ବଳଜିତପଡ଼ା (ଓଡ଼ିଶା)ଠାରେ ଆଭ୍ୟନ୍ତରୀଣ ସଡ଼କରେ ଖାଲଖମାଗୁଡ଼ିକର ମରାମତି ସହିତ ଅଫିସ୍ ବ୍ଲକ୍ର ପୁନଃ ନିର୍ମାଣ । | ୩୫.୭୬ | ୨୭।୦୩।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍ସାଇଟ୍ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**

**OFFICE OF THE SUPERINTENDING ENGINEER, MAIN DAM DIVISION, BURLA**
AT/PO – BURLA, DIST.- SAMBALPUR (ODISHA) 768017
Email Id : semaindamdivn@gmail.com
No.MDD/ 3321 /Dated : 16.03.2023

**QUOTATION CALL NOTICE No. MDD-13 /2022-23 Dated:**

No.A-1279:- Sealed Quotations are invited from interested reputed Travel agencies/ Tour operators/ Private individuals having valid GST and GeM registration number, Income Tax clearance certificate, PAN Card etc. for providing one number of Non- AC/AC diesel driven vehicle or BS-IV compliant (Petrol / Diesel) vehicle (TUV 300 / Bolero / Sumo Gold / Ertiga) having seating capacity not more than Seven including Driver (which shall confirm to the terms & conditions of the quotation call notice) for official use of the **Asst. Executive Engineer, Revenue Collection Sub-Division, Burla** for inspection of the official work on monthly rent basis.

Sd./- Superintending Engineer,
Main Dam Division, Burla
OIPR-32017/11/0007/2223

# ଚାଷୀଙ୍କ ପାଇଁ ଲାଭଦାୟକ ହେବ 'ଆର୍କା ନୀଳାଚଳ କେଶରୀ' ଆମ୍ବ

## କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ପକ୍ଷରୁ କ୍ଷେତ୍ର ଦିବସ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)




କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ଆଇଗିଣିଆ (ଆଇସିଏଆର୍-ଆଇଆଇଏଚ୍ଆର୍) ପକ୍ଷରୁ 'ଆର୍କା ନୀଳାଚଳ କେଶରୀ: ଏକ ଅତିରିକ୍ତ ଶୀଘ୍ର ଉତ୍ପାଦିତ ହେଉଥିବା ଆମ୍ବ' ଉପରେ କ୍ଷେତ୍ର ଦିବସ ଆୟୋଜିତ ହୋଇଯାଇଛି। ଏହି ଆମ୍ବ ଓଡ଼ିଶାର ଆମ୍ବଚାଷୀଙ୍କ ଲାଭ ବୃଦ୍ଧିରେ ଅଧିକ ସହାୟକ ହେବ। ତାଲିମ କାର୍ଯ୍ୟକ୍ରମରେ ନୟାଗଡ଼, କଟକ, ପୁରୀ, କେନ୍ଦ୍ରାପଡା, ଖୋର୍ଦ୍ଧା ଆଦି ଜିଲାରୁ ବୈଜ୍ଞାନିକ, କୃଷି ଉଦ୍ୟୋଗୀ ଓ ଆମ୍ବଚାଷୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷଣ କେନ୍ଦ୍ର ମୁଖ୍ୟ ଡ. ପି. ଶ୍ରୀନିବାସ ଯୋଗଦେଇ କହିଲେ, ମାର୍ଚ୍ଚ ଶେଷରୁ ଏପ୍ରିଲ ମଧ୍ୟରେ ଏହି ଆମ୍ବ ବଜାରରେ ଉଚ୍ଚ ମୂଲ୍ୟରେ ବିକ୍ରି ହୋଇଥାଏ। ତେଣୁ ଏହା ଚାଷୀମାନଙ୍କ ଆୟ ବୃଦ୍ଧିରେ ସହାୟ ହୋଇପାରିବ। ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଡିନ୍ ପ୍ରଫେସର ଡି.କେ ଦାଶ ଯୋଗଦେଇ, କୃଷକମାନଙ୍କୁ ଉଚ୍ଚ ବଜାର ମୂଲ୍ୟ ହେତୁ ଆୟ ବୃଦ୍ଧି ପାଇଁ ଏହି ଆମ୍ବ କିସମ ଉତ୍ପାଦନ କରିବାକୁ ଆହ୍ୱାନ କରିଥିଲେ। ସେହିପରି କୃଷକମାନଙ୍କୁ ଆମ୍ବ ବିବିଧତା ଉପରେ ଗୁରୁତ୍ୱ ଦେବା ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ସୁକାନ୍ତ କୁମାର ସୁବୁଦ୍ଧି ପରାମର୍ଶ ଦେଇଥିଲେ। ଏଥିସହ ରାଜ୍ୟରେ ଆମ୍ବ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ଯୋଜନାଗୁଡିକ ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇ.ସି.ଆର. ନୂଆଦିଲ୍ଲୀର ଡ. ଭି. ପାଣ୍ଡେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୃଷକଙ୍କ ଆୟ ବୃଦ୍ଧିରେ ଆର୍କା ନୀଳାଚଳ କେଶରୀ ସହାୟକ ହେବ ବୋଲି ଆଶା କରିଥିଲେ। ସେହିପରି ପରୀକ୍ଷଣ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. କୁନ୍ଦନ କିଶୋର ଅତିରିକ୍ତ ଆମ୍ବ ଏବଂ ଏହାର ବିଭିନ୍ନ ପ୍ରକାରର ଅର୍ଥନୀତି ସହିତ ଉତ୍ପାଦନର ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରିଥିଲେ। କାନୋପି, ଜଳ ଓ ପୁଷ୍ଟିକର ଖାଦ୍ୟ ପରିଚାଳନା, କୀଟନାଶକ ଓ ରୋଗ ପରିଚାଳନା ସହ ଅମଳ ପରବର୍ତ୍ତୀ ଦିଗ ଯଥା ଧୋଇବା, ଗ୍ରେଡିଂ, ଗରମ ଜଳର ଚିକିତ୍ସା, ଇଥିଲିନ୍ ଗ୍ୟାସ୍ ମଧ୍ୟସ୍ଥୀକରଣ ଓ ପ୍ୟାକେଜିଂ ଆଦିର ପ୍ରଦର୍ଶନ କରାଯାଇଥିଲା। ଆଇଆଇଏଚ୍ଆର୍ ବେଙ୍ଗାଲୁରୁର ଡ. ଆର.ବି. ତିୱାରୀ ଆମ୍ବ ମୂଲ୍ୟବୋଧ ଉପରେ କହିଥିବାବେଳେ ସିଏଚ୍ଇଏସ୍ର ବରିଷ୍ଠ ବୈଜ୍ଞାନିକ ଡ. ଦୀପାସାମନ୍ତ ଆମ୍ବରେ ଜଳ ପରିଚାଳନା ଉପରେ କହିଥିଲେ। ସେହିପରି ଡ. ପି. ଶ୍ରୀନିବାସ କୀଟନାଶକ ଏବଂ ରୋଗ ପରିଚାଳନା ଦିଗ ଉପରେ ଅଂଶଗ୍ରହଣକାରୀ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆର୍କା ନୀଳାଚଳ କେଶରୀ ଆମ୍ବ ଗ୍ରହଣ ଓ ସଂସ୍କୃତି ଦିଗରେ ସେମାନଙ୍କର ଅବଦାନ ଲାଗି ଜାତୀୟ ପୁରସ୍କାରପ୍ରାପ୍ତ ପ୍ରମୋଦ କୁମାର ପଣ୍ଡା ଓ ଚନ୍ଦନ କୁମାର ଖୁଣ୍ଟିଆଙ୍କୁ ସମ୍ମାନିତ କରାଯାଇଥିଲା।

**MANAGING TRUSTEE
SRI SRI GORAKHANATH MAHAPRABHU
MANDIR TRUST BOARD**
AT: KEREKERA, P.O.: RAHADINGA, P.S.: TIRTOL
DIST.: JAGATSINGHPUR, PIN: 754104, INDEX NO. 572 GC
Letter No.34 Date: 18.03.2023

**ଟେଣ୍ଡର ନୋଟିସ**

**ଶ୍ରୀ ଶ୍ରୀ ଗୋରେଖନାଥ ମହାପ୍ରଭୁ ଟ୍ରଷ୍ଟ ବୋର୍ଡ
ସା.- କେରେକେରା, ପୋ.ଅ.- ରାହାଡିଙ୍ଗା, ଥାନା- ତିର୍ତ୍ତୋଲ, ଜି.- ଜଗତ୍ସିଂହପୁର**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ୨୦୨୩-୨୪ ମସିହା ତା୦୧।୦୪।୨୦୨୩ରିଖଠାରୁ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରେଖନାଥ ମହାପ୍ରଭୁ ଟ୍ରଷ୍ଟ ବୋର୍ଡର ଭୋଗ ଦୋକାନ, ଦୀପ ଦୋକାନ, ଯାଁବାଳ ଦୋକାନ, ଫୁଲ ଦୋକାନ ଓ ସୁଲଭ ଶୌଚାଳୟ ପାଇଁ ତା୨୮।୦୩।୨୦୨୩ରିଖ ଦିନ ଅପରାହ୍ନ ଦିବା ୨ ଘଟିକା ସମୟରେ ମାନ୍ୟବର ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବ।

ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କିତ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ୧୫୦୦/-ଙ୍କା ମୂଲ୍ୟରେ ତା୨୬।୦୩।୨୦୨୩ରିଖଠାରୁ ତା୨୭।୦୩।୨୦୨୩ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ପାଇପାରିବେ।

ଟେଣ୍ଡର ଫର୍ମ ସହିତ ମନ୍ଦିର କାର୍ଯ୍ୟାଳୟରୁ ପାଇଥିବା ରସିଦ ଏବଂ ମନ୍ଦିର ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ ନଂ. SBI, Samapur, Jagatsinghpur, A/c No. 30252661878, IOB, Saharahat, Mulisingh, A/c No. 347801000002220 ଆକାଉଣ୍ଟରେ ଅମାନତ ଟଙ୍କା ଜମା କରି ବା ନଗଦ ଟଙ୍କାର ପ୍ରମାଣପତ୍ର ସହିତ ତା୨୮।୦୩।୨୦୨୩ରିଖ ଦିବା ୨ ଘଟିକା ମଧ୍ୟରେ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପରେ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଟେଣ୍ଡର ପକାଇ ପାରିବେ। ତା୨୮।୦୩।୨୦୨୩ରିଖ ଦିବା ୨ଘ. ୩୦ ମିନିଟ ସମୟରେ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରେଖନାଥ ମହାପ୍ରଭୁ ଟ୍ରଷ୍ଟ ବୋର୍ଡ
ଛପଡ଼ା, କେରେକେରା, ଜଗତ୍ସିଂହପୁର

GOVERNMENT OF ODISHA
**DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
HIRAKUD HEAD WORKS & ADDITIONAL SPILLWAY, BURLA**
E-Mail Id.- se.hdc@rediffmail.com
E-Procurement notice no.-HHW & ASC-05/2022-23
Bid Identification No.HHW & ASC-05 (1 of 2) /2022-23& HHW & ASC-05 (2 of 2) /2022-23

**TENDER NOTICE**

No.A-1282:- Bids in online invited under double cover system from reputed and experienced Service provider agency for engagement of different categories of personnel on outsourcing basis for operation and maintenance of Hirakud system under Superintending Engineer, Main Dam Division, Burla &Superintending Engineer, Additional Spillway Mechanical Division, Burla for the year 2023-24. The details of the bidding process are asfollows:

| Sl. No. | Bidding Schedule | Deadline |
|---|---|---|
| 1 | Total No. of works | 2 (Two) nos. |
| 2 | Date and time of availability of bid document in the portal | 23.03.2023 at 11.00 A.M. to 10.04.2023 5.30 P.M. |
| 3 | Last date / time for receipt of bids in the portal | 10.04.2023 at 05.30 P.M. |
| 4 | Date of opening of Technical Bid (Cover-I) | 11.04.2023 at 12.00 Noon |
| 5 | Date of opening of Financial Bid (Cover -II) | To be intimated later |
| 6 | Name and Address of the officer inviting Bid | Additional Chief Engineer, Hirakud Head Works & Additional Spillway, Burla |

1. Any addendum/corrigendum/ cancellation/ erratum of tender can also be seen in the said Website.
2. The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website www.tenderodisha.gov.in

Sd./- ADDITIONAL CHIEF ENGINEER,
HIRAKUD HEAD WORKS & ADDITIONAL SPILLWAY, BURLA
OIPR-32494/11/0003/2223

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱ ପଖାଳ ଦିବସ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର, ସକାଳ ୯ଟା।
- ବିଶ୍ୱ ପଖାଳ ଦିବସ, ପାନ୍ଥନିବାସ, ସମୟ ପୂର୍ବାହ୍ନ ୧୧.୩୦ ମିନିଟ୍
- ଏଆଇଟିୟୁସି ସହ ଅନୁବନ୍ଧିତ ଗୋଷ୍ଠୀ ପରିଚାଳନା ସଂଘ ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ମୋ ଜୀବନ ମୋ ସାହିତ୍ୟ ଆଲୋଚନାଚକ୍ର, ପ୍ଲଟ୍ ନଂ.୯, ମାଷ୍ଟରକ୍ୟାଣ୍ଟିନ ଛକ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟନୀ, ଏକାମ୍ର ବଜାର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- କଳା ପରିଷଦ ପକ୍ଷରୁ ଗୀତିନାଟ୍ୟ 'ସମର ତରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ଗଙ୍ଗୁଆ ପାଇଁ ପ୍ରଦୂଷିତ ହେଉଛି ଦୟା

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)



ଆଲୋଚନାଚକ୍ରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ।

- ପ୍ରଦୂଷଣମୁକ୍ତ ଦୟା ପାଇଁ ହେବ ଜନଆନ୍ଦୋଳନ
- 'ଗନ୍ଧବତୀ' ପୁନଃ ନାମକରଣ କରିବାକୁ ଦାବି

କିମ୍ବଦନ୍ତୀ ଦୟାନଦୀ ଏବେ ପ୍ରଦୂଷଣରେ ଜର୍ଜରିତ। ଭୁବନେଶ୍ୱରର ସମସ୍ତ ବର୍ଜ୍ୟବସ୍ତୁ ଗଙ୍ଗୁଆ ଦ୍ୱାରା ଦୟାନଦୀରେ ମିଶି ଅତ୍ୟନ୍ତ ବିଷାକ୍ତ ହେଉଛି। ଏଥିସହ ଓଡ଼ିଶାର ଅନ୍ୟତମ ପ୍ରାକୃତିକ ଐଶ୍ୱର୍ଯ୍ୟ ଚିଲିକାକୁ ମଧ୍ୟ ପ୍ରଦୂଷିତ କରିଚାଲିଛି। ଏହି ସମ୍ବେଦନଶୀଳ ସମସ୍ୟାକୁ ନେଇ ରବିବାର 'ଦୟାନଦୀର ପ୍ରଦୂଷଣମୁକ୍ତ ଓ ସୁରକ୍ଷା' ଶୀର୍ଷକ ଏକ ଆଲୋଚନାଚକ୍ର ଦୟା ରାଉଣ୍ଡ ଟେବୁଲ ଅନୁଷ୍ଠିତ ହୋଇଯାଇଛି। ଦୟା ସୁରକ୍ଷା ଅଭିଯାନ, ମହାନଦୀ ବଞ୍ଚାଅ ଆନ୍ଦୋଳନ, ଓଡ଼ିଶା ନଦୀ ସୁରକ୍ଷା ସମିତି, ଲୋକଶକ୍ତି ଅଭିଯାନ, ନିର୍ମଳ ଦୟା, ସଂଯୁକ୍ତ କୃଷକ ମଞ୍ଚ, ପିପିଲି ସାଂସ୍କୃତିକ ପରିଷଦ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ପକ୍ଷରୁ ଲୋହିଆ ଏକାଡେମୀଠାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଦୟାନଦୀ ଜଳ ପ୍ରଦୂଷଣ ଓ ଜବରଦଖଲକୁ ରୋକିବା ନିମନ୍ତେ ଏକ ଷ୍ଟିୟରିଂ କମିଟି ଗଠନ କରିବା, ଆଲୋଚନାଚକ୍ରରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ବ୍ୟାପକ ଆନ୍ଦୋଳନ, ଧାରଣା, ଧର୍ମଘଟ, ଆଇନଗତ ଲଢେଇ କରାଯିବା, ପ୍ରଦୂଷିତ ଗଙ୍ଗୁଆ ନାଳ ପାଇଁ ସମସ୍ୟା ହେଉଥିବାରୁ ଏହାର ସମାଧାନ କରିବା ତଥା ଗଙ୍ଗୁଆ ନାଳ ପରିବର୍ତ୍ତେ ନଦୀର ପୁନଃନାମକରଣ 'ଗନ୍ଧବତୀ' କରିବା ପାଇଁ ଦାବି କରାଯାଇଥିଲା। ଭୁବନେଶ୍ୱର ସହର ଦେଇ ଗନ୍ଧବତୀ ନଦୀ ବା ଗଙ୍ଗୁଆ ନାଳ ବହିଯାଇଛି। ଏହି ନାଳର ୨୨ଟି ଜଳଉତ୍ସ ସହରର ସମସ୍ତ ବର୍ଜ୍ୟବସ୍ତୁକୁ ପ୍ରଦୂଷିତ ଜଳ ମାଧ୍ୟମରେ ନେଇ ୧୦ଟି ବଡ଼ ଡ୍ରେନରେ ଦୟାନଦୀରେ ମିଶି ପ୍ରଦୂଷଣ ସୃଷ୍ଟି କରୁଛି। ପୂର୍ବରୁ ଦୟାନଦୀ ଜଳକୁ ପାନୀୟ ଜଳ ଭାବେ ପ୍ରାୟ ୧୦ଟି ବ୍ଲକର ଲୋକେ ବ୍ୟବହାର କରୁଥିଲେ। ମାତ୍ର ଏବେ ଏହି ପ୍ରଦୂଷିତ ଜଳ ସର୍ବନିମ୍ନ ବ୍ୟବହାର ଉପଯୋଗୀ ମଧ୍ୟ ହୋଇପାରୁନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏ ସମ୍ପର୍କରେ ରାଜ୍ୟ ସରକାର ଅବଗତ ଥାଇ ମଧ୍ୟ ଏହି ପ୍ରଦୂଷିତ ଜଳକୁ ପାଇପ ଓ ଟ୍ୟାଙ୍କର ଯୋଗେ ଅବିଭକ୍ତ ପୁରୀ ଜିଲାର ପିପିଲି, ଡେଲାଙ୍ଗ, କଣାସ ଓ ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ, ଟାଙ୍ଗୀ, ଚାନ୍ଦପୁର, ନୟାଗଡ଼ ଜିଲାର କନ୍ଧ ନୟାଗଡ଼ ଆଦି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯାଉଛି। ଏହି ପାଣିକୁ ବ୍ୟବହାର କରୁଥିବା ଲୋକମାନଙ୍କର ଜଣ୍ଡିସ, ବିଭିନ୍ନ ସଂକ୍ରମିତ ପେଟରୋଗ ଏବଂ ଚର୍ମରୋଗ ହେଉଛି। ଅପରପକ୍ଷେ କୃଷି, ପଶୁପାଳନ, ମାଛ ଉତ୍ପାଦନ ସମ୍ପୂର୍ଣ୍ଣ ବ୍ୟାହତ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅଭିଯାନର ଆବାହକ ସଚିକାନ୍ତ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସମାଜବାଦୀ ପାର୍ଟିର ସମ୍ପାଦକ ସୁଦର୍ଶନ ପ୍ରଧାନ, ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ସାମ୍ବିଧାନିକ ମୂଲ୍ୟବୋଧ' ପୁସ୍ତକ ଲୋକାର୍ପିତ ହୋଇଥିଲା।

# ରାଜଧାନୀରେ ପୁଣି ବୋମାମାଡ଼

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ରାଜଧାନୀରେ ପୁଣି ବୋମାମାଡ଼ ହୋଇଛି। ଶନିବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଷ୍ଟେଶନ ବଜାର ପ୍ରଧାନ ସାହିରେ ଏହି ଘଟଣା ଘଟିଛି। ତେବେ ଏଥିରେ କାହାର କୌଣସି କ୍ଷତି ହୋଇନାହିଁ। ରାତି ପ୍ରାୟ ୧୨ଟା ୩୦ରେ ବୋମାମାଡ଼ର ଶବ୍ଦ ଶୁଣି ସ୍ଥାନୀୟ ଲୋକ ନିଦରୁ ଉଠି ପଡ଼ିଥିଲେ। ହେଲେ ଘଟଣାସ୍ଥଳରେ କେହି ନ ଥିବାରୁ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ରାସ୍ତାରେ ବୋମାର କିଛି ଅଂଶ ପଡ଼ିଥିଲା। କିଏ ଏହି ବୋମା ପକାଇଲେ କେହି କହିପାରି ନ ଥିଲେ। ଏହି ଘଟଣା ସଂକ୍ରାନ୍ତରେ ରବିବାର ସ୍ଥାନୀୟ ଲୋକଙ୍କୁ ପୋଲିସ ପଚରାଉଚରା କରି ବୟାନ ରେକର୍ଡ କରିଥିଲା। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି, ଉକ୍ତ ସାହିର ଏସ୍. ଚେଲପତିଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୧୯/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ବୋମାମାଡ଼ କିଏ କରିଛନ୍ତି ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଥିବା ସେ କହିଛନ୍ତି।

ଶନିବାର ରାତିରେ ମଧ୍ୟ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ଅଞ୍ଚଳସ୍ଥିତ ଶ୍ରୀ ଜୁଏଲର୍ସ ଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ ମାଲିକ ରମାକାନ୍ତ ମହାରଣା ଆହତ ହୋଇ ଚିକିତ୍ସିତ ହେଉଥିଲେ ମଧ୍ୟ ଅଭିଯୁକ୍ତମାନେ ଧରାପଡ଼ିନାହାନ୍ତି।

# ନାବାଳିକାଙ୍କୁ ଅସଦାଚରଣ, ରଙ୍ଗମିସ୍ତ୍ରି ଗିରଫ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ବିବାହ କରିବାକୁ ମନା କରିବାରୁ ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ଅସଦାଚରଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସଂପୃକ୍ତ ରଙ୍ଗମିସ୍ତ୍ରିଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲାର ସତ୍ୟବ୍ରତ ବେହେରା। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣକ ପୂର୍ବରୁ ନାବାଳିକାଙ୍କ ଘରେ ରଙ୍ଗମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅପରାହ୍ନରେ ନାବାଳିକା ଘରେ ଏକୁଟିଆ ଥିବା ଦେଖି ଅଭିଯୁକ୍ତ ଜଣକ ତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ହେଲେ ନାବାଳିକା ମନା କରିବାରୁ ଅଭିଯୁକ୍ତ ତାଙ୍କୁ ନାନାପ୍ରକାର ଧମକ ଦେବା ସହିତ ଅସଦାଚରଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ପଡୋଶୀ ତାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ କାବୁକରି ପୋଲିସ ଜିମାରେ ଦେଇଥିଲେ।

## ସଂକ୍ଷେପରେ

### ନଦୀକୂଳରୁ ଅଖାରୁ ମିଳିଲା ମହିଳାଙ୍କ ମୃତଦେହ, ହତ୍ୟା ସନ୍ଦେହ

ସାକ୍ଷୀଗୋପାଳ,୧୯।୩(ସ୍ୱ.ପ୍ର./ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଚିଲପାଟଣା ଗ୍ରାମ ନିକଟ ଭାର୍ଗବୀ ନଦୀକୂଳରୁ ରବିବାର ଏକ ଅଖାରେ ବନ୍ଧାହୋଇ ପଡ଼ିଥିବା ଜଣେ ମହିଳାଙ୍କ ମୃତଦେହ ସତ୍ୟବାଦୀ ପୋଲିସ ଜବତ କରିଛି। ଅଖାରୁ ମହିଳାଙ୍କ ହାତ ବାହାରକୁ ବାହାରିଥିବାବେଳେ ହାତରେ ନାଲିଶଙ୍ଖା ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଉକ୍ତ ମହିଳାଙ୍କ ପରିଚୟ ମିଳି ନ ଥିବାବେଳେ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩) ରୁଜୁକରି ତଦନ୍ତ ଚଳାଇଛି। ଜନୈକ ବ୍ୟକ୍ତି ଶୌଚ ହେବାକୁ ନଦୀକୂଳକୁ ଯାଇଥିଲେ। ସେଠାରେ ହାତ ବାହାରିଥିବା ଅଖା ଦେଖି ଭୟଭୀତ ହୋଇଯାଇଥିଲେ। ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ।

### ୨୨ କେଜି ଗଞ୍ଜେଇ, ଅଟୋ ଜବତ: ୩ ବେପାରୀ ଗିରଫ

ଝାଁଳା,୧୯।୩(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ରବିବାର ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଥାନା ଜୟରାମପୁର ଗ୍ରାମର ନରେନ୍ଦ୍ର ମଲ୍ଲିକ ଓରଫ ଜୋଗିଆ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦିବ୍ୟରଞ୍ଜନ ମୁଦୁଲି ଓରଫ କୁଲୁ ଏବଂ ସାମନ୍ତରାପୁର ଅଞ୍ଚଳର ସୁଶୀଲ ସେଠୀ। ଏମାନଙ୍କ ନିକଟରୁ ୨୨କେଜି ଗଞ୍ଜେଇ, ଏକ ଅଟୋ, ମୋବାଇଲ ଫୋନ ଏବଂ ୮୨୦ଟଙ୍କା ଜବତ କରାଯାଇଛି। ସୂଚନା ମୁତାବକ, ଇନ୍‌ଫୋଭ୍ୟାଲି ଥାନାର ଏକ ପାଟ୍ରୋଲିଂ ଟିମ୍ କୌଣସି ସୂତ୍ରରୁ ଖବରପାଇ ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ଅତର୍କିତ ଭାବେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏମାନଙ୍କ ନିକଟରୁ ପୋଲିସ ଗଞ୍ଜେଇ ସହ ଅଟୋ(ଓଡି ୦୨ଏ ଏସ୍ ୯୯୦୮)ଜବତ କରିଥିଲା। ଏହି ଗଞ୍ଜେଇ ଖୋର୍ଦ୍ଧା ଅଞ୍ଚଳରୁ ସଂଗ୍ରହ କରି ବିକ୍ରି ପାଇଁ ଭୁବନେଶ୍ୱରକୁ ଚାଲାଣ କରୁଥିବା ପଚରାଉଚୁରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ଏହା ପରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ଝାରସୁଗୁଡା ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ମରଶରୀରକୁ ରବିବାର ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଉଛି।

# ବାର୍, ହୋଟେଲ୍, କ୍ଲବରେ ପୋଲିସର ରାତିଅଧିଆ ଯାଞ୍ଚ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

**ମାଡ଼ ଭିଡିଓ ଭାଇରାଲ ପରେ ଚେତା ପଶିଲା**

ଧଉଳି ଥାନା ଅଞ୍ଚଳରେ ଶନିବାର ଏକ ବାର୍‌ର କେତେଜଣ କର୍ମଚାରୀ ୨ଜଣ ଯୁବକଙ୍କୁ ଏକ ଘରେ ତାଲା ପକାଇ ମାଡ ମାରିବାର ଭିଡିଓ ଭାଇରାଲ ହେବା ପରେ କମିଶନରେଟ ପୋଲିସର ନିଦ ଭାଙ୍ଗିଛି। କାଳେ କୌଣସି ଡ୍ୟାନ୍ସ ବାର୍, କ୍ଲବ୍ ଓ ହୋଟେଲରେ ଏମିତି ଆପରାଧିକ କାର୍ଯ୍ୟକଳାପ ହେଉଥିବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ପୁଣି ଯାଞ୍ଚକୁ କଡାକଡି କରାଯାଇଛି। ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଖାରବେଳ ନଗର ଥାନା ଅଞ୍ଚଳରେ ବିଳମ୍ବିତ ରାତି ଯାଏ ଖୋଲା ରହିଥିବା ବାର୍, କ୍ଲବ ଓ ହୋଟେଲଗୁଡିକୁ ଯାଞ୍ଚ କରିଛି ପୋଲିସ। ସେଫ୍ ସିଟି ଡ୍ରାଇଭ୍‌କୁ ଲକ୍ଷ୍ୟ କରି ଏହି ଅଭିଯାନ କରାଯାଉଥିବା ଜଣାପଡିଛି। ଏହି ଚଢାଉରେ କମିଶନରେଟ ପୋଲିସର ଦୁଇଟି ଟିମ୍, ପିଓପିଡି ଓ ୨ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ଥିଲେ। ଯାଞ୍ଚବେଳେ ବାର, କ୍ଲବ୍ ଓ ହୋଟେଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯିବା ସହ ସଚେତନ କରାଯାଇଥିବା ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରାଜଧାନୀରେ କେତେକ ବାର୍, କ୍ଲବ ଓ ହୋଟେଲ ବିଳମ୍ବିତ ରାତି ଯାଏ ଖୋଲା ରହିବା ସହ ଅବକାରୀ ନିୟମକୁ ଉଲ୍ଲଂଘନ କରୁଥିବା ନେଇ କମିସନରେଟ ପୋଲିସ ପାଖରେ ସୂଚନା ପହଞ୍ଚିବା ପରେ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦିନରେ ଏଭଳି ଚଢାଉ କରାଯିବ ବୋଲି ଜଣାଯାଇଛି।

# ଶେଷ ଦିନରେ ଭିଡ଼ ଜମିଲା

**ବାଲକାଟୀ ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ**

ବାଲକାଟୀ,୧୯।୩(ଡି.ଏନ୍.ଏ.)




ବାଲକାଟୀ ପଞ୍ଚୁଦୋଳ ମେଳଣ ମହୋତ୍ସବ ଓ ସର୍ବଭାରତୀୟ ହସ୍ତତନ୍ତ ମେଳା ରବିବାର ଉଦ୍‌ଯାପିତ ହୋଇଛି। ଏହି ମେଳଣ ରାଜଧାନୀ ଉପକଣ୍ଠ ବାଲକାଟୀ କଲେଜ ପଡ଼ିଆଠାରେ ୧୩ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରତି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ରାଜ୍ୟର ପ୍ରତିଷ୍ଠିତ କଳାକାରମାନେ ଏଥିରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଯାହାକୁ ଦେଖିବାକୁ ଶହ ଶହ ଦର୍ଶକଙ୍କ ଭିଡ଼ ଜମିଥିଲା। ଏଥିସହ ପ୍ରଥମଥର ପାଇଁ ପଞ୍ଚାୟତ ପକ୍ଷରୁ ଏକ ସର୍ବଭାରତୀୟ ହସ୍ତତନ୍ତ ମେଳା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଶହ ଶହ ଲୋକ ମେଳା ବୁଲିବା ସହ ବିଭିନ୍ନ ସାମଗ୍ରୀ କିଣି ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋଭରି ଉପଭୋଗ କରୁଥିଲେ। ହସ୍ତତନ୍ତ ମେଳାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୬୦ଟି ଷ୍ଟଲ ପଡିଥିବାବେଳେ ମେଳଣରେ ସମୁଦାୟ କୋଟିଏ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ଆୟୋଜକ ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶାର ପ୍ରଖ୍ୟାତ କଳାକାର ଅନ୍ତରା ଚକ୍ରବର୍ତ୍ତୀ, ଜେମ୍ସ ଓ ସୁଚରିତା ମହାନ୍ତିଙ୍କ କଣ୍ଠରୁ ସଙ୍ଗୀତ ଦର୍ଶକଙ୍କୁ ବେଶ୍ ଝୁମାଇଥିଲା। ରାତି ସାଢେ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ଦର୍ଶକ ମନୋଭରି ଉପଭୋଗ କରିଥିଲେ। ପଞ୍ଚାୟତ ପକ୍ଷରୁ ଅଞ୍ଚଳର ମୁରବି, ଜୋନ- ୪ ଏସିପି ଶୁଭନାରାୟଣ ମୁଦୁଲି, ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ଫାଣ୍ଡି ଅଧିକାରୀ ମୁନତାଜ ଅଲି ଖାନ୍, ନିମାପଡ଼ା ବିଦ୍ୟୁତ୍ ଡିଭିଜନ ମ୍ୟାନେଜେର ବିଶ୍ୱରଞ୍ଜନ ବେହେରା ଓ ବାଲକାଟୀ ସେକ୍ସନ ଜେଇ ବିକାଶ ବିଶ୍ୱାଳଙ୍କୁ ଉତ୍ତରୀୟ ଦେଇ ସରପଞ୍ଚ ରୀନା ବେହେରା ସମ୍ମାନିତ କରିଥିଲେ। ମହୋତ୍ସବକୁ ପଞ୍ଚାୟତବାସୀଙ୍କ ସମେତ ଆଖପାଖ ନିର୍ବାଚନମଣ୍ଡଳୀର ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ପ୍ରଥମଥର ଲାଗି ସରପଞ୍ଚ ଓ ସ୍ଥାନୀୟ ଅଞ୍ଚଳର କେତେକ ଉଦ୍ୟୋଗୀ ଯୁବକ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ମହୋତ୍ସବ ସଫଳ ହୋଇଥିବା ଆୟୋଜକ ପବିତ୍ର ବେହେରା ସୂଚନା ଦେଇଛନ୍ତି। ଆସନ୍ତାବର୍ଷ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି ସମିତି ସଭ୍ୟ ଗଙ୍ଗାଧର ବେହେରା ଓ କମିଟି ପକ୍ଷରୁ ଆଶିଷ ଦାଶ ସୂଚନା ଦେଇଛନ୍ତି।

## ସଫାହେଲା ହରିରାଜପୁର ମେଳଣ ପଡ଼ିଆ

ପୁରୁଣା ଭୁବନେଶ୍ୱର,୧୯।୩(ଡି.ଏନ୍.ଏ.)

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପ୍ରସିଦ୍ଧ ମେଳଣ ଶେଷ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ, ମୀନାବଜାର ପାଇଁ ମେଳଣ ପଡ଼ିଆରେ ଅଇଁଠା ଠୋଲା, ପଲିଥିନ୍, ଫୁଲ, ଷଢ଼େଇ କୁଢ଼ କୁଢ଼ ହୋଇ ପଡ଼ିରହିଥିଲା। ରବିବାର ସ୍ଥାନୀୟ ନୂଆଗାଁ ଆଞ୍ଚଳିକ ବିକାଶ ପରିଷଦର ଶତାଧିକ ଯୁବକ ପହଞ୍ଚି ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ମେଳଣ ପଡ଼ିଆ ସଫେଇ କରିଥିଲେ। ହରିରାଜପୁର ମେଳଣ କମିଟି ପକ୍ଷରୁ ମହାପ୍ରଭୁଙ୍କର ଏକ ଭୋଗହାଣ୍ଡି ପ୍ରଦାନ କରାଯାଇଥିବା ବେଳେ ପରିଷଦର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ପ୍ରଶାନ୍ତ ମିଶ୍ର, ବସନ୍ତ ମହାରଣା, ଲକ୍ଷ୍ମୀଧର ପ୍ରଧାନ, ବିଧୁ ଶେଖର ସୁବୁଦ୍ଧି, ପୂର୍ଣ୍ଣ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ଆଲୋକ ସ୍ୱାଇଁ, ଲିଙ୍ଗରାଜ ଜେନା, ସୁମନ୍ତ ସୁବୁଦ୍ଧି, ରଘୁନାଥ ସ୍ୱାଇଁ, ଅଜିତ୍ ରାୟ ପ୍ରମୁଖଙ୍କ ସହ ମେଳଣ କମିଟିର ସଭାପତି ପ୍ରେମାନନ୍ଦ ମହାରଥୀ, ସମ୍ପାଦକ ସଂଗ୍ରାମ କେଶରୀ ପ୍ରଧାନ ଉପସ୍ଥିତ ଥିଲେ।

# ଏପ୍ରିଲ ୭ରେ 'ଡେଲିଭରି ବୟ'

ଭୁବନେଶ୍ୱର,୧୯।୩(ବ୍ୟୁରୋ)




ଓଡ଼ିଆ ଚଳଚ୍ଚିତ୍ର 'ଡେଲିଭରି ବୟ' ଏପ୍ରିଲ ୭ରେ ଶୁଭମୁକ୍ତି ହେବାକୁ ଯାଉଛି। ଏହାର ଟ୍ରେଲର ରିଲିଜ୍ ପରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଇନ୍‌ଫିସନ ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ଜ୍ୟୋତି ରଞ୍ଜନ ମହାନ୍ତି ପ୍ରଯୋଜିତ ଏହି ଚଳଚ୍ଚିତ୍ର ଜଣେ ଡେଲିଭରୀ ବୟର ଜୀବନକୁ ନେଇ ନିର୍ମାଣ ହୋଇଛି। ସାଧାରଣତଃ ଲୋକେ ଅନ୍‌ଲାଇନରେ ଅନେକ ଜିନିଷ ଅର୍ଡର କରିଥାନ୍ତି। ଉକ୍ତ ସାମଗ୍ରୀକୁ ସଠିକ ସମୟରେ ସଠିକ ଲୋକ ପାଖରେ ପହଞ୍ଚାଇବା ଡେଲିଭରୀ ବୟର କର୍ତ୍ତବ୍ୟ। କିନ୍ତୁ କର୍ତ୍ତବ୍ୟ ପାଇଁ ଡେଲିଭରୀ ବୟ ସାମ୍ନା କରୁଥିବା ଅନେକ ଅକୁହା କଥାକୁ ନେଇ କାହାଣୀର ପରିକଳ୍ପନା। ଚଳଚ୍ଚିତ୍ରର କାହାଣୀ ପରିକଳ୍ପନା ପ୍ରଯୋଜକ ଜେ.ଆର.ଏମ କରିଥିବାବେଳେ ସଂଳାପ ଲେଖିଛନ୍ତି ଦୀପକ ଜେନା ଏବଂ ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ତ୍ରିପାଠୀ । ଏହି ଚଳଚ୍ଚିତ୍ରରେ ଅଭିନେତା ବୁଦ୍ଧାଦିତ୍ୟ, ଶୈଳେନ୍ଦ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ, ପ୍ରିୟମ୍ବଦା, ଶକ୍ତି ବରାଳ, ଜୀବନ ପଣ୍ଡା, ସୁଶାନ୍ତ, ଇଲୁ ବାନାର୍ଜୀ, ସରୋଜ ଦାଶ, ଚୌଧୁରୀ ବିକାଶ ଦାସ, ସନ୍ତୁ, ଅମନ, ଗୁଚ୍ଛୁ ଓ ପୁପୁଲ ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ଅନେକ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଏଥିରେ ଗୀତ ଗାଇଛନ୍ତି। ନିର୍ମଳ ନାୟକ ଗୀତ ରଚନା କରିଥିବା ବେଳେ ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉଦିତ ନାରାୟଣ, ହ୍ୟୁମାନ ସାଗର, ଅସୀମା ପଣ୍ଡା ଓ ଋତୁରାଜ ମହାନ୍ତି ପ୍ରମୁଖ କଣ୍ଠଦାନ କରିଛନ୍ତି । କ୍ରିଏଟିଭ ହେଡ ପ୍ରଣୟ ଜେଠୀ ଏ ନେଇ ସୂଚନା ଦେଇଛନ୍ତି।

# ବଡ଼ଗଡ଼ରେ ଭୂଉଚ୍ଚ ଜଳଭଣ୍ଡାରର ଭିତ୍ତିପ୍ରସ୍ତର




ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

**୨କୋଟି ୪୬ଲକ୍ଷ ବ୍ୟୟ ଅଟକଳ**

'ଡ୍ରିଙ୍କ ଫ୍ରମ୍ ଟ୍ୟାପ' ଯୋଜନାରେ ବଡ଼ଗଡ଼ ଗାଁରେ ଏକ ଓଭର ହେଡ୍ (ଭୂଉଚ୍ଚ) ଜଳଭଣ୍ଡାର ନିର୍ମାଣ ହେବ। ଏଥିଲାଗି ରବିବାର ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଜଳଭଣ୍ଡାର ୧୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ। ୮ ମାସ ଭିତରେ ଏହାର ନିର୍ମାଣ ଶେଷ କରିବାକୁ ଟେଣ୍ଡର ନେଇଥିବା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏଥିପାଇଁ ମୋଟ ୨ କୋଟି ୪୬ ଲକ୍ଷର ବ୍ୟୟ ଅଟକଳ କରାଯାଇଛି। ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ହେବାକୁ ଥିବା ଏହି ଜଳଭଣ୍ଡାର ପାଇଁ ଏବେ ପାଚେରି ନିର୍ମାଣ ଚାଲିଛି। ବଡ଼ଗଡ଼ ଗ୍ରାମକୁ ଏବେ ଘଣ୍ଟାକିଆ ପାଣି ବ୍ୟବସ୍ଥା ରହିଛି। ଏହି ଜଳଭଣ୍ଡାର ନିର୍ମାଣ ଫଳରେ ସେମାନଙ୍କୁ ୨୪ ଘଣ୍ଟିଆ ନୀରବଚ୍ଛିନ୍ନ ବିଶୁଦ୍ଧ ପାନୀୟ ଜଳ ମିଳିବ ଓ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ସୂଚନାଯୋଗ୍ୟ, ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନାରେ ରାଜଧାନୀବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ୮୦୦ କୋଟିର ବ୍ୟୟବରାଦ ହୋଇଛି। ନିକଟରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଏହାକୁ ମଞ୍ଜୁରୀ ମିଳିବା ପରେ ଏଭଳି ପଦକ୍ଷେପ ନିଆଯାଉଛି।

# ସରିଲା ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ

ଭୁବନେଶ୍ୱର,୧୯।୩(ବ୍ୟୁରୋ)





ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ-୨୦୨୩ ରବିବାର ଆଦିବାସୀ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜରାଟ, ଝାରଖଣ୍ଡ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ସମେତ ଓଡ଼ିଶାରୁ ଜନଜାତି କଳାବସ୍ତୁ କାରିଗରମାନେ ସେମାନଙ୍କ ପାରମ୍ପରିକ କଳାବସ୍ତୁ ପ୍ରଦର୍ଶନ କରି ବିକ୍ରିବଟା କରିଥିଲେ। ଜନଜାତି କାରିଗରମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳାବସ୍ତୁକୁ ବିକ୍ରୟ କରିବା ସହ ପରସ୍ପର ମଧ୍ୟରେ ଜ୍ଞାନକୌଶଳ ଆଧାରିତ ଆଲୋଚନା କରିଥିଲେ। ପରିବେଶ ଅନୁକୂଳ କାଠ, ବାଉଁଶ, ପତ୍ର ଆଧାରିତ ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ କଳାବସ୍ତୁ ଉପରେ ସେମାନେ ମତ ରଖିଥିଲେ। ବାସ୍ତବରେ ଏହି ଜନଜାତି କଳାବସ୍ତୁ କେବଳ ପ୍ରଦର୍ଶନୀ ନୁହେଁ ବରଂ ସାଂସ୍କୃତିକ ସହାବସ୍ଥାନର ବାର୍ତ୍ତା ଦେଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରାୟୋଜିତ ଦୁରୁଆମାନଙ୍କ ବିର୍‌ଲି, ପରଜାମାନଙ୍କର ରିଞ୍ଜୋଡ଼ି ତଥା ଗଦବାମାନଙ୍କର ଢେମ୍‌ସା ନାଚ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲା। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କାରିଗରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆଜି କ'ଣ କେଉଁଠି

କଟକ

- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାରୁଦ୍ରଙ୍କ ୩୩ତମ ବାର୍ଷିକ ଉତ୍ସବ, ଗୌତମନଗର, ବିଦ୍ୟାଧରପୁର, ଅପରାହ୍ନ ୩ଟା।

ତିଗିରିଆ

- ଗୀତାଯଜ୍ଞ ପ୍ରବଚନ, ରାମେଶ୍ୱର ମହାଦେବଙ୍କ ପୀଠ ନୂଆପାଟଣା, ପୂର୍ବାହ୍ନ ୭ ଟା।

## ମିଶନ ଶକ୍ତି ପକ୍ଷରୁ ମହିଳା ସମାବେଶ



**ସାଲେପୁର,୧୯।୩ (ଡି.ଏନ୍.ଏ.):** ସାଲେପୁର ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ ଜାଗୁଳାଇ ମଣ୍ଡପରେ ରବିବାର ମିଶନ ଶକ୍ତି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ମାଧମରେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସେ କହିଛନ୍ତି। ଅତିଥିଭାବେ ବ୍ଲକ ମିଶନ ଶକ୍ତି ସଭାପତି ତଥା ନାରୀନେତ୍ରୀ ତୃପ୍ତିରେଖା ପରିଡ଼ା ଯୋଗଦେଇ ଉପସ୍ଥିତ ମିଶନ ଶକ୍ତିର କର୍ମକର୍ତ୍ତା, ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷା ପୁଷ୍ପାଞ୍ଜଳି ବିଶ୍ୱାଳ, ବ୍ଲକ ମହିଳା ବିଜେଡି ସଭାପତି ରାଜଶ୍ରୀ ଜେନା, ରାମକୃଷ୍ଣପୁର ପଞ୍ଚାୟତ ସରପଞ୍ଚ ବବିତା ଦାଶ, ତ୍ରିଲୋଚନପୁର ସରପଞ୍ଚ ସସ୍ମିତା ଲେଙ୍କା, ଜିଲା ପରିଷଦ ସଭ୍ୟା ରଞ୍ଜିତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ତ୍ରିଲୋଚନପୁର ପଞ୍ଚାୟତ ଫେଡେରେଶନ ସଭାପତି ତିଲୋତ୍ତମା ଲେଙ୍କା ପୌରୋହିତ୍ୟ କରିଥିଲେ। ସମ୍ପାଦକ ମଞ୍ଜୁଲତା ଭୋଇଙ୍କ ସମେତ ୧୩ ପଞ୍ଚାୟତର ମହିଳା ସରପଞ୍ଚ, ସମିତି ସଭ୍ୟା ଉପସ୍ଥିତ ଥିଲେ।

## ବିବାହିତ ଯୁବକ ପ୍ରେମ ବିବାହ କରି ଗିରଫ

**ମାହାଙ୍ଗା,୧୯।୩ (ସ୍ୱ.ପ୍ର.):** ବିବାହିତ ସତ୍ତ୍ୱେ ପୁନର୍ବାର ପ୍ରେମ ବିବାହ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ରବିବାର ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ରାହାଣିଆ ପଞ୍ଚାୟତ କାଳିଅଣ୍ଟି ଗ୍ରାମର ସନ୍ତୋଷ ମହାନ୍ତି। ଅଭିଯୋଗ ଅନୁଯାୟୀ, ମୟୂରଭଞ୍ଜ ଅଞ୍ଚଳର ଜଣେ ବିବାହିତା ମହିଳା ମାହାଙ୍ଗା ଥାନା ଅଞ୍ଚଳର ଏକ ଉପଡାକଘରେ ପୋଷ୍ଟମାଷ୍ଟର ଭାବେ ଚାକିରି କରିବା ସହ ନିକଟରେ ଘର ଭଡା ନେଇ ରୁହନ୍ତି। ସମ୍ପୃକ୍ତା ପୋଷ୍ଟମାଷ୍ଟରଙ୍କ ସହ ସନ୍ତୋଷଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଶେଷରେ ଉଭୟେ ସାଲେପୁର କୋର୍ଟରେ ବିବାହ କରିଥିଲେ । ସନ୍ତୋଷ ପୂର୍ବରୁ ବିବାହ କରିବା ସହ ତାଙ୍କର ଏକ ୧୨ ବର୍ଷର ପୁତ୍ର ରହିଛି। ପ୍ରଥମ ସ୍ତ୍ରୀ ରଶ୍ମିରେଖା ଏ ବିଷୟରେ ଜାଣିବା ପରେ ଉଭୟଙ୍କ ମଧ ଝଗଡ଼ା ହୋଇଥିଲା। ଏପରି କି ରଶ୍ମିରେଖାଙ୍କୁ ସନ୍ତୋଷ ମାଡ଼ ମାରିଥିଲେ। ଏହାପରେ ରଶ୍ମିରେଖା ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଅପରପକ୍ଷେ ସନ୍ତୋଷ ମଧ ପାଲଟା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ୨ଟି ମାମଲା (ନଂ.୮୩/୨୩ ଓ ୮୪/୨୩)ରୁଜୁକରି ସନ୍ତୋଷଙ୍କୁ ଗିରଫ କରିଛି। ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ନରେନ୍ଦ୍ର ଖୁଣ୍ଟିଆ ଘଟଣାର ତଦନ୍ତ କରୁଥିବାବେଳେ ଉଭୟଙ୍କ ଅଭିଯୋଗ ଆଧାରରେ ପୃଥକ୍ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ସଂପୃକ୍ତା ପୋଷ୍ଟମାଷ୍ଟର ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖୁଣ୍ଟିଆ ସୂଚନା ଦେଇଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ

**ମାହାଙ୍ଗା:୧୯।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ କୁରୁଜଙ୍ଗା ପଞ୍ଚାୟତ କଚେରି ପଡ଼ାର ମା' ଅମ୍ବିକେଶ୍ୱରୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ଅଭିମନ୍ୟୁ ବରାଳ ପୂଜାରେ ବସିଥିଲେ। ପଣ୍ଡିତ ଗୋପୀନାଥ ଦାଶ, ସହଦେବ ତ୍ରିପାଠୀ, ବାବା ଅଭିରାମ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଫୁଲ୍ଲ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ବହୁ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ । ଲଉଡ଼ି ଖେଳ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

# ଲୋକାର୍ପଣ ହୋଇପାରୁନି ପାନୀୟ ଜଳ ପ୍ରକଳ୍ପ

- ୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି
- ୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା

**ନିଶ୍ଚିନ୍ତକୋଇଲି,୧୯।୩ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରତି ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଉଛି। କିନ୍ତୁ ଦୁଃଖର ବିଷୟ ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଓ ଉଦାସୀନ ତଥା ଲାଞ୍ଚଖୋର ମନୋଭାବ ପାଇଁ ବହୁ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିଛି। ଠିକାଦାରମାନେ ସରକାରୀ ନୀତିନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଉନାହାନ୍ତି। ଫଳରେ ବହୁ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିରହିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ପାନୀୟ ଜଳ ପ୍ରକଳ୍ପର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକରେ ବିଭାଗୀୟ ଦାୟିତ୍ୱହୀନତା ସର୍ବୋପରି ସମନ୍ୱୟ ଅଭାବ ହେତୁ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ମହାଜନପୁର ପାନୀୟ ଜଳ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ି ରହିଛି।

ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ମହାଜନପୁର ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ବସୁଧା ଯୋଜନାରେ ୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ତେବେ ଠିକାଦାର ମନମୁଖୀ ଭାବେ ଏହି ପ୍ରକଳ୍ପ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ୨ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟ ଅଟକଳ ଅନୁଯାୟୀ କରାଯାଇ ନାହିଁ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ପ୍ରକଳ୍ପ ନିମନ୍ତେ ବିଛାଯାଇଥିବା ପାଇପ୍ ଲାଇନଗୁଡିକ ନଷ୍ଟ ହୋଇଯାଇଥିବାବେଳେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ପାଇପ୍ ଷ୍ଟାଣ୍ଡପୋଷ୍ଟଗୁଡ଼ିକ ମଧ ଭାଙ୍ଗିରୁଜି ଗଲାଣି। ପ୍ରକଳ୍ପ ତିଆରିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ମତ ପ୍ରକାଶ ପାଇଛି। ଏପରିକି ଏହି ପ୍ରକଳ୍ପ ଉଦ୍‌ଘାଟନ ହୋଇ ନ ପାରି ଏକ ଭୂତକୋଠି ସଦୃଶ ଲାଗୁଛି। ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏପର୍ଯ୍ୟନ୍ତ ପ୍ରକଳ୍ପକୁ କ'ଣ ପାଇଁ ଉଦ୍‌ଘାଟନ କରାଯାଇନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ ହେଲେ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମେତ ବାହାବଲପୁର, ମହାଜନପୁର, ମାତକତପୁର ଆଦି ଗ୍ରାମର ବହୁ ଲୋକେ ପାନୀୟ ଜଳ ସୁବିଧା ପାଇପାରନ୍ତେ । ତୁରନ୍ତ ପ୍ରଶାସନ ତରଫରୁ ଏହି ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସାମାଜିକ କର୍ମୀ ଅମୀୟ କୁମାର ବିଶ୍ୱାଳ,ସଞ୍ଜୟ କୁମାର ବେହେରା ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚିନ୍ମୟ କୁମାର ବେହେରା, କହିଛନ୍ତି, ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ଏହି ପ୍ରକଳ୍ପ ଉଦ୍‌ଘାଟନ ହୋଇପାରୁନାହିଁ। ଖୁବଶୀଘ୍ର ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



କଟକ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ମିଶନ ଅନ୍ତ୍ୟୋଦୟ ସର୍ଭେକୁ ନେଇ ଅଙ୍ଗନୱାଡି କର୍ମୀ ଅସନ୍ତୁଷ୍ଟ

**ମାହାଙ୍ଗା,୧୯।୩ (ସ୍ୱ.ପ୍ର.)**

ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ଉପରେ ବିଭିନ୍ନ କାର୍ଯ୍ୟ ଲଦି ଦିଆଯାଉଛି। ଏନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଏବେ ମିଶନ ଅନ୍ତ୍ୟୋଦୟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯିବା ପାଇଁ ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୧୫ ପଞ୍ଚାୟତରେ ଏମ୍‌ବିକେ ଓ ସିଆରପିମାନଙ୍କୁ ଏଥିପାଇଁ ନିଯୁକ୍ତ ଦିଆଯାଇଥିବାବେଳେ ଅବଶିଷ୍ଟ ୨୨ ପଞ୍ଚାୟତରେ ଅଙ୍ଗନୱାଡି କର୍ମୀମାନଙ୍କୁ ଏହି ସର୍ଭେ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ରାଜସ୍ୱ ଗ୍ରାମ ପାଇଁ ଜଣେ ଲେଖାଏ ଅଙ୍ଗନୱାଡି କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ଉକ୍ତ ସର୍ଭେ ଜରିଆରେ ୨୧୬ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ଅନ୍‌ଲାଇନ ମାଧମରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ ତଥ୍ୟ ମୋବାଇଲ ମାଧମରେ ସଂଗ୍ରହ କରାଯାଉଥିବାରୁ କର୍ମୀମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କର୍ମୀମାନଙ୍କୁ କମ୍ କ୍ଷମତାସମ୍ପନ୍ନ ମୋବାଇଲ ପ୍ରଦାନ କରାଯାଇଥିବାରୁ ଏହି କାର୍ଯ୍ୟ କରିବା ପାଇଁ ସମସ୍ୟା ହେଉଛି ବୋଲି କେତେଜଣ ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଛନ୍ତି। ମୋବାଇଲ୍‌ରେ ଏହି ତଥ୍ୟ ସଂଗ୍ରହ ସମୟରେ ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ହେଉଛି ବୋଲି ସେମାନେ ଅଭିଯୋଗରେ କହିଛନ୍ତି। ବ୍ଲକ ଭାରପ୍ରାପ୍ତ ଜିପିଓ ବିଶ୍ୱନାଥ ସାହୁଙ୍କୁ ଯୋଗାଯୋଗ କରିବାରୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହା କରିବା ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ନିଯୁକ୍ତି ଦିଆଯାଇଥିବା କହିଛନ୍ତି।

## ଗମନାଗମନ ସୁଦୃଢ଼ ହେଲେ ଗ୍ରାମାଞ୍ଚଳର ବିକାଶ ହେବ



ବିଧାୟକ ପ୍ରତାପ ଜେନା ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୧୯।୩ (ସ୍ୱ.ପ୍ର.)**

### ୭ ପଞ୍ଚାୟତର ୨୩ କିମି ରାସ୍ତା ପାଇଁ ୧୪ କୋଟି ୨୨ଲକ୍ଷ ବ୍ୟୟ ବରାଦ

ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି। ପ୍ରତ୍ୟେକ ଗାଁକୁ ମୌଳିକ ସୁବିଧା ଯୋଗାଇଦେବା ସହ ଗମନାଗମନ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଗମନାଗମନର ସୁବିଧା ହେଲେ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ମତବ୍ୟକ୍ତ କରିଛନ୍ତି। ରବିବାର ମାହାଙ୍ଗା ବିଧାୟକ ଜେନା ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି କେନ୍ଦୁପାଟଣା, ବରାଦୋ, ଜିଗ୍ନିପୁର, ଫୋଗଳ, ଜୟରାମପୁର, ରାମକୃଷ୍ଣପୁର ଓ ନଟକାଇ ଆଦି ୭ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ପଞ୍ଚାୟତଗୁଡିକରେ ୨୩ କିମି ଗ୍ରାମାଞ୍ଚଳ ରାସ୍ତା ଉନ୍ନତୀକରଣ ଓ ସୁଦୃଢ଼ୀକରଣ ପାଇଁ ୧୪ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଖୁବଶ୍ରୀଘ୍ର ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଜେନା ତାଗିଦ କରିଛନ୍ତି। ଜିଗ୍ନିପୁର ପଞ୍ଚାୟତ ମହାଜନପୁରରେ ଏନେଇ ସାଧାରଣ ସଭା ଆୟୋଜିତ ହୋଇଥିଲା। ବ୍ଲକ ଉପାଧକ୍ଷା ଅଶୋକ ଓଝା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜେନା ଯୋଗଦେଇ ପ୍ରତି ପରିବାରକୁ ପାନୀୟ ଜଳ, ବିଦ୍ୟୁତ୍ ସେବା ଓ ଗମନାଗମନ ପାଇଁ ରାସ୍ତା ଯୋଗାଇଦେବା ପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରୋଜୀ ସେଠୀ, ବିପ୍ଳବ କାପ, ସରପଞ୍ଚ ତିଲୋତ୍ତମା ରାଉତ, ବୁହାଳୋ ସରପଞ୍ଚ ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର, ସାମାଜିକ କର୍ମୀ ଜ୍ଞାନରଞ୍ଜନ ରାଉତ ଓ ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ୯୯ ଏସଏଚଜିକୁ ୩.୫୫ କୋଟି ଋଣ

**ବଡ଼ମ୍ବା,୧୯।୩ (ଡି.ଏନ୍.ଏ.)**

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଋଣ ମେଳା ସହ ଏକ ନୂତନ କାଫେ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଋଣ ମେଳାରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବିଭିନ୍ନ ପଞ୍ଚାୟତର ପ୍ରାୟ ୯୯ ମହିଳା ଗୋଷ୍ଠୀଙ୍କୁ ୩ କୋଟି ୫୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କ ବଡ଼ମ୍ବା, କରଡ଼ିବନ୍ଧ ଶାଖା, ବଡ଼ମ୍ବା ୟୁକୋ ବ୍ୟାଙ୍କ ସମେତ ମାଣିଆବନ୍ଧ ଓ ଗୋପୀନାଥପୁରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ତରଫରୁ ସମସ୍ତ ଋଣ ମଞ୍ଜୁର କରାଯାଇଛି। ସେହିପରି ପଞ୍ଚାୟତସ୍ତରୀୟ ଦିବ୍ୟଜ୍ୟୋତି ମହାସଂଘ ଦ୍ୱାରା ପରିଚାଳିତ କାଫେ କେନ୍ଦ୍ରକୁ ମୁଖ୍ୟଅତିଥି ମିଶ୍ର ଉଦ୍‌ଘାଟନ କରିଥିଲେ। ବିଡିଓ ରମେଶ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସଭ୍ୟା ନୟନା ସାହୁ, ଜୟଶ୍ରୀ ବରାଳ, ତହସିଲଦାର ନୀଳକଣ୍ଠ ବେହେରା ଓ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇଥିଲେ। ବଡ଼ମ୍ବା ମିଶନ ଶକ୍ତି ପରିଚାଳିକା ମୋନାଲିସା ତ୍ରିପାଠୀ ସଂଯୋଜନା କରିଥିଲେ।

## ରଗଡ଼ିପଡ଼ା ଦଶଦୋଳ ମେଳଣ ଉଦ୍‌ଯାପିତ

**ବଡ଼ମ୍ବା,୧୯।୩ (ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକର ରଗଡ଼ିପଡ଼ା ଗାଁରେ ଦଶଦୋଳ ମେଳଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗ୍ରାମର ଥାନାଧିପତି ଶ୍ରୀ ରଘୁନାଥ ଦେବ, ରାମଚଣ୍ଡୀ, ଦକ୍ଷିଣକାଳୀ, ଧବଳେଶ୍ୱର, ଆଦିଶକ୍ତି, ଦିନିଆରୀ, ଗଡ଼ାପୋଖରୀ, ସାନବାର୍ସିଙ୍ଗ, ବଡବାର୍ସିଙ୍ଗ, ଚମ୍ପେଇଦ୍ୱାର, ମଙ୍ଗଳପୁର ଗାଁର ବିମାନ ଏକାଠି ହୋଇ ନଗର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ରଗଡ଼ିପଡ଼ା ସରପଞ୍ଚ ସତ୍ୟଭାମା ରାଉତ, ସମିତି ସଭ୍ୟ ଭଗବାନ ବେହେରା, ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ପୃଷ୍ଟି, ପ୍ରାକ୍ତନ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେଯୋଗ ଦେଇଥିଲେ। ଏହି ଅବସରରେ ୩ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ୍ୟ କମିଟି କର୍ମକର୍ତ୍ତା ତଥା ଉପଦେଷ୍ଟା ମଣ୍ଡଳୀ କାଶୀନାଥ ସାହୁ, ବୈକୁଣ୍ଠ ବେହେରା, ବିପିନ ସାହୁ, ବିବିଧ ସାହୁ, ସୁବାସ ସାହୁ, ଆଲ୍ଲାହାଦ ନାୟକ , ଅକ୍ଷୟ କରଣ, ପବିତ୍ର ସାହୁ, ଇଂ. ସଞ୍ଜୟ କୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ଫେବୃୟାରୀରେ ଧାନ ବିକ୍ରି ଟୋକନ ପାଇଥିବା ଚାଷୀ ହତାଶ

**କଟକ ସଦର,୧୯।୩ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୧୦ଟି ସେବା ସମବାୟ ସମିତିର ପଞ୍ଜୀକୃତ ଚାଷୀ ଫେବୃୟାରୀରେ ଧାନ ବିକ୍ରି ପାଇଁ ମେସେଜ ପାଇଥିଲେ। ଏହି ମେସେଜ ଏକ ମାସ ଅବଧି ପାଇଁ ବଳବତ୍ତର ରହିଥିଲା। ଏବେ ଧାର୍ଯ୍ୟ କୋଟାର ୫୦ ପ୍ରତିଶତ ଧାନ କିଣାଯିବ ବୋଲି କ୍ରୟ କମିଟି ନିଷ୍ପତ୍ତି ନେବା ପରେ ଚାଷୀମାନେ ହତାଶ ହୋଇପଡିଛନ୍ତି। ୫୦ କୁଇଣ୍ଟାଲ ଧାନ ବିକିବା ପାଇଁ ଖାଦ୍ୟ ଯୋଗାଣ ବିଭାଗରୁ ମେସେଜ ପାଇଥିବା ଚାଷୀଙ୍କୁ ସ୍ଥାନୀୟ ସମବାୟ ସମିତିର କ୍ରୟ କମିଟି ପକ୍ଷରୁ ମାତ୍ର ୨୫ କୁଇଣ୍ଟାଲ ଦେବା ପାଇଁ ବାଧ କରାଯାଉଛି। ସରକାର ଆଉ ନିର୍ଦ୍ଧାରିତ ପରିମାଣର ଧାନ କିଣିବା ପାଇଁ ଅର୍ଥ ଦେବା ବନ୍ଦ କରିଦେବାରୁ ଏପରି ପରିସ୍ଥିତି ସୃଷ୍ଟି

### କ୍ରୟ କମିଟି ଉପରେ ଦୋଷ ଦେଲେ ଚାଷୀ

ହେଲା ବୋଲି କ୍ରୟ କମିଟିର ସଦସ୍ୟମାନେ ସଫେଇ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ରେ କଟକ ସଦର ବ୍ଲକର ବିଭିନ୍ନ ସମବାୟ ସମିତି ଜରିଆରେ ୭୧ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ସରକାର ଲକ୍ଷ୍ୟ ରଖିଥିବାବେଳେ ୬୫ ହଜାର କୁଇଣ୍ଟାଲ କିଣିଥିଲେ। ସେହିପରି ୨୦୨୩ରେ ୬୫ ହଜାର କୁଇଣ୍ଟାଲ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୫୫ ହଜାର କୁଇଣ୍ଟାଲ କିଣିବା ପାଇଁ ଏପର୍ଯ୍ୟନ୍ତ ସରକାର ଅର୍ଥ ଦେଇଛନ୍ତି। ତେଣୁ କଟକ ଜିଲାପାଳ ଅଧିକ ୩ ଲକ୍ଷ କୁଇଣ୍ଟାଲ କୋଟା ଦେବା ପାଇଁ ଚିଠି ଲେଖିଛନ୍ତି। ମାତ୍ର ସବୁ ଚାଷୀଙ୍କ ଟୋକନ ଅବଧି ଆସନ୍ତା ୨୩ରେ ଶେଷ ହୋଇଯାଉଛି। ପ୍ରତିବର୍ଷ ଫେବୃୟାରୀରେ ଧାନ ବିକ୍ରି କରିବାକୁ ମେସେଜ ପାଉଥିବା ଚାଷୀମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ କ୍ରୟ କମିଟିର ସଦସ୍ୟମାନେ ଜାଣିଛନ୍ତି। ତେଣୁ ଜାନୁୟାରୀରେ ମେସେଜ ପାଇଥିବା ଚାଷୀଙ୍କଠାରୁ ୨ ପାଳିରେ ଧାନ କିଣା ହେଲା। ହେଲେ ଫେବୃୟାରୀ ମାସର ଚାଷୀମାନଙ୍କ ପାଇଁ କେଉଁ କ୍ଷମତା ବଳରେ ସଂଗୃହୀତ କୋଟାକୁ ୫୦ ପ୍ରତିଶତ କମାଇ ଦିଆଗଲା, ତାହାର କାରଣ ଜଣାପଡୁନାହିଁ ବୋଲି ଭାଜପା କଟକ ସଦର ବ୍ଲକ ସଂଯୋଜକ ବିଜୟ ରାଉତରାୟ କହିଛନ୍ତି। ଏ ସମ୍ପର୍କରେ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଅନୀମା ବେହେରା କହିଛନ୍ତି, କ୍ରୟ କମିଟିର ପକ୍ଷପାତ ନୀତି ସମ୍ପର୍କରେ ଲିଖିତ ଅଭିଯୋଗ ଆସିଲେ ତଦନ୍ତ କରାଯିବ।

## ଅଣସଙ୍ଗଠିତ କୁଶଳୀ ବୁଣାକାରଙ୍କୁ ନେଇ ଓଏଫ୍‌ପିଓ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ତିଗିରିଆ,୧୯।୩ (ଡି. ଏନ୍.ଏ.)**

ତିଗିରିଆ, ବାଙ୍କୀ ଓ ବଡ଼ମ୍ବା ବ୍ଲକର ଅଣ ସଙ୍ଗଠିତ ବୁଣାକାରଙ୍କୁ ନେଇ ନୂଆପାଟଣାଠାରେ ରବିବାର ନାବାର୍ଡ ଜରିଆରେ ଓ ଶୁଭମ୍ ସଂସ୍ଥା ଆନୁକୂଲ୍ୟରେ ଅଫ୍ ଫାର୍ମ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଓଏଫ୍‌ପିଓ) ର ଶୁଭାରମ୍ଭ କରାଯାଇଛି। ସଂସ୍ଥାର ସଭାପତି ତଥା ଆଇନଜୀବୀ ସଞ୍ଜୟ କୁମାର କରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ନାବାର୍ଡ ସିଜିଏମ୍ ସି. ଉଦୟଭାସ୍କର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ.ସଞ୍ଜୟ ପଣ୍ଡା, ପ୍ରଫେସର ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସୁବ୍ରତ କୁମାର କର ଅତିଥି ପରିଚୟ ଦେଇଥିଲେ। ସମସ୍ତ ଅତିଥି ବୁଣାକାରମାନଙ୍କ ଆର୍ଥିକ ସ୍ଥିତିରେ ସୁଦୃଢ଼ତା ସହ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଅଧିକ ବିକ୍ରି ନିମନ୍ତେ ସେମାନଙ୍କୁ ଅଧିକ ଯୁଗପୋଯୋଗୀ ହେବାକୁ ପଡ଼ିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ ବୁଣାକାର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡର ଜିଲା ଡିଜିଏମ୍ ପ୍ରାକ୍ସିମା ପରିଡ଼ା, କେଭିଆଇସିର ରାଜ୍ୟ ନିର୍ଦ୍ଦେଶକ ସମୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ସଂଗ୍ରାମ କ୍ରିକେଟ: ଲେଖନପୁର ଚାମ୍ପିୟନ

**ସାଲେପୁର,୧୯।୩ ( ଡି. ଏନ.ଏ)**

ସାଲେପୁର ବ୍ଲକ ଅନ୍ତର୍ଗତ ମହଣ ପଞ୍ଚାୟତସ୍ଥିତ ପୁରଣ ଖେଳ ପଡ଼ିଆରେ ସଂଗ୍ରାମ କ୍ରିକେଟ କ୍ଲବ ପକ୍ଷରୁ ଏକ ଦିବସୀୟ ଦିବାରାତ୍ରି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଲେଖନପୁର ଓ ପାଗା ଇଲେଭେନ ଏୟାର ମଧ୍ୟରେ ଖେଳାଯାଇଥିଲା। ଲେଖନପୁର ଦଳ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ପାଗା ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ୍ ହରାଇ ମାତ୍ର ୬୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ଫଳରେ ଲେଖନପୁର ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏନେଇ ଆୟୋଜିତ ସଭାରେ ସଂଗ୍ରାମ କ୍ରିକେଟ କ୍ଲବର ପ୍ରତିଷ୍ଠାତା ସଭାପତି ତଥା ଯୁବ ସଂଗଠକ ଅମିୟ ରଞ୍ଜନ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖୁବଶୀଘ୍ର ଏହି ପଡ଼ିଆର ଉନ୍ନତୀକରଣ



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

କାର୍ଯ୍ୟ କରାଯିବ ବୋଲି ବିଧାୟକ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ବିଶିଷ୍ଟ ଅତିଥିଭାବେ ସାଲେପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ସାମାଜିକ କର୍ମୀ ନାରାୟଣ ପତି, ମୁଖ୍ୟ ବକ୍ତାଭାବେ ଓଡ଼ିଶା ମୋ ପରିବାର ଯୁଗ୍ମ ସାଧାରଣ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ବସୁଧା ( ସହରାଞ୍ଚଳ)ର ଉପଦେଷ୍ଟା ତଥା ନାରୀନେତ୍ରୀ ଅପୂର୍ବା ଅପରୂପା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ପାତ୍ର, ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦେଇ କ୍ରୀଡ଼ାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ସୁକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଶିଲ, କପ୍ ଓ ଅର୍ଥରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ପ୍ରକାଶ ବିଶ୍ୱାଳ ସଂଯୋଜନା କରିଥିବାବେଳେ ମହଣ ପଞ୍ଚାୟତ ସମିତି ସଭ୍ୟଙ୍କ ପ୍ରତିନିଧି ଗୌରହରି ବେହେରା, ଦିନେଶ କୁମାର ବିଶ୍ୱାଳ, ଶୁଭମ ବିଶ୍ୱାଳ, ଦିପୁନା ବେହେରା, ଶେଖର ବେହେରା, ଜ୍ୟୋତିର୍ମୟୀ ବିଶ୍ୱାଳ, ସମୀର କୁମାର ମଲ୍ଲିକ, ରଶ୍ମିରଞ୍ଜନ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ରଙ୍ଗମିସ୍ତ୍ରି ଗିରଫ

ଭୁବନେଶ୍ୱର,୧୯।୩(ବ୍ୟୁରୋ) : ବିବାହ କରିବାକୁ ମନା କରିବାରୁ ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ଅସଦାଚରଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସଂପୃକ୍ତ ରଙ୍ଗ ମିସ୍ତ୍ରିଙ୍କୁ ଗିରଫ କୋର୍ଟ ଚାଲାଣ କରିଛି । ସେ ହେଲେ ପୁରୀ ଜିଲାର ସତ୍ୟବ୍ରତ ବେହେରା। ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣକ ପୂର୍ବରୁ ନାବାଳିକାଙ୍କ ଘରେ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅପରାହ୍ନରେ ନାବାଳିକା ଘରେ ଏକୁଟିଆ ଥିବା ଦେଖି ଅଭିଯୁକ୍ତ ଜଣକ ତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ହେଲେ ନାବାଳିକା ମନା କରିବାରୁ ଅଭିଯୁକ୍ତ ତାଙ୍କୁ ନାନାପ୍ରକାର ଧମକ ଦେବା ସହିତ ଅସଦାଚରଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ପଡୋଶୀ ତାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ କାବୁକରି ପୋଲିସ ଜିମାରେ ଦେଇଥିଲେ।

### ଶହେ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା




ଜଟଣୀ,୧୯।୩(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରିନିଟି ହସ୍ପିଟାଲ ଭୁବନେଶ୍ୱର ଏବଂ ଛତାବର ପଞ୍ଚାୟତର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୧୦୦ଜଣ ରୋଗୀଙ୍କ ଚିକିତ୍ସା କରାଯିବା ସହ ଔଷଧ ପ୍ରଦାନ କରାଯାଇଥିଲା। ୫ ରୋଗୀଙ୍କୁ ଭୁବନେଶ୍ୱର ସ୍ଥିତ ଟ୍ରିନିଟି ହସ୍ପିଟାଲରେ ଚିକିତ୍ସା ପାଇଁ ନିଆଯାଇଛି। ଡା.ରାକେଶ ଚନ୍ଦ୍ର କଲେତ, ସନ୍ତୋଷ ତ୍ରିପାଠୀ ଓ ଜୟଶ୍ରୀ ମହାରଣାଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ଫାର୍ମାସିଷ୍ଟ ମାନସ କୁମାର ସାହୁଙ୍କ ସହିତ ହସ୍ପିଟାଲର ଷ୍ଟାଫ୍, ନର୍ସମାନେ ସହଯୋଗ କରିଥିଲେ। ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ, ସମିତିସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ଗଙ୍ଗପଡାର ପୂର୍ବତନ ସମିତିସଭ୍ୟ ଲୁଲୁ ମହାରଥୀ, ପଞ୍ଚାୟତ ବିଜେଡି ସଭାପତି ମହେଶ୍ୱର ପରିଡା, ପଞ୍ଚାୟତ ମହିଳା ସଂଘ ସଭାନେତ୍ରୀ କାଞ୍ଚନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ସଫେଇ ହେଲା ହରିରାଜପୁର ମେଳଣ ପଡ଼ିଆ

ଜଟଣୀ/ପୁରୁଣା ଭୁବନେଶ୍ୱର, ୧୯।୩ (ଡି.ଏନ୍.ଏ.): ଜଟଣୀ ନିକଟ ତଥା ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ପ୍ରସିଦ୍ଧ ମେଳଣ ଶେଷ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ, ମୀନାବଜାର ପାଇଁ ମେଳଣ ପଡ଼ିଆରେ ଅଇଁଠା ଠୋଲା, ପଲିଥିନ୍, ଫୁଲ, ଷଢ଼େଇ କୁଢ଼ କୁଢ ହୋଇ ପଡ଼ିରହିଥିଲା। ରବିବାର ସ୍ଥାନୀୟ ନୂଆଗାଁ ଆଞ୍ଚଳିକ ବିକାଶ ପରିଷଦର ଶତାଧିକ ଯୁବକ ପହଞ୍ଚି ସ୍ୱଚ୍ଛତା ବାଜୟ ରଖିବା ଉଦ୍ଦେଶ୍ୟରେ ମେଳଣ ପଡ଼ିଆ ସଫେଇ କରିଥିଲେ। ହରିରାଜପୁର ମେଳଣ କମିଟି ପକ୍ଷରୁ ମହାପ୍ରଭୁଙ୍କର ଏକ ଭୋଗହାଣ୍ଡି ପ୍ରଦାନ କରାଯାଇଥିବା ବେଳେ ପରିଷଦର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ପ୍ରଶାନ୍ତ ମିଶ୍ର, ବସନ୍ତ ମହାରଣା, ଲକ୍ଷ୍ମୀଧର ପ୍ରଧାନ ବିଧୁ ଶେଖର ସୁବୁଦ୍ଧି, ପୂର୍ଣ୍ଣ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ଆଲୋକ ସ୍ୱାଇଁ, ଲିଙ୍ଗରାଜ ଜେନା, ସୁମନ୍ତ ସୁବୁଦ୍ଧି, ରଘୁନାଥ ସ୍ୱାଇଁ, ଅଜିତ୍ ରାୟ ପ୍ରମୁଖଙ୍କ ସହ ମେଳଣ କମିଟିର ସଭାପତି ପ୍ରେମାନନ୍ଦ ମହାରଥି, ସମ୍ପାଦକ ସଂଗ୍ରାମ କେଶରୀ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ହଷ୍ଟେଲରେ ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଭୁବନେଶ୍ୱର,୧୯।୩(ବ୍ୟୁରୋ) : ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳରେ ଏକ ହଷ୍ଟେଲରେ ତାଲା ପକାଇ ୨ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧଉଳି ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର କାଜଲ ଦାସ ଓରଫ ରିକି ଏବଂ କୈଶିକ ବାସୁ । ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ବାର୍ ମ୍ୟାନେଜର ବାରକୁ ଡ୍ୟାନ୍ସର ଯୋଗାଇବା ଲାଗି ଅଭିଯୋଗକାରୀ ପ୍ରଦୀପ ଗୁପ୍ତାଙ୍କୁ ଚାପ ପକାଇଥିଲେ । ଅଭିଯୁକ୍ତଦ୍ୱୟ ଓ ତାଙ୍କର କିଛି ସହଯୋଗୀ ପ୍ରଦୀପ ଏବଂ ତାଙ୍କର ଜଣେ ବନ୍ଧୁଙ୍କୁ ମାଡ ମାରିଥିଲେ।

# ଗଙ୍ଗୁଆ ପାଇଁ ପ୍ରଦୂଷିତ ହେଉଛି ଦୟା

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)



ବୈଠକରେ ଉପସ୍ଥିତ ଅତିଥିମାନେ।

■ପ୍ରଦୂଷଣମୁକ୍ତ ଦୟା ପାଇଁ ହେବ ଜନଆନ୍ଦୋଳନ
■'ଗନ୍ଧବତୀ' ପୁନଃ ନାମକରଣ କରିବାକୁ ଦାବି

କିମ୍ବଦନ୍ତୀ ଦୟାନଦୀ ଏବେ ପ୍ରଦୂଷଣରେ ଜର୍ଜରିତ। ଭୁବନେଶ୍ୱରର ସମସ୍ତ ବର୍ଜ୍ୟବସ୍ତୁ ଗଙ୍ଗୁଆ ଦ୍ୱାରା ଦୟାନଦୀରେ ମିଶି ଅତ୍ୟନ୍ତ ବିଷାକ୍ତ ହେଉଛି। ଏଥିସହ ଓଡ଼ିଶାର ଅନ୍ୟତମ ପ୍ରାକୃତିକ ଐଶ୍ୱର୍ଯ୍ୟ ଚିଲିକାକୁ ମଧ୍ୟ ପ୍ରଦୂଷିତ କରିଚାଲିଛି। ଏହି ସମ୍ବେଦନଶୀଳ ସମସ୍ୟାକୁ ନେଇ ରବିବାର 'ଦୟାନଦୀର ପ୍ରଦୂଷଣମୁକ୍ତ ଓ ସୁରକ୍ଷା' ଶୀର୍ଷକ ଏକ ଆଲୋଚନାଚକ୍ର ଦୟା ରାଉଣ୍ଡ ଟେବୁଲ ଅନୁଷ୍ଠିତ ହୋଇଯାଇଛି। ଦୟା ସୁରକ୍ଷା ଅଭିଯାନ, ମହାନଦୀ ବଞ୍ଚାଅ ଆନ୍ଦୋଳନ, ଓଡ଼ିଶା ନଦୀ ସୁରକ୍ଷା ସମିତି, ଲୋକଶକ୍ତି ଅଭିଯାନ, ନିର୍ମଳ ଦୟା, ସଂଯୁକ୍ତ କୃଷକ ମଞ୍ଚ, ପିପିଲି ସାଂସ୍କୃତିକ ପରିଷଦ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ପକ୍ଷରୁ ଲୋହିଆ ଏକାଡେମୀଠାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଦୟାନଦୀ ଜଳ ପ୍ରଦୂଷଣ ଓ ଜବରଦଖଲକୁ ରୋକିବା ନିମନ୍ତେ ଏକ ଷ୍ଟିୟରିଂ କମିଟି ଗଠନ କରିବା, ଆଲୋଚନାଚକ୍ରରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ବ୍ୟାପକ ଆନ୍ଦୋଳନ, ଧାରଣା, ଧର୍ମଘଟ, ଆଇନଗତ ଲଢେଇ କରାଯିବା, ପ୍ରଦୂଷିତ ଗଙ୍ଗୁଆ ନାଳ ପାଇଁ ସମସ୍ୟା ହେଉଥିବାରୁ ଏହାର ସମାଧାନ କରିବା ତଥା ଗଙ୍ଗୁଆ ନାଳ ପରିବର୍ତ୍ତେ ନଦୀର ପୁନଃନାମକରଣ 'ଗନ୍ଧବତୀ' କରିବା ପାଇଁ ଦାବି କରାଯାଇଥିଲା। ଭୁବନେଶ୍ୱର ସହର ଦେଇ ଗନ୍ଧବତୀ ନଦୀ ବା ଗଙ୍ଗୁଆ ନାଳ ବହିଯାଇଛି। ଏହି ନାଳର ୨୨ଟି ଜଳଉତ୍ସ ସହରର ସମସ୍ତ ବର୍ଜ୍ୟବସ୍ତୁକୁ ପ୍ରଦୂଷିତ ଜଳ ମାଧ୍ୟମରେ ନେଇ ୧୦ଟି ବଡ଼ ଡ୍ରେନରେ ଦୟାନଦୀରେ ମିଶି ପ୍ରଦୂଷଣ ସୃଷ୍ଟି କରୁଛି। ପୂର୍ବରୁ ଦୟାନଦୀ ଜଳକୁ ପାନୀୟ ଜଳ ଭାବେ ପ୍ରାୟ ୧୦ଟି ବ୍ଲକର ଲୋକେ ବ୍ୟବହାର କରୁଥିଲେ। ମାତ୍ର ଏବେ ଏହି ପ୍ରଦୂଷିତ ଜଳ ସର୍ବନିମ୍ନ ବ୍ୟବହାର ଉପଯୋଗୀ ମଧ୍ୟ ହୋଇପାରୁନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏ ସମ୍ପର୍କରେ ରାଜ୍ୟ ସରକାର ଅବଗତ ଥାଇ ମଧ୍ୟ ଏହି ପ୍ରଦୂଷିତ ଜଳକୁ ପାଇପ ଓ ଟ୍ୟାଙ୍କର ଯୋଗେ ଅବିଭକ୍ତ ପୁରୀ ଜିଲାର ପିପିଲି, ଡେଲାଙ୍ଗ, କଣାସ ଓ ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ, ଟାଙ୍ଗୀ, ଚାନ୍ଦପୁର, ନୟାଗଡ଼ ଜିଲାର କନ୍ଧ ନୟାଗଡ଼ ଆଦି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯାଉଛି। ଏହି ପାଣିକୁ ବ୍ୟବହାର କରୁଥିବା ଲୋକମାନଙ୍କର ଜଣ୍ଡିସ, ବିଭିନ୍ନ ସଂକ୍ରମିତ ପେଟରୋଗ ଏବଂ ଚର୍ମରୋଗ ହେଉଛି। ଅପରପକ୍ଷେ କୃଷି, ପଶୁପାଳନ, ମାଛ ଉତ୍ପାଦନ ସମ୍ପୂର୍ଣ୍ଣ ବ୍ୟାହତ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅଭିଯାନର ଆବାହକ ସଚିକାନ୍ତ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସମାଜବାଦୀ ପାର୍ଟିର ସମ୍ପାଦକ ସୁଦର୍ଶନ ପ୍ରଧାନ, ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ସାମ୍ବିଧାନିକ ମୂଲ୍ୟବୋଧ' ପୁସ୍ତକ ଲୋକାର୍ପିତ ହୋଇଥିଲା।

# ରାଜଧାନୀରେ ପୁଣି ବୋମାମାଡ଼

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ରାଜଧାନୀରେ ପୁଣି ବୋମାମାଡ଼ ହୋଇଛି। ଶନିବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଷ୍ଟେଶନ ବଜାର ପ୍ରଧାନ ସାହିରେ ଏହି ଘଟଣା ଘଟିଛି। ତେବେ ଏଥିରେ କାହାର କୌଣସି କ୍ଷତି ହୋଇନାହିଁ। ରାତି ପ୍ରାୟ ୧୨ଟା ୩୦ରେ ବୋମାମାଡ଼ର ଶବ୍ଦ ଶୁଣି ସ୍ଥାନୀୟ ଲୋକ ନିଦରୁ ଉଠି ପଡ଼ିଥିଲେ। ହେଲେ ଘଟଣାସ୍ଥଳରେ କେହି ନ ଥିବାରୁ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ରାସ୍ତାରେ ବୋମାର କିଛି ଅଂଶ ପଡ଼ିଥିଲା। କିଏ ଏହି ବୋମା ପକାଇଲେ କେହି କହିପାରି ନ ଥିଲେ। ଏହି ଘଟଣା ସଂକ୍ରାନ୍ତରେ ରବିବାର ସ୍ଥାନୀୟ ଲୋକଙ୍କୁ ପୋଲିସ ପଚରାଉଚରା କରି ବୟାନ ରେକର୍ଡ କରିଥିଲା। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି, ଉକ୍ତ ସାହିର ଏସ୍. ଚେଲପତିଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୧୯/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ବୋମାମାଡ଼ କିଏ କରିଛନ୍ତି ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଥିବା ସେ କହିଛନ୍ତି। ଶନିବାର ରାତିରେ ମଧ୍ୟ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ଅଞ୍ଚଳସ୍ଥିତ ଶ୍ରୀ ଜ୍ୟୁଏଲର୍ସ ଉପରକୁ ବୋମାମାଡ଼ ହୋଇଥିଲା। ଏଥିରେ ମାଲିକ ରମାକାନ୍ତ ମହାରଣା ଆହତ ହୋଇ ଚିକିତ୍ସିତ ହେଉଥିଲେ ମଧ୍ୟ ଅଭିଯୁକ୍ତମାନେ ଧରାପଡ଼ିନାହାନ୍ତି।

# ବାର୍, ହୋଟେଲ୍, କ୍ଲବରେ ପୋଲିସର ରାତିଅଧିଆ ଯାଞ୍ଚ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

**ମାଡ଼ ଭିଡିଓ ଭାଇରାଲ ପରେ ଚେତା ପଶିଲା**

ଧଉଳି ଥାନା ଅଞ୍ଚଳରେ ଶନିବାର ଏକ ବାର୍‌ର କେତେଜଣ କର୍ମଚାରୀ ୨ଜଣ ଯୁବକଙ୍କୁ ଏକ ଘରେ ତାଲା ପକାଇ ମାଡ ମାରିବାର ଭିଡିଓ ଭାଇରାଲ ହେବା ପରେ କମିଶନରେଟ ପୋଲିସର ନିଦ ଭାଙ୍ଗିଛି। କାଳେ କୌଣସି ଡ୍ୟାନ୍ସ ବାର, କ୍ଲବ୍ ଓ ହୋଟେଲରେ ଏମିତି ଆପରାଧିକ କାର୍ଯ୍ୟକଳାପ ହେଉଥିବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ପୁଣି ଯାଞ୍ଚକୁ କଡାକଡି କରାଯାଇଛି। ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଖାରବେଳ ନଗର ଥାନା ଅଞ୍ଚଳରେ ବିଳମ୍ବିତ ରାତି ଯାଏ ଖୋଲା ରହିଥିବା ବାର୍, କ୍ଲବ ଓ ହୋଟେଲଗୁଡ଼ିକୁ ଯାଞ୍ଚ କରିଛି ପୋଲିସ। ସେଫ୍ ସିଟି ଡ୍ରାଇଭ୍‌କୁ ଲକ୍ଷ୍ୟ କରି ଏହି ଅଭିଯାନ କରାଯାଉଥିବା ଜଣାପଡିଛି। ଏହି ଚଢାଉରେ କମିଶନରେଟ ପୋଲିସର ଦୁଇଟି ଟିମ୍, ପିଓପିଡି ଓ ୨ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ଥିଲେ। ଯାଞ୍ଚବେଳେ ବାର, କ୍ଲବ୍ ଓ ହୋଟେଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯିବା ସହ ସଚେତନ କରାଯାଇଥିବା ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ରାଜଧାନୀରେ କେତେକ ବାର, କ୍ଲବ ଓ ହୋଟେଲ ବିଳମ୍ବିତ ରାତି ଯାଏ ଖୋଲା ରହିବା ସହ ଅବକାରୀ ନିୟମକୁ ଉଲ୍ଲଂଘନ କରୁଥିବା ନେଇ କମିସନରେଟ ପୋଲିସ ପାଖରେ ସୂଚନା ପହଞ୍ଚିବା ପରେ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦିନରେ ଏଭଳି ଚଢାଉ କରାଯିବ ବୋଲି ଜଣାଯାଇଛି।

# ସରିଲା ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ




ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ-୨୦୨୩ ରବିବାର ଆଦିବାସୀ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ଝାଡ଼ଖଣ୍ଡ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ସମେତ ଓଡ଼ିଶାରୁ ଜନଜାତି କଳାବସ୍ତୁ କାରିଗରମାନେ ସେମାନଙ୍କ ପାରମ୍ପରିକ କଳାବସ୍ତୁ ପ୍ରଦର୍ଶନ କରି ବିକ୍ରିବଟା କରିଥିଲେ। ଜନଜାତି କାରିଗରମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳାବସ୍ତୁକୁ ବିକ୍ରୟ କରିବା ସହ ପରସ୍ପର ମଧ୍ୟରେ ଜ୍ଞାନକୌଶଳ ଆଧାରିତ ଆଲୋଚନା କରିଥିଲେ। ପରିବେଶ ଅନୁକୂଳ କାଠ, ବାଉଁଶ, ପତ୍ର ଆଧାରିତ ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ କଳାବସ୍ତୁ ଉପରେ ସେମାନେ ମତ ରଖିଥିଲେ। ବାସ୍ତବରେ ଏହି ଜନଜାତି କଳାବସ୍ତୁ କେବଳ ପ୍ରଦର୍ଶନୀ ନୁହେଁ ବରଂ ସାଂସ୍କୃତିକ ସହାବସ୍ଥାନର ବାର୍ତ୍ତା ଦେଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରାୟୋଜିତ ଦୁରୁଆମାନଙ୍କ ବିର୍ଲି, ପରଜାମାନଙ୍କର ରିଞ୍ଜୋଡ଼ି ତଥା ଗଦବାମାନଙ୍କର ଢେମ୍‌ସା ନାଚ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲା। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କାରିଗରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଏପ୍ରିଲ ୭ରେ 'ଡେଲିଭରୀ ବୟ'

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଓଡିଆ ଚଳଚ୍ଚିତ୍ର 'ଡେଲିଭରୀ ବୟ' ଏପ୍ରିଲ ୭ରେ ଶୁଭମୁକ୍ତି ହେବାକୁ ଯାଉଛି। ଏହାର ଟ୍ରେଲର ରିଲିଜ୍ ପରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଇନ୍‌ଫିସନ ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ଜ୍ୟୋତି ରଞ୍ଜନ ମହାନ୍ତି ପ୍ରଯୋଜିତ ଏହି ଚଳଚ୍ଚିତ୍ର ଜଣେ ଡେଲିଭରୀ ବୟର ଜୀବନକୁ ନେଇ ନିର୍ମାଣ ହୋଇଛି। ସାଧାରଣତଃ ଲୋକେ ଅନ୍‌ଲାଇନରେ ଅନେକ ଜିନିଷ ଅର୍ଡର କରିଥାନ୍ତି। ଉକ୍ତ ସାମଗ୍ରୀକୁ ସଠିକ ସମୟରେ ସଠିକ ଲୋକ ପାଖରେ ପହଞ୍ଚାଇବା ଡେଲିଭରୀ ବୟର କର୍ତ୍ତବ୍ୟ। କିନ୍ତୁ କର୍ତ୍ତବ୍ୟ ପାଇଁ ଡେଲିଭରୀ ବୟ ସାମ୍ନା କରୁଥିବା ଅନେକ ଅକୁହା କଥାକୁ ନେଇ କାହାଣୀର ପରିକଳ୍ପନା। ଚଳଚ୍ଚିତ୍ରର କାହାଣୀ ପରିକଳ୍ପନା ପ୍ରଯୋଜକ ଜେ.ଆର.ଏମ କରିଥିବାବେଳେ ସଂଳାପ ଲେଖିଛନ୍ତି ଦୀପକ ଜେନା ଏବଂ ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ତ୍ରିପାଠୀ । ଏହି ଚଳଚ୍ଚିତ୍ରରେ ଅଭିନେତା ବୁଦ୍ଧାଦିତ୍ୟ, ଶୈଳେନ୍ଦ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ, ପ୍ରିୟମ୍ବଦା, ଶକ୍ତି ବରାଳ, ଜୀବନ ପଣ୍ଡା, ସୁଶାନ୍ତ, ଇଲୁ ବାନାର୍ଜୀ, ସରୋଜ ଦାଶ, ଚୌଧୁରୀ ବିକାଶ ଦାସ, ସନ୍ତୁ, ଅମନ, ଗୁଞ୍ଜୁ ଓ ପୁପୁଲ ପ୍ରମୁଖ ଅଭିନୟ କରିଛନ୍ତି ।

# ବଡ଼ଗଡ଼ରେ ଭୂଉଚ୍ଚ ଜଳଭଣ୍ଡାରର ଭିତ୍ତିପ୍ରସ୍ତର



ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

'ଡ୍ରିଙ୍କ ଫ୍ରମ୍ ଟ୍ୟାପ' ଯୋଜନାରେ ବଡ଼ଗଡ଼ ଗାଁରେ ଏକ ଓଭର ହେଡ୍ (ଭୂଉଚ୍ଚ) ଜଳ ଭଣ୍ଡାର ନିର୍ମାଣ ହେବ। ଏଥିଲାଗି ରବିବାର ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଜଳଭଣ୍ଡାର ୧୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ। ୮ ମାସ ଭିତରେ ଏହାର ନିର୍ମାଣ ଶେଷ କରିବାକୁ ଟେଣ୍ଡର ନେଇଥିବା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏଥିପାଇଁ ମୋଟ ୨ କୋଟି ୪୬ ଲକ୍ଷର ବ୍ୟୟ ଅଟକଳ କରାଯାଇଛି। ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ହେବାକୁ ଥିବା ଏହି ଜଳ ଭଣ୍ଡାର ପାଇଁ ଏବେ ପାଚେରୀ ନିର୍ମାଣ ଚାଲିଛି। ବଡ଼ଗଡ଼ ଗ୍ରାମକୁ ଏବେ ଘଣ୍ଟାକିଆ ପାଣି ବ୍ୟବସ୍ଥା ରହିଛି। ଏହି ଜଳ ଭଣ୍ଡାର ନିର୍ମାଣ ଫଳରେ ସେମାନଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଶୁଦ୍ଧ ପାନୀୟ ଜଳ ମିଳିବ ଓ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ସୂଚନାଯୋଗ୍ୟ, ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନାରେ ରାଜଧାନୀବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ୮୦୦ କୋଟିର ବ୍ୟୟବରାଦ ହୋଇଛି। ନିକଟରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଏହାକୁ ମଞ୍ଜୁରି ମିଳିବା ପରେ ଏଭଳି ପଦକ୍ଷେପ ନିଆଯାଉଛି।

# ୨୫ରେ ଜନଜାତି ସମାବେଶ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଧର୍ମାନ୍ତରିତମାନଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ଅଲଗା କରିବା ପାଇଁ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଜୟ ଭାରତ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ ତାରିଖରେ ଜନତା ମଇଦାନଠାରେ ବିଶାଳ ଜନଜାତି ସମାବେଶ ଆୟୋଜନ କରାଯିବ। ପ୍ରତି ଜିଲାରୁ ଜନଜାତି ମହିଳା ପୁରୁଷ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହେବା ସହ ବାଦ୍ୟଯନ୍ତ୍ର ନେଇ ଅଂଶଗ୍ରହଣ କରିବେ ବୋଲି ସମ୍ମିଳନୀରେ ମଞ୍ଚର ପ୍ରାନ୍ତ ସଂଯୋଜକ ଶକ୍ତିଦୟାଲ କହିଛନ୍ତି।

# ମହୋଦଧି ପୁଣ୍ୟ ଲାଭକଲେ ଶ୍ରଦ୍ଧାଳୁ

**ଭାର୍ଗବୀରେ ମହାବାରୁଣୀ ସ୍ନାନ**

ସାକ୍ଷୀଗୋପାଳ, ୧୯।୩ (ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ବଳପୁରର ଭୃଗୁ ଘାଟରେ ପୁଣ୍ୟତୋୟା ଭାର୍ଗବୀ ନଦୀରେ ମହାବାରୁଣୀ ସ୍ନାନ ଯାତ୍ରା ରବିବାର ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଶତଭିଷା ନକ୍ଷତ୍ର ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇ ମହୋଦଧି ସ୍ନାନର ପୁଣ୍ୟ ଲାଭ କରିଛନ୍ତି। ସକାଳେ ସାନଭାଇ ବଳପୁର ବାଲୁଙ୍କେଶ୍ୱରଙ୍କୁ ସାଗର ସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ପହଞ୍ଚି ଥିଲେ। ମନ୍ଦିରରେ ୨ ଭାଇଙ୍କୁ ମୁକ୍ତି ମଣ୍ଡପ ଭୋଗ ଲାଗି କରାଯାଇଥିଲା। ବିରକାହାଳୀ, ମହୁରୀ, ବାଜା, ଘଣ୍ଟ, ମର୍ଦ୍ଦଳ, ଧ୍ୱନି ଦେଇ ସୁସଜ୍ଜିତ ବିମାନରେ ଠାକୁର ଭୃଗୁ ଘାଟରେ ପଟୁଆରରେ ବିଜେ କରିଥିଲେ। ଚାରିଘାରିଆ ସେବାୟତ ନଦୀରୁ ଜଳ ସଂଗ୍ରହ କରିଥିଲେ। ଅଭିମନ୍ତ୍ରିତ ଜଳରେ ଠାକୁରଙ୍କ ବାରୁଣୀ ସ୍ନାନ ନୀତି ସମାପନ ହୋଇଥିଲା। ପରେ ସେଠାରେ ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼, କେଶଦାନ, ସନ୍ତାନପ୍ରାପ୍ତି ଆଶାରେ ଦୂରଦୂରାନ୍ତରୁ ଆସିଥିଲେ। ବିଭିନ୍ନ ଗ୍ରାମ କୋଠ ଏବଂ ଶ୍ରଦ୍ଧାଳୁ ନଦୀକୂଳରେ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ସହ ସମବେତ ପ୍ରସାଦ ସେବନ କରିଥିଲେ। ନଈକୂଳରେ ଏକ ଅସ୍ଥାୟୀ ଗ୍ରାମୀଣ ବଜାର ଖୋଲିଥିଲା। ଠାକୁରଙ୍କୁ ପୂଜାର୍ଚ୍ଚନା ସହ ମେଳଣରେ ଲୋକଙ୍କ ସମାଗମ ହୋଇଥିଲା। ନଦୀର ଅପର ପାର୍ଶ୍ୱ ସୁଆଣ୍ଡ ଘାଟରେ ଅନୁରୂପ ଭାବେ ଲୋକନାଥ ଦେବ ଓ ବିଦ୍ୟାଧରପୁର କୁଣ୍ଡଳେଶ୍ୱର ଦେବ ବିରାଜମାନ କରିଥିଲେ। ମେଳଣରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସତ୍ୟବାଦୀ ପୋଲିସ ରହିଥିବାବେଳେ ସାକ୍ଷୀଗୋପାଳ ଦମକଳ ବାହିନୀ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପାଣି ବାଣ୍ଟିବା ସହ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାର ସହାୟତା କରିଥିଲେ। ସେବାୟତଙ୍କ ସହ ଅନ୍ୟମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# 'ଜ୍ଞାନ ବିଶ୍ଲେଷଣକୁ ଓ ପ୍ରେମ ସମର୍ପଣକୁ ପ୍ରାଧାନ୍ୟ ଦିଏ'

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଜ୍ଞାନ ବିଶ୍ଲେଷଣକୁ ଏବଂ ପ୍ରେମ ସମର୍ପଣକୁ ପ୍ରାଧାନ୍ୟ ଦିଏ। ନିର୍ବିକାର, ବିଶୁଦ୍ଧ ଓ ଦିବ୍ୟ ପ୍ରେମ ପାଇଁ ଜ୍ଞାନ ଦରକାର, ନଚେତ୍ ପ୍ରେମ ଅନ୍ଧ ବା ଭ୍ରଷ୍ଟ ହୋଇଯିବ। ବିଶ୍ୱାତ୍ମା ଚେତନା ପରିଷଦ ଓ ଭଞ୍ଜ ଭାରତୀ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ଏପରି କହିଛନ୍ତି। ଶ୍ରୀମଦ୍ ଭାଗବତ୍ ଅନ୍ତର୍ଗତ 'ଗୋପୀଗୀତ'ର ଦାର୍ଶନିକ, ତାତ୍ତ୍ୱିକ ଓ ପ୍ରେମମୟୀ ବାଖ୍ୟା ଅବସରରେ ଭଗବାନ ଶ୍ରୀକୃଷ୍ଣ ଜ୍ଞାନ, ଆନନ୍ଦ, ପ୍ରେମ ଓ ରସର ସ୍ୱରୂପ ଅଟନ୍ତି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଦୀପ୍ତି ପ୍ରକାଶ ନନ୍ଦଙ୍କୁ 'ବିଶ୍ୱାତ୍ମା ଚେତନା ସମ୍ମାନ' ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁବାସ ଚନ୍ଦ୍ର ପାଢ଼ୀଙ୍କ ଲିଖିତ 'ଫିଲୋସୋଫି ଅଫ୍ ଦି ସୁପ୍ରିମ୍' ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ବିଶ୍ୱାତ୍ମା ଚେତନା ପରିଷଦର ସାଧାରଣ ସମ୍ପାଦକ ସତ୍ୟବେଦାନନ୍ଦ ସରସ୍ୱତୀ ପରିଷଦ ସମ୍ପର୍କରେ ସୂଚନା ଦେଇଥିଲେ। ଭଞ୍ଜଭାରତୀର ସାଧାରଣ ସମ୍ପାଦକ ଡା. କୃଷ୍ଣକେଶବ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଭଞ୍ଜ ଭାରତୀର ସଭାପତି ନିଳାଦ୍ରୀ ମୋହନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନ ଶ୍ରେୟାନଭି ଯୋଶୀ ଓ ଦ୍ୱିତୀୟ ଦିନ ସ୍ଥିତପ୍ରଜ୍ଞା ନନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ସୁରକ୍ଷା ପାଇଁ ସଚେତନ କଲେ ପରିବେଶବିତ୍

**ବିଶ୍ୱ ଘରଚଟିଆ ଦିବସ**

ଭୁବନେଶ୍ୱର,୧୯।୩(ବ୍ୟୁରୋ)



ଘରଚଟିଆ ଏବେ ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଏହି କ୍ଷୁଦ୍ର ପକ୍ଷୀଟିକୁ ସୁରକ୍ଷା ଦେବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜନସଚେତନତା ଉଦ୍ଦେଶ୍ୟରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି। କାଗଜ, ଅଠା ଓ ଅନ୍ୟାନ୍ୟ ସାମଗ୍ରୀକୁ ବ୍ୟବହାର କରି ଏକ ସୁନ୍ଦର ଆକର୍ଷଣୀୟ ଚାଳ ଛପର ଘର ତିଆରି କରିଛନ୍ତି। ଘର ଚାରିପାଖ ଘୁରି ବୁଲୁଛନ୍ତି ପ୍ରକୃତିର ଅନବଦ୍ୟ ସୃଷ୍ଟି ଏହି ଘରଚଟିଆ, ଯାହା ସେମାନଙ୍କର ଅତି ପ୍ରିୟ ବାସସ୍ଥାନ। ଏହି କ୍ଷୁଦ୍ର ପକ୍ଷୀର ବଂଶକୁ ବଞ୍ଚାଇବା ଲାଗି କୃତ୍ରିମ ଘରର ବ୍ୟବସ୍ଥାନ ସହ ଖାଦ୍ୟ ନିତ୍ୟାନ୍ତ ଜରୁରୀ ବୋଲି ସାହୁ ଏହା ମାଧ୍ୟମରେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏ ସମ୍ପର୍କରେ ସୁଶାନ୍ତ କୁହନ୍ତି, ଦିନ ଥିଲା ଘରଚଟିଆର କିଚିରି ମିଚିରି ଶବ୍ଦରେ ନିଦ ଭାଙ୍ଗି ଯାଉଥିଲା। କିନ୍ତୁ ଏବେ ଆଉ ସେସବୁ ଶୁଭୁନାହିଁ। ଚାଳଛପର ଘର ଓ ସୁରକ୍ଷିତ ଜଙ୍ଗଲର ଅଭାବ ପାଇଁ ଏହି ଘରଚଟିଆ ବଂଶ ହ୍ରାସ ପାଉଛି। ଏଥିସହିତ ଜଳବାୟୁ ପରିବର୍ତ୍ତନ, କଂକ୍ରିଟ୍ ଘର ନିର୍ମାଣ ଏହି ପକ୍ଷୀ ବିଲୁପ୍ତର ଅନ୍ୟତମ କାରଣ ବୋଲି ସେ କହିଛନ୍ତି। ଘରଚଟିଆର ସୁରକ୍ଷା ପାଇଁ ପ୍ରତିଟି ସ୍ତରରେ ସମ୍ମିଳିତ ଉଦ୍ୟମ ଏକାନ୍ତ ଲୋଡ଼ା। ଏଥିପାଇଁ ପ୍ରତ୍ୟକ ମଣିଷ ଘରଚଟିଆ ପାଇଁ ସଂକଳ୍ପବଦ୍ଧ ଓ ଯତ୍ନବାନ୍ ହୋଇ କାର୍ଯ୍ୟ କରିବାକୁ ସୁଶାନ୍ତ ଏହି ଦିବସରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।




୧୯।୩।୨୦୨୩

| | |
|---|---|
| ୭,୭୫,୧୩୦ ଟଙ୍କା | |
| ସୁନା | ୧.୨୫୦ ଗ୍ରାମ୍ |
| ରୁପା | ୪୩.୭୦୦ଗ୍ରାମ୍ |

# ଘରଠୁ ହୋଟେଲ ସବୁଠି ପଖାଳର ବାସ୍ନା

**ଆଜି ପଖାଳ ଦିବସ**

**ପୁରୀ ଅଫିସ, ୧୯।୩:**

ପଖାଳ ହେଉଛି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ଓଡ଼ିଶା, ଓଡ଼ିଆ ଏବଂ ପଖାଳ ପରସ୍ପରର ସମ୍ପର୍କ ଅତି ନିବିଡ଼। ଖାଲି ଓଡ଼ିଆ କାହିଁକି ଓଡ଼ିଆ ଜାତିର ମଉଡ଼ମଣି ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ। ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଶୟନ ପୂର୍ବରୁ ବଡ଼ସିଂହାର ବେଶରେ ତାଙ୍କ ନିକଟରେ ଦହି ପଖାଳ ଭୋଗ ହୋଇଥାଏ। ପଖାଳ ଓଡ଼ିଆଙ୍କ ସଂସ୍କୃତି ସହ ଓତପ୍ରୋତଃ ଭାବେ ଜଡ଼ିତ। ଓଡ଼ିଆ ଜାତିର ପ୍ରିୟ ଖାଦ୍ୟ ପଖାଳକୁ ସ୍ମରଣ ରଖିବା ପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି। କେବଳ ଓଡ଼ିଶା ନୁହେଁ, ଦେଶ ବିଦେଶରେ ଥିବା ଓଡ଼ିଆମାନେ ମଧ୍ୟ ପଖାଳ ଦିବସ ପାଳନ କରିଥାନ୍ତି। ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସେମାନଙ୍କର ଆକର୍ଷଣ ରହିଛି। ସେଥିପାଇଁ କଥାରେ ଅଛି, ଝୁରି ହେଉଛି ଦିନକାଳ, ମନ ଖୋଜୁଛି ସେକାଳ ପଖାଳ। ଓଡ଼ିଆ ଜନଜୀବନ ସହ ପଖାଳର ସମ୍ପର୍କ ବହୁ ପୁରୁଣା। ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ଲୋକଙ୍କ ଜୀବନ ଶୈଳୀରେ ପଖାଳ ଏକ ନିତିଦିନିଆ ଖାଦ୍ୟ। ସମ୍ପ୍ରତି ଛୋଟ ବଡ଼ ହୋଟେଲରେ ବିଭିନ୍ନ ରକମର ପଖାଳ ଦେଖିବାକୁ ମିଳୁଛି। ତାରକା ହେଟେଲ ସମେତ ବିଭିନ୍ନ ସଙ୍ଗଠନ ତରଫରୁ ପଖାଳ ଦିବସ ପାଳନ କରାଯାଉଛି। ସହର ଚାକଚକ୍ୟ ଏବଂ ଦେଶୀ, ବିଦେଶୀ ଖାଦ୍ୟପେୟ ଭିତରେ ବି ଲୋକେ ପଖାଳ ଖୋଜୁଛନ୍ତି। ତେବେ ଆଳୁଭଜା ଠାରୁ ଆରମ୍ଭ କରି ବଡ଼ିଚୁରା, ମାଛଭଜା ପ୍ରଭୃତି ସହ ପଖାଳ ଖାଇବାକୁ ଭଲ ଲାଗେ ତ ପୁଣି କେତେବେଳେ ଶାଗ, ପିଆଜ, ଲଙ୍କା ସହ ପଖାଳ ଖାଇବାକୁ ଇଚ୍ଛା ହୁଏ। ଦିନକୁ ଦିନ ଆଧୁନିକ ସଭ୍ୟତାରେ ଛନ୍ଦି ହୋଇ ଯୁବପିଢ଼ି ପଖାଳକୁ ଛାଡି ପାଶ୍ଚାତ୍ୟ ଖାଦ୍ୟ ପ୍ରତି ଆକୃଷ୍ଟ ହେଉଥିଲେ ମଧ୍ୟ ଗ୍ରୀଷ୍ମଦିନେ ଖରାର ପ୍ରକୋପ ପୁଣି ସେମାନଙ୍କୁ ପଖାଳ କଂସା ପ୍ରତି ଧିରେ ଧିରେ ଆକୃଷ୍ଟ କରାଉଛି। ଯୁବପିଢିଙ୍କୁ ସେହି ଓଡ଼ିଶା ସଂସ୍କୃତିର ମହକ ସ୍ୱରୂପ ପଖାଳ କଂସା ପ୍ରତି ଆକୃଷ୍ଟ କରିବା ପାଇଁ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି। ପଖାଳ ଦିବସ ସମ୍ପର୍କରେ ପୁରୀ ହରିହର ଛକ ନିକଟରେ ରେଷ୍ଟ ଇନ୍ ଫ୍ୟାମିଲି ଏସି ରେଷ୍ଟୁରାଣ୍ଟ କରିଥିବା ଉମା ଶଙ୍କର ମହାନ୍ତି କହିଛନ୍ତି, ଖରା ଦିନେ ପଖାଳର ଚାହିଦା ଅଧିକ ରହିଥାଏ। ପୁରୀକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଏବଂ ପୁରୀବାସୀ ତାଙ୍କ ହୋଟଲକୁ ଆସି ପଖାଳ ଖାଇଥାନ୍ତି। ଅନେକ ବର୍ଷରୁ ସେ ପଖାଳ କରି ଆସୁଛନ୍ତି। ମୁଖ୍ୟତଃ ଲୋକଙ୍କ ଚାହିଦାକୁ ଦେଖି ପଖାଳ ପ୍ରସ୍ତୁତ କରିଥାନ୍ତି। ଦହି ପଖାଳ ଅଧିକ ଖୋଜାପଡ଼େ। ନିରାମିଷାଶୀଙ୍କ ପାଇଁ ଦହି ପଖାଳ ସହ ବିଭିନ୍ନ ପ୍ରକାର ଭଜା, ଆଳୁ ଭର୍ତ୍ତା, ଶାଗ, ଆଳୁ କଲରା ଚିପ୍ସ୍ ଏବଂ ବଡ଼ିଚୁରା ରହିଥାଏ। ଯାହାର ମୂଲ୍ୟ ୧୦୦ ଟଙ୍କା। ସେହିପରି ଆମିଷାଶୀଙ୍କ ପାଇଁ ଦହିପଖାଳ ସହ ଚୁଡୁଙ୍ଗି ଭଜା, ମାଛଭଜା, ଚୁଡୁଙ୍ଗୀ ଚଟଣୀ, ମହୁରାଳି ମାଛ ଭଜା, ଆଳୁ ଭଜା, ବଡ଼ିଚୁରା, ପାମ୍ପଡ , ଆଚାର ଆଦି ରହିଥାଏ, ଯାହାର ମୂଲ୍ୟ ୧୪୦ ଟଙ୍କା। ସେହିପରି ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ହୋଟେଲ କରିଥିବା ଲୋକନାଥ ମହାରଣା କହିଛନ୍ତି, ଶ୍ରୀମନ୍ଦିର ନିକଟରେ ହୋଟେଲ ହୋଇଥିବାରୁ ନିରାମିଷ ରୋଷେଇ ପ୍ରସ୍ତୁତ କରିଥାଏ। ତେବେ ଖରାଦିନେ ଗ୍ରାହକ ପଖାଳ ପସନ୍ଦ କରିଥାନ୍ତି। ପଖାଳ ଭଲ ବ୍ୟବସାୟ ହୁଏ। ଭାତ ରାନ୍ଧି ସେଥିରେ ପାଣି ମିଶାଯାଏ। ପରେ ସେଥିରେ ଦହି ପକାଯାଇ ଭୃଶୁଙ୍ଗାପତ୍ର, ଲଙ୍କା, ଫୁଟଣ ଆଦିରେ ଛୁଙ୍କ କରାଯାଇ ଉକ୍ତ ଭାତ କଂସାରେ ଦିଆଯାଏ। ପଖାଳ ସହ ବିଭିନ୍ନ ଭଜା, ପାମ୍ପଡ଼, ଖଟା, ବଡ଼ିଚୁରା ଆଦି ଦିଆଯାଏ। ୬୦ରୁ ୭୦ ଟଙ୍କା ପଖାଳ ବେଲା ରହିଥାଏ। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ନିକଟରେ ପଖାଳ ଭୋଗ ହେଉଥିବା ସମ୍ପର୍କରେ ସୂଚନା ଦେଇ ଚୁନରା ସେବକ ଡ. ଶରତ କୁମାର ମହାନ୍ତି କହିଛନ୍ତି, ପଖାଳ ପ୍ରତି ଓଡ଼ିଆ ତଥା ଓଡ଼ିଶାର ପରିଚୟ। କୋଟି ଓଡିଆଙ୍କ ମଉଡ଼ମଣି କାଳିଆ ଠାକୁରଙ୍କ ୬୫ ପ୍ରକାର ଭୋଗ ମଧ୍ୟ ପଖାଳ ଅନ୍ତର୍ଭୁକ୍ତ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ୯ ପ୍ରକାର ପଖାଳ ଭୋଗ ହୋଇଥାଏ। ମହାପ୍ରଭୁଙ୍କୁ ପ୍ରତ୍ୟେକ ଦିନ ସନ୍ଧ୍ୟାଧୂପରେ ପଖାଳ ଭୋଗ କରାଯାଇଥାଏ। ଯଥା ମଲିଫୁଲିଆ ପଖାଳ, ଦହି ପଖାଳ, ଟଭା ପଖାଳ, ଘିଅ ପଖାଳ, ଚୁପୁଡା ପଖାଳ ପ୍ରଭୃତି। କେବଳ ଶ୍ରୀଗୁଣ୍ଡିଚା ଯାତ୍ରା ବ୍ୟତୀତ ଅନ୍ୟ ଦିନରେ ମହାପ୍ରଭୁଙ୍କୁ ପଖାଳ ଭୋଗ ହୋଇଥାଏ। ପଖାଳ ଓଳିରେ ପଖାଳ ନୈବେଦ୍ୟ କରାଯାଇଥାଏ। ତାହା ସହ କଦଳୀ ଭଜା ମଧ୍ୟ ଦିଆଯାଇଥାଏ।



ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଷଣ୍ଢ ମୃତ, ଥାନାରେ ଏତଲା

**ଜଟଣୀ,୧୯।୩(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବଡ଼ନୂଆଗାଁ ଶତପଥୀ ସାହି ଗୋପୀନାଥ ମନ୍ଦିର ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଷଣ୍ଢର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ରବିବାର ସକାଳେ ଗୋପୀନାଥ ମନ୍ଦିର ରାସ୍ତାରେ ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିଲା। ଏନେଇ ଗ୍ରାମର ପ୍ରଶାନ୍ତ କୁମାର ମହାପାତ୍ର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଫଳରେ ଦୀର୍ଘ ସମୟ ଧରି ତାର ପଡିରହିଥିଲା। ଉକ୍ତ ରାସ୍ତାରେ ଯାଉଥିବା ଏକ ଷଣ୍ଢ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜଟଣୀ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ଶୁଭେନ୍ଦୁ କୁମାର ମହାପାତ୍ର, ରାଜେନ୍ଦ୍ର କୁମାର ଜେନା, ଅନନ୍ତ ଶତପଥୀ, କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନାନନ୍ଦ ଶତପଥୀ, ବିଜୟ କେଶରୀ ଶତପଥୀ, ପ୍ରଦୀପ ଜେନାଙ୍କ ସହିତ ବହୁ ଗ୍ରାମବାସୀ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**ସଂକ୍ଷେପରେ**

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବହିର୍ବିଭାଗ ଗୃହ ଲୋକାର୍ପିତ

କାକଟପୁର,୧୯।୩(ଡି.ଏନ୍.ଏ.)- କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ଗୃହକୁ ରାଜ୍ୟ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର ଲୋକାର୍ପିତ କରିଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଲୋକଙ୍କ ନିକଟତର କରାଇବାକୁ ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଉଦ୍ୟମ ରଖାଯାଇଛି। ଲୋକାର୍ପଣ ଉତ୍ସବରେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଆଶିଷ ମହାପାତ୍ର, ପୁରୀ ଜିଲା ପରିଷଦ ପୂର୍ବତନ ଅଧକ୍ଷ ଜ୍ୟୋତିର୍ମୟୀ ଦଳାଇ, ବର୍ତ୍ତମାନର ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ସରପଞ୍ଚ ସେଖ ଅବୁବତାର, ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ପର୍ଶୁରାମ ବେହେରା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କମଳେଶ ଛାଟୋଇଙ୍କ ସମେତ ଶତାଧିକ ଲୋକ ଯୋଗଦେଇଥିଲେ।

## ଚିକିତ୍ସା ଶିବିର ଉଦ୍‌ଯାପିତ

ପୁରୀ ଅଫିସ, ୧୯।୩: ସୁରକ୍ଷା ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପୁରୀ ପକ୍ଷରୁ ମାଳତିପାଟପୁରସ୍ଥିତ ୱଣ୍ଡର ୱାର୍ଲ୍ଡ ୱାଟର ପାର୍କ ପରିସରରେ ଆୟୋଜିତ ତିନିଦିନିଆ ଚିକିତ୍ସା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ପରିଚାଳନାରେ ସାମାଜିକ କର୍ମୀ ଡ. ନାରାୟଣ ପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ଚକ୍ରଧର ମହାପାତ୍ର ସହଯୋଗ କରିଥିଲେ। ଉଦଯାପନ କାର୍ଯ୍ୟକ୍ରମରେ ୱଣ୍ଡର ୱାର୍ଲ୍ଡ ୱାଟର ପାର୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ରଥ, ଭୁବନେଶ୍ୱର ଆକ୍ୟୁପ୍ରେସର ସଦସ୍ୟ ଲକ୍ଷ୍ମୀପ୍ରିୟା ପଣ୍ଡା, ପ୍ରସନ୍ନ କୁମାର ସାହୁ, ବିଜୟ କୁମାର ବରାଳ ପ୍ରମୁଖ ଯୋଗଦେଇ ଏହି ନିଶୁଳ୍କ ସେବାକୁ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସହଯୋଗ କରିବେ ବୋଲି କହିଥିଲେ। ଡ. ରାଧେଶ୍ୟାମ ରଥଙ୍କ ତତ୍ତ୍ୱାବଧାନରେ ୩୦ ଜଣ ଥେରାପିଷ୍ଟ ଅଂଶଗ୍ରହଣ କରି ପ୍ରାୟ ୩ ଦିନରେ ୨ହଜାରରୁ ଉର୍ଦ୍ଧ ରୋଗୀଙ୍କ ନିଶୁଳ୍କ ଚିକିତ୍ସା କରିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୁରକ୍ଷା ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ଚିକିତ୍ସିକା ସିପ୍ରା ବେହେରା, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ବବିତା, ନିର୍ମଳା, ସୋନାଲି, ସସ୍ମିତା, ଅମିତା, ନାରାୟଣ, ଅର୍ଜୁନ, ଶଶାଙ୍କ, ସୋମେଶ, ପ୍ରସନ୍ନ, ନନ୍ଦିନୀ ଏବଂ ବର୍ଷା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପୁରୀ ପୌରସଦନ ସମ୍ମିଳନୀ କକ୍ଷରେ ଟେଡିକିଡ୍ ସ୍କୁଲ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## 'ସତ୍ୟୋତ୍ସବ'ରେ ନୃତ୍ୟ, ଗୀତ ପରିବେଷଣ କଲେ ଛାତ୍ରୀଛାତ୍ର

**ପୁରୀ ଅଫିସ, ୧୯।୩:**

ସିପସରୁବାଲିସ୍ଥିତ ସିଟି ରୋଡ ଓ ଶାନ୍ତିକୁଞ୍ଜ ଲେନ୍‌ସ୍ଥିତ ଟେଡିକିଡ୍ ସ୍କୁଲ ଏବଂ ସତ୍ୟଭାମା ଇଂଲିଶ ମିଡିୟମ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ 'ସତ୍ୟୋତ୍ସବ' ସମାରୋହ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଜ୍ଞାନ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଜିତ୍ ମହାପାତ୍ର, ମମତା ମିଶ୍ର, କ୍ରିଷ୍ଣା ମହାପାତ୍ର, ବିଦ୍ୟାଳୟର ସମ୍ପାଦକ ଆଶୁତୋଷ ମିଶ୍ର ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଦର୍ଶିନୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଚଳିତ ଶିକ୍ଷା ବର୍ଷର ସମସ୍ତ କୃତି ପ୍ରତିଯୋଗୀ ତଥା ଇଣ୍ଟର ସ୍କୁଲର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ତରଫରୁ ଜୀବନ ବ୍ୟାପି ସାଧନା ନିମନ୍ତେ ଶିକ୍ଷାବିତ୍ ଗଦାଧର ନନ୍ଦ ଏବଂ ସୁଶ୍ରୀ ପଦ୍ମିନୀ ଦାଶ, ମାମାଜିକ କର୍ମୀ ଶ୍ୟାମ ପ୍ରକାଶ ସେନାପତି ଏବଂ ଡ. ସଚ୍ଚିକାନ୍ତ କରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନଦୀକୂଳରୁ ଅଖାରୁ ମିଳିଲା ମହିଳାଙ୍କ ମୃତଦେହ

**ହତ୍ୟା ସନ୍ଦେହ**

**ସାକ୍ଷୀଗୋପାଳ, ୧୯।୩(ସ୍ୱ.ପ୍ର./ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଚିଲ ପାଟଣା ଗ୍ରାମ ନିକଟ ଭାର୍ଗବୀ ନଦୀକୂଳରୁ ରବିବାର ଏକ ଅଖାରେ ବନ୍ଧା ହୋଇ ପଡିଥିବା ଜଣେ ମହିଳାଙ୍କ ମୃତଦେହ ସତ୍ୟବାଦୀ ପୋଲିସ ଜବତ କରିଛି। ଅଖାରୁ ମହିଳାଙ୍କ ହାତ ବାହାରକୁ ବାହାରିଥିବାବେଳେ ହାତରେ ନାଲି ଶଙ୍ଖା ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଉକ୍ତ ମହିଳାଙ୍କ ପରିଚୟ ମିଳି ନ ଥିବାବେଳେ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ଜନୈକ ବ୍ୟକ୍ତି ଶୌଚ ହେବାକୁ ନଦୀକୂଳକୁ ଯାଇଥିଲେ। ସେଠାରେ ହାତ ବାହାରିଥିବା ଅଖା ଦେଖି ଭୟଭୀତ ହୋଇଥିଲେ। ପରେ ସେଠାରେ ଲୋକଙ୍କ ଭିଡ ଜମିଥିଲା। ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ।

## ଶାକଦ୍ୱିପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘର ବାର୍ଷିକ ସମ୍ମିଳନୀ

**ପୁରୀ ଅଫିସ, ୧୯।୩:**

ରାଜ୍ୟ ଶାକଦ୍ୱିପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘର ୩ୟ ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟର ୨୦ଟି ଜିଲାରୁ ଆସିଥିବା ବ୍ରାହ୍ମଣ କର୍ମକର୍ତ୍ତା ଓ ସାଧାରଣ ସଭ୍ୟାସଭ୍ୟ ଯୋଗଦେଇଥିଲେ। ପଣ୍ଡିତ ସନ୍ତୋଷ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାସଂଘର ସାଧାରଣ ସମ୍ପାଦକ ପଣ୍ଡିତ ପ୍ରେମାନନ୍ଦ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ପଣ୍ଡିତ ମନୋରଞ୍ଜନ ନାୟକ ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ରମାକାନ୍ତ ମହାପାତ୍ର, ଉପସଭାପତି ରଙ୍ଗାଧର ମହାପାତ୍ର, ଉପଦେଷ୍ଟା ପଣ୍ଡିତ ଅନ୍ତର୍ଯ୍ୟାମୀ ମହାପାତ୍ର, ପଣ୍ଡିତ ଉଗ୍ରସେନ ନାୟକ, ପଣ୍ଡିତ ମନୋରଞ୍ଜନ ନାୟକ, ପଣ୍ଡିତ ସନ୍ତୋଷ ମହାପାତ୍ର, ପଣ୍ଡିତ ତାପସ ମହାପାତ୍ର ପ୍ରମୁଖ ଯୋଗଦେଇ ସଂଘ ଓ ସମାଜର ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ବହୁଗୁଣିତ କରିବା ପାଇଁ ଆଲୋଚନା କରିଥିଲେ। ସାମାଜିକ ସଂସ୍କାର, ଶିକ୍ଷା, ବେଦ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଉପରେ ସାରଗର୍ଭକ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟର ପ୍ରତି ଜିଲାରୁ ମନୋନୀତ ଦକ୍ଷ ସଙ୍ଗଠକ, ଜ୍ୟୋତିର୍ବିଦ୍, କର୍ମକାଣ୍ଡ ନିପୁଣ ଗୁଣ ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ଦୈବଜ୍ଞ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।


ରାଜ୍ୟ ଶାକଦ୍ୱିପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘର ୩ୟ ବାର୍ଷିକ ସାଧାରଣ ସଭାରେ ଯୋଗଦେଇଥିବା ଅତିଥିମାନେ ।

## 'ପର୍ଯ୍ୟଟନର ବିକାଶ, ପରିବେଶ ସୁରକ୍ଷା ଜରୁରୀ'

**କୋଣାର୍କ,୧୯।୩(ଡି.ଏନ୍.ଏ.):**

କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ବାବା ବଳିଆଙ୍କ ତିନିଦିନିଆ ପ୍ରବଚନ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ସ୍ଥାନୀୟ ଯାତ୍ରୀନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାବା ବଳିଆ କହିଛନ୍ତି ଯେ, ପର୍ଯ୍ୟଟନର ବିକାଶ ସହିତ ପ୍ରାକୃତିକ ପରିବେଶର ସୁରକ୍ଷା ତଥା ସଂରକ୍ଷଣ ଦିଗରେ ସରକାର ଯତ୍ନବାନ୍ ହେବା ଜରୁରୀ ହୋଇପଡ଼ିଛି। କୋଣାର୍କର ପବିତ୍ର ଚନ୍ଦ୍ରଭାଗା ତୀର୍ଥର ଦୟନୀୟ ଅବସ୍ଥା ଓ ପୂତିଗନ୍ଧମୟ ପରିବେଶକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ସମୁଦ୍ର ଉପକୂଳର ଅବକ୍ଷୟକୁ ରୋକିବାକୁ ହେଲେ ଚନ୍ଦ୍ରଭାଗା ବେଳାଭୂମିରେ ହେନ୍ତାଳ ବଣ ସୃଷ୍ଟି କରିବା ଜରୁରୀ। କଂକ୍ରିଟ୍ ପାଚେରି ନିର୍ମାଣ ଦ୍ୱାରା ସମୁଦ୍ରକୂଳ ଲଂଘନକୁ ରୋକାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଚନ୍ଦ୍ରଭାଗା ତୀର୍ଥର ଗଭୀର ଖନନ ସହିତ ଏହାର ଜଳରାଶିକୁ ବର୍ଷତମାମ୍ ଆବର୍ଜନାମୁକ୍ତ ରଖିବା ନିମନ୍ତେ ସରକାର ଯତ୍ନବାନ୍ ନ ହେଲେ ଅର୍କକ୍ଷେତ୍ର ତା'ର ଆଧ୍ୟାତ୍ମିକ ଗୁରୁତ୍ୱ ହରାଇବ। ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତାଙ୍କ ଆରାଧନା ପାଇଁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଭଗ୍ନମନ ନେଇ ପ୍ରତ୍ୟାବର୍ତ୍ତନ କରିବେ। ଏବେ ସରକାର ମନ୍ଦିର ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଓଡ଼ିଶାର ବିଭିନ୍ନ ଦେବଦେବୀ ପୀଠର ଭୌତିକ ବିକାଶ କରୁଛନ୍ତି, ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଦୈବପୀଠଗୁଡ଼ିକର ପ୍ରାକୃତିକ ପରିବେଶକୁ ନଷ୍ଟ କରି କଂକ୍ରିଟ୍ ନିର୍ମାଣ ଜାରି ରହିଛି, ଏହା ଅତ୍ୟନ୍ତ ପରିତାପର ବିଷୟ। ପ୍ରାକୃତିକ ପରିବେଶର ସଂରକ୍ଷଣକୁ ନିଶ୍ଚିତ କରି ସରକାର ପର୍ଯ୍ୟଟନର ବିକାଶ ଦିଗରେ ମନୋନିବେଶ କଲେ ହିଁ ପରିବେଶ ସନ୍ତୁଳନ ସହିତ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତିଷ୍ଠା ହୋଇପାରିବ। ଏହି ବିଷୟଗୁଡ଼ିକ ପ୍ରତି ଧ୍ୟାନଦେବାକୁ ସରକାରଙ୍କୁ ପତ୍ର ଲେଖିବେ ବୋଲି ବାବା ବଳିଆ କହିଛନ୍ତି।


ବାବା ବଳିଆ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୋଠା ଉଦ୍‌ଘାଟିତ

**କୋଣାର୍କ, ୧୯।୩(ଡି.ଏନ୍.ଏ.):**

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର କୁଞ୍ଜ ଗ୍ରାମରେ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ କୋଠା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। ଅସ୍ଥାୟୀ ଭାବେ କାକଟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏଣିକି ସ୍ଥାୟୀ ଭାବେ ଉକ୍ତ ନୂତନ କୋଠାରେ ଚାଲିବ ବୋଲି ମନ୍ତ୍ରୀ ବେହେରା କହିଥିଲେ। ଏହାଦ୍ୱାରା ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ବିଶେଷ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ନିମାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସତ୍ୟଜିତ ଦଳାଇ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କୁରୁଜଙ୍ଗ ସରପଞ୍ଚ ରୁପାଲି କାଣ୍ଡି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ମହାପାତ୍ର, ଶରତ ଚନ୍ଦ୍ର ମାହାରୀ, କୁରୁଜଙ୍ଗ ମହିଳା ମହାସଂଘର ସଭାନେତ୍ରୀ ଝରଣା ପରିଡ଼ା ଏବଂ ଯୁବନେତା ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟର ଶିକ୍ଷକ, ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।


ନୂତନ କୋଠା ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥି।

# ବଢୁଛି ଅପରାଧ, ଚିନ୍ତାରେ ପୋଲିସ

**ଅଶାନ୍ତ ହେଉଛି ପର୍ଯ୍ୟଟନ ସହର ପୁରୀ**

**ପୁରୀ ଅଫିସ, ୧୯।୩:**

ପର୍ଯ୍ୟଟନ ସହରରେ ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ପୋଲିସ କିଛି ମାତ୍ରାରେ ବଟି ଆଦାୟ ଓ ନିଶାଦ୍ରବ୍ୟ କାରବାର ଉପରେ ନିୟନ୍ତ୍ରଣ ପାଇଛି। ମାତ୍ର ଅନ୍ୟ ଆପରାଧିକ ମାମଲା ରୋକିବାରେ ବିଫଳ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିଯୋଗୁ ପୁରୀବାସୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ଅନ୍ୟପକ୍ଷରେ ଗୁଳିକାଣ୍ଡ, ହଣାକଟା, ଗ୍ୟାଙ୍ଗୱାର୍ ପ୍ରଭୃତି ବଡ଼ଧରଣର ଅପରାଧ ରୋକାଯିବା ନେଇ ପୋଲିସ ଚିନ୍ତାରେ ପଡ଼ିଛି। କୁମ୍ଭାରପଡ଼ା ଥାନା ଅଧୀନ ବଡ଼ଦାଣ୍ଡର ମାର୍କେଟ ଛକରେ ଜୁଆଖେଳ ଓ ପୂର୍ବ ଶତ୍ରୁତାକୁ ନେଇ ରବିବାର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ହଣାକଟା ଘଟଣା ଘଟିଥିଲା। ସେଠାରେ ଟ୍ରାଫିକ ପୋଲିସ ନିୟୋଜିତ ଥିବା ବେଳେ କିଛି ଦୂରରେ ଟାଉନ ଥାନା ରହିଛି। ଏହାସତ୍ତ୍ୱେ ଏପରି ଘଟଣା ପୁରୀ ପୋଲିସକୁ ଅପରାଧୀଙ୍କ ଖୋଲଖୋଲି ଚ୍ୟାଲେଞ୍ଜ ସଦୃଶ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେବ ଜମିଜମା ଓ ପୂର୍ବ ଶତ୍ରୁତାକୁ ନେଇ ବିଭିନ୍ନ ସମୟରେ ପୁରୀ ସହରରେ ଆପରାଧିକ କାର୍ଯ୍ୟକଳପ ବୃଦ୍ଧି ପାଇବାରେ ଲାଗିଛି। ୨୦୨୨ ମାର୍ଚ୍ଚ ୧୬ରେ ଶ୍ରୀମନ୍ଦିରର ପୂର୍ବତନ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ବାରବାଟୀ ଜାଗା ପରିସରରେ ଗୁଳି କରି ହତ୍ୟା କରାଯିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ୨୦୧୨ରେ ବହୁଚର୍ଚ୍ଚିତ ସେବାୟତ ଗୁନ ସିଂହାରୀ ହତ୍ୟା ମାମଲାର ଏହା ପ୍ରତିଫଳନ ଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା। ଏହାର କିଛିଦିନ ପରେ ୨୦୨୨ ମେ ୨୪ ତାରିଖ ରାତିରେ ଏମାର ମଠ ନିକଟରେ ଶ୍ରୀଲୋକନାଥ ଦେବଙ୍କ ସେବାୟତ ତଲୁଛ ସାହିର ଶିବରାମ ପାତ୍ରଙ୍କ ଉପରକୁ ପୂର୍ବ ଶତ୍ରୁତାକୁ ନେଇ ଗୁଳିକାଣ୍ଡ ହୋଇଥିଲା। ଫଳରେ ତାଙ୍କର ଜୀବନ ଯାଇଥିଲା। ପରେ ଅଭିଯୁକ୍ତ ଚନ୍ଦନ ବାରିକ ଏବଂ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଗତ ଦୀପାବଳି ଅବସରରେ ଚନ୍ଦନପୁର ଥାନା ଅଧୀନ ଥେଣ୍ଟପୁରଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକାଣ୍ଡ ହୋଇଥିଲା। ଏଥିରେ ଶଙ୍କର ବେହେରାଙ୍କ ମୃତ୍ୟୁ ହୋଇଥିବାବେଳେ ନିଲୁ ବରାଳ ଆହତ ହୋଇଥିଲେ। ଅପରାଧୀଙ୍କ ପାଖରେ ମାରଣାସ୍ତ୍ର ପହଞ୍ଚୁଥିବା ଏସବୁ ଘଟଣାରୁ ସ୍ପଷ୍ଟ ହୋଇଥିଲା। ତେବେ ପୋଲିସ ତଦନ୍ତ ପ୍ରକ୍ରିୟା ନ ଆଗେଇ ଚୁପ୍ ବସିପଡ଼ିଲା। ଫଳରେ ଅପରାଧୀମାନେ ପୁଣି ସକ୍ରିୟ ହୋଇଉଠିଲେ। ୪ଦିନ ତଳେ ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିରେ ଶ୍ରୀମନ୍ଦିର ଯାତ୍ରୀ ବ୍ୟବସାୟକୁ ନେଇ ୪ଜଣ ସେବାୟତଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏବେ ପୁଣି ବଡ଼ଦାଣ୍ଡରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହଣାହଣି ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ୧୨ଘଣ୍ଟା ଭିତରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ ମଧ୍ୟ ତାହା ଯଥେଷ୍ଟ ପଦକ୍ଷେପ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ସାମାଜିକ କର୍ମୀ ଦିଲୀପ ବରାଳ କହିଛନ୍ତି, ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ନଚେତ ପର୍ଯ୍ୟଟକ ଓ ଭକ୍ତଙ୍କ ମନରେ ଭୟ ସୃଷ୍ଟି ହେବା ସହ ପୁରୀ ପ୍ରତି ନକାରାତ୍ମକ ମନୋଭାବ ପରିଲକ୍ଷିତ ହେବ। ସେହିପରି ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି, ପୁରୀ ସହରରେ ବ୍ରାଉନସୁଗାର କାରବାର ସହ ଜୁଆଖେଳ ହେଉଛି। ମାରଣାସ୍ତ୍ର ମୁନରେ ଦାଦାବଟି ମଧ୍ୟ ଆଦାୟ କରାଯାଉଛି। ମାର୍କେଟ ଛକରେ ଘଟିଥିବା ଘଟଣା ମୁଖ୍ୟତଃ ଜୁଆଖେଳକୁ ନେଇ ଘଟିଛି। ପୋଲିସ ଯେଭଳି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ସେହି ଅନୁସାରେ କରୁନାହିଁ। ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପୋଲିସ କଠୋର ନ ହେଲେ ଆଗାମୀ ଦିନରେ ଆପରାଧିକ ମାମଲା ବଢିବ। କଂଗ୍ରେସ ନେତା ଆଶୁତୋଶ ମିଶ୍ର କହିଛନ୍ତି, ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁଛି, ମାତ୍ର କିଛି ଦିନ ପରେ ସେମାନେ ଜାମିନରେ ଆସି ପୁଣି ଆପରାଧିକ କାର୍ଯ୍ୟକଳାପ ଜାରି ରଖୁଛନ୍ତି। ତେଣୁ ଏଥିପ୍ରତି ପୋଲିସ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଅନ୍ୟପକ୍ଷରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା କହିଛନ୍ତି, ପୁରୀ ସହରକୁ ଅପରାଧମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଅତୀତରେ ପୋଲିସ ୧୦୪ରୁ ଉର୍ଦ୍ଧ୍ୱ ଚୋରି ମୋବାଇଲ ଜବତ କରିବା ସହ ଅନେକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଚୋରି ସୁନାଗହଣା ଉଦ୍ଧାର ପରେ ଫେରସ୍ତ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପେସାଦାର ଅପରାଧୀଙ୍କୁ ୧୧୦ ସିଆର୍‌ପିସିରେ ବୁକ୍ କରାଯାଉଛି। ଅପରାଧୀଙ୍କ ବିରୋଧରେ ଜିରୋ ଟଲେରାନ୍ସ ନୀତି ଅବଲମ୍ବନ କରାଯାଉଛି।



## ସଂକ୍ଷେପରେ

### ଜଳହସ୍ତୀ ଶାବକ ମୃତ

ବାରଙ୍ଗ,୧୯।୩(ଡି.ଏନ୍.ଏ.)- ପ୍ରାଣୀଉଦ୍ୟାନ ନନ୍ଦନକାନନର ୬୩ ନଂ. ଏନ୍‌କ୍ଲୋଜରରେ ଗୋଟେ ଦିନ ପୂର୍ବରୁ ଜନ୍ମ ହୋଇଥିବା ଏକ ଜଳହସ୍ତୀ ଶାବକର ରବିବାର ମୃତ୍ୟୁ ହୋଇଛି। ଏକ ବୟସ୍କ ମାଈ ଜଳହସ୍ତୀ ଏହି ଶାବକକୁ ଜନ୍ମ ଦେଇଥିଲା। ନନ୍ଦନକାନନ ପ୍ରାଣୀବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁ ଅନ୍ୟ ଅଣ୍ଡିରା ଜଳହସ୍ତୀ ପାଣି ଭିତରେ ଶନିବାର ଜନ୍ମିତ ଶାବକକୁ ଗୋଡାଇଥିଲେ। ସେଥିରେ ଶାବକଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ସାଧାରଣତଃ ଏହି ପ୍ରଜାତିର ଜଳହସ୍ତୀ ଆଫ୍ରିକା ମହାଦେଶର ନଦୀ ଓ ହ୍ରଦରେ ବାସକରନ୍ତି। ୮ମାସ ଗର୍ଭଧାରଣରେ ମାଈ ଜଳହସ୍ତୀ ପାଣି ଭିତରେ ଗୋଟିଏ ଶାବକ ଜନ୍ମ କରିଥାଏ।

### ହଷ୍ଟେଲରେ ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଭୁବନେଶ୍ୱର,୧୯।୩(ବ୍ୟୁରୋ) : ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳରେ ଏକ ହଷ୍ଟେଲରେ ତାଲା ପକାଇ ୨ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧଉଳି ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର କାଜଲ ଦାସ ଓରଫ ରିକି ଏବଂ କୈଶିକ ବାସୁ । ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ବାର୍ ମ୍ୟାନେଜର ବାରକୁ ଡ୍ୟାନ୍ସର ଯୋଗାଇବା ଲାଗି ଅଭିଯୋଗକାରୀ ପ୍ରଦୀପ ଗୁପ୍ତାଙ୍କୁ ଚାପ ପକାଇଥିଲେ । ଏନେଇ ସେ ମନା କରିବାରୁ ଅଭିଯୁକ୍ତଦ୍ୱୟ ଓ ତାଙ୍କର କିଛି ସହଯୋଗୀ ପ୍ରଦୀପ ଏବଂ ତାଙ୍କର ଜଣେ ବନ୍ଧୁଙ୍କୁ ଏକ ଘରେ ତାଲା ପକାଇ ମାଡ ମାରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଭିଡିଓ ଭାଇରାଲ ହେବା ସହ ଥାନାରେ ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା।

### ରାଜାରାଣୀ ବସ୍ତିରେ ସ୍ୱାସ୍ଥ୍ୟ ସଚେତନତା

ଭୁବନେଶ୍ୱର,୧୯।୩(ବ୍ୟୁରୋ)- ସ୍ଥାନୀୟ ରାଜାରାଣୀ ବସ୍ତିରେ ସାମାଜିକ ସଂଗଠନ 'ଆଶ୍ରା' ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଛି। ପୋଷଣ ଅଭାବରୁ ବିଭିନ୍ନ ରୋଗ ବ୍ୟାଧିର ଶିକାର ହେଉଥିବା ପିଲାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶିବିରରେ ଇଣ୍ଡିଆନ ଲିଭର ପେସେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଛୋଟ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ପିଲାମାନଙ୍କୁ କ୍ଷୀର ଓ ପୁଷ୍ଟିଯୁକ୍ତ ପାନୀୟ ପିଇବାକୁ ଦିଆଯାଇଥିବା ବେଳେ ଛତୁଆ, ବିସ୍କୁଟ, କେକ୍ ଏବଂ ଫଳ ବଣ୍ଟନ କରାଯାଇଥିଲା । ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅନିଲ ଶର୍ମା ଓ ଡାକ୍ତର ଶାଳିନୀ ଦାଶ ଶିଶୁମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ।

### ୨୧ରେ କଣ୍ଢେଇ ମେଳଣ ଜମାଣ ଉତ୍ସବ

ଯାଁଳା,୧୯।୩(ଡି.ଏନ୍.ଏ.): ପାତ୍ରପଡ଼ା ଭଗବାନପୁର ଗ୍ରାମରେ ଆସନ୍ତା ୨୧ ତାରିଖ (ମଙ୍ଗଳବାର)ରେ କଣ୍ଢେଇ ମେଳଣର ଜମାଣ ଉତ୍ସବ ହେବ। ଏହା ପରଦିନ ଦିବ୍ୟାଙ୍ଗଙ୍କ ଦ୍ୱାରା ଭଜନ ସମାରୋହ ହେବ। ସେହିପରି ଗୁରୁବାର ବାଲ୍ୟଭୋଜି ଏବଂ ଶୁକ୍ରବାର ଶେଷ ଦିନରେ ଦିଅଁ ମେଳଣ ଓ ହରିହର ଭେଟ ହେବ ବୋଲି ରବିବାର ଗ୍ରାମର ଆରାଧଦେବୀ ଛୋଟି ଭୁଆସୁଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି।

# ୱାର୍କିଂ ଓମେନ୍ ହଷ୍ଟେଲ ହେବ କୁକୁର ଚିକିତ୍ସା କେନ୍ଦ୍ର

- ମେ' ସୁଦ୍ଧା କାର୍ଯ୍ୟକ୍ଷମ ହେବ
- ଦିନକୁ ୧୫୦ ଅସ୍ତ୍ରୋପଚାର ଲକ୍ଷ୍ୟ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ରାଜଧାନୀରେ ଗାଈଗୋରୁ ସାଙ୍ଗକୁ ବୁଲା କୁକୁରଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ପଡିଲେଣି ସହରବାସୀ। ବିଶେଷକରି କୁକୁରମାନେ ହଠାତ୍ ଚଳନ୍ତା ଗାଡ଼ି ସମ୍ମୁଖକୁ ଆସି ଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିସହ ଅନେକ କୁକୁର କାମୁଡ଼ାରେ ମଧ୍ୟ ଶିକାର ହେଉଛନ୍ତି। ଏପରିକି ବିଗତ ଦିନରେ କୁକୁର କାମୁଡ଼ାକୁ ନେଇ ଭୁବନେଶ୍ୱରରେ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବିପଦରୁ ସହରବାସୀଙ୍କୁ ସୁରକ୍ଷା ଦେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗାଇଡ୍‌ଲାଇନ୍ ଅନୁଯାୟୀ ଗୋରୁଙ୍କ ଭଳି କୁକୁରମାନଙ୍କୁ କୌଣସି ଗୋଟିଏ ସ୍ଥାନରେ ଆବଦ୍ଧ କରି ରଖାଯାଇ ପାରିବ ନାହିଁ। ସେମାନଙ୍କୁ କେବଳ ଏବିସି (ଆନିମଲ ବାର୍ଥ କଣ୍ଟ୍ରୋଲ) ପ୍ରୋଗ୍ରାମ ମାଧ୍ୟମରେ ନିୟନ୍ତ୍ରଣ କରାଯାଇ ପାରିବ। ତେଣୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ ଦେଉଛି ବିଏମ୍‌ସି। ମାତ୍ର ଦୈନିକ ଯେତିକି ସଂଖ୍ୟକ କୁକୁରଙ୍କ ଅସ୍ତ୍ରୋପଚାର ହେବା କଥା ତାହା ହୋଇପାରୁ ନାହିଁ। କୁକୁର ବନ୍ଧ୍ୟାକରଣକୁ ବ୍ୟାପକ କରିବା ଲାଗି ଏକ ସ୍ୱତନ୍ତ୍ର ହସ୍ପିଟାଲ କରିବା ପାଇଁ ଯୋଜନା କରିଛି। ପ୍ରଥମେ ଏହା ଅସ୍ଥାୟୀ ଭାବେ ମଞ୍ଚେଶ୍ୱରଠାରେ ଖୋଲିବ। ସେଠାରେ ଥିବା ବିଏମ୍‌ସିର ୱାର୍କିଂ ୱିମେନ୍ ହଷ୍ଟେଲ ଗତ ୧୦ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡିଛି। ୩ମହଲା ବିଶିଷ୍ଟ ଏହି ହଷ୍ଟେଲ୍‌ର ମରାମତି କରିବା ପରେ ଏଠାରେ କୁକୁରଙ୍କ ପାଇଁ ହସ୍ପିଟାଲ କରାଯିବ। ଅସ୍ତ୍ରୋପଚାର ଗୃହ ସହିତ ଅନ୍ୟାନ୍ୟ ଆବଶ୍ୟକ ସରଞ୍ଜାମ ଏବଂ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ମେ ମାସ ସୁଦ୍ଧା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ନୂତନ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାପରେ ଦିନକୁ ୧୫୦ କୁକୁରଙ୍କ ଅସ୍ତ୍ରୋପଚାର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଏବେ ଜାଗା ଅଭାବରୁ ୱାର୍ଡ ୱାରି କୁକୁରଙ୍କୁ ଶହୀଦନଗରକୁ ଅଣାଯାଇ ପାରୁନାହିଁ। କେବଳ ଯେଉଁ ସ୍ଥାନରେ ଅଧିକ କୁକୁର ଥିବା ଅଭିଯୋଗ ଆସୁଛି, ସେଠାରୁ କୁକୁରଙ୍କୁ ଅଣାଯାଉଛି। ମାତ୍ର ନୂତନ ହସ୍ପିଟାଲ ହେବା ପରେ ପ୍ରତି ୱାର୍ଡରୁ କୁକୁରଙ୍କୁ ଆଣି ନିୟମିତ ଭାବେ ଅସ୍ତ୍ରୋପଚାର କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ମଞ୍ଚେଶ୍ୱରଠାରେ ଥିବା ୱାର୍କିଂ ଓମେନ୍ ହଷ୍ଟେଲ ।

ସୂଚନାଯୋଗ୍ୟ, ସହରରେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ବୁଲା କୁକୁର ଥିବାବେଳେ ମାସରେ ୧ହଜାର କୁକୁରଙ୍କ ବନ୍ଧ୍ୟାକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମାତ୍ର ଭେଟେରିନାରି ହସ୍ପିଟାଲରେ ଏକ ସମୟରେ ମୋଟ୍ ୧୨୦ଟି କୁକୁର ରହିପାରିବାର ବ୍ୟବସ୍ଥା ରହିଛି। ସେଥି ମଧ୍ୟରୁ ୨୦/୨୫ଟି ଆହତ ବା ରୋଗଗ୍ରସ୍ତ କୁକୁରଙ୍କ ପାଇଁ ରହୁଛି। ଗୋଟିଏ କୁକୁରର ଅସ୍ତ୍ରୋପଚାର କରି ତାକୁ ଛାଡିବା ପାଇଁ ପ୍ରାୟ ୩ଦିନ ସମୟ ଲାଗିଥାଏ। ତେଣୁ ମାସକରେ ୫ରୁ ୬ଶହ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇ ପାରୁଛି। ଫଳରେ ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ଅପରପକ୍ଷେ ଭୁବନେଶ୍ୱରକୁ ରାବିଜ୍ ଫ୍ରି ବା କୁକୁର କାମୁଡ଼ା ରୋଗୀମୁକ୍ତ ସହର ଭାବେ ପରିଣତ କରିବା ପାଇଁ ବିଏମ୍‌ସି ଲକ୍ଷ୍ୟ ରଖିଥିବାବେଳେ ଏହି ନୂତନ ହସ୍ପିଟାଲ ଏଥିରେ ମଧ୍ୟ ସହାୟକ ହୋଇ ପାରିବ ବୋଲି ସୂଚନା ଦିଆଯାଇଛି।

# ଖୁବ୍‌ଶୀଘ୍ର ପେଟ୍ ଗାଇଡ୍‌ଲାଇନ୍

## ୨୧ରେ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ରାଜଧାନୀରେ କୁକୁର ରଖିବା ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଖୁବ୍‌ଶୀଘ୍ର ଜାରିହେବ ଗାଇଡ୍‌ଲାଇନ୍। ପୂର୍ବରୁ ଏହାର ଡ୍ରାଫ୍ଟ ପ୍ରସ୍ତୁତ ସରିଥିବାବେଳେ ଆସନ୍ତା ୨୧ ତାରିଖରେ ଏଥିପାଇଁ ସ୍ୱତନ୍ତ୍ର ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ପ୍ରାଣୀପ୍ରେମୀ, ସମସ୍ତ କର୍ପୋରେଟର ଏବଂ ବିଏମ୍‌ସି ଅଧିକାରୀମାନେ ଯୋଗଦେବେ। ପ୍ରସ୍ତୁତ ହୋଇଥିବା ଡ୍ରାଫ୍ଟ ଉପରେ ଆଲୋଚନା କରାଯିବା ସହ ଆବଶ୍ୟକ ପଡିଲେ ସମ୍ପୃକ୍ତ ଡ୍ରାଫ୍ଟରେ ସଂଶୋଧନ କରାଯିବ। ଏହାପରେ ଗାଇଡ୍‌ଲାଇନ୍ ପ୍ରସ୍ତୁତ ହେବ। ଆସନ୍ତା କର୍ପୋରେଶନ୍‌ରେ ବିଧିବଦ୍ଧ ଭାବେ ଏହାକୁ ପାସ୍ କରାଯାଇ ସର୍ବସାଧାରଣଙ୍କ କ୍ଷେତ୍ରରେ ଲାଗୁ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଭୁବନେଶ୍ୱରରେ କୁକୁର କାମୁଡ଼ାରେ ଦୁଇଜଣ ଆହତ ହେବା ପରେ ପୋଷା କୁକୁରଙ୍କ ପାଇଁ ବିଏମ୍‌ସି ଗାଇଡ୍‌ଲାଇନ୍ ଆଣିବାକୁ ଚିନ୍ତା କରିଥିଲା। ଡ୍ରାଫ୍ଟ ପ୍ରସ୍ତୁତ କରିବା ପୂର୍ବରୁ ପ୍ରାଣୀପ୍ରେମୀ, ବିଭିନ୍ନ ବର୍ଗର ଲୋକଙ୍କ ସହିତ ଆଲୋଚନା କରାଯାଇଥିଲା। ତେବେ ଡ୍ରାଫ୍ଟ ଗାଇଡ୍‌ଲାଇନ୍ ନେଇ ବୈଠକ ବସିବା ପୂର୍ବରୁ ମଧ୍ୟ ଏଥିରେ ଅନେକ ସଂଶୋଧନ କରାଯାଇଛି। ଯେପରିକି ପୂର୍ବରୁ ଜଣେ ମାଲିକ ଅତି ବେଶିରେ ୨ଟି କୁକୁର ରଖିପାରିବେ ବୋଲି ନିୟମ କରାଯାଇଥିବା ବେଳେ ପରେ ଏହାକୁ ବଦଳାଇ ଦିଆଯାଇଛି।

ପ୍ରସ୍ତୁତ ହୋଇଥିବା ଡ୍ରାଫ୍ଟ ଅନୁଯାୟୀ, କୁକୁରମାନଙ୍କର ରେଜିଷ୍ଟ୍ରେଶନ ଏବଂ ପ୍ରାଣୀ ଚିକିତ୍ସକଙ୍କଠାରୁ ଟୀକାକରଣର ସାର୍ଟିଫିକେଟ ରଖିବା ବାଧ୍ୟତାମୂଳକ କରାଯାଇଛି। ପଞ୍ଜୀକରଣ ପାଇଁ ୫ଶହ ଏବଂ ରିନ୍ୟୁ କରିବା ପାଇଁ ୨୫୦ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପଞ୍ଜୀକରଣ ଏକ୍ସପାଏରୀ ହେବା ପରେ ରିନ୍ୟୁ କଲେ ୩୫୦ଟଙ୍କା ଦେବାକୁ ପଡିବ। କୁକୁର ମାଲିକମାନଙ୍କୁ ମେଟାଲ ଟୋକନ କିମ୍ବା ଟ୍ୟାଗ ପ୍ରଦାନ କରାଯିବ। ସେହିପରି ଯେଉଁ ବ୍ୟକ୍ତିମାନେ ନିଜ ପୋଷା କୁକୁରଙ୍କୁ ବିଭିନ୍ନ ଖେଳ ଏବଂ ଡଗ୍ ଶୋ'ରେ ସାମିଲ କରାଇବେ ସେମାନଙ୍କୁ ବିଏମ୍‌ସିଠାରୁ ଗେମ୍ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ନେବାକୁ ପଡିବ। ଏଥିପାଇଁ ସେମାନଙ୍କୁ ପ୍ରତି କୁକୁର ପିଛା ୨ଶହ ଟଙ୍କା ଦେବାକୁ ପଡିବ। କୁକୁର ମାଲିକ ଏହି ନିୟମକୁ ଉଲ୍ଲଂଘନ କଲେ ପଞ୍ଜୀକରଣ ପ୍ରାଧିକରଣ ଦ୍ୱାରା ତାଙ୍କୁ ଦଣ୍ଡିତ ହେବାକୁ ପଡିବ, ଏପରିକି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିପାରେ। ଯଦି ଏହି ଉଲ୍ଲଂଘନ ଜାରିରହେ ତେବେ ଅତିରିକ୍ତ ଭାବେ ଦିନକୁ ୨ଶହ ଟଙ୍କା ଜରିମାନା ୭ଦିନ ପର୍ଯ୍ୟନ୍ତ ଦେବେ। ଏହାପରେ ସମ୍ପୃକ୍ତ କୁକୁରକୁ ଜବତ କରାଯିବ ଏବଂ ତାହାର ରକ୍ଷଣାବେକ୍ଷଣ ପାଇଁ ଦିନକୁ ୨ଶହ ଟଙ୍କା ହିସାବରେ ମାଲିକଙ୍କୁ ଦେବାକୁ ପଡିବ। ୭ଦିନ ଭିତରେ କୁକୁରକୁ ମାଲିକ ନ ନେଲେ ରେଜିଷ୍ଟ୍ରେଶନ ବାତିଲ କରିବା ସହ କୁକୁରରୁ ସାର୍ବଜନୀନ ଭାବେ ବିକ୍ରୟ କିମ୍ବା ଆଡପ୍ଟ କରାଯିବ। ସେହିପରି ଗୋଟିଏ ବର୍ଷରେ ଅତି ବେଶିରେ ୩ଥର ନିୟମ ଉଲ୍ଲଂଘନ କଲେ ମଧ୍ୟ ରେଜିଷ୍ଟ୍ରେଶନ ବାତିଲ କରାଯିବ ବୋଲି ଉଲ୍ଲେଖ ରହିଛି।





କସ୍ତୁରୀ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ରବିବାର 'ଜଳ ପ୍ରକୃତିର ଶ୍ରେଷ୍ଠଦାନ' ଉପରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗନେଇଥିବା ପିଲାଙ୍କ ସହ ଅତିଥିମାନେ।

# ପ୍ରତିଶ୍ରୁତି ମିଳୁଛି, ଦାବି ପୂରଣ ହେଉନି

## ୨୫ରୁ ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଓଡିଶାରେ ଦୀର୍ଘଦିନ ଧରି ପ୍ରଚଳିତ ହୋଇଆସୁଥିବା ସମସ୍ତ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତଥାପି ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ କାମ କରୁଥିବା ପ୍ରାୟ ୭୦ ହଜାରରୁ ଉର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କ୍ଷେତ୍ରରେ ଅଦ୍ୟାବଧି କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିବା ଓଡ଼ିଶା ଆଉଟସୋର୍ସିଂ ମହାସଂଘ ପକ୍ଷରୁ ଦର୍ଶାଯାଇଛି। ଏହା ପ୍ରତିବାଦରେ ମହାସଂଘ ପକ୍ଷରୁ ବାରମ୍ବାର ମନ୍ତ୍ରୀ, ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରତିଶ୍ରୁତି ମିଳୁଛି, ହେଲେ ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ୨୫ ତାରିଖରୁ କର୍ମଚାରୀମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମହାସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି କହିଛନ୍ତି, ୨୦୨୨ ନଭେମ୍ବରରେ ଆଉଟ୍‌ସୋର୍ସିଂ ପ୍ରଥାକୁ ତୁରନ୍ତ ପ୍ରତ୍ୟାହାର କରି ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଦାବିରେ ମହାସଂଘ ଆନ୍ଦୋଳକୁ ଓହ୍ଲାଇଥିଲା। ସରକାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା। ଦାବି ପୂରଣ ପାଇଁ ସରକାର ଆଉ ଏକମାସର ସମୟ ନେଇଥିଲେ। ତେବେ ଏହି ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ହୋଇଥିଲା।। ତେଣୁ ସଂଘ ପକ୍ଷରୁ ଫେବୃୟାରୀ ୧୯ରେ ପୁନଶ୍ଚ ଗଣଧାରଣା ଦିଆଯିବା ସହ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଫେବୃୟାରୀ ଶେଷ ସୁଦ୍ଧା ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ତାହା ମଧ୍ୟ ସମ୍ଭବ ହୋଇନାହିଁ। ଫଳରେ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ବିଭିନ୍ନ ଜିଲାର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଆସନ୍ତା ୨୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ମାନସ ଦାସ ଓ ଅନ୍ୟମାନେ କହିଛନ୍ତି।

# ଜ୍ଞାନ ବିଶ୍ଳେଷଣକୁ ଓ ପ୍ରେମ ସମର୍ପଣକୁ ପ୍ରାଧାନ୍ୟ ଦିଏ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଜ୍ଞାନ ବିଶ୍ଳେଷଣକୁ ଏବଂ ପ୍ରେମ ସମର୍ପଣକୁ ପ୍ରାଧାନ୍ୟ ଦିଏ। ନିର୍ବିକାର, ବିଶୁଦ୍ଧ ଓ ଦିବ୍ୟ ପ୍ରେମ ପାଇଁ ଜ୍ଞାନ ଦରକାର, ନଚେତ୍ ପ୍ରେମ ଅନ୍ଧ ବା ଭ୍ରଷ୍ଟ ହୋଇଯିବ। ବିଶ୍ୱାତ୍ମା ଚେତନା ପରିଷଦ ଓ ଭଞ୍ଜ ଭାରତୀ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ଏପରି କହିଛନ୍ତି। ଶ୍ରୀମଦ୍ ଭାଗବତ୍ ଅର୍ନ୍ତଗତ 'ଗୋପୀଗୀତ'ର ଦାର୍ଶନିକ, ତାତ୍ତ୍ୱିକ ଓ ପ୍ରେମମୟୀ ବାଖ୍ୟା ଅବସରରେ ଭଗବାନ ଶ୍ରୀକୃଷ୍ଣ ଜ୍ଞାନ, ଆନନ୍ଦ, ପ୍ରେମ ଓ ରସର ସ୍ୱରୂପ ଅଟନ୍ତି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଦୀପ୍ତି ପ୍ରକାଶ ନନ୍ଦଙ୍କୁ 'ବିଶ୍ୱାତ୍ମା ଚେତନା ସମ୍ମାନ' ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁବାସ ଚନ୍ଦ୍ର ପାଢ଼ୀଙ୍କ ଲିଖିତ 'ଫିଲୋସୋଫି ଅଫ୍ ଦି ସୁପ୍ରିମ୍' ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ବିଶ୍ୱାତ୍ମା ଚେତନା ପରିଷଦର ସାଧାରଣ ସମ୍ପାଦକ ସତ୍ୟବେଦାନନ୍ଦ ସରସ୍ୱତୀ ପରିଷଦ ସମ୍ପର୍କରେ ସୂଚନା ଦେଇଥିଲେ। ଭଞ୍ଜଭାରତୀର ସାଧାରଣ ସମ୍ପାଦକ ଡା. କୃଷ୍ଣକେଶବ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଭଞ୍ଜ ଭାରତୀର ସଭାପତି ନିଳାଦ୍ରୀ ମୋହନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନ ଶ୍ରେୟାନଭି ଯୋଶୀ ଓ ଦ୍ୱିତୀୟ ଦିନ ସ୍ଥିତପ୍ରଜ୍ଞା ନନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।





ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ପ୍ରବଚନ ଦେଉଛନ୍ତି।

# ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୯।୩(ଡି.ଏନ.ଏ.)

ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମସ୍ଥିତ ମହାନଦୀର ବାରୁଣୀ ଘାଟରେ ରବିବାର ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଶନିବାର ବିଳମ୍ବିତ ରାତିରେ ସର୍ପେଶ୍ୱର ମହାଦେବ ସୁସଜ୍ଜିତ ବିମାନରେ ବ୍ରହ୍ମପୁରଠାରେ ପହଞ୍ଚିଥିଲେ। ପରେ ବ୍ରହ୍ମପୁର ଓ କଖଡ଼ି ଗ୍ରାମବାସୀ ରୋଶଣି ଶୋଭାଯାତ୍ରାରେ ସର୍ପେଶ୍ୱରଙ୍କ ସହ ନୂଆ ଶାସନର ରାମେଶ୍ୱର ଓ ବ୍ରହ୍ମପୁରର ଗୋପାଳଜୀଉଙ୍କୁ ବ୍ରହ୍ମପୁର ଗ୍ରାମ ପରିକ୍ରମା କରାଇ ହରିହର ଭେଟ ନୀତି ପାଇଁ କଖଡ଼ି ପାଲାତୋଟାକୁ ନେଇଥିଲେ। ସେଠାରେ ବାବା ଧବଳେଶ୍ୱରଙ୍କ ସହିତ କଖଡ଼ିର ଲକ୍ଷ୍ମୀନାରାୟଣ, ନାରଙ୍ଗବସ୍ତ ଗ୍ରାମର ରାଧାକୃଷ୍ଣ, ମାହାଲପଡାର ଗୋପାଳଜୀଉ, ଜଗମୋହନପୁର ଶାସନର ଗୋପୀନାଥଜୀଉ, ଜେନାପୁରର ସ୍ୱପ୍ନେଶ୍ୱର, ଘଣ୍ଟିଖାଲର ବୃନ୍ଦାବନ ଚନ୍ଦ୍ର ଦେବ, ରାଧାଶ୍ୟାମପୁରର ରାଧାଶ୍ୟାମଜୀଉ, କାପ୍ତାବୋରେଇର ରାଧାକୃଷ୍ଣ ଦେବ, ପିଠାଖିଆର ରାଧାକୃଷ୍ଣ ଓ ଅନନ୍ତପୁର ଗୋପାଳଜୀଉଙ୍କ ସହିତ ରବିବାର ପ୍ରତ୍ୟୁଷରେ ସର୍ପେଶ୍ୱର ଦେବଙ୍କ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୧ଟାରେ ସମସ୍ତ ଠାକୁର ଓ ପରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଥିଲେ।



# ୨୫ରେ ଜନଜାତି ସମାବେଶ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଅନେକ ସମୟରେ ଅନୁସୂଚିତ ଜାତିର ଲୋକମାନେ ଅନ୍ୟ ଧର୍ମ ଗ୍ରହଣ କରୁଛନ୍ତି। ମାତ୍ର ଧର୍ମାନ୍ତରିତ ହେବା ପରେ ବି ଏହି ଜନଜାତିମାନେ ସଂଖ୍ୟାଲଘୁ ଏବଂ ଜନଜାତି ଉଭୟ କ୍ଷେତ୍ରରୁ ଲାଭ ଉପଭୋଗ କରୁଛନ୍ତି। ଚାକିରି, ଛାତ୍ରବୃତ୍ତିଠାରୁ ଆରମ୍ଭ କରି ସରକାରୀ ଅନୁଦାନ ପର୍ଯ୍ୟନ୍ତ ସବୁଥିରେ ଦୁଇପଟରୁ ଲାଭବାନ ହେଉଛନ୍ତି। ଏହାଦ୍ୱାରା ପ୍ରକୃତ ଜନଜାତିମାନଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ତେଣୁ ଧର୍ମାନ୍ତରିତମାନଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ଅଲଗା କରିବା ପାଇଁ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଜୟ ଭାରତ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହିପରିପ୍ରେକ୍ଷୀରେ ଆସନ୍ତା ୨୫ ତାରିଖରେ ଜନତା ମଇଦାନଠାରେ ବିଶାଳ ଜନଜାତି ସମାବେଶ ଆୟୋଜନ କରାଯିବ। ପ୍ରତି ଜିଲାରୁ ଜନଜାତି ମହିଳା ପୁରୁଷ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହେବା ସହ ବାଦ୍ୟଯନ୍ତ୍ର ନେଇ ଅଂଶଗ୍ରହଣ କରିବେ ବୋଲି ସମ୍ମିଳନୀରେ ମଞ୍ଚର ପ୍ରାନ୍ତ ସଂଯୋଜକ ଶକ୍ତିଦୟାଲ କିସ୍କୁ ଏବଂ ଜନଜାତି ସନ୍ୟାସୀ ସ୍ୱାମୀ ଶିବାନନ୍ଦ ଆର୍ଯ୍ୟ ସୂଚନା ଦେଇଥିଲେ।





ଖବରଦାତା ସମ୍ମିଳନୀରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଉଛି।

# ସୁରକ୍ଷା ପାଇଁ ସଚେତନ କଲେ ପରିବେଶବିତ୍

## ବିଶ୍ୱ ଘରଚଟିଆ ଦିବସ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଘରଚଟିଆ ଏବେ ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଏହି କ୍ଷୁଦ୍ର ପକ୍ଷୀଟିକୁ ସୁରକ୍ଷା ଦେବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜନସଚେତନତା ଉଦ୍ଦେଶ୍ୟରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି। କାଗଜ, ଅଠା ଓ ଅନ୍ୟାନ୍ୟ ସାମଗ୍ରୀକୁ ବ୍ୟବହାର କରି ଏକ ସୁନ୍ଦର ଆକର୍ଷଣୀୟ ଚାଳ ଛପର ଘର ତିଆରି କରିଛନ୍ତି। ଘର ଚାରିପାଖ ଘୂରି ବୁଲୁଛନ୍ତି ପ୍ରକୃତିର ଅନବଦ୍ୟ ସୃଷ୍ଟି ଏହି ଘରଚଟିଆ, ଯାହା ସେମାନଙ୍କର ଅତି ପ୍ରିୟ ବାସସ୍ଥାନ। ଏହି କ୍ଷୁଦ୍ର ପକ୍ଷୀର ବଂଶକୁ ବଞ୍ଚାଇବା ଲାଗି କୃତ୍ରିମ ଘରର ବ୍ୟବସ୍ଥାନ ସହ ଖାଦ୍ୟ ନିତାନ୍ତ ଜରୁରୀ ବୋଲି ସାହୁ ଏହା ମାଧ୍ୟମରେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏ ସମ୍ପର୍କରେ ସୁଶାନ୍ତ କୁହନ୍ତି, ଦିନ ଥିଲା ଘରଚଟିଆର କିଚିରି ମିଚିରି ଶବ୍ଦରେ ନିଦ ଭାଙ୍ଗି ଯାଉଥିଲା। କିନ୍ତୁ ଏବେ ଆଉ ସେସବୁ ଶୁଭୁନାହିଁ। ଚାଳଛପର ଘର ଓ ସୁରକ୍ଷିତ ଜଙ୍ଗଲର ଅଭାବ ପାଇଁ ଏହି ଘରଚଟିଆ ବଂଶ ହ୍ରାସ ପାଉଛି। ଏଥିସହିତ ଜଳବାୟୁ ପରିବର୍ତ୍ତନ, କଂକ୍ରିଟ୍ ଘର ନିର୍ମାଣ ଏହି ପକ୍ଷୀ ବିଲୁପ୍ତର ଅନ୍ୟତମ କାରଣ ବୋଲି ସେ କହିଛନ୍ତି। ଘରଚଟିଆର ସୁରକ୍ଷା ପାଇଁ ପ୍ରତିଟି ସ୍ତରରେ ସମ୍ମିଳିତ ଉଦ୍ୟମ ଏକାନ୍ତ ଲୋଡ଼ା। ଏଥିପାଇଁ ପ୍ରତ୍ୟକ ମଣିଷ ଘରଚଟିଆ ପାଇଁ ସଂକଳ୍ପବଦ୍ଧ ଓ ଯତ୍ନବାନ୍ ହୋଇ କାର୍ଯ୍ୟ କରିବାକୁ ସୁଶାନ୍ତ ଏହି ଦିବସରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।



ପରିବେଶବିତ୍ ସୁଶାନ୍ତ ସାହୁ ଚାଳ ଛପର ଘର ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

## ସଂକ୍ଷେପରେ

### ୨୧ରେ କଣ୍ଢେଇ ମେଳଣ ଜମାଣ ଉତ୍ସବ

**ଯାଁଳା,୧୯।୩(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ପାତ୍ରପଡ଼ା ଭଗବାନପୁର ଗ୍ରାମର ପରିଚୟ ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳଣ। ଏନେଇ ଗ୍ରାମର ଆରାଧଦେବୀ ଛୋଟି ଭୁଆସୁଣୀଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖ (ମଙ୍ଗଳବାର)ରେ କଣ୍ଢେଇ ମେଳଣର ଜମାଣ ଉତ୍ସବ ଅନୁଷ୍ଠିତ ହେବା ସହିତ ବୁଧବାର ଦିବ୍ୟାଙ୍ଗଙ୍କ ଦ୍ୱାରା ଭଜନ ସମାରୋହ ହେବ। ସେହିପରି ଗୁରୁବାର ବାଲ୍ୟଭୋଜି ଏବଂ ଶୁକ୍ରବାର ଶେଷ ଦିନରେ ଦିଅଁ ମେଳଣ ଓ ହରିହର ଭେଟ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ମେଳଣ ଏଠାକାର ଲୋକଙ୍କୁ ଏକତ୍ରିତ କରିବା ସହ ଗାଁ ସଂସ୍କୃତିର ବାର୍ତ୍ତା ଦେଇଥାଏ।

### 'ନାରାୟଣ ପଦ୍ୟାବଳୀ' ପୁସ୍ତକ ଲୋକାର୍ପିତ

**ବୋଲଗଡ଼,୧୯।୩(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଛନ୍ଦ କବି ସ୍ୱର୍ଗତ ନାରାୟଣ ଅଧିକାରୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବା ସହ ତାଙ୍କ ରଚିତ 'ନାରାୟଣ ପଦ୍ୟାବଳୀ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରାଧାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା ପୌରୋହିତ୍ୟ କରିଥିଲେ। ରବିବାର ପୂର୍ବାହ୍ନରେ ଶିକ୍ଷାବତ୍ ବିଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନିହାରିକା ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ଆବାହକ ଅବସରପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ନୀଳକଣ୍ଠ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ବକ୍ତା, ବେଗୁନିଆ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ପ୍ରମୋଦ ଚନ୍ଦ୍ର ଦାଶ ଓ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଅଧିକାରୀଙ୍କ କାଳଜୟୀ ରଚନାବଳୀ ଯୁଗେ ଯୁଗେ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିବ ବୋଲି ମତବ୍ୟକ୍ତ କରିଥିଲେ। ପାଲା ଗାୟକ ଶ୍ୟାମସୁନ୍ଦର ତ୍ରିପାଠୀ, ବିଶ୍ୱନାଥ ପଣ୍ଡା, ବ୍ରଜବନ୍ଧୁ ବେହେରା, ମୁରଲୀଧର ବେହେରା, ରଘୁନାଥ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା ଓ ଗୀତାଞ୍ଜଳି ମହାପାତ୍ର ସ୍ମୃତିଚାରଣ କରିବା ସହ କବିତାପାଠ କରିଥିଲେ। ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

**ନିରାକାରପୁର,୧୯।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ସାମାଜିକକର୍ମୀ ସୂର୍ଯ୍ୟମଣୀ ମହାନ୍ତିଙ୍କ ଦ୍ୱାଦଶରେ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମ ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ସିପିଏମ୍ ରାଜ୍ୟ ସମ୍ପାଦକ ଦୁଷ୍ମନ୍ତ ଦାସ, ସନ୍ତୋଷ ଦାସ, ତାପସୀ ପ୍ରହରାଜ, ରାଉରକେଲା ବାର୍ ଆସୋସିଏଶନ ସମ୍ପାଦକ ରାଜ କିଶୋର ପ୍ରଧାନ, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ବେହେରା, ସମିତିସଭ୍ୟ ଦୁର୍ଗାନାଥ ଶର୍ମା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଯତୀନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ

**ଖୋର୍ଦ୍ଧା ଅଫିସ,୧୯।୩**



### ଗୋଚର, ସରକାରୀ ଜମି ଉପରେ ନଜର
■ ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ
■ ରାଜସ୍ୱ ହରାଉଛନ୍ତି ସରକାର

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା, ମୋରମ, ବାଲି, କଳାମୁଗୁନି ପଥର, ବଉଳମାଳା (ମନ୍ଦିର ନିର୍ମାଣରେ ବ୍ୟବହୃତ ମୂଲ୍ୟବାନ ପଥର) ଚାଲାଣ କରୁଛନ୍ତି। ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ଏଠାରୁ ପଥର ଜିଲା ତଥା ଜିଲା ବାହାରକୁ ଚାଲାଣ ହେଉଛି। ପ୍ରଶାସନ ପକ୍ଷରୁ ଚଢାଉ ଓ ଜରିମାନା ଆଦାୟ ସତ୍ତ୍ୱେ ଫରକ ପଡୁନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି, ସରକାରୀ ଏବଂ ଗୋଚର ଜମି ଉପରେ ଏମାନଙ୍କ ନଜର ରହିଛି।

ଚିଲିକାଠାରୁ ଭୁବନେଶ୍ୱର ତଳି ଅଞ୍ଚଳ ପର୍ଯ୍ୟନ୍ତ ସବୁଠି ବେଆଇନ ଭାବେ ପଥର ଓ ମୋରମ ଚାଲାଣ ଚାଲିଛି। ଟାପଙ୍ଗ ମୁଣ୍ଡିଆ, ଟାଙ୍ଗୀ ଆରିଆପଡ଼ା ବୃଷବନ୍ଧ ପାହାଡ଼, ୧୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ପାହାଡ଼କୁ ନଷ୍ଟ କରିସାରିଲେଣି ମାଫିଆ। ରାଜପଥ ସମ୍ପ୍ରସାରଣ ଆଳରେ ପଥର ଓ ମୋରମ ଚାଲାଣ କରାଯାଉଛି। ପ୍ରଶାସନ ପକ୍ଷରୁ ସାରଞ୍ଜାମ ଜବତ ହେଉଛି, ପରେ ମୋଟା ଅଙ୍କ ନେଇ ଅଭିଯୁକ୍ତଙ୍କୁ ଖସାଇ ଦିଆଯାଉଛି। ପଥର, ମୋରମ ଚାଲାଣ ଯୋଗୁ ରାସ୍ତାଘାଟ ଖାଲଖମା ହୋଇଛି। ଅସରାଏ ବର୍ଷା ହେଲେ କୃତ୍ରିମ ହ୍ରଦ ପାଲଟୁଛି। ଜାତୀୟ ରାଜପଥ ଏମାନଙ୍କ ଗଳାବାଟ ସାଜିଛି। ପ୍ରଶାସନ ପକ୍ଷରୁ ଖଣି ଉପରେ ଚଢ଼ାଉ ହେଉଛି। ମେଶିନ, ଯନ୍ତ୍ରପାତି ଓ ମାଲ ବୋଝେଇ ଟ୍ରକ ଆଦି ଭାରି ଯାନବାହନ ଜବତ କରାଯାଉଛି। କିନ୍ତୁ ମାଫିଆ ଖସିଯାଉଛନ୍ତି। ଚୋରା ଚାଲାଣ ପଛରେ ରାଜନୈତିକ ବ୍ୟକ୍ତି, ବଡ଼ବଡ଼ିଆଙ୍କ ହାତ ରହିଥିବାବେଳେ ପ୍ରଶାସନ ଓ ପୋଲିସ ଚୁପ ବସିଥିବା ସାଧାରଣରେ ଅଭିଯୋଗ ହେଉଛି। ଚୋରା ଚାଲାଣ ଯୋଗୁ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ବେଆଇନ ପଥର ଖନନ ଓ ଚାଲାଣ, ବ୍ଲାଷ୍ଟିଙ୍ଗ୍ ବନ୍ଦ କରାଯିବା ସହ ଗୋଚର, ଶ୍ରୀମନ୍ଦିର ପ୍ରଶାସନ ଜମିକୁ ସୁରକ୍ଷା ଦେବାକୁ ଅଞ୍ଚଳବାସୀ ଦାବିକରି ଆସୁଛନ୍ତି। ଏ ନେଇ ପ୍ରଶାସନକୁ ଅଭିଯୋଗ ମଧ୍ୟ କରୁଛନ୍ତି। ହେଲେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ପ୍ରଶାସନ ଚୁପ୍ ବସିପଡୁଛି। ପୂର୍ବରୁ ଏସ୍‌ଟିଏଫ୍‌ର ଚଢ଼ାଉ ଫଳରେ ମାଫିଆଙ୍କ ମଧ୍ୟରେ ଛନକା ପଶିଥିଲା। ତେବେ କିଛି ଦିନ ପରେ ଏହି ଚଢ଼ାଉ ଶିଥିଳ ପଡ଼ିଗଲା। ପ୍ରଶାସନର ଚଢାଉ କେବଳ ଲୋକ ଦେଖାଣିଆ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଚୋରା ଚାଲାଣକୁ ରୋକା ନ ଗଲେ ଆଗକୁ ଖୋର୍ଦ୍ଧା ସହରର ଲଘୁ ଖଣିଜ ସମ୍ପଦ ଲୋପ ପାଇଯିବ ବୋଲି ପରିବେଶବିତ ମତ ଦେଉଛନ୍ତି।

ଏ ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଲଘୁ ଖଣିଜ ଚୋରା ଚାଲାଣ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଶାସନ, ପୋଲିସ ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କୁ ନେଇ ଯୁଗ୍ମ କମିଟି ଗଠନ ହୋଇଛି। ଏହି କମିଟି ବେଆଇନ ଭାବେ ଚାଲିଥିବା ପଥରଖଣି ଓ କ୍ରଶର ୟୁନିଟ ଉପରେ ଚଡାଉ କରୁଛି। ଚୋରା ଚାଲାଣରେ ବ୍ୟବହୃତ ଯାନବାହନ ଧରାପଡିଲେ ଜବତ କରାଯାଇ ଜରିମାନା ଆଦାୟ ସହ ଏହାର ଲାଇସେନ୍ସ ରଦ୍ଦ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ସହ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। ଚୋରା ଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଗାମୀ ଦିନରେ ଚଢ଼ାଉକୁ ଆହୁରି ଜୋରଦାର କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

### ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା: ୩ ଗୁରୁତର



**ଗମ୍ଭାରୀମୁଣ୍ଡା,୧୯।୩(ଡି.ଏନ୍.ଏ.)**

୧୬ ନମ୍ବର ଜାତୀୟ ରାଜପଥର ନାରୁଣୀ କଉଡ଼ିଖଣି ଛକରେ ଶନିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍-ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତେବେ ଆହତଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ନାରୁଣୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧାରୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ତାମିଲନାଡ଼ୁରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର(ଟିଏନ୍ ୦୪ ଏ ଟି ୧୬୭୧ )ସହ ନାରୁଣୀ କଉଡ଼ିଖଣି ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ କାରରେ ଥିବା ୩ଜଣ ଆହତ ହୋଇଥିଲେ। ଲୋକେ ଆହତମାନଙ୍କୁ ମେଡିକାଲ ପଠାଇଥିଲେ।



ବୋଲଗଡ଼: ସାଲତରା ଗ୍ରାମସ୍ଥିତ ବାଲୁଙ୍କେଶ୍ୱରଙ୍କ ପୀଠ ପରିସରରେ ଆୟୋଜିତ ସଭାରେ ଛନ୍ଦ କବି ସ୍ୱର୍ଗତ ନାରାୟଣ ଅଧିକାରୀଙ୍କ ରଚିତ 'ନାରାୟଣ ପଦ୍ୟାବଳୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# କମ୍ପ୍ୟୁଟର ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

**ବାଲୁଗାଁ,୧୯।୩(ଡି.ଏନ୍.ଏ.)**

ଓକେସିଏଲ୍ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ବ୍ଲକ୍‌ରେ କ୍ୟାରିୟରଭିତ୍ତିକ ବୈଷୟିକ କମ୍ପ୍ୟୁଟର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଧୀନ ଗାଲୁଆ ଛକସ୍ଥିତ କମ୍ପ୍ୟୁଟର ଷ୍ଟଡ଼ି ସେଣ୍ଟରଠାରେ ରବିବାର ସଚେତନତା ରଥର ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଅତିଥିଭାବେ ସାମାଜିକକର୍ମୀ ଅନନ୍ତ ଚରଣ ଖଟେଇ ଓ ପତ୍ରକାର ଅଶୋକ କୁମାର ଜେନା ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ରଙ୍କ ସମେତ କମ୍ପ୍ୟୁଟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏହି କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ବାଣପୁର ଅଞ୍ଚଳର ସ୍ୱୀକୃତି ପ୍ରାପ୍ତ କମ୍ପ୍ୟୁଟର ଷ୍ଟଡ଼ି ସେଣ୍ଟର ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ଆଦି ସମ୍ପର୍କରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ଶିକ୍ଷା ଲାଭ ପରେ ଛାତ୍ରୀଛାତ୍ର ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତି ପ୍ରମାଣପତ୍ର ହାସଲ କରିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ର କହିଛନ୍ତି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଷଣ୍ଢ ମୃତ, ଥାନାରେ ଏତଲା

**ଜଟଣୀ,୧୯।୩(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବଡ଼ନୂଆଗାଁ ଶତପଥୀ ସାହି ଗୋପୀନାଥ ମନ୍ଦିର ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଷଣ୍ଢର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ରବିବାର ସକାଳେ ଗୋପୀନାଥ ମନ୍ଦିର ରାସ୍ତାରେ ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିଲା। ଏନେଇ ଗ୍ରାମର ପ୍ରଶାନ୍ତ କୁମାର ମହାପାତ୍ର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଫଳରେ ଦୀର୍ଘ ସମୟ ଧରି ତାର ପଡିରହିଥିଲା। ଉକ୍ତ ରାସ୍ତାରେ ଯାଉଥିବା ଏକ ଷଣ୍ଢ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜଟଣୀ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ଶୁଭେନ୍ଦୁ କୁମାର ମହାପାତ୍ର, ରାଜେନ୍ଦ୍ର କୁମାର ଜେନା, ଅନନ୍ତ ଶତପଥୀ, କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନାନନ୍ଦ ଶତପଥୀ, ବିଜୟ କେଶରୀ ଶତପଥୀ, ପ୍ରଦୀପ ଜେନାଙ୍କ ସହିତ ବହୁ ଗ୍ରାମବାସୀ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# 'ସମ୍ପର୍କ ସହ ବନ୍ଧୁତ୍ୱକୁ ନିବିଡ଼ କରିଛି'

**ଖୋର୍ଦ୍ଧା ଅଫିସ,୧୯।୩**

### ଖବରକାଗଜ ବିତରଣରେ ବାପ ପୁଅ




କୁମରବର ବେହେରା ଏବଂ ତାଙ୍କ ପୁଅ ଜିତନ୍

ସକାଳେ ସକାଳେ ଚା'କପ୍ ସହ ଖବରକାଗଜ ପଢ଼ିବାକୁ ବହୁ ଲୋକଙ୍କ ଆଗ୍ରହ ରହିଥାଏ। ଆଉ ବିତରକମାନେ ମଧ୍ୟ ଖବରକାଗଜ କିପରି ଶୀଘ୍ର ଗ୍ରାହକ ତଥା ପାଠକଙ୍କ ନିକଟରେ ପହଞ୍ଚିବ ସେନେଇ ସର୍ବଦା ଚେଷ୍ଟା କରିଥାନ୍ତି। ତେବେ ଅନେକ ବ୍ୟକ୍ତି ଖବରକାଗଜ ବିତରଣକୁ ନିଜର ପେସାଭାବେ ଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଖୋର୍ଦ୍ଧା ମୁକୁନ୍ଦପ୍ରସାଦର କୁମରବର ବେହେରା(୭୦) ଏବଂ ତାଙ୍କ ପୁଅ ଜିତେନ୍ଦ୍ର(ଜିତନ)। ରାତିପାହିଲେ ଏମାନେ ପୃଥକ୍ ଭାବେ ପେପର ପଏଣ୍ଟରେ ପହଞ୍ଚି ଖବରକାଗଜ ନେଇ ନିଜ ନିଜ ଗନ୍ତବ୍ୟପଥରେ ବାହାରିପଡ଼ନ୍ତି। ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇବା ଦ୍ୱାରା ସେମାନଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି।

କୁମରବର କୁହନ୍ତି, ସେ ଦୀର୍ଘ ୪୦ବର୍ଷ ହେବ ବିତରକ କାର୍ଯ୍ୟ କରିଆସୁଥିବା ବେଳେ ଜିତନ ଦିନେ ସାହାଯ୍ୟ କରିବାକୁ ଆସି ୧୦ ବର୍ଷ ହେବ ଏ ଦିଗରେ କାମ କରୁଛନ୍ତି। ୨୦ ଖଣ୍ଡ ଖବରକାଗଜରୁ ଆରମ୍ଭ କରିଥିବା ଯାତ୍ରା ୨ହଜାର କପିରେ ପହଞ୍ଚି ଯାଇଥିବା ବେଳେ କରୋନା ପରେ ୧୫୦୦ ଖବରକାଗଜ ବିକ୍ରି କରୁଛନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ସେ ଘରୁ ବାହାରିପଡ଼ନ୍ତି। ପୂର୍ବାହ୍ନ ୧୦ଟାରେ କାମ ସରିଥାଏ। ଖୋର୍ଦ୍ଧା ସହର, ଭାଲିଆବାଡ଼ି, ଶିଳ୍ପାଞ୍ଚଳ, ମୁକୁନ୍ଦପ୍ରସାଦ, ବଡ଼ତୋଟା, ନୂଆ ବସ୍‌ଷ୍ଟାଣ୍ଡ, ନବୀନାବାଗ୍ ଆଦି ଅଞ୍ଚଳର ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥା'ନ୍ତି। ପ୍ରାକୃତିକ ବିପର୍ଯ୍ୟୟଠାରୁ କରୋନା ମହାମାରୀ ପର୍ଯ୍ୟନ୍ତ ତାଙ୍କ ଲମ୍ବାଯାତ୍ରାରେ ସେ କେବେ ଥକିପଡ଼ିନାହାନ୍ତି। ଆଜିର

### ଛାତ୍ର ଜୀବନରୁ ପରିଚୟ ଦେଇଛି: ଜିତନ

ଇଣ୍ଟରନେଟ୍ ଯୁଗରେ ବି ବହୁ ଲୋକ ସକାଳେ ଖବରକାଗଜ ପାଇଁ ଚାହିଁ ରହିଥାନ୍ତି। ଖବରକାଗଜ ଦ୍ୱାରା ସମ୍ପର୍କ ଯୋଡ଼ିହେବା ସହ ବନ୍ଧୁତ୍ୱ ମଧ୍ୟ ସୃଷ୍ଟି ହୋଇପାରିଛି ବୋଲି ସେ କହିଛନ୍ତି। ସେହିପରି ଜିତନ କୁହନ୍ତି, ପାଠ ପଢ଼ା ବୟସରେ ବାପାଙ୍କ ସହ ପେପର ପଏଣ୍ଟକୁ ଆସୁଥିଲି। ପରେ ପାଠପଢ଼ା ସହିତ ବାପାଙ୍କୁ ସହଯୋଗ କରିବା ଆରମ୍ଭ କରିଥିଲି। ୪ ଖଣ୍ଡ ପେପରରୁ ଏବେ ମୁଁ ୪ଶହ ପେପର ବିକ୍ରି କରୁଛି। ସାଇକେଲ, ଲୁନା ଓ ଏବେ ସ୍କୁଟିରେ ବୁଲି ପେପର ଦେଉଛି। ପୂର୍ବରୁ ବାପାଙ୍କଠାରୁ ପେପର ଆଣି ଦେଉଥିଲି। ଏବେ ମୁଁ ନିଜେ ବିଭିନ୍ନ ଏଜେଣ୍ଟଙ୍କ ଠାରୁ ପେପର ଆଣି ବିକ୍ରି କରୁଛି। ଏବେ ମୋ ଅଧୀନରେ ୨ ପିଲାଙ୍କୁ ରଖି ପେପର ବିକ୍ରି କରୁଛି। ଖୋର୍ଦ୍ଧା ସହର ସମେତ ଶିଳ୍ପାଞ୍ଚଳ, ଜଟଣୀ ବାଇପାସ୍, ଜେମାଦେଇ, ମୁକୁନ୍ଦପ୍ରସାଦ ଆଦି ସ୍ଥାନରେ ପେପର ପହଞ୍ଚାଉଛି। ଛାତ୍ର ଜୀବନରୁ ଏହା ମୋତେ ଆତ୍ମନିର୍ଭର ହେବାର ସୁଯୋଗ ଦେଇଛି। ଆଗାମୀ ଦିନରେ ଆଉ ପିଲାଙ୍କୁ ରଖି ଏହାକୁ ବ୍ୟାପକ କରିବାର ଯୋଜନା ରହିଛି। ଜଣେ ଯୁବ ଖବରକାଗଜ ବିତରକ ଭାବେ ନିଜକୁ ଗର୍ବ ଅନୁଭବ କରେ।

# ଓଡ଼ିଆ ଭାଷାର ବିକାଶ ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୯।୩**



ଆଲୋଚନାଚକ୍ରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ସାହିତ୍ୟ ସଂସଦ କର୍ମକର୍ତ୍ତା ଓ ଅନ୍ୟମାନେ।

### କବିତା ପାଠୋତ୍ସବ, ଆଲୋଚନା ଚକ୍ର

ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ସାହିତ୍ୟ ସଂସଦ ଆନୁକୂଲ୍ୟରେ କବିତା ପାଠ ଏବଂ ଭାଷାର ସମୃଦ୍ଧି ଶୀର୍ଷକ ଆଲୋଚନା ଚକ୍ର ରବିବାର ସ୍ଥାନୀୟ ବରୁଣେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ଦାଶ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ଅଧକ୍ଷ ବଳରାମ ତରାଇ, ଉପାଧ୍ୟକ୍ଷା ରଶ୍ମି କର, ସଙ୍ଗଠନ ସମ୍ପାଦକ ଜ୍ୟୋତିରଞ୍ଜନ ଦାଶ, ଉପଦେଷ୍ଟା ରଶ୍ମିମୟୀ ପଟ୍ଟନାୟକ, ଡ. ନୀଳାଦ୍ରି ନାଥ ଜଗଦେବ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, କବି ବିକ୍ରମ କେଶରୀ ଚମ୍ପତିରାୟ, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ଦିବ୍ୟଲୋଚନ ଭାରି ମଲ୍ଲ, ସୁରେଶ ମଲ୍ଲ, ନମିତା ମଲ୍ଲ, ଅଜୟ କୁମାର ପ୍ରଧାନ, ସୁଦର୍ଶନ ପୃଷ୍ଟି, ପ୍ରଜ୍ଞାସ୍ମିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଭାଷାର ବିକାଶ ପାଇଁ ସମୂହ ଉଦ୍ୟମ ଜରୁରୀ। ଓଡ଼ିଆ ଭାଷାର ସମୃଦ୍ଧି, ପ୍ରଚାର ପ୍ରସାର ପାଇଁ ଆଗାମୀ ଦିନରେ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ନିଜକୁ ଓଡ଼ିଆ ବୋଲି ଗର୍ବ ଅନୁଭବ କରିବା ସହ ମାତୃଭାଷାକୁ ଭଲ ପାଇବାକୁ ମତପ୍ରକାଶ ପାଇଥିଲା। ଅନୁଷ୍ଠାନ ପକ୍ଷରୁ ଏପ୍ରିଲ ୧୦ରେ ଭୁବନେଶ୍ୱର ଜୟଦେବ ଭବନରେ ବସନ୍ତ ମହୋତ୍ସବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ କରାଯିବ। ୨୭ତାରିଖରେ ହାଟବରଡିସ୍ଥିତ ଶ୍ରୀରଘୁନାଥ ଜୀଉ ମନ୍ଦିର ପରିସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଜୁନ ୧୪, ୧୫ ଓ ୧୬ ତିନିଦିନ ବ୍ୟାପୀ ରଜ ମହୋତ୍ସବ ଓ ନିଶିଗନ୍ଧାର ସପ୍ତମ ବାର୍ଷିକୋତ୍ସବ, ବିଶେଷାଙ୍କ ପ୍ରକାଶ ପାଇବ ବୋଲି ଅନୁଷ୍ଠାନର ଅଧକ୍ଷ ବଳାରାମ ତରାଇ ସୂଚନା ଦେଇଛନ୍ତି।

# ୨୨ କେଜି ଗଞ୍ଜେଇ, ଅଟୋ ଜବତ: ୩ ବେପାରୀ ଗିରଫ

**ଯାଁଳା,୧୯।୩(ଡି.ଏନ୍.ଏ.)**





ଗିରଫ ୩ ଅଭିଯୁକ୍ତ ଏବଂ ଜବତ ଗଞ୍ଜେଇ, ଅଟୋ, ଟଙ୍କା ଓ ମୋବାଇଲ ଫୋନ।

ଇନ୍‌ଫୋଭ୍ୟାଲି ଥାନା ପୋଲିସ ରବିବାର ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଥାନା ଜୟରାମପୁର ଗ୍ରାମର ନରେନ୍ଦ୍ର ମଲ୍ଲିକ ଓରଫ ଜୋଗିଆ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦିବ୍ୟରଞ୍ଜନ ମୁଦୁଲି ଓରଫ କୁଲୁ ଏବଂ ସାମନ୍ତରାପୁର ଅଞ୍ଚଳର ସୁଶୀଲ ସେଠୀ। ଏମାନଙ୍କ ନିକଟରୁ ୨୨କେଜି ଗଞ୍ଜେଇ, ଏକ ଅଟୋ, ମୋବାଇଲ ଫୋନ ଏବଂ ୮୨୦ଟଙ୍କା ଜବତ କରାଯାଇଛି। ସୂଚନା ମୁତାବକ, ଇନ୍‌ଫୋଭ୍ୟାଲି ଥାନାର ଏକ ପାଟ୍ରୋଲିଂ ଟିମ୍ କୌଣସି ସୂତ୍ରରୁ ଖବରପାଇ ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ଅତର୍କିତ ଭାବେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏମାନଙ୍କ ନିକଟରୁ ପୋଲିସ ଗଞ୍ଜେଇ ସହ ଅଟୋ(ଓଡି ୦୨ଏ ଏସ୍ ୯୯୦୮)ଜବତ କରିଥିଲା। ଏହି ଗଞ୍ଜେଇ ଖୋର୍ଦ୍ଧା ଅଞ୍ଚଳରୁ ସଂଗ୍ରହ କରି ବିକ୍ରି ପାଇଁ ଭୁବନେଶ୍ୱରକୁ ଚାଲାଣ କରୁଥିବା ପଚରାଉଚୁରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ଏହା ପରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# 'ମାନସିକ ଚାପ ମୁକ୍ତ କରେ ଆଧାତ୍ମିକ ଚେତନା'

**ବେଗୁନିଆ,୧୯।୩(ଡି.ଏନ୍.ଏ.)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୋଗଡ଼ା ଗ୍ରାମସ୍ଥିତ ଆଶ୍ରମ ପରିସରରେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ତୁଳସୀପୁରସ୍ଥିତ ଭଗବତୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜ କିଶୋର ପାଣିଗ୍ରାହୀ ଯୋଗଦେଇଥିଲେ। ବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଶିକ୍ଷାବିତ୍ ଡ.ଗଣେଶ୍ୱର ସ୍ୱାଇଁ, ଉପେନ୍ଦ୍ର ନାଥ ଦାଶ, ନୃସିଂହ ନାୟକ, କ୍ଷିରାଦ୍ରୀ ତନୟା ସିହ୍ନା, କୈଳାସ ଚନ୍ଦ୍ର ଓଝା, ସବିତା ପ୍ରଧାନ, ସୁଚିତ୍ରା ବେଉରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଛାତ୍ରୀ କଲ୍ୟାଣୀ ଭୋଳ, ଆରତି ବେହେରା, ଅଶ୍ୱିନୀ ପ୍ରଧାନ, ଗାୟତ୍ରୀ ଭୋଳ, ସଞ୍ଜୁ ସିଂହ, ସୌଦାମିନୀ ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଶ୍ରାବନ୍ତୀ ପ୍ରଧାନ ପ୍ରମୁଖ ଫୁଲ ଓ ଚନ୍ଦନ ଲଗାଇ ପୂଜାର୍ଚ୍ଚନା କରିଥିଲେ। କିଛିଦିନ ପୂର୍ବେ ଭଗବତୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ମଣିଷ ଅନେକ ସମୟରେ ଚାପରେ ପଡ଼ିଥାଏ। ବୁଦ୍ଧି ଓ ବିଚାର ବଳରେ ଚାପ ମୁକ୍ତ ପାଇଁ ଚେଷ୍ଟା କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥାଏ। ପ୍ରଭୁଙ୍କୁ ସ୍ମରଣ କରିବା ସହ ମନରେ ଆଧାତ୍ମିକ ଚେତନା ଜାଗ୍ରତ କଲେ ମାନସିକ ଚାପରୁ ମୁକ୍ତି ମିଳିବ ବୋଲି ଅତିଥି ପାଣିଗ୍ରାହୀ କହିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରଫୁଲ କୁମାର ଦେଉରି ଭଜନ ପରିବେଷଣ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କାଳ ବୈଶାଖୀରେ ଭାଙ୍ଗିଲା ଘର, ଦୋକାନ

ଡେଲାଙ୍ଗ,୧୯।୩(ଡି.ଏନ୍.ଏ.)- ଡେଲାଙ୍ଗ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଥିଲା। ହଠାତ୍ ଜୋରରେ ପବନ ବୋହିବା ସହିତ ବର୍ଷା ମଧ ହୋଇଥିଲା। ଏଥିରେ ଡେଲାଙ୍ଗ କୋଠବାଡ଼ ପଞ୍ଚାୟତସ୍ଥିତ ଡିହ ଉପର ଗ୍ରାମରେ ସୁକାନ୍ତ ବେହେରାଙ୍କ ୨ ବଖରା ଘର ଭାଙ୍ଗିଯାଇଛି। ଏହା ସହିତ ଡେଲାଙ୍ଗ ବଜାରରେ କେତେକ ଦୋକାନର ଆଜବେଷ୍ଟ ଉଡାଇ ଦେବା ଫଳରେ ସାମାନ୍ୟ କ୍ଷୟକ୍ଷତି ଘଟିଛି।

### ସ୍ମାର୍ଟ ଶ୍ରେଣୀଗୃହ ଉଦ୍‌ଘାଟିତ

ବ୍ରହ୍ମଗିରି,୧୯।୩(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଖଟପିରିଙ୍ଗ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଭିଜୁଆଲ ମୋଡରେ ଶିକ୍ଷାଦାନ, ଅଡିଓ ସିଷ୍ଟମ ସହ ଅତ୍ୟାଧୁନିକ ଶିକ୍ଷାଦାନର ବ୍ୟବସ୍ଥା ସହ ଏକ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହକ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଗିରି ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବ ଓ ସ୍ମାର୍ଟ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ରମେଶ ଚନ୍ଦ୍ର ପଣ୍ଡା, ଯତୀନ୍ଦ୍ର ନାୟକ, ସୁନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଶିକ୍ଷାର ଭିତ୍ତିଭୂମିର ବିକାଶ ପାଇଁ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ୫-ଟିରେ ରୂପାନ୍ତରିତ କରୁଥିବା ବେଳେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ଏହି ପ୍ରାଥମିକ ବିଦ୍ୟାଳୟ ନିଜ ପ୍ରଚେଷ୍ଟାରେ ଏକ ସ୍ମାର୍ଟ ଶ୍ରେଣୀଗୃହ କରି ଉଦାହରଣ ପାଲଟିଛି।

### ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

ଗମ୍ଭାରୀମୁଣ୍ଡା,୧୯।୩(ଡି.ଏନ୍.ଏ.) -୧୬ ନମ୍ବର ଜାତୀୟ ରାଜପଥର ନାଟୁଣୀ କଉଡ଼ିଖିଣି ଛକରେ ଶନିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାର୍-ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତେବେ ଆହତଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ନାଟୁଣୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧାରୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ତାମିଲନାଡୁରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର(ଟିଏନ୍ ୦୪ ଏ ଟି ୧୬୭୧ )ସହ ନାଟୁଣୀ କଉଡ଼ିଖିଣି ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ କାରରେ ଥିବା ୩ଜଣ ଆହତ ହୋଇଥିଲେ। ଲୋକେ ଆହତମାନଙ୍କୁ ମେଡିକାଲ ପଠାଇଥିଲେ।

### ୨୧ରେ କଣ୍ଢେଇ ମେଳଣ ଜମାଣ ଉତ୍ସବ

ଝାଁଙ୍କଳା,୧୯।୩(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ପାତ୍ରପଡ଼ା ଭଗବାନପୁର ଗ୍ରାମର ପରିଚୟ ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳଣ। ଏନେଇ ଗ୍ରାମର ଆରାଧଦେବୀ ଛୋଟି ଭୁଆସୁଣୀଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖ (ମଙ୍ଗଳବାର)ରେ କଣ୍ଢେଇ ମେଳଣର ଜମାଣ ଉତ୍ସବ ଅନୁଷ୍ଠିତ ହେବା ସହିତ ବୁଧବାର ଦିବ୍ୟାଙ୍ଗଙ୍କ ଦ୍ୱାରା ଭଜନ ସମାରୋହ ହେବ। ସେହିପରି ଗୁରୁବାର ବାଲ୍ୟଭୋଜି ଏବଂ ଶୁକ୍ରବାର ଶେଷ ଦିନରେ ଦିଅଁ ମେଳଣ ଓ ହରିହର ଭେଟ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ମେଳଣ ଏଠାକାର ଲୋକଙ୍କୁ ଏକତ୍ରିତ କରିବା ସହ ଗାଁ ସଂସ୍କୃତିର ବାର୍ତ୍ତା ଦେଇଥାଏ।

# ମହୋଦଧି ପୁଣ୍ୟ ଲାଭ କଲେ ଶ୍ରଦ୍ଧାଳୁ


ଭାର୍ଗବୀ ନଦୀରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁମାନେ ସମବେତ ହୋଇଛନ୍ତି ।

ସାକ୍ଷୀଗୋପାଳ, ୧୯।୩(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ବଳପୁରର ଭୃଗୁ ଘାଟରେ ପୁଣ୍ୟତୋୟା ଭାର୍ଗବୀ ନଦୀରେ ମହାବାରୁଣୀ ସ୍ନାନ ଯାତ୍ରା ରବିବାର ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଶତଭିଷା ନକ୍ଷତ୍ର ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇ ମହୋଦଧି ସ୍ନାନର ପୁଣ୍ୟ ଲାଭ କରିଛନ୍ତି। ସକାଳେ ସାନଭାଇ ବଳପୁର ବାଲୁଙ୍କେଶ୍ୱରଙ୍କୁ ସାଗର ସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ପହଞ୍ଚି ଥିଲେ। ମନ୍ଦିରରେ ୨ ଭାଇଙ୍କୁ ମୁକ୍ତି ମଣ୍ଡପ ଭୋଗ ଲାଗି କରାଯାଇଥିଲା। ବିରକାହାଳୀ, ମହୁରୀ, ବାଜା, ଘଣ୍ଟ, ମର୍ଦ୍ଦଳ, ଧ୍ୱନି ଦେଇ ସୁସଜ୍ଜିତ ବିମାନରେ ଠାକୁର ଭୃଗୁ ଘାଟରେ ପଟୁଆରରେ ବିଜେ କରିଥିଲେ। ଚାରିଘାରିଆ ସେବାୟତ ନଦୀରୁ ଜଳ ସଂଗ୍ରହ କରିଥିଲେ। ଅଭିମନ୍ତ୍ରିତ ଜଳରେ ଠାକୁରଙ୍କ ବାରୁଣୀ ସ୍ନାନ ନୀତି ସମାପନ ହୋଇଥିଲା। ପରେ ସେଠାରେ ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼, କେଶଦାନ,

### ଭାର୍ଗବୀରେ ମହାବାରୁଣୀ ସ୍ନାନ

ସନ୍ତାନପ୍ରାପ୍ତି ଆଶାରେ ଦୂରଦୂରାନ୍ତରୁ ଆସିଥିଲେ। ବିଭିନ୍ନ ଗ୍ରାମ କୋଠ ଏବଂ ଶ୍ରଦ୍ଧାଳୁ ନଦୀକୂଳରେ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ସହ ସମବେତ ପ୍ରସାଦ ସେବନ କରିଥିଲେ। ନଈକୂଳରେ ଏକ ଅସ୍ଥାୟୀ ଗ୍ରାମୀଣ ବଜାର ଖୋଲିଥିଲା। ଠାକୁରଙ୍କୁ ପୂଜାର୍ଚ୍ଚନା ସହ ମେଳଣରେ ଲୋକଙ୍କ ସମାଗମ ହୋଇଥିଲା। ନଦୀର ଅପର ପାର୍ଶ୍ୱ ସୁଆଣ୍ଡ ଘାଟରେ ଅନୁରୂପ ଭାବେ ଲୋକନାଥ ଦେବ ଓ ବିଦ୍ୟାଧରପୁର କୁଣ୍ଡଳେଶ୍ୱର ଦେବ ବିରାଜମାନ କରିଥିଲେ। ମେଳଣରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସତ୍ୟବାଦୀ ପୋଲିସ ରହିଥିବାବେଳେ ସାକ୍ଷୀଗୋପାଳ ଦମକଳ ବାହିନୀ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପାଣି ବାଣ୍ଟିବା ସହ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାର ସହାୟତା କରିଥିଲେ। ସ୍ଥାନୀୟ ସଙ୍ଗଠନ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ସେବାୟତଙ୍କ ସହ ଅନ୍ୟମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ସାଗର ସ୍ନାନ ମେଳଣ, ଲୋକ ଉତ୍ସବ ଉଦ୍‌ଯାପିତ

ଗୋପ,୧୯।୩(ଡି.ଏନ୍.ଏ.)

ସାଗର ସ୍ନାନ ମେଳଣ ଓ ଗୋପ ଲୋକ ମହୋତ୍ସବ ଶନିବାର ବିଳମ୍ବିତ ରାତିରେ ଶେଷ ହୋଇଛି। ମୁଖ୍ୟ ଠାକୁର ପ୍ରଭୁ ଗୋପାଳଜୀଉ ରୀତିନୀତି ଅନୁସାରେ ଭକ୍ତଙ୍କ ସହିତ ଅଭିର ଖେଳି ରାତ୍ରର ଶେଷ ପ୍ରହରରେ ଆସ୍ଥାନରେ ବିରାଜିଥିଲେ। ପରେ ଅନ୍ୟାନ୍ୟ ଠାକୁର ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ବ୍ରିଟିଶ ଶାସନ ସମୟର ପରମ୍ପରା ଅନୁଯାୟୀ, ଗୋପ ଥାନା ଅଧିକାରୀ ସୁନୀଲ ପ୍ରଧାନ ରାତି ୧୧ ଘଟିକାରେ ବାଣବାଜା ନେଇ ଗୋପାଳଜୀଉଙ୍କୁ ପୂଜାର୍ଚ୍ଚନା କରି ମେଳଣ ପଡ଼ିଆକୁ ନିମନ୍ତ୍ରଣ କରିଥିଲେ। ସେନାପତି ସାହିସ୍ଥିତ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ପୀଠରେ ଗୋପାଳଜୀଉ ଚାଚେରା ଭୋଗ ଖାଇ ମେଳଣ ପଡ଼ିଆକୁ ଆସିଥିଲେ। କିମ୍ବଦନ୍ତୀ ଅନୁସାରେ, ବ୍ରିଟିଶ ଶାସନ ସମୟରେ ଜଣେ ମୁସଲମାନ ସମ୍ପ୍ରଦାୟର ଦାରୋଗା ଗୋପ ଥାନାରେ ଥିବାବେଳେ ଗୋପାଳଜୀଉଙ୍କ ସ୍ୱପ୍ନାଦେଶ ପାଇ ଏହି ମେଳଣ କୁଶଭଦ୍ରା ନଦୀ କୂଳରେ ଏହି ଆରମ୍ଭ କରିଥିଲେ। ହିନ୍ଦୁ ମୁସଲମାନ ସମ୍ପ୍ରଦାୟଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଏହି ମେଳଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୨୦୦୩ରୁ ଏହି ମେଳଣ ଗୋପ ଲୋକ ମହୋତ୍ସବ ଭାବେ ୭ ଦିନ ଧରି ପାଳନ କରାଯାଇଥାଏ। ମେଳଣ କମିଟି ସଭାପତି ସତ୍ୟପ୍ରିୟ ନାୟକ, ସମ୍ପାଦକ ନରେନ୍ଦ୍ର ଦାଶ, ପ୍ରାକ୍ତନ ଅଧାପକ ପ୍ରକାଶଚନ୍ଦ୍ର ଖଟୋଇଙ୍କ ସହିତ ବିଭିନ୍ନ ଅଞ୍ଚଳ ବୟୋଜ୍ୟେଷ୍ଠ, ଯୁବ ଗୋଷ୍ଠୀଙ୍କୁ ନେଇ ଏହି ପରମ୍ପରା ପୂର୍ଣ୍ଣ ସାଗର ସ୍ନାନ ମେଳଣ ଆୟୋଜିତ ହେଉଛି। ଏହି ପୂରାତନ ଭାଇଚାରା ମେଳଣ ଦେଖିବାକୁ ହଜାର ହଜାର ୨ ସମ୍ପ୍ରଦାୟର ଲୋକେ ଏଠାକୁ ଆସିଥାନ୍ତି। ମେଳଣରେ ଉପସ୍ଥିତ ଶତାଧିକ ଠାକୁର ଘର ବାହୁଡ଼ିବା ପରେ ମୁଖ୍ୟ ଠାକୁର ପ୍ରଭୁ ଗୋପାଳଜୀଉ ଶେଷରେ ଆତସବାଜି ପ୍ରଦର୍ଶନ ପରେ ବିଳମ୍ବିତ ରାତିରେ ଘର ବାହୁଡ଼ିବା ପରମ୍ପରା ରହିଛି।


ପ୍ରଭୁ ଗୋପାଳ ଜୀଉଙ୍କୁ ଥାନାଧିକାରୀ ସୁନୀଲ ପ୍ରଧାନ ମେଳଣ ପଡିଆକୁ ପାଛୋଟି ନେଉଛନ୍ତି ।


ସାଗର ସ୍ନାନ ଯାତ୍ରାକୁ ଠାକୁର ଦୋଳବିମାନରେ ଯାଉଛନ୍ତି ।

### ଅତିଥି ନ ଆସିବାରୁ ଅସନ୍ତୋଷ

ମେଳଣର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ନ ଆସିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଓ ଗୋପ ଥାନା ଅଧିକାରୀ ସୁନିଲ୍ ପ୍ରଧାନ ବିଳମ୍ବରେ ପହଞ୍ଚି ମେଳଣ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଅତିଥିମାନେ ନ ଆସିବାରୁ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଭୋଟ ସମୟରେ ନେତାମାନେ ଆସିଥାନ୍ତି ବୋଲି ଚର୍ଚ୍ଚା ହୋଇଥିଲା।

### ମାଟ୍ରିକ ପରୀକ୍ଷାରେ ତ୍ରୁଟି ନେଇ ଏବିଭିପିର ବିକ୍ଷୋଭ

ପୁରୀ ଅଫିସ, ୧୯।୩:

ଚଳିତ ବର୍ଷ ଦଶମ ଶ୍ରେଣୀ ସମ୍ମେଟିଭ୍-୨ (ମାଟ୍ରିକ) ପରୀକ୍ଷା ଜାରି ରହିଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ବିନା କୌଣସି ତ୍ରୁଟିରେ ପରୀକ୍ଷା କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ ମଧ ବିଭିନ୍ନ ତ୍ରୁଟି ସାମ୍ନାକୁ ଆସିଛି। ଏନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ପୁରୀ ଶାଖା ପକ୍ଷରୁ ରବିବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରିଷଦ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ୫-ଟି ଯୋଜନାରେ ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେଉଛନ୍ତି ବୋଲି ମିଛ ଡିଣ୍ଡିମ ପିଟୁଥିବାବେଳେ ୧୬ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଏଥିପାଇଁ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ଉଙ୍କିମାରୁଛି। ସେହି ପରୀକ୍ଷାର୍ଥୀମାନେ କୁଆଡ଼େ ଗଲେ। ପ୍ରଶ୍ନପତ୍ର ମଧ ଲିକ୍ ହୋଇଛି। ଫଳରେ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତିକରୁଛି। ନିକଟରେ ଜଣେ ଦଶମଶ୍ରେଣୀ ଛାତ୍ରୀ କ୍ଷତାକ୍ତ ଅବସ୍ଥାରେ ଏକ କାର୍‌ରୁ ଉଦ୍ଧାର ହୋଇଥିଲେ, ଯାହା ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଇଛି। ଏବିଭିପି ପୁରୀ ନଗର ସମ୍ପାଦକ ଶୁଭାଶିଷ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ବିଭାଗ ସଂଯୋଜକ ତାରାପ୍ରସାଦ ଦାଶ, ରାଜ୍ୟ ସଂଯୋଜକ ଲିଟୁନ ଦାସ, ବିସ୍ମୟ ରଞ୍ଜନ ପଟ୍ଟନାୟକ, ଆଶୁତୋଷ ପଣ୍ଡା, ରାକେଶ ସ୍ୱାଇଁ, ସ୍ୱପ୍ନେନ୍ଦୁ ଜେନା, ସ୍ୱରାଜ ନନ୍ଦନ ଦାଶ, ସୁମିତ୍ରା ଜେନା, ଲିଖିତା ରାଉତ, ରାଣୀ ମିଶ୍ର, ସୌମ୍ୟାସ୍ମିତା ମହାନ୍ତ, ସ୍ମୃତିସ୍ମିତା ଦାସ, ସୀମା ରାଉତ, ଦେବାଶିଷ ଶତପଥୀ ଏବଂ ସାଗରିକା ସାହୁ ପ୍ରମୁଖ ସାମିଲ ଥିଲେ।

# ତଦନ୍ତ ରିପୋର୍ଟ ଚାପିଛି ଜିଲା ସ୍ୱାସ୍ଥ୍ୟ ବିଭାଗ

ପୁରୀ ଅଫିସ, ୧୯।୩:

### କମାକଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ବିରୋଧରେ ଅଭିଯୋଗ

ପିପିଲି ବ୍ଲକ୍‌ର କମାକଣ୍ଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ଡାକ୍ତର ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ନେଇ ସାମାଜିକ କର୍ମୀ ଦିଲୀପ ବରାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏନେଇ ବାରମ୍ବାର ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଗତ ମାସ ୨୦ ତାରିଖରେ ତଦନ୍ତ ପାଇଁ ପିପିଲି ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୧ ତାରିଖରେ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ କରିବା ପାଇଁ କମାକଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ତଦନ୍ତ ସମୟରେ ସେ ଜାଣିବାକୁ ପାଇଥିଲେ ଯେ, ଡାକ୍ତର ଅପରାହ୍ନରେ ଅନୁପସ୍ଥିତ ଥିଲେ। ସମ୍ପୃକ୍ତ ଡାକ୍ତର କୌଣସି ଦିନ ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବା ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଜାଣିବାକୁ ପାଇଥିଲେ। ଡାକ୍ତର ପ୍ରତ୍ୟେକ ଦିନ ପୂର୍ବାହ୍ନରେ ଅତି କମ୍‌ରେ ୩ ଘଣ୍ଟା ଓ ଅପରାହ୍ନରେ ୧ ଘଣ୍ଟା ଡାକ୍ତରଖାନାକୁ ଆସି କାର୍ଯ୍ୟ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଥିଲେ। ଅପରପକ୍ଷରେ ସମ୍ପୃକ୍ତ ଡାକ୍ତର ନିଜ ଅନିୟମିତତାକୁ ଲୁଚାଇବା ପାଇଁ ଓପିଡି ରେଜିଷ୍ଟରରେ ରୋଗୀଙ୍କ ତଥ୍ୟ ଉଲ୍ଲେଖ କରୁନାହାନ୍ତି। ସପ୍ତାହରେ ଚାରିଦିନ ପୂର୍ବାହ୍ନରେ ଆସୁଛନ୍ତି, କିନ୍ତୁ ଅପରାହ୍ନରେ ଆସୁ ନ ଥିବାରୁ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତଦନ୍ତ ରିପୋର୍ଟରେ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଉଲ୍ଲେଖ କରିଛନ୍ତି। ଏଥିସହ ସେହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ତିନିରୁ ଚାରିଦିନ କାର୍ଯ୍ୟ କରୁଥିବା ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ବୋଲି ସାମାଜିକ କର୍ମୀ ବରାଳ ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ତଦନ୍ତ ରିପୋର୍ଟ ୨୨ ତାରିଖରୁ ପ୍ରଦାନ କରିସାରିଥିଲେ ମଧ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବରାଳ ଅଭିଯୋଗ କରିଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସମ୍ପୃକ୍ତ ଡାକ୍ତର ଏବଂ ଜିଲା ଚିକିତ୍ସାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଡେଲାଙ୍ଗ ପ୍ରିମିୟର ଲିଗ୍: ଡେଲାଙ୍ଗ ଗ୍ରୀନ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ ।

ଡେଲାଙ୍ଗ,୧୯।୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକସ୍ତରୀୟ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଡେଲାଙ୍ଗ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା, ମୁଖ୍ୟବକ୍ତା ଡେଲାଙ୍ଗ ଆଇଆଇସି ଅନିଲ ମହାନ୍ତି, ସମ୍ମାନିତ ଅତିଥି ଯୁବ ଖବରଦାତା ଚିତ୍ତରଞ୍ଜନ ଜେନା, ରେଞ୍ଚ ଗ୍ରାମ ପଞ୍ଚାୟତ ସମିତିସଭ୍ୟ ପ୍ରଭାତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନଚର୍ଯ୍ୟାରେ କ୍ରୀଡ଼ାର ଆବଶ୍ୟକତା ରହିଛି। ରାଜ୍ୟ ଓ ଜାତୀୟସ୍ତରରେ କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରି ସୁନାମ ଅର୍ଜନ କରିବାକୁ ମୁଖ୍ୟବକ୍ତା ମହାନ୍ତି ଆହ୍ୱାନ ଦେଇଥିଲେ। ଫାଇନାଲ ମ୍ୟାଚରେ ଡେଲାଙ୍ଗ ବ୍ଲୁକୁ ହରାଇ ଡେଲାଙ୍ଗ ଗ୍ରୀନ୍ ଚାମ୍ପିୟନ୍ ହୋଇଛି। ଡେଲାଙ୍ଗ ବ୍ଲୁ ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା। ଡେଲାଙ୍ଗ ଗ୍ରୀନ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ଜବାବରେ ଡେଲାଙ୍ଗ ବ୍ଲୁ ଦଳ ୬ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଡେଲାଙ୍ଗ ଗ୍ରୀନ୍‌କୁ ମୁଖ୍ୟ ଅତିଥି ପରିଡ଼ା ଓ ମୁଖ୍ୟବକ୍ତା ମହାନ୍ତି ଟ୍ରଫି ପ୍ରଦାନ କରିଥିଲେ। ଦଳର ବାନାମ୍ବର ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିରେ ସୌଭାଗ୍ୟ ପ୍ରଧାନ ଓ ସୋମନାଥ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ। ଏହି ମ୍ୟାଚଟି ୟୁଟ୍ୟୁବ୍‌ରେ ସିଧାପ୍ରସାରଣ କରାଯାଇଥିବାବେଳେ ବରିଷ୍ଠ ଖେଳାଳି ଅଜିତ ରାୟ ଓ ପ୍ରଦୀପ ରଞ୍ଜନ ବିଶ୍ୱାଳ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ପରିଡ଼ା, ବିଶ୍ୱରଞ୍ଜନ ତାଡ, ସୌମ୍ୟରଞ୍ଜନ ତାଡ, ମନୋରଞ୍ଜନ ଜେନା, ପ୍ରଶାନ୍ତ ଜେନା, ନୀଳମଣି ପ୍ରଧାନ, ସୌମେନ୍ଦ୍ର ସାହୁ, ସ୍ୱାଗତ ବରାଳ, ହୃଷୀକେଶ ମହାରଣା, ଗଣେଶ ସ୍ୱାଇଁ, ପରମାନନ୍ଦ ବରାଳ ପ୍ରମୁଖ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ୨୨ କେଜି ଗଞ୍ଜେଇ, ଅଟୋ ଜବତ: ୩ ଗିରଫ

ଝାଁଙ୍କଳା,୧୯।୩(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ରବିବାର ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଥାନା ଜୟରାମପୁର ଗ୍ରାମର ନରେନ୍ଦ୍ର ମଲ୍ଲିକ ଓରଫ ଜୋଗିଆ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦିବ୍ୟରଞ୍ଜନ ମୁଦୁଲି ଓରଫ କୁଲୁ ଏବଂ ସାମନ୍ତରାପୁର ଅଞ୍ଚଳର ସୁଶୀଲ ସେଠୀ। ଏମାନଙ୍କ ନିକଟରୁ ୨୨କେଜି ଗଞ୍ଜେଇ, ଏକ ଅଟୋ, ମୋବାଇଲ ଫୋନ ଏବଂ ୮୨୦ଟଙ୍କା ଜବତ କରାଯାଇଛି। ସୂଚନା ମୁତାବକ, ଇନ୍‌ଫୋଭ୍ୟାଲି ଥାନାର ଏକ ପାଟ୍ରୋଲିଂ ଟିମ୍ କୌଣସି ସୂତ୍ରରୁ ଖବରପାଇ ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ଅତର୍କିତ ଭାବେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏମାନଙ୍କ ନିକଟରୁ ପୋଲିସ ଗଞ୍ଜେଇ ସହ ଅଟୋ(ଓଡି ୦୨ଏ ଏସ୍ ୯୯୦୮)ଜବତ କରିଥିଲା। ଏହି ଗଞ୍ଜେଇ ଖୋର୍ଦ୍ଧା ଅଞ୍ଚଳରୁ ସଂଗ୍ରହ କରି ବିକ୍ରି ପାଇଁ ଭୁବନେଶ୍ୱରକୁ ଚାଲାଣ କରାଯାଉଥିଲା।

# ନହଲାପଡ଼ା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ପିପିଲି, ୧୯।୩, (ଡି.ଏନ୍.ଏ):

ପୁରୀ ୟୁଥ୍ ହଷ୍ଟେଲ ସଭାଗୃହରେ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା 'ହେଲ୍ମମେଟ୍'ର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ପର୍କିତ ବକ୍ତୃତା, ପ୍ରବନ୍ଧ, ପଠନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବ୍ଲକ ଅନ୍ତର୍ଗତ ନହଲାପଡ଼ା ହାଇସ୍କୁଲର ପୂର୍ଣ୍ଣିମା ବେହେରା, ସ୍ନିଗ୍ଧା ପ୍ରିୟାଦର୍ଶିନୀ ଏବଂ ଆଶିଷ କୁମାର ପରିଡ଼ା କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଛନ୍ତି। ଉକ୍ତ ସଭାରେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥି, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ଡ. ରବୀନ୍ଦ୍ରନାଥ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବିତା ଆସର ଅବସରରେ ସାହିତ୍ୟିକ ତଥା ନହଲାପଡ଼ା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

# 'ପାରେଶ୍ୱର ବାବା ନାମରେ ପ୍ରସିଦ୍ଧ ଥିଲେ ପାଲେଶ୍ୱର ମହାଦେବ'

ପୁରୀ ଅଫିସ, ୧୯।୩:

ପୁରୀ ମାଣିକପାଟଣାସ୍ଥିତ ଶ୍ରୀପାଲେଶ୍ୱର ମନ୍ଦିର ମଣ୍ଡପରେ ରବିବାର ଶ୍ରୀପାଲେଶ୍ୱରଙ୍କ ଐତିହ୍ୟକୁ ଆଧାର କରି ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଅଧାପକ କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ଅତିଥିମାନେ କହିଥିଲେ ଯେ, ଐତିହ୍ୟ ଅନୁଯାୟୀ, ବାବା ପାଲେଶ୍ୱରଙ୍କୁ ଲକ୍ଷ୍ମଣ ପ୍ରତିଷ୍ଠା କରିଥିଲେ। ଶ୍ରୀରାମଚନ୍ଦ୍ର ଶ୍ରୀଭାବକୁଣ୍ଡେଳେଶ୍ୱରଙ୍କୁ ପ୍ରତିଷ୍ଠା କରିବା ପରେ ମାଣିକପାଟଣା ଘାଟରେ ପାରିହୋଇଥିଲେ। ପୁରାତନ ଲୋକକଥା ଅଛି, ପାଲେଶ୍ୱର ମହାଦେବ ଅତୀତରେ ପାରେଶ୍ୱର ବାବା ନାମରେ ପ୍ରସିଦ୍ଧ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ ଆଲୋଚକ ଭାବେ ଯୋଗଦେଇ ଏହି ପ୍ରାଚୀନ ପୀଠ ଉଦ୍ଧାର ପରେ ବ୍ରହ୍ମଗିରିରେ ୧୫୫ଟି ଐତିହ୍ୟ ପୀଠ ଚିହ୍ନଟ ହେଲା ବୋଲି କହିଥିଲେ। ମାଣିକପାଟଣା ମୌଜା, ଅରକୁଦା, ପଞ୍ଚାୟତରେ ଜୀର୍ଣ୍ଣୋଦ୍ଧାର ହୋଇଥିବା ଏହି ମନ୍ଦିର ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ସମ୍ଭବ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତବ୍ୟକ୍ତ କରିଥିଲେ। ରବିନ୍ଦ୍ର ଦାସ ମହାପାତ୍ର କହିଥିଲେ, ସମସ୍ତଙ୍କ ସହଯୋଗରେ ପ୍ରାଚୀନ ଐତିହ୍ୟ ପୀଠର ଉଦ୍ଧାର ଏକ ଅଭିନନ୍ଦନୀୟ ଉଦ୍ୟମ। ନୀଳମଣି ସୁଆର ମାଣିକପାଟଣା ଏବଂ ଶ୍ରୀପାଲେଶ୍ୱରମନ୍ଦିରର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପଣସପଦାର ମାଳି ମହାପାତ୍ରଙ୍କୁ ସେବାପାଇଁ ଜମି ଖଞ୍ଜା ପ୍ରାଚୀନ କାଳରୁ ଦିଆଯାଇଥିବା ଜଣାଗଲା। ଏଠାରେ ଚାଚେରୀ ଭୋଗ ଖାଇବା ପରେ ୭ଟି ଗାଁର ଦୋଳ ଗ୍ରାମ ପରିକ୍ରମା କରିବାର ପରମ୍ପରା ରହିଛି। ଶିକ୍ଷାବିତ ରବୀନ୍ଦ୍ର ବାରିକ, ଧର୍ମପଦ ପଲାଇ, ମେରୁଧର ଦଳାଇ, ବାମନ ସାହୁ, ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ହରିଶ୍ୱର ଦେବ ଯୋଗ ସମିତିର ସ୍ୱେଚ୍ଛାସେବୀମାନେ ଦୀର୍ଘ ୫ ବର୍ଷ ହେଲା କରୁଥିବା ସୂଚନା ଦିଆଯାଇଥିଲା।


ଆଲୋଚନାଚକ୍ରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।


ଶ୍ରୀପାଲେଶ୍ୱର ମନ୍ଦିର ।

## ମୁଖପତ୍ର ‘ସୁଦେଷ୍ଣା’ ଉନ୍ମୋଚିତ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର କଲେଜର ମୁଖପତ୍ର ‘ସୁଦେଷ୍ଣା’ ଶନିବାର କଲେଜ ପରିସରରେ ଉନ୍ମୋଚିତ ହୋଇଯାଇଛି। ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫୁଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପିକା ଡ. ହରପ୍ରିୟା ମହାପାତ୍ର ସମ୍ପାଦକୀୟ ପାଠ କରିଥିଲେ। ଅଧାପକ ସଞ୍ଜୟ ଧଳ, ଦୀପକ ମହାନ୍ତି, ପ୍ରଭାକର ମିଶ୍ର, ରଶ୍ମି ରାଉତରାୟ, କ୍ଷୀରାବ୍ଧି ଚୌଧୁରୀ, ମୋହିତ କର, ପ୍ରଭାବତୀ ପଢ଼ିହାରୀ, ମମତା ସାହୁ, ଚିତ୍ତ ରଞ୍ଜନ ଦାସ, ବସନ୍ତ କୁମାର ବିଶ୍ୱାଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧାପିକା ସସ୍ମିତା ଭୂୟାଁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସୁନାଚେନ୍ ଲୁଟ, ୨ ମହିଳା ଅଟକ

ଖୁଣ୍ଟୁଣୀ,୧୯।୩(ଡି.ଏନ.ଏ.): ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୨ ଜଣ ମହିଳାଙ୍କୁ ଥାନାରେ ଅଟକ ରଖିଛି। ଏହି ଥାନା ଅନ୍ତର୍ଗତ ବ୍ରହ୍ମପୁରର ବାରୁଣୀ ଘାଟରେ ରବିବାର ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଠାରେ ବୁଡ଼ ପକାଇବା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ସୁଯୋଗରେ ଟାଙ୍ଗୀ ଥାନା ବ୍ରାହ୍ମଣଭୋଗ ଗ୍ରାମର ବନ୍ଦନା ପ୍ରଧାନ ଓ ଆଠଗଡ଼ ଥାନା ଅନ୍ତର୍ଗତ ବାଉଁଶଦଣ୍ଡା ଗ୍ରାମର ତିଲୋତ୍ତମା ପାଣିଙ୍କ ବେକରୁ କଟକ ପେଣ୍ଠକଟା ଅଞ୍ଚଳର ୨ ଜଣ ମହିଳା ସୁନାଚେନ୍ ଲୁଟ୍ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ମହିଳା ଲୁଟେରା ଦ୍ୱୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଲୁଟ୍‌ର ଶିକାର ହୋଇଥିବା ମହିଳା ଦ୍ୱୟ ଅଭିଯୋଗ କରିବା ପରେ ପୋଲିସ ୨ଟି ମାମଲା(ନଂ.୫୨,୫୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

### ସାଗରସ୍ନାନ ମେଳଣ

କଣ୍ଟାପଡା,୧୯।୩(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ଗ୍ରାମର ବଟଗୋସ୍ୱାମୀ ପୀଠରେ ମଦନମୋହନ ଦେବଙ୍କ ସାଗରସ୍ନାନ ମେଳଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ମେଳଣରେ ଯୋଗଦେବାକୁ ଆଖପାଖ ଗ୍ରାମରୁ ଆସିଥିବା ୨୨ଟି ଠାକୁର କାଚରାଧାର ନଦୀରେ ସ୍ନାନ କରିବା ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରଥମେ ଥାନପତି ମଦନମୋହନ ଦେବ ନିଜ ଆସ୍ଥାନରେ ବସିବା ପରେ ଅନ୍ୟ ଗ୍ରାମରୁ ବିମାନରେ ଆସିଥିବା ଠାକୁର ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବସିଥିଲେ। ଏହାପରେ ମେଳଣ ପଡିଆରେ ସଂକୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅପରାହ୍ନରେ ପ୍ରତ୍ୟେକ ଠାକୁରଙ୍କ ନିକଟରେ ବଡ଼ ପିତ୍ତଳ ଥାଳିରେ ବିଭିନ୍ନ ପ୍ରକାର ଭୋଗ ଲାଗି କରାଯାଇଥିଲା। ତେବେ ପ୍ରତି ଭୋଗଥାଳିରେ ୫କିଲୋ ଲଡୁ ରଖାଯାଇଥିଲା। ଏହି ଅବସରରେ ଗ୍ରାମ ମଝିରେ ହରିହର ଭେଟ ହେବା ପରେ ସମସ୍ତ ଠାକୁର ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ଗୋପାଳଜୀଉ ମନ୍ଦିରରେ ସ୍ମୃତିସଭା

କଟକ ଅଫିସ,୧୯।୩: ସ୍ଥାନୀୟ ଗୋପାଳଜୀଉ ମନ୍ଦିରର ପୂଜକ ବନବିହାରୀ ପଣ୍ଡା, ପୂର୍ବତନ ଅଧିକାରୀ ଲୋକନାଥ ସାହୁ ଓ ପୂର୍ବତନ କଟୁଆଳ ପରମାନନ୍ଦ ସାହୁଙ୍କ ବିୟୋଗରେ ରବିବାର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମହନ୍ତ ବୈଦନାଥ ସାହୁ, କଟୁଆଳ ଧୀରେନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ନାୟକ, ପୂଜକ ସୁଧାଂଶୁ ମିଶ୍ର, ମୁରବୀ ସର୍ବେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ବାବାଜୀ ସାହୁ, ଶରତ କୁମାର ସାହୁ, ଭବରଞ୍ଜନ ସାହୁ, ପ୍ରକାଶ ସାହୁ, ଗଙ୍ଗାଧର ସାହୁ, ନାରାୟଣ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ପଖାଳକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳୁ

**ଆଜି ବିଶ୍ୱ ପଖାଳ ଦିବସ**

■ସାମାଜିକ ସଙ୍ଗଠନ ପକ୍ଷରୁ ପଖାଳ ଦିବସ ପାଳନ

କଟକ ଅଫିସ,୧୯।୩


ମାଛୁଆ ବଜାରସ୍ଥିତ ଶଶିକଳା ପ୍ୟାଲେସ୍‌ରେ ପିଲାମାନେ ଭୋଜନ କରୁଛନ୍ତି।

ଓଡ଼ିଶାର ପାରମ୍ପରିକ ଖାଦ୍ୟ କହିଲେ ପଖାଳକୁ ବୁଝାଏ। ଯାହା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ସୋମବାର ବିଶ୍ୱରେ ଥିବା ଓଡ଼ିଆମାନେ ପଖାଳ ଦିବସ ପାଳନ କରିବେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନ ସୁଦ୍ଧା ପଖାଳକୁ ଜିଆଇ ଟ୍ୟାଗ୍ ମିଳିପାରିନାହିଁ। ସମାଜରେ କେବଳ ପଖାଳକୁ ବଞ୍ଚାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ବାସ୍ତବରେ ଏହାକୁ ଜିଆଇ ଟ୍ୟାଗ୍ ମିଳିବା ଆବଶ୍ୟକ ବୋଲି ସହରବାସୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି, ବର୍ତ୍ତମାନ ସମୟରେ ସବୁ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ଏଥିରେ ଦ୍ୱିମତ ନାହିଁ। ଦୁନିଆରେ ଯେଉଁଠାରେ ବି ଓଡ଼ିଆ ଲୋକମାନେ ରହୁଛନ୍ତି, ସେଠାରେ ସେମାନେ ପଖାଳ ଖାଉଥିବେ। କିନ୍ତୁ ଆଜିପର୍ଯ୍ୟନ୍ତ ପଖାଳକୁ ଏକ ମାନ୍ୟତା ମିଳିବା ଦିଗରେ ବିଳମ୍ବ ହେଉଛି। ଏହି ପ୍ରସଙ୍ଗକୁ ଚଳିତ ବିଧାନସଭାରେ ଉଠାଇବା ସହ କିପରି ସମସ୍ତ ବିଧାୟକ ଏନେଇ ସରକାରଙ୍କୁ ଅବଗତ କରାଇବେ, ସେ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ଅଭିନେତା କୁନା ତ୍ରିପାଠୀ କହିଥିଲେ, ପଖାଳକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ପ୍ରତ୍ୟେକ ଓଡ଼ିଆଙ୍କୁ ଆଗକୁ ଆସିବା ଦରକାର। ଓଡ଼ିଆ ଜାତିର ସ୍ୱାଭିମାନକୁ ଦୃଷ୍ଟିରେ ରଖି ପଖାଳକୁ ସରକାର ଜିଆଇ ଟ୍ୟାଗ୍ ଦେବାରେ ସହାୟତା କରନ୍ତୁ।

ସୋମବାର ବିଶ୍ୱ ପଖାଳ ଦିବସ ଥିବାରୁ ଦିନକ ପୂର୍ବରୁ ଅର୍ଥାତ୍ ରବିବାର କଟକରେ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ମାଛୁଆ ବଜାରସ୍ଥିତ ଶଶିକଳା ପ୍ୟାଲେସ୍‌ରେ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଥିଲା। ଏଥିରେ ସିଡିଏ ରଥ ସାହୁ ସ୍କୁଲ୍‌ର ଆଦିବାସୀ ପିଲାଙ୍କୁ ସାମିଲ କରାଯାଇ ପଖାଳ ସହ ଅନ୍ୟାନ୍ୟ ଜିନିଷ ଖାଇବାକୁ ଦିଆଯାଇଥିଲା। ଟ୍ରଷ୍ଟର ଉପଦେଷ୍ଟା କୁନା ତ୍ରିପାଠୀ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର, ବୀରେନ୍ଦ୍ର ସାହୁ, ସନ୍ଦୀପ ରାଉତ, ଡ. ପ୍ରଭୁ ଚରଣ ମହାନ୍ତି,ଡା. ଉମେଶ ରାୟ, ହାସ୍ୟ ଅଭିନେତା ରାଜୁ ଦାସ, ମଙ୍ଗଳାବାଗ ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ବର୍ଷ ଏହାକୁ ଆହୁରି ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ ବୋଲି ସଭାପତି ମନୋଜ ପଣ୍ଡା ଓ ସମ୍ପାଦକ ଶଶାଙ୍କ ଶେଖର ଦାଶ କହିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ସିଏମ୍‌ସି କମିଶନର


ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ସିଟି ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଆମ ହସ୍ପିଟାଲ ରୂପାନ୍ତିକରଣ କାର୍ଯ୍ୟକ୍ରମରେ ସାମିଲ ହେବ ୨ ସ୍ୱାସ୍ଥ୍ୟକେନ୍ଦ୍ର**

କଟକ ଅଫିସ, ୧୯।୩

ରାଜ୍ୟର ସମସ୍ତ ସଦର ମହକୁମା, ଉପଖଣ୍ଡଗୁଡିକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ଚିକିତ୍ସାଳୟକୁ ୫–ଟି ଆଧାରରେ ଆମ ହସ୍ପିଟାଲ ରୂପାନ୍ତିକରଣ କାର୍ଯ୍ୟକ୍ରମ ଜରିଆରେ ଉନ୍ନତୀକରଣ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ସିଟି ହସ୍ପିଟାଲ ଓ ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନରେ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ଉକ୍ତ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମି, ଚିକିତ୍ସା ସୁବିଧା ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏ ନେଇ କମିଶନର କହିଥିଲେ, ସହରାଞ୍ଚଳରେ ବାସ କରୁଥିବା ଅଧିକରୁ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସହଜରେ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଆସନ୍ତା ୫ ଦିନ ମଧ୍ୟରେ ଉନ୍ନତୀକରଣ ସମ୍ପର୍କରେ ଅନୁଶୀଳନ କରାଯାଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ। ପରେ ତାହାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ସରକାରୀ ମଞ୍ଜୁରୀ ପାଇବା ପରେ ଉଭୟ ହସ୍ପିଟାଲର ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ପରିଦର୍ଶନବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ , ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କଟକ ଜିଲାର ୯ଟି ହସ୍ପିଟାଲକୁ ଆମ ହସ୍ପିଟାଲ ରୂପାନ୍ତିକରଣ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସରକାର ଅନୁମତି ପ୍ରଦାନ କରିଥିଲାବେଳେ ଶନିବାର ଏହି ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା।

# ‘ଆଇନଜୀବୀ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ’



ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ,୧୯।୩

ଭାରତ ଏବେ ବିଭିନ୍ନ କ୍ଷେତ୍ରରେ ପ୍ରଗତୀ ଲାଭ କରୁଥିବାରୁ ଆମକୁ ସଂକୀର୍ଣ୍ଣତା ଭାବ ପରିତ୍ୟାଗ କରିବାକୁ ପଡ଼ିବ। ଆଇନପେଶାରେ ପ୍ରତିଷ୍ଠିତ ହେବାକୁ ହେଲେ ଆଇନଜୀବୀମାନଙ୍କୁ ନୀତି ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ। ଯୁବ ଆଇନଜୀବୀମାନେ ସର୍ବଦା ନିଜ ଭିତରେ ଶିକ୍ଷାଲାଭ କରିବାର ଜିଜ୍ଞାସା ରଖିବା ଉଚିତ୍ ବୋଲି ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ କହିଛନ୍ତି। କଟକ ଶହୀଦ୍ ଭବନରେ ରବିବାର ସନ୍ଧ୍ୟାରେ ସିକିମ୍ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଯୁଗଳ କିଶୋର ମହାନ୍ତିଙ୍କ ୨୫ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଚାରପତି ସାହୁ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ।

ସ୍ମୃତି କମିଟି ସଭାପତି ତଥା ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶିକ୍ଷାବିତ୍ ବିଦ୍ୟୁତ୍ ପ୍ରଭା ମିଶ୍ର ତାଙ୍କ ବକ୍ତବ୍ୟରେ ଜଷ୍ଟିସ୍ ମହାନ୍ତିଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ଅଭିହିତ କରିଥିଲେ। ଏହି ଅବସରରେ ରେଭେନ୍‌ଶା କଲେଜର ଯୁକ୍ତଦୁଇ କଳା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ବିଦ୍ୟା ଦେଓ, ସାଲେପୁରସ୍ଥିତ ଫାର୍ମାସୀ ଓ ଟେକ୍ନୋଲୋଜି ପ୍ରତିଷ୍ଠାନର ଏମ୍. ଫାର୍ମାସୀର ବିଶ୍ୱଜିତ୍ ରାଉତ, ବି. ଫାର୍ମାସୀର ନିଧି ସାହୁ, ଡି. ଫାର୍ମାସୀର ସଂଗ୍ରାମ କେଶରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଫାର୍ମାସୀ ଓ ଟେକ୍ନୋଲୋଜି ପ୍ରତିଷ୍ଠାନର କର୍ମଚାରୀ ଉପେନ୍ଦ୍ର ନାଥ ପ୍ରଧାନଙ୍କ ସମେତ ଗତ ୧୧ ତାରିଖରେ ଅନୁଷ୍ଠିତ ରକ୍ତଦାନ ଶିବିରର ୩୩ ଜଣ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ ବିବରଣୀ ପାଠ କରିଥିଲେ। ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଫେସର ସୁଲୋଚନା ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବହୁ ଅବସରପ୍ରାପ୍ତ ବିଚାରପତି, ଆଇନଜୀବୀ, ଆଇନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନଦୀବନ୍ଧ ବୁରୁଜ ଶିଳାନ୍ୟାସ

କଟକ ସଦର,୧୯।୩(ଡି.ଏନ୍.ଏ.)

ମହାନଦୀ ସାଉଥ ଜଳସେଚନ ଡିଭିଜନ ଅନ୍ତର୍ଗତ କାଠଯୋଡି ନଦୀର ତିନୋଟି ସ୍ଥାନରେ ବୁରୁଜ ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ କରାଯାଇଛି। କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। କନ୍ଦରପୁର ପଞ୍ଚାୟତ ଅଧୀନ ମାଣିକଦେଇ, ପରମହଂସ ଓ ରାଉତ୍ରାପୁରଠାରେ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବ। ଫଳରେ ବନ୍ୟାବେଳେ ନଦୀବନ୍ଧର ସୁରକ୍ଷା କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ମଳୟ କୁମାର ସାହୁ, ସହକାରୀ ଯନ୍ତ୍ରୀ ଶ୍ୱେତଲିନା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବେହେରା, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, କନ୍ଦରପୁର ସରପଞ୍ଚ ସୁବାସିନୀ ରାଉତ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡ଼ା, ରଜନୀକାନ୍ତ ସାହୁ, ସେକ୍ ବାବୁଲା, ସୁବୋଧ ବେହେରା, ଅକ୍ଷୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ ୬ରେ ଧାକୁଲେଇ ଯାତ୍ରା ମହୋତ୍ସବ

■ନିୟୋଜିତ ହେବେ ମହିଳା ଭଲ୍ୟୁଣ୍ଟିୟର

■ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା କରାଯିବ

ଫୁଲନଖରା,୧୯।୩(ଡି.ଏନ୍.ଏ.)

ଆସନ୍ତା ଏପ୍ରିଲ ୬ରେ ମା’ ଧାକୁଲେଇଙ୍କ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ଧାକୁଲେଇ ପୀଠ ସଭାଗୃହରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା’ ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ଜୋନ୍–୪ ଏସିପି ଚନ୍ଦନ ଘଡେଇ, ସମ୍ମାନିତ ଅତିଥି ଭାବେ କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭ୍ୟା ଆଶାଲତା ବେହେରା, କର୍ପୋରେଟର ଜନାର୍ଦ୍ଦନ ପରିଡା, ପୂର୍ଣ୍ଣିମା ସ୍ୱାଇଁ, ଲିପ୍ସା ନାୟକ, ମହନ୍ତ ବନମାଳୀ ଦାସ, ବାଦଲ ଜେନା, ପୀତବାସ ମହାପାତ୍ର, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, କୌଶିକ୍ ଜେନା, ଚନ୍ଦ୍ରଶେଖର ରାଉତ, ଉରାଳି ସରପଞ୍ଚ ଅଭିଷେକ ବେହେରା, ପ୍ରତାପ ନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ନିରଞ୍ଜନ ରାଉତଙ୍କ ସମେତ ଆଖପାଖ ୩୦ଟି ଗ୍ରାମର ମୁରବି ଯୋଗଦେଇଥିଲେ। ଏପ୍ରିଲ ୬ ତାରିଖ ବ୍ରାହ୍ମ ମୁହୂର୍ତ୍ତରୁ ମା’ଙ୍କ ମାଜଣା କରାଯିବ। ପରେ ମା’ଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ନଗର ଭ୍ରମଣ କରିବ। ଏହି ସମୟରେ ମେଳଣ ପଡ଼ିଆରେ ଆତସବାଜି ପ୍ରଦର୍ଶନ ହେବ। ଏହି ଉପଲକ୍ଷେ ୭ ଦିନ ଧରି ନାମ ସଙ୍କୀର୍ତ୍ତନ, ମୀନାବଜାର, ମେଲୋଡି ଓ ଅପେରା ପରିବେଷଣ ହେବ। ଯାତ୍ରା ପଡ଼ିଆରେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହେବ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପାଇଁ ୧୦ଟି ଷ୍ଟଲ ଖୋଲାଯିବ। ବିଶେଷକରି ମହିଳାମାନଙ୍କ ସୁରକ୍ଷା ପାଇଁ ମହିଳା ଭଲ୍ୟୁଣ୍ଟିୟରଙ୍କୁ ନିୟୋଜିତ କରାଯିବ। ଏଥିସହ ସିସିଟିଭି ବ୍ୟବସ୍ଥା, ୨୪ ଘଣ୍ଟା ପାନୀୟଜଳ ଯୋଗାଣ, ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯିବ। ଧାକୁଲେଇ ପୀଠକୁ ପରିଷ୍କାର କରିବା ପାଇଁ କର୍ମଚାରୀମାନେ ନିୟୋଜିତ ହେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା।

# ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ

କଟକ ସଦର,୧୯।୩(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଡିଏଭି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ପାର୍ଥସାରଥି ନାୟକ ଓ ଅଧ୍ୟାପକ ସେକ୍ ଅବରାର ଅହେମଦ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠପଢ଼ି ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସୋନାଲି ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଜାଗତିକା ମହାନ୍ତି, ସରିତା ମହାନ୍ତି, ସାହେବା ଅଞ୍ଜୁମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସେଠୀ ଧନ୍ୟବାଦ ଦେଇଥିଲେ।

# ‘ବାସ୍ତୁଶାସ୍ତ୍ର ଉପରେ ଅଧିକ ଗବେଷଣା କରାଯାଉ’

**ଜ୍ୟୋତିର୍ବିଜ୍ଞାନ ଓ ପ୍ରାଚ୍ୟବିଦ୍ୟା ସମ୍ମିଳନୀ**

କଟକ ଅଫିସ,୧୯।୩

ମାସିକ ପତ୍ରିକା ‘ଭାଗ୍ୟଲିପି’ର ୫୦ତମ ଏବଂ ଇଂଲିଶ ମାସିକ ‘ପ୍ଲାନେଟ୍‌ସ ଆଣ୍ଡ ଫୋରକାଷ୍ଟ’ର ୪୨ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଜ୍ୟୋତିର୍ବିଜ୍ଞାନ ଓ ପ୍ରାଚ୍ୟବିଦ୍ୟା ସମ୍ମିଳନୀ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି ଉଭୟ ପତ୍ରିକାର ପ୍ରତିଷ୍ଠାତା ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀଙ୍କ ସ୍ମୃତିଚାରଣ ସହ ଜ୍ୟୋତିଷ, ପ୍ରାଚ୍ୟବିଦ୍ୟା ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଡ. ବାବାଜୀ ଚରଣ ପଟ୍ଟନାୟକ କହିଥିଲେ, ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ପର୍କରେ ଅଧିକରୁ ଅଧିକ ଗବେଷଣା କରାଯିବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ବେଦ, ଜ୍ୟୋତିଷ ଉପରେ ଚର୍ଚ୍ଚା କରିଥିଲେ। ଭାଗ୍ୟଲିପିର ସମ୍ପାଦକ ଜ୍ୟୋତିର୍ବିଦ୍ ମିଲନ୍ ବାନାର୍ଜୀ ଅଧ୍ୟକ୍ଷତା କରି ସମୟ ସହ ତାଳ ଦେଇ ଜ୍ୟୋତିଷମାନେ ନିଜର ସାଧନା ଆଗେଇ ନେବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଣ୍ଡିତ ଆଶୁତୋଷ ପାଣିଗ୍ରାହୀଙ୍କ ଦିବ୍ୟଜ୍ୟୋତି ନୃସିଂହ ପଞ୍ଜିକା ୨୦୨୩–୨୪ ଓ ଶରତ ଚନ୍ଦ୍ର ମହାପାତ୍ରଙ୍କ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ସାଂସ୍କୃତିକ ଜଗତକୁ ଭାଗ୍ୟଲିପିର ଅନବଦ୍ୟ ଅବଦାନ ପୁସ୍ତକଦ୍ୱୟ ଉନ୍ମୋଚିତ ହୋଇଥିଲା। ମହିଳା ଉଦ୍ୟୋଗୀ ତଥା ଓମ୍ କେଜରିୱାଲ ଚାର୍ଟାର୍ଡ ଆକାଉଣ୍ଟାନ୍ସି ଫାର୍ମର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ କେଜରିୱାଲଙ୍କୁ ବିଂଶତମ କାନ୍ତି ବାନାର୍ଜୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅଲେଖ ଚନ୍ଦ୍ର ସେଠୀ, ଇଂ. ପ୍ରଦୀପ ପଟ୍ଟନାୟକ, ଡ. ଅଶ୍ୱିନୀ କୁମାର ଶତପଥୀ, ଡ. ପ୍ରତାପ ଜେନା, କ୍ଷିତିଭୂଷଣ ସିଂହ, ଯୋଗେଶ୍ୱର ସାହୁ, ହରିହର ସାହୁ, ଡ. ପ୍ରଭାକର ମହାପାତ୍ର, ଲାବଣ୍ୟ ଚକ୍ରବର୍ତ୍ତୀ, ଡ. ରୁଦ୍ରପ୍ରସନ୍ନ ମହାପାତ୍ର, ଦୀପକ୍ ଚାଟାର୍ଜୀଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ନ୍ୟାସୀ ନିଗମାନନ୍ଦ ଅତିଥି ପରିଚୟ ଓ ବିକାଶ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଅତିଥିମାନେ ଭାଗ୍ୟଲିପିର ସ୍ୱତନ୍ତ୍ର ବିଶେଷାଙ୍କକୁ ଉନ୍ମୋଚନ କରୁଛନ୍ତି।

# ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୯।୩(ଡି.ଏନ.ଏ.)


ବ୍ରହ୍ମପୁର ଗ୍ରାମସ୍ଥିତ ମହାନଦୀର ବାରୁଣୀ ଘାଟରେ ବୁଡ଼ ପକାଇବା ପାଇଁ ଜନସମାଗମ।

**ଏକତ୍ରିତ ହେଲେ ୧୪ ଠାକୁର**

ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମସ୍ଥିତ ମହାନଦୀର ବାରୁଣୀ ଘାଟରେ ରବିବାର ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଶନିବାର ବିଳମ୍ବିତ ରାତିରେ ସର୍ପେଶ୍ୱର ମହାଦେବ ସୁସଜ୍ଜିତ ବିମାନରେ ବ୍ରହ୍ମପୁରଠାରେ ପହଞ୍ଚିଥିଲେ। ପରେ ବ୍ରହ୍ମପୁର ଓ କଖଡ଼ି ଗ୍ରାମବାସୀ ରୋଶଣି ଶୋଭାଯାତ୍ରାରେ ସର୍ପେଶ୍ୱରଙ୍କ ସହ ନୂଆ ଶାସନର ରାମେଶ୍ୱର ଓ ବ୍ରହ୍ମପୁରର ଗୋପାଳଜୀଉଙ୍କୁ ବ୍ରହ୍ମପୁର ଗ୍ରାମ ପରିକ୍ରମା କରାଇ ହରିହର ଭେଟ ନୀତି ପାଇଁ କଖଡ଼ି ପାଲାତୋଟାକୁ ନେଇଥିଲେ। ସେଠାରେ ବାବା ଧବଳେଶ୍ୱରଙ୍କ ସହିତ କଖଡ଼ିର ଲକ୍ଷ୍ମୀନାରାୟଣ, ନାରଙ୍ଗବସ୍ତ ଗ୍ରାମର ରାଧାକୃଷ୍ଣ, ମାହାଳପଡାର ଗୋପାଳଜୀଉ, ଜଗମୋହନପୁର ଶାସନର ଗୋପୀନାଥଜୀଉ, ଜେନାପୁରର ସ୍ୱପ୍ନେଶ୍ୱର, ଘଣ୍ଟିଖାଲର ବୃନ୍ଦାବନ ଚନ୍ଦ୍ର ଦେବ, ରାଧାଶ୍ୟାମପୁରର ରାଧାଶ୍ୟାମଜୀଉ, କାପ୍ତାବୋରେଇର ରାଧାକୃଷ୍ଣ ଦେବ, ପିଠାଖିଆର ରାଧାକୃଷ୍ଣ ଓ ଅନନ୍ତପୁର ଗୋପାଳଜୀଉଙ୍କ ସହିତ ରବିବାର ପ୍ରତ୍ୟୁଷରେ ସର୍ପେଶ୍ୱର ଦେବଙ୍କ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ନାମ ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ବ୍ରାହ୍ମଣ, ପଣ୍ଡିତଙ୍କ ବେଦପାଠ ପରେ ସମସ୍ତ ଠାକୁର ଅପରାହ୍ନ ୧ଟାରେ ବାରୁଣୀ ସ୍ନାନ କରିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ଠାକୁରମାନେ ଦୋଳଯାତ୍ରା ଶେଷ କରି ଏହି ସ୍ଥାନରେ ବାରୁଣୀ ବୁଡ଼ ପକାଇ ନିଜ ଗ୍ରାମକୁ ଫେରିଥାନ୍ତି। ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁମାନେ ରୋଗ ଓ ପାପମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ବ୍ରହ୍ମପୁର ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ପ୍ରମୋଦ ସ୍ୱାଇଁ, ବାଦଲ ସାମଲ, ରତ୍ନାକର ସାମନ୍ତ, ଧୋବି ବିଶ୍ୱାଳ, ଧୈର୍ଯ୍ୟଧର ନାୟକ, ଉମାକାନ୍ତ ସ୍ୱାଇଁ, କବିରାଜ ସାହୁ, ଚିନ୍ତାମଣି ମଲ୍ଲିକ, ମାନସ ମହାନ୍ତି ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ଆଠଗଡ଼ ଉପ ଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ଭିଡ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଗୁରୁଡିଝାଟିଆ ଥାନାଧିକାରୀ ରଞ୍ଜନ ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ସଜାଗ ରହିଥିଲେ। ସେହିପରି ଆଠଗଡ଼ ଅଗ୍ନିଶମ କର୍ମଚାରୀ ମଧ୍ୟ ଘାଟ ନିକଟରେ ଉପସ୍ଥିତ ଥିଲେ। ଏହି ଅବସରରେ ରବିବାରଠାରୁ ୫ଦିନ ବ୍ୟାପୀ ବାରୁଣୀ ଯାତ୍ରା ପଡ଼ିଆରେ ଅପେରା ପରିବେଷଣ ହେବ। ଏଥିସହ ମିନାବଜାର ପଡିଥିବାବେଳେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଗହଳି ଲାଗିଛି।

# ଓଃ କି ଶାନ୍ତି...

ପଖାଳ। ଓଡ଼ିଶାର ଗାଥା ଗାଏ। ଘର ଘରର କଥା କୁହେ। ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ବ୍ୟଞ୍ଜନ ପଖାଳ କେବଳ ଏକ ଖାଦ୍ୟ ନୁହେଁ, କୁହାଯାଏ ଏକ ଆବେଗ। ପଖାଳ ଖାଇବା କ୍ଷଣି ହିଁ ପାଟିରୁ ବାହାରି ଆସେ ଯାହା ହେଉ ଆତ୍ମା ଶାନ୍ତି। ପଖାଳ ଏବେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି କୋଟିପତି ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟ ହୋଇପାରିଛି। ରୁଚିପୂର୍ଣ୍ଣ ଖାଦ୍ୟ ପ୍ରସ୍ତୁତିରେ ସାରା ବିଶ୍ୱରେ ପରିଚିତ ଓଡ଼ିଶାର ଏହି ପଖାଳ ବର୍ତ୍ତମାନ ଅଣଓଡ଼ିଆଙ୍କୁ ମଧ୍ୟ ଆକୃଷ୍ଟ କରୁଛି। ଢାବା କୁହ କି ତାରକା ହୋଟେଲ, ସବୁଠି ପଖାଳର ଏକ ସ୍ୱତନ୍ତ୍ର ମେନୁ ରହିଥିବା। ସାଦା ପଖାଳ ହେଉ କି ଦହି ପଖାଳ, ଆଉ ତା ସାଙ୍ଗକୁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରତି ଲୋକଙ୍କର ରୁଚି ବଢୁଛି। ଶାଗ, ଆଳୁ ଚୋଖା, ବଡ଼ି ଚୂରା, ଆମ୍ବ ଚଟଣି, ଛୁଇଁ ବେସର, କଖାରୁ ଫୁଲ ପିଠଉ, ତାୱା ମାଛ, ଶୁଖୁଆ, ଚିଙ୍ଗୁଡ଼ି ଛେଚା... ଆଦି ପଖାଳ ସହ ପରଷା ଯାଉଛି। ଗାଁରୁ ସହର, ଓଡ଼ିଆ ଘରର ସବୁଦିନିଆ ଖାଦ୍ୟ ଭାବେ ପଖାଳ ରହି ଆସିଛି। କିନ୍ତୁ ପଖାଳର ପ୍ରଚାର ପ୍ରସାରକୁ ଆଉ ଟିକେ ବ୍ୟାପକ କରିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ 'ବିଶ୍ୱ ପଖାଳ ଦିବସ' ରୂପେ ପାଳନ କରାଯାଉଛି। ଏଥର ପଖାଳ ଦିବସ ସୋମବାର ପଡୁଥିବାରୁ ପ୍ରାୟତଃ

## ଆଜି ବିଶ୍ୱ ପଖାଳ ଦିବସ



ପଖାଳ ସହ ଆମିଷ ଆଇଟମ୍ ରହିବ ନାହିଁ। ତେଣୁ କେତେଜଣ ଆମିଷପ୍ରିୟ ଲୋକ ରବିବାର ମଧ୍ୟ ପଖାଳ ଖାଇ ଏହି ଦିବସକୁ ମନେ ପକାଇଛନ୍ତି। ହେଲେ ସୋମବାର ପଖାଳ ଦିବସକୁ ନିଆରା କରିବା ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ହୋଟେଲ ଓ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭଳିକି ଭଳି ମନଲୋଭା ବ୍ୟଞ୍ଜନ ସହ ଏଥର ପଖାଳ ଦିବସ ପାଳିବେ ଓଡ଼ିଶାବାସୀ। ପଖାଳ ଖାଇବା ପରେ ସତେଯେମିତି ପାଟିରୁ ବାହାରି ପଡ଼ିବ ଓଃ କି ଟେଷ୍ଟ, କି ଶାନ୍ତି...।



### ୨୦ଟଙ୍କାରେ ରବି ଭାଇ ପଖାଳ

ମାତ୍ର ୨୦ଟଙ୍କାରେ ପଖାଳ। ସେଥିରେ ପୁଣି ଋତୁ ଅନୁସାରେ ଉପଲବ୍ଧ ପରିବା ଭଜା ଆଉ ଆଳୁଚୋଖା, ଲେମ୍ବୁ, ପିଆଜ, କଞ୍ଚାଲଙ୍କା। ମହଙ୍ଗା ସମୟରେ ପୁଣି ରାଜଧାନୀରେ ଏତେ କମ୍ ଟଙ୍କାରେ ପଖାଳ ମିଳୁଛି ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ରବୀନ୍ଦ୍ର ସାହୁ କିନ୍ତୁ ସବୁକିଛି ସମ୍ଭବ କରିଛନ୍ତି। ଯେଉଁଥିପାଇଁ ଲୋକେ ତାଙ୍କୁ 'ପଖାଳ ମଣିଷ' ବୋଲି କହୁଛନ୍ତି। କଳ୍ପନା ଛକରେ ରବି ଭାଇ ପଖାଳ ଦୋକାନ କହିଲେ ସମସ୍ତେ ଜାଣନ୍ତି। ଠେଲା ଗାଡ଼ିରେ ହିଁ ମିଳେ ଏହି ସୁଆଦିଆ ପଖାଳ। ସେ ଭୋର୍ ୫ରୁ ଦିନ ୧୧ ପର୍ଯ୍ୟନ୍ତ ଦୋକାନ ଖୋଲିଥାନ୍ତି। ଏହି ସମୟ ହିଁ କହୁଛି ପଖାଳର କଥା। ଶ୍ରମିକମାନେ କାମକୁ ଯିବା ଆଗରୁ ପଖାଳ ଖାଇବାକୁ ଏଠାରେ ଭିଡ଼ ଜମାନ୍ତି। କଂସେ ପଖାଳ ଖାଇ କାମକୁ ଯାଆନ୍ତି। ଏନେଇ ରବୀନ୍ଦ୍ର କୁହନ୍ତି, ଦୀର୍ଘ ୨୦ବର୍ଷ ଧରି ଏହି ପଖାଳ ହୋଟେଲ ଚଳାଇଛି। ଖରାଦିନେ ୨୦ କେଜିରୁ ଅଧିକ ଚାଉଳ ରୋଷେଇ ହୁଏ। ଆମର ଅଧିକା ପଇସା ଦରକାର ନାହିଁ। ଶ୍ରମିକ ଲୋକ ଖାଇ ଖୁସି ହେଲେ ମୁଁ ବି ଖୁସି।

### ଏକାମ୍ର ହାଟ: ଚିଙ୍ଗୁଡ଼ି ଛେଚାକୁ ତାୱା ମାଛ

ଭୁବନେଶ୍ୱର ଏକାମ୍ର ହାଟରେ ଲୋକଙ୍କ ଭିଡ଼ ସବୁବେଳେ ରହିଥାଏ। ଏଠାକାର ଖାଦ୍ୟର ସ୍ୱାଦ ଭଲ ହୋଇଥିବାରୁ ବହୁ ଦୂରରୁ ଖାଇବାକୁ ଧାଇଁ ଆସନ୍ତି। ତେବେ ଏଥର ପଖାଳ ଦିବସ ପାଇଁ ଏକାମ୍ର ହାଟରେ ଥିବା କାକା ହୋଟେଲ ଓ ପେଟପୂଜାରେ ପ୍ରସ୍ତୁତି ବେଶ୍ ଜୋରଦାର ଦେଖିବାକୁ ମିଳିଛି। ପଖାଳ ସହ ଆଳୁ ଭର୍ତ୍ତା, ବଡ଼ି ଚୁରା, ଶାଗ, ଭଜା, ଟମାଟୋ ବାଇଗଣ ଚଟଣି, ପଣସ ବରା, କଖାରୁ ଫୁଲ ବରା, ଗୋଟା କଲରା, ଗୋଟା ପୋଟଳ, ନଡ଼ିଆ ବରା, ଚଟଣି, ସାଲାଡ, ପାମ୍ପଡ଼ ଭଳି ସାଦା ବ୍ୟଞ୍ଜନ ପଖାଳ ସହ ଖାଇବାକୁ ମିଳିବ। ସେହିପରି ତାୱା ମାଛକୁ ଚିଙ୍ଗୁଡ଼ି ଛେଚା, ଚୁନା ମାଛ ରାଇ, ଶୁଖୁଆ ଆଦିର ଚାହିଦା ଅଧିକ ରହିଛି।



### ମୁମ୍ବାଇରେ ଅଣଓଡ଼ିଆଙ୍କୁ ପଖାଳ ଖୁଆଇଲେ ସ୍ନେହା

ପଖାଳ ଏବେ ଓଡ଼ିଶାରେ ସୀମିତ ହୋଇ ରହିନାହିଁ। ସବୁଠି ଏହାର ଆଦର ବଢୁଛି। ଭୁବନେଶ୍ୱରର ସ୍ନେହା ସେନାପତି ରବିବାର ମୁମ୍ବାଇର ଲୋକଙ୍କୁ ଓଡ଼ିଶାର ପଖାଳ ଖୁଆଇଛନ୍ତି। ସେ କହିଛନ୍ତି, ଯେବେ ମୁମ୍ବାଇ ଆସିଲି ଓଡ଼ିଶା ଖାଇବା ମିଳିଲାନି। ତେଣୁ ୪ ମାସରେ ଥରେ ହେଉ କି କୌଣସି ସ୍ୱତନ୍ତ୍ର ଦିବସରେ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଏଠାକାର ଲୋକଙ୍କୁ ଭେଟି ଦେଇଥାଏ। ଅଧିକାଂଶ ଅଣଓଡ଼ିଆ ହିଁ ମୋ ପଖାଳ ଖାଇଥାନ୍ତି। ଏଥର ପଖାଳ ଦିବସ ପାଇଁ ସାଦାରେ ଆଳୁ ଭର୍ତ୍ତା, ଶାଗମୁଗ, ଛୁଇଁ ବେସର ଭଜା, କଦଳି ବରା, ବଡ଼ିଚୂରା, ଟମାଟୋ ପୋଡ଼ା ରହିଛି। ଏହାର ମୂଲ୍ୟ ୫୫୦ଟଙ୍କା ଥିବାବେଳେ ଆମିଷ ପଖାଳ ମେନ୍ୟୁରେ ୮୫୦ଟଙ୍କାରେ ଶୁଖୁଆ ଛେଚା, ମାଛ ଭଜା, ଚିଙ୍ଗୁଡ଼ି ଚଣା ରହିଥିଲା। ଦିନକୁ ଦିନ ପଖାଳର ସ୍ୱାଦ ବଢୁଥିବାବେଳେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ସହ ଏହା ଲୋକଙ୍କ ଖାଇବା ଆବେଗରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇପାରିଥିବା ସେ କହିଛନ୍ତି।

### 'ନିମନ୍ତ୍ରଣ'ରେ ସୁବାସ ପଖାଳ ଓ ଚିପୁଡ଼ା ପଖାଳ

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'ରେ ଏଥର ୨ପ୍ରକାରର ସ୍ୱତନ୍ତ୍ର ପଖାଳ ବ୍ୟବସ୍ଥା ହୋଇଛି। ସୁବାସ ପଖାଳ ଓ ଚିପୁଡ଼ା ପଖାଳର ସ୍ୱତନ୍ତ୍ରତା ରହିଥିବାବେଳେ ଦହି ପଖାଳ, ମଲ୍ଲୀଫୁଲ ପଖାଳ, ଘିଅ ପଖାଳ ଆଦି ଉପଲବ୍ଧ ରହିଛି। ପଖାଳ ସହ ସାଦା ବ୍ୟଞ୍ଜନର ମୂଲ୍ୟ ୨୯୯ ରହିଛି। ଆମିଷ ପାଇଁ ଭିନ୍ନ ଭିନ୍ନ ଦର ରହିଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସି ପକ୍ଷରୁ ସୋସିଆଲ ମିଡିଆରେ ଏହାର ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି।

### ପଖାଳ ଦେଖିଦେଲେ ବଳ ଆସିଯାଏ



ଅଧିକ କାମ କରିବାର ଅଛି ତ ଆଗ ପଖାଳ। ସକାଳୁ ପଖାଳ ଗଣ୍ଡେ ଖାଇ କାମକୁ ବାହାରିଗଲେ ଫେରିବା ଯାଏ ପେଟରେ ଭୋକ ନ ଥାଏ। ପେଟ ଥଣ୍ଡା ତ ମନ ଶାନ୍ତିରେ ବେପାର କରେ। ପଖାଳ ସବୁବେଳେ ରହିଛି ଆଗକୁ ବି ରହିବ। ଆମଭଳି ଖଟିଖିଆ ଲୋକଙ୍କ ପାଇଁ ପଖାଳ ଏକ ଆବେଗ। ଛୋଟ ବେଳରୁ ଆଜି ଯାଏ ପଖାଳ ଦେଖିଦେଲେ ଦେହରେ ବଳ ଆସିଯାଏ।

- ଧ୍ରୁବଚରଣ ସାହୁ, ଗୁପ୍‌ଚୁପ୍ ବ୍ୟବସାୟୀ

### ପଖାଳ ଜଗନ୍ନାଥଙ୍କ ପ୍ରିୟ ଖାଦ୍ୟ, ଓଡ଼ିଶାର ଗର୍ବ



ପଖାଳ ଦିବସରେ ଓଡ଼ିଶାର ଗର୍ବ ଓ ଗୌରବ ଠୁଳ ହୋଇରହିଛି। ସାଧାରଣ ମଣିଷର ଇଚ୍ଛା, ଆଶା ଏଥିରେ ଅଛି। ଏବେ ବିଭିନ୍ନ ରୋଗ ଓ ଡାକ୍ତରଙ୍କ ପରାମର୍ଶ ପାଇଁ ପଖାଳ ସବୁଦିନ ଖାଇ ହେଉନି। ନ ହେଲେ ସକାଳେ, ସନ୍ଧ୍ୟାରେ ପଖାଳ କଂସେ ଖାଇଦେଲେ ଦିନ ସୁରୁଖୁରୁରେ ବିତିଯାଏ। ଆମେ ପାଳନ କରୁଥିବା ସବୁ ଦିବସ ଭିତରେ ପଖାଳ ପ୍ରସିଦ୍ଧ, ଆଉ ସ୍ୱତନ୍ତ୍ର। ଶ୍ରୀଜଗନ୍ନାଥଙ୍କର ଏହା ହେଉଛି ପ୍ରିୟ ଖାଦ୍ୟ। ମହାପ୍ରଭୁ ଯେତେବେଳେ ଏହାକୁ ଆପଣେଇ ନେଇଛନ୍ତି, ସାଧାରଣ ମଣିଷ କେବେ ଏହାକୁ ଭୁଲି ପାରିବ ନାହିଁ। ଆମର ଏହି ପରମ୍ପରା ଖୁବ୍ ନିଆରା।

- ଅଶ୍ରୁମୋଚନ ମହାନ୍ତି, ଅଭିନେତା

### ବ୍ୟବସାୟୀକରଣ ପରେ ଚାହିଦା ବଢୁଛି



ଜଗନ୍ନାଥ ସଂସ୍କୃତିରେ ପଖାଳ ରହିଛି। ସାଧାରଣ ଲୋକମାନେ ମଧ୍ୟ ଏହାକୁ ନିତିଦିନ ଖାଇଥାନ୍ତି। ବିଶେଷକରି ଖରାଦିନରେ ପଖାଳ ସମସ୍ତଙ୍କର ପ୍ରିୟ। ଏହା ଶରୀରରୁ ଜଳୀୟଅଂଶ ଅଭାବକୁ ପୂରଣ କରିବାରେ ସହାୟକ ହୋଇଥାଏ। ଏବେ ପଖାଳର ଚାହିଦା ଦିନକୁ ଦିନ ବଢୁଛି। ବ୍ୟବସାୟୀକରଣ କରିବା ଦ୍ୱାରା ଏହାର ଆଦୃତି ଦେଖିବାକୁ ମିଳୁଛି। କିନ୍ତୁ ଏହା ଆମର ନିତିଦିନର ଖାଦ୍ୟ ହୋଇ ମଧ ରାଜଧାନୀରେ ଏହା ସବୁଠି ଉପଲବ୍ଧ ନୁହେଁ। ଯେମିତି ରାସ୍ତାଘାଟରେ ଦହିବରା ମିଳୁଛି, ସେମିତି ପଖାଳ ମିଳିବା ଆବଶ୍ୟକ। ଏହାର ଆହୁରି ଅଧିକ ବ୍ୟବସାୟୀକରଣ ହେବା ଉଚିତ।

- ପ୍ରୀତିଶା ଦାଶ, ସଫ୍ଟୱେର ଇଞ୍ଜିନିୟର

### ସଜ ପଖାଳ, ଦେହ ସବଳ



ସଜ ପଖାଳ ଖାଇଲେ ଦେହ ଖରାପ ହୁଏ ନାହିଁ। ବାସି ପଖାଳ କେତେଜଣଙ୍କ ଦେହରେ ଯାଏ ନାହିଁ। ବିଶେକରି ଦେହରେ ଥଣ୍ଡା ରହୁଥିବା ଲୋକମାନେ ଡାକ୍ତରଙ୍କ ପରାମର୍ଶ ନେଇ ପଖାଳ ଖାଇବା ଉଚିତ। ତୋରାଣିରେ ରୋଗ ପ୍ରତିରୋଧକ ଶକ୍ତି ରହିଥାଏ, ଯାହା ଆମକୁ ବିଭିନ୍ନ ରୋଗରୁ ରକ୍ଷା ମଧ କରିଥାଏ। କେତେବେଳେ କେମିତି ବାସି ପଖାଳ ଖାଇବା ଉଚିତ।

- ପ୍ରିୟଙ୍କା ପରିଡ଼ା, ଛାତ୍ରୀ, ଫୁଡ୍ ଆଣ୍ଡ୍ ନ୍ୟୁଟ୍ରିଶନ ବିଭାଗ

# ଖୁସି ମଣିଷ ସୁଖୀ

'ଆମେ ଯାହା ଭାବୁ , କହୁ ଓ କରୁ ସେସବୁ ସୁସଙ୍ଗତ ହେବା ହିଁ ଖୁସି ।' ଖୁସି ରହିବାର ବ୍ୟାପକ ଅର୍ଥକୁ ସଂକ୍ଷିପ୍ତରେ ଏଭଳି ବ୍ୟାଖ୍ୟା କରିଥିଲେ ଅହିଂସାର ପୂଜାରୀ ତଥା ଭାରତ ସ୍ୱାଧୀନତା ସଂଗ୍ରାମର ମହାନ୍ ପୁରୋଧା ମହାତ୍ମା ଗାନ୍ଧୀ। ଏବେ ଖୁସିର ପରିଭାଷା କିନ୍ତୁ ବଦଳିଯାଇଛି। ଏହା ପାଲଟିଯାଇଛି ବସ୍ତୁସର୍ବସ୍ୱ। ମହାମାରୀ ଆତଙ୍କ, ଯୁଦ୍ଧଗ୍ରସ୍ତ ପୃଥିବୀରେ ଝଡ଼ଝଞ୍ଜା, ଶଙ୍କା, ଆଶଙ୍କା ଭିତରେ ଏଭଳି ଲାଗୁଛି ଅସହାୟ ମଣିଷ ଖୁସିର ଚାବିକାଠି ହଜାଇଦେଇଛି। ଏସବୁ ସତ୍ତ୍ୱେ ଖୁସିର ମହତ୍ତ୍ୱକୁ ସୁଦୂର ପ୍ରସାରୀ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳନ କରାଯାଉଛି ୱାର୍ଲ୍ଡ ହାପିନେସ୍ ଡେ'। ଚଳିତବର୍ଷ ଏହାର ଥିମ୍ ରହିଛି 'ମନସ୍କ ହୁଅ, କୃତଜ୍ଞ ହୁଅ, ଦୟାଳୁ ହୁଅ'।



## ଆଜି ୱାର୍ଲ୍ଡ ହାପିନେସ୍ ଡେ

### ଶ୍ରେଷ୍ଠ ୧୦ ସୁଖୀ ଦେଶ

ବିଶ୍ୱର ସୁଖୀ ଦେଶ ରିପୋର୍ଟ-୨୦୨୨ରେ ଲଗାତର ୫ମ ଥର ପାଇଁ ଶ୍ରେଷ୍ଠ ସ୍ଥାନ ହାସଲ କରିଛି ୟୁରୋପୀୟ ଦେଶ ଫିନ୍‌ଲାଣ୍ଡ। ଏହି କ୍ରମରେ ଶ୍ରେଷ୍ଠ ୧୦ ସ୍ଥାନରେ ରହିଥିବା ଅନ୍ୟ ଦେଶଗୁଡ଼ିକ ହେଲେ- ଡେନ୍‌ମାର୍କ, ଆଇସଲାଣ୍ଡ, ସୁଇଜରଲାଣ୍ଡ, ନେଦରଲାଣ୍ଡ୍ସ, ଲକ୍ସେମବର୍ଗ, ସୁଇଡେନ, ନରୱେ, ଇସ୍ରାଏଲ ଏବଂ ନ୍ୟୁଜିଲାଣ୍ଡ। ଏହି ତାଲିକାରେ ଭାରତ ଅତି ନୈରାଶ୍ୟଜନକ ପ୍ରଦର୍ଶନ କରି ୧୩୬ତମ ସ୍ଥାନରେ ରହିଛି। ଏପରି କି ପାକିସ୍ତାନ (୧୨୧ତମ ସ୍ଥାନ), ବାଂଲାଦେଶ (୯୪ତମ ସ୍ଥାନ) ଠାରୁ ମଧ୍ୟ ପଛରେ ପଡ଼ିଛି। ତେବେ ୨୦୨୦ରେ ଭାରତ ୧୪୪ତମ ଏବଂ ୨୦୨୧ରେ ୧୩୯ତମ ସ୍ଥାନରେ ରହିଥିବାବେଳେ ୨୦୨୨ରେ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।

### ଅନେକ ଫାଇଦା

- ଖୁସି ରହିବା ସ୍ୱାସ୍ଥ୍ୟପକ୍ଷେ ହିତକର। ଖୁସି ମିଜାଜର ମଣିଷଙ୍କ ନିକଟରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ। ଏଭଳି ମଧ୍ୟ ଦେଖାଦେଇଛି, ସର୍ବଦା ଖୁସି ରହୁଥିବା ବ୍ୟକ୍ତିଙ୍କ ଆଘାତଜନିତ କ୍ଷତ ଶୀଘ୍ର ଉପଶମ ହୋଇଯାଇଥାଏ।
- ସୁଖୀ ମଣିଷମାନେ ଅଧିକ କର୍ମଠ, ଉତ୍ପାଦନକ୍ଷମ। ସେମାନଙ୍କ ମଧ୍ୟରେ ସମସ୍ୟାକୁ ଅତି ସରଳତାର ସହ ସମାଧାନ କରିବାର ଦକ୍ଷତା ଥାଏ।
- ସବୁ ପରିସ୍ଥିତିରେ ନିଜକୁ ଖୁସି ରଖିବା ହେଉଛି ଏକ କଳା। ଏହି କୌଶଳ ଜାଣିଥିବା ବ୍ୟକ୍ତିଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ସେମାନେ ସବୁପ୍ରକାର ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ସେମାନଙ୍କ ଏକ ଭଲ ଫ୍ରେଣ୍ଡ୍‌ଶିପ୍ ଜୋନ୍ ମଧ୍ୟ ଥାଏ।
- ଖୁସି ରହୁଥିବା ବ୍ୟକ୍ତିମାନେ ଅଧିକ ସୃଜନଶୀଳ। କର୍ମକ୍ଷେତ୍ରରେ ସେମାନେ ବେଶି ସ୍ଫୂର୍ତ୍ତି ଦେଖାଇଥାଆନ୍ତି।
- ଜଣେ ସାଧାରଣ ଲୋକଙ୍କ ଆୟୁଷ ତୁଳନାରେ ଖୁସି ରହୁଥିବା ବ୍ୟକ୍ତି ୭ରୁ ୧୦ ବର୍ଷ ପର୍ଯ୍ୟନ୍ତ ଅଧିକ ବଞ୍ଚନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି।

ସେ ଗୋରା ହେଉ କି କଳା, ଅବା ସାବନା, ଯେଉଁ ମୁହଁରେ ସବୁବେଳେ ସ୍ମିତହାସ୍ୟ ଥାଏ ; ସେହି ଚେହେରାକୁ ସବୁଠାରୁ ସୁନ୍ଦର ଚେହେରା ବୋଲି କୁହାଯାଏ। ସର୍ବଦା ହସହସ ରହୁଥିବା ମଣିଷର ମୁଖମଣ୍ଡଳରେ ଝଟକୁଥାଏ ନିଆରା କାନ୍ତି, ଯାହା ମାନସିକ ଚାପକୁ କ୍ଷଣିକ ମଧ୍ୟରେ ହାଲୁକା କରିଦିଏ। ସବୁ ବ୍ୟକ୍ତି ଖୁସିର ଏ ଗହନ କଥାକୁ ଉଣା ଅଧିକେ ଜାଣନ୍ତି। ତଥାପି କର୍ମମୟ ଜୀବନରେ ଅଣନିଃଶ୍ୱାସୀ ଦୌଡ଼ ଭିତରେ କେଉଁଠି ହଜିଯାଏ ଖୁସିର ଚାବିକାଠି। ହେଲେ ସବୁ ଟେନ୍‌ସନ୍‌କୁ ଗୋଟିଏ ପାଖରେ ଥୋଇଦେଇ ଖୁସିକୁ ଅନ୍ତରରୁ ଅନୁଭବ କରିବା ଲକ୍ଷ୍ୟରେ ମାର୍ଚ୍ଚ ୨୦କୁ ୱାର୍ଲ୍ଡ ହେପିନେସ୍ ଡେ' ଭାବେ ଘୋଷଣା କରାଯାଇଛି।

ହୁଏତ ଗୋଟିଏ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ମାତ୍ର କେତୋଟି ସଂଖ୍ୟାରେ ଦର୍ଶାଯାଇପାରେ। ଏହା ରାଷ୍ଟ୍ର ବିକାଶର ମାପକାଠି ଭାବେ ପରିଗଣିତ ହୋଇପାରେ। ହେଲେ ଉନ୍ନତ ଜିଡିପି ଥିବା ସତ୍ତ୍ୱେ ଗୋଟିଏ ଦେଶର ନାଗରିକ ଯେ ସୁଖୀ, ତାହାର କିଛିମାନେ ନାହିଁ। ତେଣୁ ଜିଡିପି ସହିତ ଜୀବନରେ ଖୁସି ମୁହୂର୍ତ୍ତକୁ ସାମିଲ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘର ସାଧାରଣ ସଭାର ନିଷ୍ପତ୍ତି ଅନୁଯାୟୀ ୨୦୧୩ରେ ପୃଥିବୀର ୧୯୩ ରାଷ୍ଟ୍ର ମିଳିମିଶି ପାଳିଥିଲେ ପ୍ରଥମ ୱାର୍ଲ୍ଡ ହେପିନେସ୍ ଡେ'। ବିଶ୍ୱବ୍ୟାପୀ ମାନବୀୟ ମୂଲ୍ୟବୋଧର ବିକାଶ, ଯଥାସାଧ୍ୟ ଗରିବୀ ହଟାଇବା, ଅସମାନତା କମ୍ କରିବା, ପରିବେଶ ସୁରକ୍ଷାକୁ ଗୁରୁତ୍ୱଦେବା ଭଳି ବିଭିନ୍ନ ପ୍ରସଙ୍ଗକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା।

ସବୁଠାରୁ ବଡ଼ କଥା ହେଉଛି, ପୃଥିବୀର କୌଣସି ବିକଶିତ ରାଷ୍ଟ୍ର ନୁହେଁ, ବରଂ କ୍ଷୁଦ୍ର ଦେଶ ଭୁଟାନ ପ୍ରଥମେ ହାପିନେସ୍ ଡେ'ଭଳି ଏକ ଦିବସ ପାଳିବା ପାଇଁ ଆଗଭର ହୋଇଥିଲା। ଊନବିଂଶ ଶତାବ୍ଦୀର ସତୁରି ଦଶକରେ ଭାରତର ଏହି ପଡ଼ୋଶୀ ଦେଶ ଜାତୀୟ ରାଜସ୍ୱ ପରିବର୍ତ୍ତେ ଜାତୀୟ ଖୁସିକୁ ବେଶି ଗୁରୁତ୍ୱ ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।



### କାହିଁକି ଖୁସି ଫିନ୍‌ଲାଣ୍ଡବାସୀ

ଫିନ୍‌ଲାଣ୍ଡରେ ଜନ୍ମ ହେବା ଈଶ୍ୱରଙ୍କ ଆଶୀର୍ବାଦ ବୋଲି କୁହାଯାଏ। ନରୱେ, ସୁଇଡେନ, ରୁଷିଆ ଏବଂ ବାଲ୍‌ଟିକ ସାଗର ସଂଲଗ୍ନ ଏହି ଦେଶର ଜନସଂଖ୍ୟା ୫୫ ଲକ୍ଷରୁ ସାମାନ୍ୟ ଅଧିକ। ତେଣୁ 'ସ୍ମଲ ଇଜ୍ ବିୟୁଟିଫୁଲ୍' ନିୟମ ଏଠାରେ ପ୍ରତିଫଳିତ ହୋଇଛି ବୋଲି ବିଶେଷଜ୍ଞମାନେ କୁହନ୍ତି। ପୃଥିବୀର ଅଧିକାଂଶ ଅନୁନ୍ନତ, ଗରିବ ଏବଂ ବିକାଶଶୀଳ ଦେଶରେ ଶିକ୍ଷାର ଅଭାବ, ମହଙ୍ଗା ଚିକିତ୍ସା ସେବା, ଅବ୍ୟବସ୍ଥିତ ପରିବହନ ବ୍ୟବସ୍ଥା, ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ମୁଣ୍ଡବ୍ୟଥା ପାଲଟିଛି। ହେଲେ ଫିନ୍‌ଲାଣ୍ଡରେ ଏଭଳି ସମସ୍ୟା ପ୍ରାୟତଃ ନାହିଁ। ଏଠାରେ ସ୍ୱାସ୍ଥ୍ୟସେବା, ଅତ୍ୟାବଶ୍ୟକ ସୁବିଧାସୁଯୋଗ ପ୍ରଦାନରେ ଦେଶବାସୀଙ୍କ ନିକଟରେ ସରକାର ସମ୍ପୂର୍ଣ୍ଣ ଉତ୍ତରଦାୟୀ। ସମ୍ପୃକ୍ତ ଦେଶର ସରକାର ଶିକ୍ଷା, ସ୍ୱାସ୍ଥ୍ୟସେବା ବିନାମୂଲ୍ୟ କିମ୍ବା ଅତି ସ୍ୱଳ୍ପମୂଲ୍ୟରେ ଯୋଗାଇ ଦେଉଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରାଯାଇଛି। ଲୋକଙ୍କ ସୁରକ୍ଷା, ମାନବାଧିକାର ରକ୍ଷା ସୁନିଶ୍ଚିତ କରାଯାଇଛି। ଫିନ୍‌ଲାଣ୍ଡବାସୀ ନିଜ କର୍ତ୍ତବ୍ୟ ପାଳନରେ ସାମାନ୍ୟତମ ହେଳା କରନ୍ତି ନାହିଁ। ତେଣୁ ଏଠାକାର ପ୍ରାୟ ୯୦% ଲୋକଙ୍କ ଜୀବନ ବେଶ୍ ସନ୍ତୁଳନ। ସେହିପରି ଏଠାକାର ଥଣ୍ଡା ଜଳବାୟୁର ମଜା ଲୋକମାନେ ବର୍ଷତମାମ ଉଠାଇଥାଆନ୍ତି। ପ୍ରାକୃତିକ ଶୋଭାରାଜିରେ ଭରପୂର ତଥା ପ୍ରଦୂଷଣମୁକ୍ତ ପରିବେଶରେ ଲୋକମାନେ ଜଗିଂ, ରାଇଡିଂ, ସାଇକେଲିଂକୁ ଜୀବନର ଅଙ୍ଗ ଭାବେ ଗ୍ରହଣ କରିନେଇଛନ୍ତି।





କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୧୨ ତୁଗ୍‌ଲକ୍ ଲେନ୍ ବାସଭବନରେ ରବିବାର ଦିଲ୍ଲୀ ପୋଲିସ ପହଞ୍ଚିଛି। ଏହାର ପ୍ରତିବାଦରେ ବିକ୍ଷୋଭ କରୁଥିବା କଂଗ୍ରେସ କର୍ମୀମାନଙ୍କୁ ପୋଲିସ ଉଠାଇନେଉଛି।

# ‘କଂଗ୍ରେସ ବିନା ବିରୋଧୀ ମେଣ୍ଟ ଅସମ୍ଭବ’

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାଜିତ କରିବାକୁ ହେଲେ କଂଗ୍ରେସ ବିନା ବିରୋଧୀ ମେଣ୍ଟ ଗଠନ ସମ୍ଭବ ନୁହେଁ। ବିରୋଧୀ ସାମ୍ମୁଖ୍ୟରେ କଂଗ୍ରେସର ମୁଖ୍ୟ ଭୂମିକା ରହିବ ବୋଲି ଦଳର ବରିଷ୍ଠ ନେତା ଜୟରାମ ରମେଶ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଆଗାମୀ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସହ ଅନ୍ୟ ରାଜ୍ୟଗୁଡ଼ିକରେ ହେବାକୁ ଥିବା ନିର୍ବାଚନ ଉପରେ କଂଗ୍ରେସ ପ୍ରାଥମିକତା ଦେଉଛି। ଏବେ ବିରୋଧୀ ମେଣ୍ଟକୁ ନେଇ



ଜୟରାମ ରମେଶ

ସବୁକିଛି ଆଲୋଚନା କରିହେବ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ କହିଥିଲେ। ସୂଚନାଯୋଗ୍ୟ, କଂଗ୍ରେସକୁ ବାଦ୍‌ଦେଇ ନୂଆ ବିରୋଧୀ ମେଣ୍ଟ ଗଠନ କରିବା ଲାଗି ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଏବଂ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ନିଷ୍ପତ୍ତି ନେଇଥିବାବେଳେ ଉଭୟ ଅନ୍ୟ ଆଞ୍ଚଳିକ ଦଳର ନେତାମାନଙ୍କୁ ଭେଟିବେ ବୋଲି ସୂଚନା ଦେଇଥିଲେ। ଟିଏମ୍‌ସି ଏବଂ ଏସ୍‌ପିର ଏଭଳି କାର୍ଯ୍ୟ ବିରୋଧୀ ଏକତାକୁ ଧକ୍କା ପହଞ୍ଚାଇବ କି ବୋଲି ପ୍ରଶ୍ନ ହେବାରୁ ଜୟରାମ କହିଥିଲେ, ତୃତୀୟ ସାମ୍ମୁଖ୍ୟ, ଚତୁର୍ଥ ସାମ୍ମୁଖ୍ୟକୁ ନେଇ ନେତାମାନେ ଆଲୋଚନା ଜାରି ରଖିଛନ୍ତି। ତେବେ ବିରୋଧୀ ମେଣ୍ଟ ପାଇଁ କଂଗ୍ରେସ ଜରୁରୀ ବୋଲି ସେ ମତ ଦେଇଥିଲେ।

# କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗକାରୀ ଭାଜପା ଶେଷ ହୋଇଯିବ: ଅଖିଳେଶ

**ନୂଆଦିଲ୍ଲୀ, ୧୯।୩**

ବିରୋଧୀ ଦଳଗୁଡ଼ିକ ବିରୋଧରେ କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରି କଂଗ୍ରେସ ଯେଭଳି ସ୍ଥିତିକୁ ଯାଇଥିଲା, ଭାଜପାର ମଧ୍ୟ ସେହିଭଳି ରାଜନୈତିକ ବିଲୀନ ଘଟିବ ବୋଲି ସମାଜବାଦୀ ପାର୍ଟିଅଧ୍ୟକ୍ଷ ଅଖିଳେଶ ଯାଦବ ରବିବାର କହିଛନ୍ତି। ପୂର୍ବରୁ କଂଗ୍ରେସ କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଥିଲା, ଯାହା ଭାଜପା ଏବେ କରୁଛି। କଂଗ୍ରେସ ଶେଷ ହୋଇଯାଇଛି। ଭାଜପା ଅନୁରୂପ ସ୍ଥିତିକୁ ଚାଲିଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଅଖିଳେଶ ମତ ଦେଇଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଜାତିଗତ ଜନଗଣନା କରନ୍ତୁ। ଅନେକ ନେତା ଏହା ଦାବି କରୁଛନ୍ତି। ତେବେ କଂଗ୍ରେସ ଭଳି ଗୈରିକ ଦଳ ମଧ୍ୟ ଜାତି ଜନଗଣନା କରିବାକୁ



ଅଖିଳେଶ ଯାଦବ

ପ୍ରସ୍ତୁତ ନୁହେଁ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରସ୍ତାବିତ ବିରୋଧୀ ସାମ୍ମୁଖ୍ୟର ସୂତ୍ର କ’ଣ ହେବ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ତାହା ଘୋଷଣା ହୋଇ ନ ଥିବା ଅଖିଳେଶ କହିଥିଲେ। ତେବେ ଭାଜପାକୁ ପରାଜିତ କରିବା ବିରୋଧୀ ମେଣ୍ଟର ଲକ୍ଷ୍ୟ ହେବ ବୋଲି ସମାଜବାଦୀ ପାର୍ଟି ନେତା କହିଛନ୍ତି।

# ୧୫ ଶୀର୍ଷ ସମବାୟ ସମିତି ସଭାପତି ନିର୍ବାଚିତ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ରାଜ୍ୟର ୧୫ ଶୀର୍ଷ ସମବାୟ ସମିତିରେ ବିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଟି ପ୍ରସାଦ ରାଓ ଦୋରା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (ଓଏସ୍‌ସିବି) ସଭାପତି ହୋଇଛନ୍ତି। ଓଏସ୍‌ସିଏସ୍‌ସି ସଭାପତି ଭାବେ ବିଶ୍ୱରଞ୍ଜନ ମହାନ୍ତି ମନୋନୀତ ହୋଇଛନ୍ତି। ଓଡ଼ିଶା ଖାଉଟି ସମବାୟ ମହାସଂଘ (ଓସିସିଏଫ୍) ସଭାପତି ପ୍ରତାପ ଚନ୍ଦ୍ର ଧଳ ମନୋନୀତ ହୋଇଛନ୍ତି। ବୟନିକା ସଭାପତି ଭାବେ ପ୍ରକାଶ ଚନ୍ଦ୍ର ମେହେର, ସେରିଫେଡ୍ ସଭାପତି ଭାବେ ଭାଗୀରଥି ନନ୍ଦ ମନୋନୀତ ହୋଇଛନ୍ତି। ଉତ୍କଳିକା ସଭାପତି ଭାବେ ଦେବସ୍ମିତା ସାହୁ, ଫିସ୍‌ଫେଡ୍ ସଭାପତି ଭାବେ ସସ୍ମିତା ରାଉତ, ଓପୋଲଫେଡ୍ ସଭାପତି ଭାବେ ଭୋଳେଶ୍ୱର ସ୍ୱାଇଁ, ଓଏମ୍‌ଫେଡ୍ ସଭାପତି ଭାବେ କିଶୋର ଚନ୍ଦ୍ର ପ୍ରଧାନୀ, ଟିଡିସିସି ସଭାପତି ଭାବେ ଚମେଲି ଓରାମ ଏବଂ ଓଡ଼ିଶା ମହିଳା ବିକାଶ ସମବାୟ ନିଗମ (ଓଏମ୍‌ଭିଏସ୍‌ଏନ୍) ସଭାପତି ଭାବେ ସ୍ୱାଧୀନବାଳା ଦାସ ମନୋନୀତ ହୋଇଛନ୍ତି। ଓଡ଼ିଶା ଏସ୍‌ସି ଆଣ୍ଡ୍ ଏସ୍‌ଟି ଡେଭଲପମେଣ୍ଟ ଫାଇନାନ୍ସ କୋପରେଟିଭ କାର୍ପୋରେଶନ ସଭାପତି ଭାବେ ଆଶିଷ କୁମାର ମହାନ୍ତି, ଓଡ଼ିଶା ସମବାୟ କତା ନିଗମ ସଭାପତି ଭାବେ ଗୋପୀନାଥ ମିଶ୍ର, ଓଡ଼ିଶା ଫେଡେରେସନ ଅଫ ଅର୍ବାନ କୋପରେଟିଭ ବ୍ୟାଙ୍କ ଆଣ୍ଡ କ୍ରେଡିଟ କୋପରେଟିଭ ସୋସାଇଟି ଲିମିଟେଡ ସଭାପତି ଭାବେ ମହେନ୍ଦ୍ର କୁମାର ନାୟକ ଏବଂ ଓଏସ୍‌ସିଏମ୍‌ଏଫ ସଭାପତି ଭାବେ କବିତା ମଞ୍ଜରୀ ପରିଡା ମନୋନୀତ ହୋଇଛନ୍ତି।

# ଆସନ୍ତା ୬ରୁ ୧୪ ଭାଜପାର ଗାଁ ଚାଲ ଅଭିଯାନ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ଓଡ଼ିଶାରେ ଓବିସି ବର୍ଗଙ୍କୁ ଉଚିତ ଅଧିକାର ମିଳୁନି। ଏ ପର୍ଯ୍ୟନ୍ତ ଓବିସି ବର୍ଗଙ୍କ ଠିକ୍ ଗଣନା କରାଗଲାନି। ସମସ୍ତ ପଛୁଆ ଜାତିଙ୍କୁ ଚିହ୍ନଟ କରି କେନ୍ଦ୍ରୀୟ ସୂଚୀରେ ସାମିଲ କରାଯାଉନି। ସେମାନଙ୍କୁ ଶିକ୍ଷା, ନିଯୁକ୍ତି, ନିର୍ବାଚନ କ୍ଷେତ୍ରରେ ଉପଯୁକ୍ତ ସଂରକ୍ଷଣ ମିଳୁନି। ଓଡ଼ିଶା ଗସ୍ତରେ ଆସି ଭାଜପା ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ କ୍ରିଷ୍ଣା ଗୌର ଏଭଳି ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୌର କହିଛନ୍ତି ଯେ, ରାଜ୍ୟରେ ଶାସକ ଦଳର ଏଭଳି ଦାୟିତ୍ୱହୀନତା ନେଇ ଜନସଚେତନା ସୃଷ୍ଟି କରିବାକୁ ଭାଜପା ଓବିସି ମୋର୍ଚ୍ଚା ଗାଁ ଗାଁ ଚାଲ ଏବଂ ଘର ଘର ଚାଲ ଅଭିଯାନ ଆରମ୍ଭ କରିବ। ଆସନ୍ତା ଏପ୍ରିଲ ୬ରେ ଭାଜପାର ପ୍ରତିଷ୍ଠା ଦିବସରେ ଏହି ଅଭିଯାନ ଆରମ୍ଭହୋଇ ୧୪ ତାରିଖ ଆମ୍ବେଡକର ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ ବୋଲି ଗୌର ସୂଚନା ଦେଇଛନ୍ତି।




କ୍ରିଷ୍ଣା ଗୌର

ସେ ଆହୁରି କହିଛନ୍ତି ଯେ, ଏହି ୯ ଦିନିଆ ଅଭିଯାନରେ ୧ ଲକ୍ଷ ଗାଁରେ ଭାଜପା ପହଞ୍ଚି ୧୦ ଲକ୍ଷ ପରିବାରଙ୍କୁ ଭେଟିବ। କେନ୍ଦ୍ର ସରକାରଙ୍କ ୯ ବର୍ଷର ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବ। ଓବିସି ବର୍ଗଙ୍କ ସୁରକ୍ଷା ନିମନ୍ତେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବୁଝାଇବ। ଓଡ଼ିଶାରେ ଓବିସିଙ୍କ

**୯ ଦିନିଆ ଅଭିଯାନରେ ୧୦ ଲକ୍ଷ ପରିବାରଙ୍କୁ ଭେଟିବ ଦଳ**

ନ୍ୟାୟ ଏବଂ ଅଧିକାରକୁ ଖଣ୍ଡନ କରିଛନ୍ତି ରାଜ୍ୟ ସରକାର। ୨୭ ପ୍ରତିଶତ ସଂରକ୍ଷଣ କେନ୍ଦ୍ର ଦେଉଥିବା ବେଳେ ରାଜ୍ୟ ସରକାର ସେଥିରୁ ବଞ୍ଚିତ କରିଛନ୍ତି। ଯଦି ରାଜ୍ୟ ସରକାର ସଂରକ୍ଷଣ ନ ଦିଅନ୍ତି ତେବେ ଏହି ସଂଘର୍ଷ ଆଗକୁ ଆନ୍ଦୋଳନର ରୂପ ନେବ। ସମସ୍ତ ପଛୁଆ ଜାତିଙ୍କୁ ଚିହ୍ନଟ କରି କେନ୍ଦ୍ରୀୟ ସୂଚୀରେ ସାମିଲ କରାଯାଉନାହିଁ। ଫଳରେ ସୈନିକ ସ୍କୁଲ, ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସମେତ ଉଚ୍ଚ ଶିକ୍ଷାରେ ଓବିସିଙ୍କ ନିମନ୍ତେ ୨୭ ପ୍ରତିଶତ ସଂରକ୍ଷଣର ସୁବିଧା ଅନେକେ ପାଇପାରୁ ନାହାନ୍ତି। ତେଣୁ ସେମାନଙ୍କୁ ଉଚିତ ନ୍ୟାୟ ଦେବାକୁ ଭାଜପା ଲୋକଙ୍କୁ ଭେଟି ସେଚତନ କରିବ ବୋଲି ଗୌର କହିଛନ୍ତି।

**ଜାତୀୟ/ଅନ୍ତର୍ଜାତୀୟ ଖବର**

## ଗିରଫ ପରେ କନ୍‌ଷ୍ଟେବଲଙ୍କ ମୃତ୍ୟୁ

**ଲାଞ୍ଚ ମାମଲାରେ ସିବିଆଇ ଧରିଥିଲା**

**ଶ୍ରୀନଗର, ୧୯।୩:** ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଦୁର୍ନୀତି ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଜଣେ କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। କଠୁଆ ମହିଳା ଥାନାରେ ଅବସ୍ଥାପିତ କନ୍‌ଷ୍ଟେବଲ ମୁସ୍ତାଫା ଅହମଦ ଜଣେ ଅଭିଯୋଗକାରୀଙ୍କଠାରୁ ସେ ୩,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇ ଅଧିକାରୀ ତାଙ୍କୁ ଧରିଥିଲେ। ଥାନାର ଅନ୍ୟ ଏକ ରୁମ୍‌ରେ ମୁସ୍ତାଫାଙ୍କୁ ଜେରାବେଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ମେକ୍ସିକୋରେ ଗୁଳି: ୭ ମୃତ

**ମେକ୍ସିକୋ ସିଟି, ୧୯।୩:** ମେକ୍ସିକୋର ଏକ ସାମରିକ ୟୁନିଟ୍ ଉପରେ ବନ୍ଧୁକଧାରୀମାନେ ଆକ୍ରମଣ କରିବାରୁ ୨ ଜଣ ସୈନ୍ୟ ଓ ୫ ସନ୍ଦିଗ୍ଧ ଅପରାଧୀ ନିହତ ହୋଇଛନ୍ତି। ଗୁଳିମାଡ଼ରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁଏରେରୋ ପ୍ରଦେଶର ପାର୍ବତଞ୍ଚଳରେ ଅପରାଧୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ସାମରିକ ୟୁନିଟକୁ ଟାର୍ଗେଟ କରାଯାଇଥିଲା। ଦୁଇଟି ଗାଡ଼ିରେ ୧୮ ଜଣ ସଶସ୍ତ୍ର ଅପରାଧୀ ପହଞ୍ଚି ଗୁଳି ଚଳାଇଥିଲେ। ଆକ୍ରମଣକାରୀ ଲା ଫାମିଲିଆ ମିଚୋଆକାନା ସଦସ୍ୟ ହୋଇପାରନ୍ତି ବୋଲି କୁହାଯାଉଛି।

## ବିହାରରେ ରମଜାନ ପାଇଁ ମୁସଲମାନ କର୍ମଚାରୀଙ୍କ କାର୍ଯ୍ୟସମୟ ହ୍ରାସ

**ପାଟନା, ୧୯।୩:** ରମଜାନ ମାସରେ ମୁସଲମାନ କର୍ମଚାରୀମାନଙ୍କ କାର୍ଯ୍ୟ ସମୟ ହ୍ରାସ କରିବା ଲାଗି ବିହାରର ମହାମେଣ୍ଟ ସରକାର ଅନୁମତି ଦେଇଛନ୍ତି। ଏହା ରାଜ୍ୟରେ ପ୍ରଥମ ଘଟଣା। ବିରୋଧୀ ଦଳ ଭାଜପା ଏହାକୁ ବିରୋଧ କରିବା ସହ ରାମନବମୀ ଭଳି ଉତ୍ସବରେ ହିନ୍ଦୁମାନଙ୍କୁ କାହିଁ ଅନୁରୂପ ସୁବିଧା ମିଳିବ ନାହିଁ ବୋଲି ପ୍ରଶ୍ନ କରିଛି। ରମଜାନ ମାସରେ ମୁସଲମାନ କର୍ମଚାରୀଙ୍କ ପ୍ରବେଶ ଓ ପ୍ରସ୍ଥାନ ସମୟକୁ ଏକଘଣ୍ଟା ଲେଖାଏ କୋହଳ କରାଯିବ ବୋଲି ଶୁକ୍ରବାର ବିହାର ସରକାର ସର୍କୁଲାର ଜାରି କରିଥିଲେ।

## ମହିଳାଙ୍କୁ ମାଡ଼ ମାରି କାର୍‌ରେ ନେଇଗଲେ



**ନୂଆଦିଲ୍ଲୀ, ୧୯।୩**

ଦିଲ୍ଲୀରେ ଜଣେ ମହିଳାଙ୍କୁ ମାଡ଼ ମାରି ଜବରଦସ୍ତି କାର୍‌ରେ ନିଆଯାଇଛି। ଶନିବାର ଘଟିଥିବା ଏହି ଅଭାବନୀୟ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ରବିବାର ଦିଲ୍ଲୀ ପୋଲିସ ତଦନ୍ତ ଆରମ୍ଭ କରିଛି। ଉତ୍ତର-ପଶ୍ଚିମ ଦିଲ୍ଲୀର ମଙ୍ଗୋଲପୁରୀ ଅଞ୍ଚଳର ଏକ ବ୍ୟସ୍ତବହୁଳ ସ୍ଥାନରେ ଜଣେ ବ୍ୟକ୍ତି ମଧ୍ୟବୟସ୍କା ମହିଳାଙ୍କୁ ପିଟି ପିଟି ନିଜ କାର୍ ଭିତରକୁ ଠେଲୁଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ଏହି କୁକାର୍ଯ୍ୟରେ ସହଯୋଗ କରିଥିଲେ। କ୍ୟାବ୍ ଡ୍ରାଇଭର ନୀରବଦ୍ରଷ୍ଟା ସାଜି ସେସବୁକୁ ଦେଖୁଥିଲେ। କିଛି ସମୟ ପରେ ସେମାନେ ମହିଳାଙ୍କୁ କାର୍‌ରେ ନେଇ ପଳାଇଯାଇଥିଲେ। ଇତିମଧ୍ୟରେ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସକୁ ନୋଟିସ କରିଛନ୍ତି।

## ଇମ୍ରାନ୍‌ଙ୍କ ବିରୋଧରେ ଆତଙ୍କବାଦ ମାମଲା

**ଇସ୍‌ଲାମାବାଦ, ୧୯।୩ (ପି.ଟି.)**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳର କେତେଜଣ ନେତାଙ୍କ ବିରୋଧରେ ରବିବାର ପୋଲିସ ଆତଙ୍କବାଦ ମାମଲା ରୁଜୁ କରିଛି। ଇମ୍ରାନଙ୍କ ବିରୋଧରେ ଦୁର୍ନୀତି ମାମଲାର ଶୁଣାଣି ପୂର୍ବରୁ ଇସ୍‌ଲାମାବାଦର ଏକ ଅଦାଲତ ବାହାରେ ତାଙ୍କ ଦଳର କର୍ମୀମାନେ ଭଙ୍ଗାରୁଜା କରିବା ସହ ସୁରକ୍ଷା କର୍ମଚାରୀମାନଙ୍କୁ ଆକ୍ରମଣ କରିଥିଲେ। ତୋଷଖାନା ମାମଲାର ଶୁଣାଣି ବେଳେ ହାଜର ହେବା ଲାଗି ଶନିବାର ଇମ୍ରାନ୍ ଇସ୍‌ଲାମାବାଦ ଜୁଡ଼ିସିଆଲ କମ୍ପ୍ଲେକ୍ସରେ ପହଞ୍ଚିବା ସମୟରେ କୋର୍ଟ ବାହାରେ ସୁରକ୍ଷା ବଳ ଓ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଫଳରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଜାଫର ଇକ୍‌ବାଲ ଶୁଣାଣିକୁ ୩୦ ତାରିଖକୁ ଘୁଞ୍ଚାଇ ଦେଇଥିଲେ।

## ଚାଇନା ନେଟିଜେନ୍‌ଙ୍କ ମଧ୍ୟରେ ମୋଦି ଲୋକପ୍ରିୟ

**ବେଜିଂ, ୧୯।୩(ପି.ଟି.)**

ଇଣ୍ଟରନେଟ ବ୍ୟବହାରକାରୀ ଚାଇନା ନାଗରିକ (ନେଟିଜେନ୍)ଙ୍କ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେଶ୍ ଲୋକପ୍ରିୟ। ତାଙ୍କୁ ସେମାନେ ‘ମୋଦି ଲାଓକ୍ସିଆନ୍’ ଆଖ୍ୟା ଦେଇଛନ୍ତି, ଯାହାର ଅର୍ଥ ମୋଦି ଅମର। ଅର୍ଥାତ୍ ମୋଦିଙ୍କୁ ଅନ୍ୟ ନେତାଙ୍କଠାରୁ ଭିନ୍ନ ଓ ଅଧିକ ବିସ୍ମୟକର ବୋଲି ଭାବୁଛନ୍ତି। ଭାରତ-ଚାଇନା ମଧ୍ୟରେ ତିକ୍ତତା ଥିବା ସତ୍ତ୍ୱେ ଜଣେ ଅନ୍ତର୍ଜାତୀୟ ନେତାଙ୍କ ପ୍ରତି ଏହା ବିରଳ ସମ୍ମାନ ବୋଲି ଆମେରିକାର ‘ଦି ଡିପ୍ଲୋମାଟ୍’ ପତ୍ରିକାରେ ପ୍ରକାଶିତ ନିବନ୍ଧରେ କୁହାଯାଇଛି। ‘ହାଓ ଇଜ୍ ଇଣ୍ଡିଆ ଭିଉଡ୍ ଇନ୍ ଚାଇନା ?’ ନାମକ ଏହି ନିବନ୍ଧରେ ଖବରଦାତା ମୁ ଚୁନ୍‌ଶନ୍ କହିଛନ୍ତି, ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ବୃହତ୍ ଦେଶଗୁଡ଼ିକ ମଧ୍ୟରେ ସନ୍ତୁଳନ ଆଣିପାରିବ ବୋଲି ଅଧିକାଂଶ ଚାଇନା ନାଗରିକ ବିଶ୍ୱାସ କରନ୍ତି। ଟୁଇଟର ଭଳି ଚାଇନାରେ ବହୁଳ ବ୍ୟବହୃତ ଗଣମାଧ୍ୟମ ସିନା ୱିବୋର ପୋଷ୍ଟଗୁଡ଼ିକୁ ଅନୁଶୀଳନ କରି ଚୁନ୍‌ଶନ୍ ଏହା ଲେଖିଛନ୍ତି। ସିନା ୱିବୋର ୫୮.୨ କୋଟି ସକ୍ରିୟ ୟୁଜର ରହିଛନ୍ତି।

## ରିଅଲିଟି ଅଫ୍ ଫ୍ରୁଟ୍ ଜୁସ୍ ଉପରେ ୟୁଟ୍ୟୁବ କଣ୍ଟେଣ୍ଟ

## ଭିଡିଓ ହଟାଇବାକୁ ଧ୍ରୁବଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କୋଲକାତା, ୧୯।୩**

କାଲକାଟା ହାଇକୋର୍ଟ ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କୁ ନିଜ ଭିଡିଓରୁ ‘ରିଅଲ ଫ୍ରୁଟ୍ ଜୁସ୍’ ସମ୍ପର୍କିତ ମନ୍ତବ୍ୟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧ୍ରୁବଙ୍କ ଭିଡିଓ କଣ୍ଟେଣ୍ଟ ଆପତ୍ତିଜନକ ହୋଇ ନ ଥିଲେ ମଧ୍ୟ ସେ ‘ଲକ୍ଷ୍ମଣରେଖା’ ଅତିକ୍ରମ କରିଥିବା ହାଇକୋର୍ଟ କହିଛନ୍ତି।

ଫାଷ୍ଟ-ମୁଭିଂ କଞ୍ଜୁମର ଗୁଡ୍ସ (ଏଫ୍‌ଏମ୍‌ସିଜି) କମ୍ପାନୀ ଡାବରର ‘ରିଅଲ୍ ଫ୍ରୁଟ୍ ଜୁସ୍’ ବ୍ରାଣ୍ଡ ନେଇ ଆମ୍ ଆଦ୍‌ମୀ ପାର୍ଟି



ଧ୍ରୁବ ରାଠୀ

(ଏଏପି) ସମର୍ଥକ ତଥା ୟୁଟ୍ୟୁବର୍ ଧ୍ରୁବ ରାଠୀ ଫେବୃୟାରୀ ୧୩ରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହି ପ୍ୟାକେଜ୍‌ଡ୍ ଫ୍ରୁଟ୍ ଜୁସ୍ ସ୍ୱାସ୍ଥ୍ୟ ପାଇଁ ହିତକାରକ ବୋଲି ଡାବର ବିଜ୍ଞାପନ ଦେଉଥିବାବେଳେ ସେ ଏହାକୁ ହାନିକାରକ ଦର୍ଶାଇଥିଲେ। ଏଥିରେ ପ୍ୟାକେଟ୍‌ରେ ଥିବା ରିଅଲ ଫ୍ରୁଟ୍ ଜୁସ୍ ସ୍ପଷ୍ଟ ଭାବେ ଦେଖାଯାଉଥିଲା। କିନ୍ତୁ ସେ ଡାବର କମ୍ପାନୀର ନାମକୁ ଲୁଚାଇଦେଇଥିଲେ। ୟୁଟ୍ୟୁବର୍ ଉକ୍ତ ବ୍ରାଣ୍ଡର ବିଜ୍ଞାପନକୁ ମଧ୍ୟ ନିଜ ଭିଡିଓରେ ବ୍ୟବହାର କରିଥିଲେ। ଭିଡିଓ ପ୍ରସାରିତ ହେବାର ଦୁଇଦିନ ପରେ ଅର୍ଥାତ୍ ଗତ ୧୫ ତାରିଖରେ ଡାବର ଏହାକୁ ନେଇ ଆପତ୍ତି ଉଠାଇଥିଲା। ଉକ୍ତ ଭିଡିଓକୁ ହଟାଇବା ପାଇଁ କମ୍ପାନୀ ପକ୍ଷରୁ ଧ୍ରୁବଙ୍କୁ ପତ୍ର ଲେଖିଥିଲା। ୧୭ ତାରିଖରେ ସେ ଉକ୍ତ ଭିଡିଓ ହଟାଇବାକୁ ମନା କରିଦେଇଥିଲେ। ଏଥିସହ ଫେସ୍‌ବୁକ୍‌ରେ ଏହାକୁ ପୁଣି ପୋଷ୍ଟ କରିଥିଲେ। ଫଳରେ ଡାବର ଭିଡିଓ ହଟାଇବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କାଲକାଟା ହାଇକୋର୍ଟ ୭ ଦିନ ମଧ୍ୟରେ ଉକ୍ତ କଣ୍ଟେଣ୍ଟକୁ ହଟାଇବା ପାଇଁ ନିର୍ଦ୍ଦେଶ ଧ୍ରୁବଙ୍କୁ ଦେଇଛନ୍ତି।

## ‘ଆଦିପୁରୁଷ’ ରିଲିଜ୍ ରୋକିବା ପିଟିଶନ୍ ଖାରଜ



**ନୂଆଦିଲ୍ଲୀ, ୧୯।୩**

ବଲିଉଡ୍ ଫିଲ୍ମ ‘ଆଦିପୁରୁଷ’ ରିଲିଜ୍ ରୋକିବା ପାଇଁ ଦାଏର ପିଟିଶନ୍ ଶନିବାର ଦିଲ୍ଲୀର ଏକ କୋର୍ଟ ଖାରଜ କରିଛନ୍ତି। ଆଡିଶନାଲ୍ ସିନିୟର ସିଭିଲ୍ ଜଜ୍ ଅଭିଷେକ କୁମାର ଆବେଦନର ଶୁଣାଣି କରି କହିଛନ୍ତି, ‘ଆଦିପୁରୁଷ’ର ରିଲିଜ୍ ତାରିଖ ଘୁଞ୍ଚାଇଦିଆଯାଇଛି। ଏଥିସହ ପ୍ରଯୋଜକ ମଧ୍ୟ ଚଳଚ୍ଚିତ୍ରର କିଛି ସିନ୍‌ରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଛନ୍ତି। ପିଟିଶନ୍ ପ୍ରତ୍ୟାହାର କରିବା ଲାଗି ଅବେଦନକାରୀ ଆଇନଜୀବୀ ରାଜ ଗୌରବଙ୍କୁ ବିଚାରପତି ପରାମର୍ଶ ଦେଇଛନ୍ତି। ନିକଟରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଆଦିପୁରୁଷର ପ୍ରମୋଶନାଲ ଭିଡିଓ ରିଲିଜ୍ ହୋଇଥିଲା। ଏଥିରେ ଥିବା ରାମ, ରାବଣ, ହନୁମାନ ସମେତ ଅନ୍ୟ ଚରିତ୍ରମାନଙ୍କ ବେଶଭୂଷା ହିନ୍ଦୁ ଭାବାବେଗକୁ କୁଠାରାଘାତ କରୁଥିବା ଦର୍ଶାଇ କିଛି ଦୃଶ୍ୟକୁ ବାଦ୍ ଦେବା ଏବଂ ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବା ଲାଗି ରାଜ ଉକ୍ତ ପିଟିଶନ୍‌ରେ ନିବେଦନ କରିଥିଲେ। ଅଭିନେତ୍ରୀ କ୍ରିତି ସାନନ, ପ୍ରଭାସ ଏବଂ ସୈଫ୍ ଅଲି ଖାନ୍ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

## ଟିକସ ଠକେଇ: ଦୋଷ ମାନିଲେ ଜର୍ଜ ଫ୍ଲୟଡ୍‌ଙ୍କ ହତ୍ୟାକାରୀ ଡେରେକ୍ ଚୌଭିନ୍



**ୱାଶିଂଟନ, ୧୯।୩**

କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କ ହତ୍ୟାକାରୀ ମିନିଆପୋଲିସ୍‌ର ପୂର୍ବତନ ପୋଲିସ ଅଫିସର ଡେରେକ୍ ଚୌଭିନ୍ ଟିକସ ଠକେଇ ମାମଲାରେ ଦୋଷ ସ୍ୱୀକାର କରିଛନ୍ତି। ସେ ମିନେସୋଟା ରାଜ୍ୟରୁ ହଜାର ହଜାର ଡଲାର ଲୁଚାଇ ରଖିଥିବା ୱାଶିଂଟନ କାଉଣ୍ଟି ଜଜ୍ ଶେରିଡାନ ହାୱେଲଙ୍କ କୋର୍ଟରେ ମାନିଛନ୍ତି। ଏଥିପାଇଁ ତାଙ୍କୁ ୧୩ ମାସ ଜେଲଦଣ୍ଡ ହୋଇଥିବା କାଉଣ୍ଟ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୦ ମେ’ରେ ନିରସ୍ତ୍ର କୃଷ୍ଣକାୟ ଫ୍ଲୟଡଙ୍କୁ ହତ୍ୟା ଘଟଣା ପ୍ରତିବାଦରେ ସାରା ଆମେରିକାରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହି ମାମଲାରେ ଚୌଭିନ୍ ଏବେ ଜେଲରେ ଅଛନ୍ତି। ତାଙ୍କୁ ୨୨ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ୨୦୨୦ରେ ଚୌଭିନ୍ ଓ ତାଙ୍କ ପୂର୍ବତନ ସ୍ତ୍ରୀ କେଲିମେ’ ଚୌଭିନ୍‌ଙ୍କ ନାମରେ ଟିକସ ଅପରାଧ ମାମଲା ରୁଜୁ ହୋଇଥିଲା।

# ବୟସ୍କମାନଙ୍କ ଯତ୍ନ



ଡା. ନିତ୍ୟାନନ୍ଦ ସ୍ୱାଇଁ

ଗତ ବର୍ଷ ଜୁଲାଇ ୧୧ରେ ପାଳିତ ହେଲା 'ବିଶ୍ୱ ଜନସଂଖ୍ୟା ଦିବସ'। ସେଦିନ ଜାତିସଂଘ ଏକାଧିକ ରିପୋର୍ଟ ପ୍ରକାଶ କରିଥିଲା। ଆଗାମୀ ବର୍ଷଗୁଡ଼ିକରେ ଜନସଂଖ୍ୟା ବୃଦ୍ଧିର ଗତି ପ୍ରକୃତି କିପରି ହେବ ସେହି ବିଷୟରେ। ସେହି ରିପୋର୍ଟ ଅନୁଯାୟୀ ୨୦୨୨ରୁ ୨୦୩୦ ମଧ୍ୟରେ ପୃଥିବୀର ଲୋକସଂଖ୍ୟା ୮୦୦ କୋଟିରୁ ୮୫୦ କୋଟିରେ ପହଞ୍ଚି ଯାଇଥିବ। ୨୦୫୦ ମସିହାରେ ସଂଖ୍ୟାଟି ୯୭୦ ଏବଂ ୨୧୦୦ ମସିହା ବେଳକୁ ତାହା ବୃଦ୍ଧି ପାଇ ୧୦୪୦ କୋଟିରେ ପହଞ୍ଚିବା କଥା।

ରିପୋର୍ଟ ଅନୁଯାୟୀ ୧୯୫୦ ମସିହା ପରେ ୨୦୨୦ରେ ପ୍ରଥମ ଥର ପାଇଁ ବିଶ୍ୱବ୍ୟାପୀ ଜନସଂଖ୍ୟା ବୃଦ୍ଧିର ହାର ବାର୍ଷିକ ହିସାବରେ ଏକ ଶତାଂଶରୁ ତଳକୁ ଖସି ଆସିଛି। କାରଣ ପୃଥିବୀବ୍ୟାପୀ ହାରାହାରି ଜନ୍ମହାର-୧୯୫୦ ମସିହାରେ ଯାହା ଥିଲା (ମହିଳା ପିଛା ପାଞ୍ଚଟି ସନ୍ତାନ) ତାହା ଏବେ କମି ବର୍ତ୍ତମାନ ହୋଇଯାଇଛି ୨.୩। ଏକ ରିପୋର୍ଟ ଅନୁସାରେ ୨୦୨୭ ମସିହା ପରିବର୍ତ୍ତେ ୨୦୨୩ ମସିହାରେ ହିଁ ଭାରତ ବିଶ୍ୱର ସବୁଠାରୁ ଜନବହୁଳ ଦେଶ ଭାବରେ ପରିଗଣିତ ହେବ। ବର୍ତ୍ତମାନ ଆମ ଦେଶରେ ଜନ୍ମ ହାର ରହିଛି ୨.୦। ଏଠାରେ ମଧ୍ୟ ଜନସଂଖ୍ୟା ବୃଦ୍ଧିର ହାର ବାର୍ଷିକ ଏକ ଶତାଂଶରୁ ଊଣା। ଅନୁମାନ କରାଯାଉଛି ଯେ, ୨୦୪୮ ମସିହାରେ ଭାରତର ଜନସଂଖ୍ୟା ତାହାର ସର୍ବୋଚ୍ଚ ସ୍ତରରେ ପହଞ୍ଚି ହୋଇଯିବ ୧୬୦ କୋଟି। ଯଦିଓ ସେହି ସମୟରେ ଜନ୍ମହାର ଆହୁରି ହ୍ରାସ ପାଇ ୧.୩ ହୋଇଯିବ ଏବଂ ଏକାସାଙ୍ଗରେ ପ୍ରଧାନତଃ ବୟସ୍କମାନଙ୍କ ମଧ୍ୟରେ ମୃତ୍ୟୁର ହାର ବୃଦ୍ଧି ଯୋଗୁ ୨୧୦୦ ମସିହାରେ ଜନସଂଖ୍ୟା କମିଯାଇ ୧୧୦ କୋଟି ହୋଇଯିବାର ସମ୍ଭାବନା ରହିଛି।

ପ୍ରଥମତଃ ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟାର ଏକ ବଡ଼ ଅଂଶ କର୍ମକ୍ଷମ ବୟସରେ ପହଞ୍ଚିଥିବେ। ବିଶ୍ୱର ପ୍ରତି ପାଞ୍ଚଜଣ କର୍ମକ୍ଷମ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହୋଇଥିବେ ଭାରତୀୟ। ଦେଶର ୬୨ ପ୍ରତିଶତ ବ୍ୟକ୍ତି ରହିଥିବେ କର୍ମକ୍ଷମ ବୟସ୍କ ଗୋଷ୍ଠୀରେ। ଏହି ପ୍ରସଙ୍ଗରେ ମନେ ରହିବା ଉଚିତ ଯେ, କର୍ମକ୍ଷମ ବୟସସୀମାରେ ଜନସଂଖ୍ୟାର ସିଂହଭାଗ ରହିବାର ଅର୍ଥ ଅନେକ ସଂଖ୍ୟକ କର୍ମୀ, ତାହା କିନ୍ତୁ ଆଦୌ ନୁହେଁ। ଭାରତରେ କ୍ରମ ଶକ୍ତିର ଆୟତନ ମୂଳତଃ ଦୁଇଟି କାରଣରୁ ସୀମାବଦ୍ଧ। ଏକ ଶ୍ରମଶକ୍ତିର ଦକ୍ଷତାର ଅଭାବ। ୨୦୨୧ର 'ଇଣ୍ଡିଆ ସ୍କିଲ୍ ରିପୋର୍ଟ' ଅନୁଯାୟୀ ଦେଶର ଯୁବତୀ-ଯୁବକମାନଙ୍କ ମଧ୍ୟରୁ କେବଳ ୪୫.୯ ଶତାଂଶ ନିୟୋଗଯୋଗ୍ୟ।





ଦ୍ୱିତୀୟତଃ ଆନ୍ତଃରାଜ୍ୟ ସ୍ତରରେ ଜନସଂଖ୍ୟାର ବିନ୍ୟାସ ହୋଇଉଠିବ ଏକ ଜରୁରୀ ବିଷୟ। ଦକ୍ଷିଣ, ପଶ୍ଚିମ ଏବଂ ପୂର୍ବ ଭାରତର ରାଜ୍ୟଗୁଡ଼ିକ ଏହାମଧ୍ୟରେ ଜନ୍ମହାର କମେଇ ଚାଲିଛନ୍ତି। ଫଳରେ ଜନ୍ମ ନିୟନ୍ତ୍ରଣରେ ପଛରେ ପଡ଼ିଥିବା ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଏବଂ ରାଜସ୍ଥାନରୁ ଭବିଷ୍ୟତ କର୍ମୀମାନେ ମୂଳତଃ ଆସିବେ। ଫଳରେ ଆଗାମୀ ଦିନର କଥା ମନରେ ରଖି ପ୍ରଥମେ ଉଲ୍ଲିଖିତ ରାଜ୍ୟଗୁଡ଼ିକରେ ସାମଗ୍ରିକ ଶିକ୍ଷାବ୍ୟବସ୍ଥାର ମାନରେ ଉନ୍ନତି ବିଧାନ କରିବା, ବିଶେଷକରି କାରିଗରି ଶିକ୍ଷାର ପର୍ଯ୍ୟାପ୍ତ ପ୍ରସାର ଜରୁରୀ। ଅନ୍ୟପକ୍ଷରେ ଦକ୍ଷିଣରେ ଅବସ୍ଥିତ ରାଜ୍ୟଗୁଡ଼ିକରେ ଓ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ପଞ୍ଜାବରେ ଇତିମଧ୍ୟରେ ୬୫ ବା ତଦୂର୍ଦ୍ଧ୍ୱ ବୟସ୍କ ଜନଗୋଷ୍ଠୀର ଦେଖାଶୁଣା ସମସ୍ୟା ବୃଦ୍ଧି ପାଇଛି। ଏପରି କି ଭବିଷ୍ୟତରେ ଏଭଳି ସମସ୍ୟା ଆହୁରି ଜଟିଳ ହେବାର ଆଶଙ୍କା ରହିଛି।

ତୃତୀୟତଃ ଆନ୍ତଃ ପ୍ରଜନ୍ମଭିତ୍ତିକ ସମ୍ପର୍କଗୁଡିକ ମଧ୍ୟ ଆଗାମୀ ଦିନରେ ବଦଳି ଯିବ।

> "୨୦୫୦ ମସିହା ବେଳକୁ ଦେଶରେ ବୟସ୍କମାନଙ୍କ ସଂଖ୍ୟା ତୀବ୍ର ଭାବରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୨୧୦୦ ମସିହାରେ ପହଞ୍ଚିଲା ବେଳକୁ ୬୫ ବର୍ଷ କିମ୍ବା ତା'ଠାରୁ ବେଶି ବୟସ୍କମାନେ ହୋଇଉଠିବେ ଭାରତର ମୋଟ ଜନସଂଖ୍ୟାର ୩୦ ଶତାଂଶ । ଛୋଟ ପରିବାର ହୋଇଥିବାରୁ ଏହି ବରିଷ୍ଠ ନାଗରିକମାନଙ୍କର ଦେଖାଶୁଣା କରିବାର ଦାୟିତ୍ୱ ବହନ କରିବା ପାଇଁ ପଡ଼ିବ ସର୍ବାଧିକ ଗୋଟିଏ କିମ୍ବା ଦୁଇଟି ସନ୍ତାନ ଉପରେ। ଫଳରେ ବୟସ୍କମାନଙ୍କ ପକ୍ଷେ ବୃହତ୍ତର ପରିବାରରେ ରହି ଚିରାଚରିତ କର୍ମରତ ଦମ୍ପତି ଏବଂ ସେମାନଙ୍କର ସନ୍ତାନମାନଙ୍କର ମନସ୍ତାତ୍ତ୍ୱିକ ଭାରସାମ୍ୟ ବଜାୟ ରଖିବା ହୋଇପଡ଼ିବ ଅନ୍ୟତମ କର୍ତ୍ତବ୍ୟ।"

୨୦୫୦ ମସିହା ବେଳକୁ ଦେଶରେ ବୟସ୍କମାନଙ୍କ ସଂଖ୍ୟା ତୀବ୍ର ଭାବରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୨୧୦୦ ମସିହାରେ ପହଞ୍ଚିଲା ବେଳକୁ ୬୫ ବର୍ଷ କିମ୍ବା ତା'ଠାରୁ ବେଶି ବୟସ୍କମାନେ ହୋଇଉଠିବେ ଭାରତର ମୋଟ ଜନସଂଖ୍ୟାର ୩୦ ଶତାଂଶ। ଛୋଟ ପରିବାର ହୋଇଥିବାରୁ ଏହି ବରିଷ୍ଠ ନାଗରିକମାନଙ୍କର ଦେଖାଶୁଣା କରିବାର ଦାୟିତ୍ୱ ବହନ କରିବା ପାଇଁ ପଡ଼ିବ ସର୍ବାଧିକ ଗୋଟିଏ କିମ୍ବା ଦୁଇଟି ସନ୍ତାନ ଉପରେ। ଫଳରେ ବୟସ୍କମାନଙ୍କ ପକ୍ଷେ ବୃହତ୍ତର ପରିବାରରେ ରହି ଚିରାଚରିତ କର୍ମରତ ଦମ୍ପତି ଏବଂ ସେମାନଙ୍କର ସନ୍ତାନମାନଙ୍କର ମନସ୍ତାତ୍ତ୍ୱିକ ଭାରସାମ୍ୟ ବଜାୟ ରଖିବା ହୋଇପଡ଼ିବ ଅନ୍ୟତମ କର୍ତ୍ତବ୍ୟ। ଏଇଥିରୁ ସହଜରେ ଅନୁମେୟ ଯେ, କେବଳ ମାତ୍ର ବୟସ୍କମାନଙ୍କ ଯତ୍ନର ଏକ ସ୍ଥାୟୀ ବ୍ୟବସ୍ଥା କରିବା ଯଥେଷ୍ଟ ନୁହେଁ। ଛୋଟ ପରିବାରର ସନ୍ତାନଙ୍କ ପାଇଁ ମଧ୍ୟ ପ୍ରୟୋଜନ ବ୍ୟକ୍ତିଗତ ସଞ୍ଚୟ, ସାମାଜିକ ସୁରକ୍ଷା, ଅବସର ପରବର୍ତ୍ତୀ ଠିକା କାମର ବ୍ୟବସ୍ଥା ଏବଂ ଭବିଷ୍ୟତ ସଞ୍ଚୟ ସୁଯୋଗ।

୨୦୦୦ ମସିହାର ଜାତୀୟ ଜନସଂଖ୍ୟା ନୀତି ଗୁରୁତ୍ୱ ଦେଇଥିଲା ଛୋଟ ପରିବାର ଆଇନ ପ୍ରଣୟନ ଏବଂ ଜନସଂଖ୍ୟାର ସ୍ଥିତିଶୀଳତା ଉପରେ। ବର୍ତ୍ତମାନ ଆହୁରି ଏକ ଜାତୀୟ ଜନସଂଖ୍ୟା ନୀତିର ପ୍ରୟୋଜନ, ଯାହା ଗୁରୁତ୍ୱ ଦେବ ପରବର୍ତ୍ତୀ ଦଶକରେ ଦେଶର ପରିବର୍ତ୍ତିତ ଜନସଂଖ୍ୟାର ଆକାର, ଗଠନ ଓ ପ୍ରକୃତିକୁ ସମ୍ଭାଳିନେବା ଭଳି ବିଷୟଟି ଉପରେ।

-'ଅଭୀପ୍ସା', 'ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

## କ୍ୟାନ୍ସର ଆଶଙ୍କା କମାଇବ ପରିବେଶ



ପ୍ରଦୂଷଣମୁକ୍ତ ପରିବେଶ ଆମ ସୁସ୍ଥ ଶରୀର ପାଇଁ କେତେ ଦାୟୀ ତାହା କହିବା ଅନାବଶ୍ୟକ। ହେଲେ ଆଜିକାଲି ପରିବେଶ ପ୍ରଦୂଷଣ ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସମସ୍ୟା ଭିତରେ କ୍ୟାନ୍ସର ବର୍ତ୍ତମାନ ଚିନ୍ତାର କାରଣ ସାଜିଛି। ନିକଟରେ ଏକ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିଜକୁ ଅଧିକାଂଶ ସମୟ ପ୍ରଦୂଷଣମୁକ୍ତ ବାୟୁମଣ୍ଡଳ ଭିତରେ ରଖନ୍ତି, ତେବେ ସେ ନିଜକୁ କ୍ୟାନ୍ସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ। 'କ୍ୟାନ୍ସର ଏବଂ ଉତ୍ତମ ପରିବେଶ' ଶୀର୍ଷକ ବିଷୟ ଉପରେ ବର୍ଲିନ ବିଶ୍ୱବିଦ୍ୟାଳୟର କ୍ୟାନ୍ସର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସୁସ୍ଥ ପରିବେଶରେ ରହୁଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତିଙ୍କଠାରେ କ୍ୟାନ୍ସର ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପ୍ରଦୂଷଣମୁକ୍ତ ବାୟୁମଣ୍ଡଳ ଆମ ଶରୀରରେ କ୍ୟାନ୍ସର ଆଣ୍ଟିବଡି ଗଠନ କରିବାରେ କେତେକାଂଶରେ ସହାୟକ ହୋଇଥାଏ।

## ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...



ସବୁବେଳେ ଖୁସିରେ ରହିବାକୁ କିଏ ବା ଚାହିଁ ନ ଥାଏ! ହେଲେ ଆଜିକାଲିର ଧାଁଧପଡ଼ ଜୀବନରେ ତାହା ଅନେକଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାଏ। ନିଜର ଚିନ୍ତାଧାରାକୁ ସକାରାତ୍ମକ ରଖିବା ସହଜ କଥା ନୁହେଁ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ ଠିକ୍-ଭୁଲ୍ ରାସ୍ତା ଜାଣି ପାରି ନ ଥାଉ। ଫଳରେ ତୁଲାଉଥିବା କାମଟିକୁ ସହଜରେ ଶେଷ କରି ହୋଇ ନ ଥାଏ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ବି ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ନେଇ ଚିନ୍ତାଗ୍ରସ୍ତ ନ ହେବା ଭଲ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସେମାନଙ୍କ ସହ ମିଠାମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାବ୍ୟତୀତ ସବୁବେଳେ ଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣଙ୍କର ମାନସିକତା ସକାରାତ୍ମକ ରହେ, ତେବେ ଜୀବନଶୈଳୀ ସନ୍ତୁଳିତ ରହିବ। ସବୁବେଳେ ନିଜକୁ ଟେନ୍ସନଠାରୁ ଦୂରେଇ ରଖନ୍ତୁ। ସମ୍ପାଦନ କରୁଥିବା କାମକୁ ବୋଝ ବୋଲି ଭାବିଲେ ତାହାକୁ ତୁଲାଇବା ସହଜ ହୋଇ ନ ଥାଏ। ତେଣୁ ଯୋଜନାବଦ୍ଧ ଭାବରେ କାମ କରନ୍ତୁ। ସବୁବେଳେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ଦରକାର। ଏହାଦ୍ୱାରା ନିଜର ମାନସିକତା ସକାରାତ୍ମକ ରହିଥାଏ।

# କିଡ୍ନୀ ଅସୁସ୍ଥତା



କିଡ୍ନୀ ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ହେବା ପରେ ହିଁ ରୋଗୀକୁ ସେ ସମ୍ପର୍କରେ ଜଣାପଡ଼େ। କାରଣ ଗୋଟିଏ କିଡ୍ନୀ ଖରାପ ହେଲେ ଅନ୍ୟ କିଡ୍ନୀଟି କାର୍ଯ୍ୟ କରି ଚାଲିଥାଏ। ଦୁଇଟିଯାକ କିଡ୍ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର୍' (ଏ.ଆର୍.ଏଫ୍)। ପରିସ୍ରାର ପରିମାଣ କମିଯିବା, ଅଇ ଉଠାଇବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦୁଳିଆ ଲାଗିବା, ଶ୍ୱାସକଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ। ଅନ୍ୟପକ୍ଷରେ ରକ୍ତଚାପ ଦୀର୍ଘଦିନ ଧରି ଅସନ୍ତୁଳିତ ଅବସ୍ଥାରେ ରହିଲେ, ଡାଇବେଟିସ୍ ନିୟନ୍ତ୍ରଣରେ ନ ଥିଲେ, କିଡ୍ନୀ ବାରମ୍ବାର ସଂକ୍ରମିତ ହେଲେ କିମ୍ବା ଯନ୍ତ୍ରଣା କମେଇବା ପାଇଁ ଆବଶ୍ୟକତାଠାରୁ ଅଧିକ ପେନ୍‌କିଲର୍ ଔଷଧ ଖାଇଲେ ତାହାର ପ୍ରଭାବ କିଡ୍ନୀ ଉପରେ ପଡ଼ିଥାଏ। ଏପରି ଅବସ୍ଥାକୁ ଡାକ୍ତରୀ ଭାଷାରେ 'କ୍ରନିକ୍ ରେନାଲ୍ ଫେଲ୍ୟୁଓର୍' ବା ସି.ଆର୍.ଏଫ୍ ବୋଲି କୁହାଯାଏ। ଏଭଳି ଅକ୍ଷମତାର ପ୍ରଥମ ଅବସ୍ଥାରେ କୌଣସି ଲକ୍ଷଣ ପ୍ରକାଶ ନ ପାଇପାରେ। ପରେ ପରେ ପରିସ୍ରାର ପରିମାଣ କମିଯାଏ, ଦୁର୍ବଳ ଲାଗେ, ଅଇ ଉଠେ, ଭୋକ ହୁଏନି, ଦେହ ହାତ କୁଣ୍ଡେଇ ହୁଏ, ରକ୍ତ କମିଯାଇ ରୋଗୀ ଅଚେତ ଦେଖାଯାଏ, ଶ୍ୱାସ କଷ୍ଟ ହୁଏ ଓ ମୁହଁ ପାଦ ଫୁଲେ।

## ଇନ୍‌ଫେକ୍ସନ୍‌ରୁ ରକ୍ଷାକରେ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ଗବେଷଣାରୁ ଜଣପଡ଼ିଛି ଯେ ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଇନ୍‌ଫେକଶନ୍‌ରୁ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ଅମୃତଭଣ୍ଡାରେ 'ପପେନ୍ ଏନ୍‌ଜାଇମ୍' ନାମକ ଉପକାରୀ ଜିନିଷ ରହିଛି। ନିୟମିତ ଏହାକୁ ଖାଇଲେ ତାହା ମେଦବହୁଳତା ପରି ସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ଏଥିରେ କ୍ୟାଲୋରି ପରିମାଣ କମ୍ ଥାଏ ଓ ଫାଇବର୍ ଅଧିକ ଥାଏ। ଅନ୍ୟପକ୍ଷରେ ଅମୃତଭଣ୍ଡାରେ ଜଳୀୟ ଅଂଶ ରହିଛି। ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଫଳରେ ଶରୀରରେ ଜଳ ପରିମାଣ ସନ୍ତୁଳିତ ରହେ।



## ସ୍ୱାସ୍ଥ୍ୟ ସୂଚନା

- ➤ଖାଇ ସାରିବା ପରେ କେତେକ ବିଷୟ ପ୍ରତି ସଚେନତ ରହିବା ଦରକର। ଏହାପରେ ଚା, କଫି କିମ୍ବା କୋଲ୍ଡ ଡ୍ରିଙ୍କିସ୍ ଆଦୌ ପିଅନ୍ତୁ ନାହିଁ।
- ➤ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।
- ➤ଦିନକୁ ଦୁଇ ଥର -ସକାଳେ ଏବଂ ରାତ୍ରଭୋଜନ ପରେ ଦାନ୍ତ ଘଷନ୍ତୁ। ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ➤ପ୍ରତିଦିନ ବିଛଣା ଛାଡିବା ପୂର୍ବରୁ କିଛି ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ୍ କରନ୍ତୁ। ଏହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ ଅଣ୍ଟାଜନିତ ସମସ୍ୟାରୁ ମଧ୍ୟ କେତେକାଂଶ ଉପଶମ ଦେଇଥାଏ।
- ➤ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖନ୍ତୁ ନାହିଁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ➤ବୟସ୍କ ବ୍ୟକ୍ତିମାନେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେମାନଙ୍କର ମାନସିକତା ସକାରାତ୍ମକ ରହିଥାଏ।
- ➤ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।




# ଧଳା ଜହର ଲୁଣ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

> "ଆମେ ଖାଉଥିବା ଲୁଣର ରାସାୟନିକ ନାମ ହେଲା 'ସୋଡିୟମ କ୍ଲୋରାଇଡ୍'। ଏଥିରେ ଥିବା ସୋଡିୟମ୍ ହିଁ ଆମ ସ୍ୱାସ୍ଥ୍ୟ ଉପରେ ଭଲମନ୍ଦ ପ୍ରଭାବ ଲାଗି ଦାୟୀ। ଲୁଣ ଏହାର ମୁଖ୍ୟ ଉତ୍ସ ହେଲେ ହେଁ, ଆମେ ଖାଉଥିବା ଅନ୍ୟାନ୍ୟ ବହୁ ଖାଦ୍ୟରେ ମଧ ଏହା ଅନ୍ୟତମ ଉପାଦାନ ରୂପେ ରହୁଛି। ଏସବୁଗୁଡ଼ିକରେ ଥିବା ସୋଡିୟମର ଏକତ୍ର ପରିମାଣ ଦିନକୁ ୨୩୦୦ ମିଲିଗ୍ରାମ୍ ଅତିକ୍ରମ କରିଗଲେ ତାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।"

ଲୁଣ ଆମର ଦୈନନ୍ଦିନ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ। କେବଳ ସ୍ୱାଦ ପାଇଁ ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହା ଏକାନ୍ତ ଆବଶ୍ୟକ। ଲୁଣ ଆମ ଶରୀରରେ ତରଳ ପଦାର୍ଥ ଏବଂ ବୈଦ୍ୟୁତିକ ଦ୍ରବଣର ଭାରସାମ୍ୟ ରକ୍ଷା କରିବା ସହ ସ୍ନାୟୁ ସଙ୍କେତ ପ୍ରେରଣ କରିଥାଏ। ତେବେ ଏହା ପ୍ରତି ଆମର ଆକର୍ଷଣ ଏତେ ବଢ଼ିଯାଇଛି ଯେ, ଆମେ ଅଧିକାଂଶ ଖାଦ୍ୟରେ ଏହାକୁ ମାତ୍ରାଧିକ ଭାବେ ବ୍ୟବହାର କରିବାରେ ଲାଗିଛେ। ଫଳରେ ଶରୀର ପାଇଁ ମଙ୍ଗଳକର ହୋଇଥିବା ଲୁଣର ସର୍ବାଧିକ ମାତ୍ରା ଏକ ଚତୁର୍ଥାଂଶ ଚାମଚ ପରିମାଣ ଅତିକ୍ରମ କରିଯାଉଛି। ପରିମାଣ ସ୍ୱରୂପ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏବେ ଏହା 'ଧଳା ଜହର'ର ରୂପ ନେଇ ଆମ ସ୍ୱାସ୍ଥ୍ୟ ପ୍ରତି ବିପଦର କାରଣ ସାଜିଛି।

ନିକଟରେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ବା 'ହୁ')। ଏହାର ସଦ୍ୟ ପ୍ରକାଶିତ (ଫେବୃୟାରୀ ୨୦୨୩) 'ଗ୍ଲୋବାଲ ରିପୋର୍ଟ ଅନ୍ ସୋଡିୟମ ଇନ୍‌ଟେକ୍ ରିଡକ୍ସନ' ରିପୋର୍ଟରେ ସତର୍କ କରାଇ ଦିଆଯାଇଛି ଯେ ଯଦି ଏହାଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶିକା ଅନୁସରଣ କରି ଲୁଣ ଖାଇବା ଆବଶ୍ୟକତାଠାରୁ କମ୍ କରିଦିଆଯାଏ, ତେବେ ଆଗାମୀ ୭ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୩୦ ମସିହା ସୁଦ୍ଧା ବିଶ୍ୱର ପ୍ରାୟ ୭୦ ଲକ୍ଷ ଲୋକଙ୍କର ତାହା ଅକାଳ ମୃତ୍ୟୁର କାରଣ ହେବ। ଏଣୁ ଏ ସମ୍ପର୍କରେ ସଚେତନତା ପ୍ରସାର ଲାଗି ଚଳିତ ବର୍ଷ ମାର୍ଚ୍ଚ ୧୪-୨୦ ତାରିଖ ପର୍ଯ୍ୟନ୍ତ 'ହୁ' ଦ୍ୱାରା ପାଳନ କରାଯାଉଛି ଏକ କାର୍ଯ୍ୟକ୍ରମ ସପ୍ତାହ।

ଆମେ ଖାଉଥିବା ଲୁଣର ରାସାୟନିକ ନାମ ହେଲା 'ସୋଡିୟମ କ୍ଲୋରାଇଡ୍'। ଏଥିରେ ଥିବା ସୋଡିୟମ୍ ହିଁ ଆମ ସ୍ୱାସ୍ଥ୍ୟ ଉପରେ ଭଲମନ୍ଦ ପ୍ରଭାବ ଲାଗି ଦାୟୀ। ଲୁଣ ଏହାର ମୁଖ୍ୟ ଉତ୍ସ ହେଲେ ହେଁ, ଆମେ ଖାଉଥିବା ଅନ୍ୟାନ୍ୟ ବହୁ ଖାଦ୍ୟରେ ମଧ୍ୟ ଏହା ଅନ୍ୟତମ ଉପାଦାନ ରୂପେ ରହୁଛି। ଏସବୁଗୁଡ଼ିକରେ ଥିବା ସୋଡିୟମର ଏକତ୍ର ପରିମାଣ ଦିନକୁ ୨୩୦୦ ମିଲିଗ୍ରାମ ଅତିକ୍ରମ କରିଗଲେ ତାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ତେବେ ବିଶ୍ୱର ମାତ୍ର ତିନି ଶତାଂଶ ଲୋକ ଏହି ସୀମାଠାରୁ କମ୍ ଲୁଣ ଖାଇଲା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ୧୯୪ଟି ସଦସ୍ୟଙ୍କ ମଧ୍ୟରୁ ମାତ୍ର ୭ଟି ଦେଶର ଲୋକ ଏହା କରିଥାଆନ୍ତି। ସେଗୁଡ଼ିକ ହେଲେ ବ୍ରାଜିଲ, ଚିଲି, ମାଲେସିଆ, ସାଉଦି ଆରବ, ସ୍ପେନ୍ ଏବଂ ଉରୁଗୁଏ।



ଅଧିକ ଲୁଣ ଖାଇବାର ସ୍ୱାସ୍ଥ୍ୟ ପ୍ରତି ଥିବା ଘାତକ ପ୍ରଭାବଗୁଡ଼ିକ ହେଲା, ଉଚ୍ଚ ରକ୍ତଚାପ ଏବଂ ତଜ୍ଜନିତ ହୃଦ୍‌ରୋଗ ଏବଂ ସଂଘାତ। ଏହାର କୁପ୍ରଭାବ ମାଂସପେଶୀ, ସ୍ନାୟୁ ଏବଂ ମସ୍ତିଷ୍କ ଉପରେ ମଧ୍ୟ ପଡ଼ିଥାଏ। ଏପରିକି ହାଡ଼ ପାପରା, ପାକସ୍ଥଳୀ କ୍ୟାନ୍ସର ଏବଂ କିଡ୍ନୀ ସମସ୍ୟା ପାଇଁ ଅଧିକ ଲୁଣ ଖାଇବା ଅନେକାଂଶରେ ଦାୟୀ। ଏପରିସ୍ଥଳେ ଲୁଣ ଏବଂ ଅଧିକ ଲୁଣ ଅର୍ଥାତ୍ ସୋଡିୟମଯୁକ୍ତ ଖାଦ୍ୟ ଯଥାସମ୍ଭବ ହ୍ରାସ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପରାମର୍ଶ ଦେଇଛି। ତେବେ ଆମର ଆଜିକାଲିର ପସନ୍ଦ ଅନେକ ଖାଦ୍ୟରେ ଏହା ପ୍ରଚୁର ପରିମାଣରେ ରହିଛି। ଅନ୍ୟପକ୍ଷରେ ଏହା ଏକ ଚିନ୍ତାଜନକ ବିଷୟ ଯେ, ଏଗୁଡ଼ିକ ପ୍ରତି ଆମର ଆକର୍ଷଣ ବଢ଼ିଚାଲିଛି।

ଏପରିସ୍ଥଳେ ଅଧିକ ଲୁଣ ସହିତ ଏଗୁଡ଼ିକୁ ମଧ୍ୟ ବର୍ଜନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଆହ୍ୱାନ ଦେଇଛି। ଅନ୍ୟପକ୍ଷରେ ଘରେ ତିଆରି ସୁପ୍, ଛେନା, ସାଲାଡ୍, ନାନାପ୍ରକାର ପିଠା, ଉପମା, ଦୋସା, ମାଛ-ମାଂସ ତରକାରି ଓ ଏବଂ ତଟକା ଫଳମୂଳ କମ୍ ସୋଡିୟମଯୁକ୍ତ ଏବଂ ସ୍ୱାସ୍ଥ୍ୟ ପାଇଁ ହିତକର। ଏଣୁ ଏଗୁଡ଼ିକୁ ଆମେ ଖାଦ୍ୟ ରୂପେ ଗ୍ରହଣ କରିବା ଉଚିତ ବୋଲି ଏହି ସଂସ୍ଥା ପରାମର୍ଶ ଦେଇଛି।

-ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭



## ଆଦାନୀର ପେଟ୍ରୋକେମ ପ୍ରକଳ୍ପ ବନ୍ଦ

**ନୂଆଦିଲ୍ଲୀ:** ଆଦାନୀ ଗ୍ରୁପ୍ ଗୁଜରାଟର ମୁନ୍ଦ୍ରାଠାରେ ପ୍ରାୟ ୩୪,୯୦୦ କୋଟି ଟଙ୍କାର ପେଟ୍ରୋକେମ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରି ଦେଇଛି। ଏପରିକି ହିଣ୍ଡେନବର୍ଗର ରିପୋର୍ଟ ପ୍ରକାଶ ପରେ କମ୍ପାନୀର ଅପରେଶନକୁ ମଜଭୁତ କରିବା ଏବଂ ନିବେଶକଙ୍କ ଚିନ୍ତାକୁ ଦୂର କରିବା ପାଇଁ ଗ୍ରୁପ ଧ୍ୟାନ କେନ୍ଦ୍ରିତ କରୁଛି। ଗ୍ରୁପର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ୍ ୨୦୨୧ରେ କୋଇଲାରୁ ପିଭିସି ହେଉଥିବା ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଗ୍ରୁପର ସହାୟକ କମ୍ପାନୀ ମୁନ୍ଦ୍ରା ପେଟ୍ରୋକେମ ଲିମିଟେଡ୍ ଗଠନ କରିଥିଲା।

# ଆହୁରି ବଢ଼ିବ ସୁନା ଦର

- ୭୦ ହଜାର ଛୁଇଁବ ମୂଲ୍ୟ
- ଚିନ୍ତାରେ ବ୍ୟବସାୟୀ ଓ ଗ୍ରାହକ
- ୫ ବର୍ଷ ମଧ୍ୟରେ ବିଢ଼ିଛି ପ୍ରାୟ ୨ଗୁଣ



**ଭୁବନେଶ୍ୱର,୧୯।୩**

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ଅନେକ ପ୍ରକାରର ପରିବର୍ତ୍ତନ ଘଟୁଛି। ବିଶେଷକରି ଉଭୟ ଆମେରିକା ଓ ୟୁରୋପ ମଧ୍ୟରେ ଦେଖାଯାଇଥିବା ବ୍ୟାଙ୍କ ସଂକଟ ଯୋଗୁ ବିଶ୍ୱ ବଜାରରେ ସୁନା ଦର କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଫଳରେ ଭାରତୀୟ ବଜାର ବେଶ୍ ପ୍ରଭାବିତ ହୋଇଛି। ଏପରିକି ଉଭୟ ଆମଦାନୀ ଓ କାରବାର କ୍ଷେତ୍ରରେ ତା'ର ପ୍ରଭାବ ପଡ଼ିଛି। ବିଶେଷକରି ବର୍ଦ୍ଧିତ ସୁନା ଦର ସବୁ ବର୍ଗଙ୍କୁ ପ୍ରଭାବିତ କରିଛି, କାରଣ ଭାରତୀୟ ବଜାରରେ ବିବାହ ଋତୁ ଜାରି ରହିଥିବା ବେଳେ ସୁନା ଦର ବୃଦ୍ଧି ବଜାର ଓ ଗ୍ରାହକଙ୍କୁ ବେଶ୍ ପ୍ରଭାବିତ କରିଛି। ସେହିଭଳି ଦରବୃଦ୍ଧି ଯୋଗୁ ଗ୍ରାହକ ସୁନା କିଣିବା ପୂର୍ବରୁ ଅନେକ ପ୍ରକାରର ଯୋଜନା କରୁଥିବା ଜଣାପଡିଛି। ଏପରିକି ଗତ ସପ୍ତାହ ମଧ୍ୟରେ ସୁନା ଦର ପ୍ରାୟ ୫୦୦୦ ଟଙ୍କା ବଢିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ ଭୁବନେଶ୍ୱରରେ ଗତ ରବିବାର (୧୨ ମାର୍ଚ୍ଚ) ୨୨କ୍ୟାରେଟ ସୁନାର ମୂଲ୍ୟ ୫୨,୧୫୦ ଟଙ୍କା ଥିବା ବେଳେ ମାର୍ଚ୍ଚ ୧୯ (ରବିବାର)ରେ ଏହାର ମୂଲ୍ୟ ୫୫,୩୦୦ ଟଙ୍କା ରହିଛି। ସେହିଭଳି ୨୪ କ୍ୟାରେଟ ସୁନାର ମୂଲ୍ୟ ୧୨ ମାର୍ଚ୍ଚରେ ୫୬,୮୯୦ ଟଙ୍କା ଥିବାବେଳେ ମାର୍ଚ୍ଚ ୧୯ରେ ୬୦, ୩୨୭ ଟଙ୍କାରେ କାରବାର ହେଉଥିବା ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଚଳିତ ସପ୍ତାହରେ ସୁନା ଦର ଆହୁରି ବଢିବ ବୋଲି ଜାତୀୟ ବଜାରରେ ଚର୍ଚ୍ଚା ହେଉଛି। ଏପରିକି ୨୪କ୍ୟାରେଟ ସୁନା ଦର ୭୦ହଜାର ଟଙ୍କାରେ ପହଞ୍ଚିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ବିଶେଷ କରି ଚଳିତ ସପ୍ତାହରେ ଯଦି ସୁନା ଦର ବୃଦ୍ଧି ଘଟେ ତା' ହେଲେ ବ୍ୟବସାୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ଫଳରେ ଦରବୃଦ୍ଧିକୁ ନେଇ ଉଭୟ ବ୍ୟବସାୟୀ ଓ ଗ୍ରାହକ ଚିନ୍ତାରେ ପଡିଯାଇଛନ୍ତି। ଅପରପକ୍ଷରେ ଗତବର୍ଷ ମାର୍ଚ୍ଚ୧୯ରେ ୨୨କ୍ୟାରେଟ୍ସୁନା ୧୦ଗ୍ରାମ ପିଛା ୪୭, ୪୫୦ ଟଙ୍କା ଥିଲା। ଏପରିକି ସମାନ ଅବଧିର ୫ବର୍ଷ ପୂର୍ବେ ଏହାର ମୂଲ୍ୟ ୨୮,୮୬୦ ଟଙ୍କା ରହିଥିଲାବେଳେ ବିଗତ ୫ ବର୍ଷ ମଧ୍ୟରେ ସୁନା ଦର ପ୍ରାୟ ୨ଗୁଣ ବୃଦ୍ଧି ଘଟିଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଓଡିଶା ସୁନା ବ୍ୟବସାୟ ପ୍ରତିଷ୍ଠାନଗୁଡିକର କହିବା କଥା ବର୍ତ୍ତମାନ ରାଜ୍ୟରେ ବିବାହ ଋତୁ ଓ ପାର୍ବଣ ଆରମ୍ଭ ହୋଇଥିବାରୁ ବ୍ୟବସାୟୀମାନେ ଭଲ ବ୍ୟବସାୟ ଆଶାରେ ଅନେକ ପ୍ରକାରର ଗହଣା ଓ ଡିଜାଇନ ବଜାରରେ ପ୍ରବେଶ କରାଇଛନ୍ତି। ହେଲେ ଭୌଗୋଳିକ କାରଣରୁ ଆମଦାନୀ ଓ ଅନ୍ୟାନ୍ୟ ସମସ୍ୟା ପାଇଁ ଗତ କିଛି ଦିନ ହେବ ଦର ବୃଦ୍ଧି ଜାରି ରହିଛି। ଏପରିକି ବର୍ତ୍ତମାନ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦର ୫୫ ହଜାର ଉପରେ ରହିଥିବା ବେଳେ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୬୧ ହଜାର ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଶେୟାର ବଜାରରେ ମଧ୍ୟ ଲୋକମାନେ ସୁନାରେ ଅଧିକ ନିବେଶ କରୁଛନ୍ତି। ଫଳରେ ବଜାରରେ ସୁନା କିଣିବାକୁ ଲୋକମାନେ ଭୟ କରୁଛନ୍ତି। ତେଣୁ ବ୍ୟବସାୟୀ ଓ ଗ୍ରାହକ ଉଭୟଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ବିଶେଷ କରି ବିବାହ ଋତୁ ଥିବାରୁ ଗ୍ରାହକ ୨୦ ଗ୍ରାମ ସୁନା କିଣିବାକୁ ଆଗ୍ରହୀ ଥିବାବେଳେ ଦରବୃଦ୍ଧି ଯୋଗୁ ୧୦ ଗ୍ରାମ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି କାରବାର ସମୟରେ ଲକ୍ଷ୍ୟ କରାଯାଇଛି।

## ୪,୦୦୦ ଛଟେଇ କରିବ ଡିଜ୍ନୀ

**ନୂଆଦିଲ୍ଲୀ,୧୯।୩**

ଦେଶର ପ୍ରମୁଖ ଏଣ୍ଟରଟେନମେଣ୍ଟ କମ୍ପାନୀ ଡିଜନୀ ଖୁବଶୀଘ୍ର ୪,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏପରିକି ମିଡିଆ ରିପୋର୍ଟ ଅନୁଯାୟୀ, କମ୍ପାନୀ ତା'ର ମ୍ୟାନେଜରଙ୍କୁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ଚିହ୍ନଟ କରିବାକୁ କହିଛି। ୨୦୨୩ ଏପ୍ରିଲରେ କମ୍ପାନୀ ଉକ୍ତ ଛଟେଇ କରିବ ବୋଲି ଆଶା କରାଯାଉଛି। ଅବଶ୍ୟ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ସ୍ପଷ୍ଟ ସୂଚନା କମ୍ପାନୀ ପକ୍ଷରୁ ଦିଆଯାଇନାହିଁ। ବିଶେଷ କରି ୨୦୨୩ ଏପ୍ରିଲ ୩ ରେ ହେବାକୁ ଥିବା କମ୍ପାନୀର ବାର୍ଷିକ ବୈଠକରେ ଉକ୍ତ ଛଟେଇ ନେଇ ଘୋଷଣା କରାଯାଇପାରେ। ସୂଚନାଯୋଗ୍ୟ, ଡିଜନୀର ପରିଚାଳନାରେ ଅଧିକ ସରଳ କରିବା ଦିଗରେ ଏହାର ବଜେଟରେ କାଟ୍ କରୁଛି ଏବଂ ଏହି କାରଣରୁ ଏତେ ସଂଖ୍ୟାରେ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ଏହା ପୂର୍ବରୁ କମ୍ପାନୀର ସିଇଓ ବବ୍ ଇଗର ଫେବୃୟାରୀରେ ଡିଜନୀ ସାତ ହଜାର କର୍ମଚାରୀଙ୍କ ଛଟେଇ କରିବା ନେଇ ମଧ୍ୟ ଘୋଷଣା କରିଥିଲେ।

## ୟୁବିଓଆଇ କଟକ ମିଡ୍ କର୍ପୋରେଟ୍ ଶାଖା ଉଦ୍ଘାଟିତ



**କଟକ,୧୯।୩**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର କଟକ ମିଡ୍ କର୍ପୋରେଟ୍ ଶାଖା ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଓଆଇର ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ସର୍ବେଶ ରଞ୍ଜନଙ୍କ ସମେତ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାରକାନ୍ତ କର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁଶାନ୍ତ କୁମାର ନାୟକ ଏବଂ କଟକ ମିଡ୍ କର୍ପୋରେଟ୍ ଶାଖାର ମୁଖ୍ୟ ପ୍ରବନ୍ଧକ ସୁକମଳ ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଦିନିଆ ଇଞ୍ଜିନିୟର ଓ ସ୍ଥପତି ସମ୍ମିଳନୀ

**ଭୁବନେଶ୍ୱର,୧୯।୩**

ଚ୍ୟାନେଲ୍ ପାର୍ଟନର ଓ ଷ୍ଟିଲ୍ ଟ୍ରେଡର୍ସ ପାଟନା ପକ୍ଷରୁ ନିକଟରେ ଏକ ୨ ଦିନିଆ ଇଞ୍ଜିନିୟର ଓ ସ୍ଥପତି ସମ୍ମିଳନୀ ଗୋଆଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରୁଙ୍ଗଟା ଷ୍ଟିଲ ଅଂଶଗ୍ରହଣ କରିଥିଲା। ଏପରିକି ଗୋଆର କାଲାଙ୍ଗୁଟେ ବିହାମୋ ବାଏ ଷ୍ଟୋର୍କଠାରେ ଉକ୍ତ ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଶେଷ କରି ନିର୍ମାଣ ଶିଳ୍ପର ସଦ୍ୟତମ ଧାରା ଉପରେ ବିସ୍ତୃତ ଆଲୋଚନା କରିବା ଲାଗି ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଯେଉଁଥିରେ ଦେଶର ସବୁଠୁ ପ୍ରଭାବଶାଳୀ ଇଞ୍ଜିନିୟର ଓ ସ୍ଥପତିମାନଙ୍କୁ ଏକଜୁଟ କରିବା ସହ ନେଟ୍ୱର୍କ ସ୍ଥାପନ କରିବା ଏବଂ ନିଜ ଅଭିଜ୍ଞତା ଓ ବିଶେଷତାକୁ ବାଣ୍ଟିବା ଲାଗି ଉକ୍ତ ସମ୍ମିଳନୀ ସମସ୍ତ ଅଂଶ ଗ୍ରହଣକାରୀମାନଙ୍କୁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରିଥିଲା। ଏହି ଦୁଇଦିନିଆ ସମ୍ମିଳନୀରେ ରୁଙ୍ଗଟା ଷ୍ଟିଲ୍ର ଏଫ୍ଇ୫୫୦ଡି ଟିଏମ୍ଟି ବାର୍ ବ୍ୟବହାରର ଲାଭ ଏବଂ ପ୍ରଯୁକ୍ତି, ନବସୃଜନ, ନିରନ୍ତରତା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ କମ୍ପାନୀର ବରିଷ୍ଠ ମହାପ୍ରବନ୍ଧକ ଏବଂ ବିକ୍ରି ଓ ମାର୍କେଟିଂ ମୁଖ୍ୟ (ଟିଏମ୍ଟି) ଅରବିନ୍ଦ କୁମାର କହିଛନ୍ତି, ଆମର ଚ୍ୟାନେଲ୍ ପାର୍ଟନର ଷ୍ଟିଲ ଟ୍ରେଡର୍ସ ଏବଂ ସ୍ଥପତି ଇଞ୍ଜିନିୟର ଯେଉଁମାନେ ଆମ ପୋର୍ଟଫୋଲିଓରେ ଥିବା ଉତ୍ପାଦର ପ୍ରଥମ ଅନୁଭୂତି ହାସଲ କରନ୍ତି ସେମାନଙ୍କ ସହ ହାତ ମିଳାଇବା ଅତ୍ୟନ୍ତ ଖୁସିର ବିଷୟ। ଏପରିକି ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଓ ଶିଳ୍ପ ଭାବେ ମିଳିତ ଲକ୍ଷ୍ୟ ହାସଲ କରିପାରେ। ହେଲେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ମୂଲ୍ୟବୋଧ ଓ ଲକ୍ଷ୍ୟ ଆଣିଥାନ୍ତି। ଏହି ବର୍ଦ୍ଧିତ ଶିଳ୍ପ ପେସାଦାରମାନଙ୍କ ସହ ନେଟୱର୍କ ଓ ସହଯୋଗିତା ସ୍ଥାପନ କରିବା ଲାଗି ଉକ୍ତ ସମ୍ମିଳନୀ ରୁଙ୍ଗଟା ଷ୍ଟିଲ୍ ପାଇଁ ଏକ ଉଲ୍ଲେଖନୀୟ ସୁଯୋଗ ଥିଲା। ଯାହା ଭବିଷ୍ୟତ ସହଯୋଗିତାର ଆକର୍ଷଣୀୟ ସମ୍ଭାବନା ପ୍ରଦାନ କରୁଛି। ବିଶେଷ କରି ଆମ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ଲାଗି ଏକ ଦୃଢ଼ ମୂଳଦୁଆ ମଧ୍ୟ ସ୍ଥାପନ କରୁଛି। ଏହି ସ୍ଥପତି ଓ ଇଞ୍ଜିନିୟର ସମ୍ମିଳନୀରେ ବିହାରର ନିର୍ମାଣ ଶିଳ୍ପର ୨୦ ପ୍ରଭାବଶାଳୀଙ୍କ ଏକ ଦଳ ଅଂଶଗ୍ରହଣ କରିଥିଲା।

## ସିବିଓଆଇର ବହୁମୁଖୀ ଶିବିର

**ଭୁବନେଶ୍ୱର,୧୯।୩**

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଓଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ବହୁମୁଖୀ ଶିବିରର ଆୟୋଜନ କରାଯାଇଥିଲା। ବିଶେଷ କରି ସିବିଓଆଇ କୋଲକାତାର ଆଞ୍ଚଳିକ ମୁଖ୍ୟ ଅଜୟ କୁମାର ସିଂ ନିକଟରେ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ତାଙ୍କର ଏହି ଗସ୍ତ ସମୟରେ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଶିରିପୁରସ୍ଥିତ ଇମେଜ କନ୍ଫରେନ୍ସ ହଲ୍ଠାରେ ଏକ ବହୁମୁଖୀ ଋଣ ଶିବିର, ଶାଖା ମୁଖ୍ୟ ଓ ଏଏଫ୍ଓମାନଙ୍କ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ଗ୍ରାହକଙ୍କୁ ୭୬ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଜୟ ଡିଏସ୍ଏ, ସମ୍ଭାବ୍ୟ ଡିଏସ୍ଏ ଓ ସିଏମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ସେମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ସେ ମଧ୍ୟ ବ୍ୟାଙ୍କର ସମସ୍ତ ଶାଖା ମୁଖ୍ୟଙ୍କ ସହ ଆଲୋଚନା କରିବା ସହ ପ୍ରତି ଆବଶ୍ୟକୀୟ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସଙ୍କ ସମେତ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ୧୦% ବଢ଼ିଛି ବିଜୁଳି ବ୍ୟବହାର

**ନୂଆଦିଲ୍ଲୀ,୧୯।୩**



କ୍ରମାଗତ ଭାବେ ଦେଶରେ ବିଜୁଳି ବ୍ୟବହାର ବଢୁଛି। ଫଳରେ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍ରୁ ଫେବୃୟାରୀ ମଧ୍ୟରେ ଭାରତର ବିଜୁଳି ବ୍ୟବହାର ପ୍ରାୟ ୧୦% ବୃଦ୍ଧି ଘଟି ୧୩୭୫.୫୭ ବିଲିୟନ ୟୁନିଟ୍ (ବିୟୁ) ହୋଇଛି, ଯାହାକି ଆର୍ଥିକ ବର୍ଷ ୨୦୨୧-୨୨ର ସମୁଦାୟ ବିଜୁଳି ଆବଶ୍ୟକତାଠାରୁ ଢେର ଅଧିକ ରହିଛି। ଉଲ୍ଲେଖଯୋଗ୍ୟ ୨୦୨୧-୨୨ ଏପ୍ରିଲ୍ରୁ ଫେବୃୟାରୀ ମଧ୍ୟରେ ବିଜୁଳି ବ୍ୟବହାର ୧୨୪୫.୫୪ ବିୟୁ ଥିଲା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ବିଜୁଳି ବ୍ୟବହାର ୧୩୭୪.୦୨ ବିୟୁ ରହିଥିଲା। ଏପରିକି ବଜାର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଆସନ୍ତା ମାସରେ ବିଜୁଳିର ଅଧିକ ଆବଶ୍ୟକତା ରହିଛି, ତେଣୁ ଏହାକୁ ଦୃଷ୍ଟିରେ ରଖି ବିଜୁଳି ବ୍ୟବହାର ବଢ଼ିବା ନେଇ ଆକଳନ କରାଯାଉଛି। ସେହିପରି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଚଳିତ ବର୍ଷ ଏପ୍ରିଲରେ ୨୨୯ ଗିଗାୱାଟ୍ ବିଜୁଳି ଆବଶ୍ୟକ ପଡ଼ିବା ନେଇ ଆକଳନ କରିଛି। ଏହାସହ ମନ୍ତ୍ରଣାଳୟ ବିଜୁଳିର ଅଧିକ ଚାହିଦା ପୂରଣ କରିବାକୁ ଅନେକ ପଦକ୍ଷେପ ଗ୍ରହଣ ସହ ରାଜ୍ୟ ଶାଖାଗୁଡ଼ିକୁ ବିଜୁଳି କାଟ କରିବାକୁ ମନା କରିଛି।

## ଫୁରସତ୍

# ବିପର୍ଯ୍ୟୟ ସମ୍ପର୍କରେ ସତର୍କ କରାଇବ ଫୋନ୍ ସାଇରନ୍

**ଲଣ୍ଡନ, ୧୯।୩**




ବନ୍ୟା, ବନାଗ୍ନି ଭଳି ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଏଣିକି କେବଳ ରେଡିଓ, ସମ୍ବାଦ କିମ୍ବା ଖବରକାଗଜ ନୁହେଁ ବରଂ ଫୋନ୍ ଯୋଗେ ଲୋକଙ୍କ ପାଖରେ ପହଞ୍ଚିପାରିବ। ଫୋନ ସାଇରନ୍ ଦ୍ୱାରା ଲୋକେ ସହଜରେ ବିପର୍ଯ୍ୟୟଜନିତ ବିପଦ ବିଷୟରେ ଜାଣିପାରିବେ। ବ୍ରିଟେନ୍ ସରକାରଙ୍କ ପକ୍ଷରୁ ଏ ପ୍ରକାର ଜନ ମଙ୍ଗଳକାରୀ ଦପକ୍ଷେପ ଗ୍ରହଣ କରାଯାଇଛି। ଜୀବନ ପ୍ରତି ବିପଦ ସୃଷ୍ଟିକାରୀ ବନ୍ୟା ଓ ଜଙ୍ଗଲ ନିଆଁ ଭଳି ପରିସ୍ଥିତିର ମୁକାବିଲା ପାଇଁ ସରକାର ଏବଂ ଜରୁରୀ ସେବା ପକ୍ଷରୁ ଲୋକଙ୍କ ଫୋନ୍କୁ ମେସେଜ୍ ପଠାଯିବ, ଯାହାଫଳରେ ଲୋକେ ଆଗୁଆ ସତର୍କ ହେବେ। ତେବେ ସରକାରଙ୍କ ପକ୍ଷରୁ ଏ ନେଇ ଏକ ସ୍ୱତନ୍ତ୍ର ଟେଷ୍ଟ ଏପ୍ରିଲ ୨୩ ସନ୍ଧ୍ୟାରେ କରାଯିବ ବୋଲି କୁହାଯାଉଛି।

ଟେଷ୍ଟ ସମୟରେ ଲୋକଙ୍କ ଫୋନ୍କୁ ଗୋଟିଏ ମେସେଜ୍ ଆସିବା ସହ ଫୋନ୍ ଭାଇବ୍ରେଟ୍ ହେବ। ମୋବାଇଲ୍ ସାଇଲେଣ୍ଟ ମୋଡ୍ରେ ଥିଲେ ସୁଦ୍ଧା ଫୋନ୍ରେ ୱାର୍ନିଂ ରିଙ୍ଗ୍ ୧୦ ସେକେଣ୍ଡ ପର୍ଯ୍ୟନ୍ତ ବାଜିବ। ବ୍ରିଟେନ୍ରେ ଏହି ବିଶେଷ ସେବା ପ୍ରଥମ କରି ଆରମ୍ଭ ହେବାକୁ ଥିବାବେଳେ କାନାଡା, ଆମେରିକା, ଜାପାନ ଏବଂ ନେଦରଲାଣ୍ଡରେ ପ୍ରାକୃତିକ ବିପର୍ଯ୍ୟୟ ସଂକ୍ରାନ୍ତ ଆଲର୍ଟ ଲୋକମାନଙ୍କୁ ଫୋନ୍ ଜରିଆରେ ପଠାଇ ସେମାନଙ୍କୁ ସତର୍କ କରାଯିବାର ସେବା ପୂର୍ବରୁ ଉପଲବ୍ଧ। ଖରାପ ପାଗ ସତ୍ତ୍ୱେ ସରକାର ତଥା ଏମର୍ଜେନ୍ସି ସର୍ଭିସ୍ ପକ୍ଷରୁ ଏହି ଆଲର୍ଟ ମେସେଜ୍ ପ୍ରମୁଖ ସ୍ଥାନରେ ଥିବା ୯୦% ଫୋନ୍କୁ ପଠାଯିବାର ବନ୍ଦୋବସ୍ତ କରାଯାଇଛି। ବିପର୍ଯ୍ୟୟର ପ୍ରଭାବ ଏବଂ ଏହାର ମୁକାବିଲା ପାଇଁ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯିବ ସେ ବିଷୟରେ ମେସେଜ୍ରେ ବର୍ଣ୍ଣନା କରାଯିବ। ତେବେ ବିପଦରେ ସମ୍ମୁଖୀନ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ହିଁ ଏହି ଆଲର୍ଟ ମେସେଜ୍ ପଠାଯିବ। ଏହି ସେବା ଅନେକ ଲୋକଙ୍କ ଜୀବନ ରକ୍ଷକ ସାଜିବ ବୋଲି କ୍ୟାବିନେଟ୍ ମନ୍ତ୍ରୀ ଓଲିଭର ଡୋଡେନ୍ କହିଛନ୍ତି। ଏହି ସେବା ଦ୍ୱାରା ଉପକୃତ ହେବା ଲାଗି କୌଣସି ଦେୟ, ମୋବାଇଲ୍ଧାରୀଙ୍କ ବ୍ୟକ୍ତିଗତ ତଥ୍ୟ କିମ୍ବା ମୋବାଇଲ୍ ନମ୍ବରର ଆବଶ୍ୟକତା ପଡ଼ିବ ନାହିଁ। ଆଲର୍ଟ ମେସେଜ୍ ପାଇଁ ବ୍ରଡ୍କାଷ୍ଟିଂ ଟେକ୍ନୋଲୋଜିର ବ୍ୟବହାର କରାଯିବ। ବିପର୍ଯ୍ୟୟ ସମ୍ପର୍କରେ ଲୋକଙ୍କୁ ମେସେଜ୍ ପଠାଯିବା ସମୟରେ ପ୍ରତ୍ୟେକ ସ୍ଥାନର ସେଲ୍ ଟାୱାରଗୁଡ଼ିକ ମେସେଜ୍କୁ ବ୍ରଡ୍କାଷ୍ଟ କରିବେ। ବ୍ରିଟେନ୍ର ପୂର୍ବ ସଫୋଲ୍କରେ ଏହାର ଟ୍ରାଏଲ୍ କରାଯାଇଛି। ଏହି ନୂଆ ଉପାୟ ଅଗ୍ନିଶମ ଏବଂ ରେସ୍କ୍ୟୁ ସର୍ଭିସେସ୍ ପାଇଁ ଲାଭପ୍ରଦ ହେବ ବୋଲି ନ୍ୟାଶନାଲ ଫାୟାର ଚିଫ୍ସ କାଉନ୍ସିଲ୍ର ସଭାପତି ମାର୍କ ହାର୍ଡିନଘାମ ସୂଚନା ଦେଇଛନ୍ତି।

# ରେଷ୍ଟୁରାଣ୍ଟ ସ୍ୱପ୍ନ ସ୍ୱପ୍ନରେ ହିଁ ଅଛି



**ମୁମ୍ବାଇ:** ବଲିଉଡ୍ କୁଇନ କଙ୍ଗନା ରଣାୱତ୍ ସବୁବେଳେ ଅନ୍ୟ ଅଭିନେତା, ନେତାଙ୍କୁ କଟାକ୍ଷ କରି ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଅଭିନେତ୍ରୀ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଏକ ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ଏକ ରେଷ୍ଟୁରାଣ୍ଟ ସେ ଖୋଲିଥିଲେ, ହେଲେ ଆର୍ଥିକ ସମସ୍ୟା ପାଇଁ ତାଙ୍କୁ ରେଷ୍ଟୁରାଣ୍ଟ ବନ୍ଦ କରିବାକୁ ପଡିଥିଲା। ସେ ଫିଲ୍ମ ବ୍ୟତୀତ ବିଜ୍ନେସ କରିବାକୁ ଇଚ୍ଛା ରଖନ୍ତି। ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ସେ କେତେ ବର୍ଷ ହେବ ନିଜ ଘର ମନାଲିରେ ତାଙ୍କର ଏକ ରେଷ୍ଟୁରାଣ୍ଟ ଖୋଲିବାକୁ ଚାହୁଁଥିଲେ। ଯାହା ତାଙ୍କର ଏକ ସ୍ୱପ୍ନ। ଆର୍ଥିକ ସମସ୍ୟା ପାଇଁ ତାଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି। କଙ୍ଗନା ଫିଲ୍ମ ଏମରଜେନ୍ସିର ଶୁଟିଂ ନିକଟରେ ଶେଷ କରିଛନ୍ତି। ଏହି ଶୁଟିଂ ସମୟରେ ତାଙ୍କ ଘର ବନ୍ଧା ପକାଇବାକୁ ପଡିଥିଲା। କାରଣ ଫିଲ୍ମର ଡାଇରେକ୍ସନ ଏବଂ ପ୍ରସ୍ତୁତି ନିଜେ କରିଛନ୍ତି। ତେବେ ଫିଲ୍ମରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜରକୁ ଆସୁଛନ୍ତି। ତାଙ୍କ ସହ ଏଥିରେ ଅନୁପମ ଖେର୍, ଶ୍ରେୟସ ତଲପଡେ, ମହିମା ଚୌଧୁରୀ, ମିଲିନ୍ଦ ସୌମନ, ବିଶାକ ନାୟର, ଦିବଂଗତ ସତୀଶ କୌଶିକ ମଧ୍ୟ ରହିଛନ୍ତି। ଏହାଛଡା କଙ୍ଗନା ତେଲୁଗୁ ଫିଲ୍ମ 'ଚନ୍ଦ୍ରମୁଖୀ-୨'ରେ କାମ କରୁଛନ୍ତି।

# ପ୍ରକୃତି ମିତ୍ର ଘରଚଟିଆ

■ ସବ୍ୟସାଚୀ ଅମିତାଭ

**ଛୋ**ଟିଆ ପକ୍ଷୀଟିଏ ଘରଚଟିଆ। ଲମ୍ବା ପାଖାପାଖି ୧୨ରୁ ୧୪ ସେଣ୍ଟିମିଟର ହେବ। ଓଜନ କହିଲେ ଅତିବେଶୀରେ ୩୦-୩୫ ଗ୍ରାମ୍। ଦେଖିବାକୁ ଛୋଟ ହେଲେ ବି ଏହା ଧୂସର ବର୍ଣ୍ଣର। ପକ୍ଷୀଟି ବେଶ୍ ଚଳଚଞ୍ଚଳ ଆଉ କର୍ମଠ। କାଠିକୁଟା ସଂଗ୍ରହ କରି ଚାଳଘର କିମ୍ବା ପାଖ ବଣବୁଦାରେ ସେ ତା'ର ନୀଡ଼ ତିଆରି କରେ। ନିଜେ ତିଆରି କରିଥିବା ନୀଡ଼ ହିଁ ଘରଚଟିଆର ଭରସା। ଏହି ନୀଡ଼ରେ ଥରକେ ଦୁଇ କିମ୍ବା ତିନୋଟି ଅଣ୍ଡା ଦେଇ ସେ ବଂଶ ବିସ୍ତାର କରିଥାଏ। ମଣିଷର ପାଖାପାଖି ରହିବାରେ ତା'ର ଆନନ୍ଦ। ଦାଣ୍ଡ ଅଗଣାରେ ଦଳ ଦଳ ହୋଇ ଖାଦ୍ୟ ସଂଗ୍ରହ କରୁଥିବା ଏହି କୁନି କୁନି ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଅନ୍ୟ ପକ୍ଷୀ ପରି ଘରଚଟିଆ ବି ମଣିଷର ଖୁବ୍ ଉପକାରୀ। ସତ କହିବାକୁ ଗଲେ ଘରଚଟିଆ ଚାଷୀର ପରମ ବନ୍ଧୁ। ଶସ୍ୟରେ ଥିବା ଅପକାରୀ କୀଟ ହିଁ ତା'ର ଖାଦ୍ୟ। ତେଣୁ ଚଷାପୁଅର ଉତ୍ପାଦିତ ଶସ୍ୟ ଘରଚଟିଆଙ୍କ କାରଣରୁ ସଂରକ୍ଷିତ ଆଉ ସୁରକ୍ଷିତ ରହିଥାଏ। ଆମ ଲୋକସଂସ୍କୃତି ଜୀବନଧାରାକୁ ପରିପୁଷ୍ଟ କରିବାରେ ଘରଚଟିଆମାନଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ। ହେଲେ ମଣିଷର ସ୍ୱାର୍ଥପରତା ଗୁଣ ପାଇଁ ଏହି ସରଳ ଆଉ ସୁନ୍ଦର ପକ୍ଷୀଟି ଏବେ ନିଜର ପରିଚୟ ହରାଇବାକୁ ବସିଲାଣି। କେବଳ ଭାରତ ନୁହେଁ, ବରଂ ବ୍ରିଟେନ୍, ଇଟାଲି, ଫ୍ରାନ୍ସ, ଜର୍ମାନୀ ପରି ଦେଶରୁ ବି ଉଦ୍‌ବେଗଜନକ ଭାବେ ଘରଚଟିଆଙ୍କ ସଂଖ୍ୟା କମିବାରେ ଲାଗିଛି। ଇଂଲଣ୍ଡର ରୟାଲ ସୋସାଇଟି ଅଫ୍ ପ୍ରୋଟେକ୍ଶନ୍ ଅଫ୍ ବାର୍ଡ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ଘରଚଟିଆଙ୍କୁ ବିଲୁପ୍ତପ୍ରାୟ ପ୍ରଜାତିର ପକ୍ଷୀଙ୍କ ତାଲିକାରେ ସାମିଲ କରାଯାଇଛି। କିଛି ବର୍ଷ ତଳେ ଆମ ପରିବେଶକୁ କିଚିରି ମିଚିରି କରି ମୁଖରିତ କରୁଥିବା ଏଇ ଛୋଟ ପକ୍ଷୀଟିକୁ ଏବେ ଦେଖିବା ପ୍ରାୟ ସ୍ୱପ୍ନ। ଘରଚଟିଆ ଚାଳଘରେ ବସା ବାନ୍ଧେ, ନହେଲେ ଘର ପାଖ ବଣବୁଦାରେ। ଏବେ ତ ଗାଁ ଗଣ୍ଡାରେ ଚାଳଘର ହଜିବାକୁ ବସିଲାଣି। ସେହିପରି ଗାଁ ଗଣ୍ଡାରେ ସବୁଜିମା ବା ବଣବୁଦା ବି ଆଜି ଆଉ ଦେଖିବାକୁ ମିଳୁନି। ସବୁଆଡ଼େ କଂକ୍ରିଟ୍ ରାସ୍ତା ଓ କୋଠାବାଡ଼ି। ତେଣୁ ଘରଚଟିଆ ବସା ବାନ୍ଧିବ କେଉଁଠି! ସେହିପରି ସଜନା, ବଉଳ ଓ ବରକୋଳି ଗଛରେ ଥିବା କୀଟପତଙ୍ଗଙ୍କୁ ଖାଇ ଘରଚଟିଆ ବଞ୍ଚେ। ଏବେ ଏସବୁ ଗଛ ଆଉ ବାଡ଼ି ବଗିଚାରେ ଦେଖିବାକୁ ମିଳୁନି। ବନୀକରଣ ଯୋଜନାରେ ରାସ୍ତା କଡ଼ରେ ବଢୁଥିବା ଗଛରେ ଘରଚଟିଆକୁ ତା'ର ପାରମ୍ପରିକ ଖାଦ୍ୟ ମିଳୁନି। ତା' ସହ ଗାଡ଼ିମୋଟର ଧୂଆଁ, ଶବ୍ଦ ପ୍ରଦୂଷଣ ଓ ମୋବାଇଲ୍ ଟାୱାରର ରାଡିଏଶନ୍ର ପ୍ରଭାବ ବି ଘରଚଟିଆଙ୍କ ଉପରେ ପଡ଼ିଛି। ବିଲବାଡ଼ିରେ ବ୍ୟବହୃତ ହେଉଥିବା ଉତ୍କଟ କୀଟନାଶକ ବି ଘରଚଟିଆଙ୍କ ଉପରେ ଦାଉ ସାଧୁଛି। ଏଭଳି ପରିସ୍ଥିତି ଭିତରେ ବିଶ୍ୱ ଘରଚଟିଆ ଦିବସ ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳନ କରାଯିବା ଆନନ୍ଦର କଥା। ନାସିକ୍ର ପ୍ରସିଦ୍ଧ ପକ୍ଷୀପ୍ରେମୀ ମହମ୍ମଦ ଇ. ଦିଲାବରଙ୍କ ନିଷ୍ଠାପର ପ୍ରୟାସ ଯୋଗୁ ୨୦୧୦ ମସିହାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ଘରଚଟିଆ ଦିବସ ପାଳନ କରାଯାଉଛି। ଲୋକେ ଘରଚଟିଆଙ୍କ ପ୍ରତି ସଚେତନ ହେବେ ଆଉ ଏହି ଛୋଟ ପକ୍ଷୀଟିର ଉପକାର ବାବଦରେ ଜାଣିବେ ଏହା ହିଁ ଏହି ଦିବସର ମୂଳ ଲକ୍ଷ୍ୟ। ଚଳିତବର୍ଷର ଥିମ୍ ରହିଛି 'ଆଇ ଲଭ୍ ସ୍ପାରୋ'। ଅର୍ଥାତ୍ 'ମୁଁ ଘରଚଟିଆଙ୍କୁ ଭଲପାଏ'। ଆମ ରାଜ୍ୟରେ ଘରଚଟିଆଙ୍କ ସୁରକ୍ଷା ପାଇଁ ବିଭିନ୍ନ ସଙ୍ଗଠନ ଉଦ୍ୟମ କରିଆସୁଛନ୍ତି। ସୁନ୍ଦରଗଡ଼, ସୋନପୁର, ପାରାଦୀପ, ଗୋପାଳପୁର, କେନ୍ଦୁଝର ପରି ସ୍ଥାନରେ ପ୍ରକୃତିପ୍ରେମୀ ସଙ୍ଗଠନଗୁଡ଼ିକ ଗଛଲତା, ଚାଳଛପରରେ ମାଟି କଳସୀ, ବାଉଁଶପାତିଆ ଓ ନଡ଼ିଆ ବାହୁଙ୍ଗାରେ କୃତ୍ରିମ ବସା ତିଆରି କରି ଏହି ବିଲୁପ୍ତ ପ୍ରାୟ ପକ୍ଷୀଟିର ସୁରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଆମମାନଙ୍କର ସ୍ଥିତି ଓ ସମୃଦ୍ଧି ପାଇଁ ଘରଚଟିଆ ମାନଙ୍କର ଉପସ୍ଥିତି ଏକାନ୍ତ ଜରୁରୀ। ମଣିଷ ଓ ଘରଚଟିଆଙ୍କ ଏକାଠି ସହାବସ୍ଥାନ ହିଁ ପ୍ରକୃତି ଓ ପରିବେଶ ପାଇଁ ଶୁଭଙ୍କର।

**ଭୁବନେଶ୍ୱର, ମୋ: ୯୪୩୮୨୯୬୫୧୯**

### ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ

## ପୋଷ୍ଟର ଜରିଆରେ ଯୋଗୀଙ୍କୁ କ୍ଷମା ମାଗିଲେ



**ଲକ୍ଷ୍ନୌ**

ବାଇକ ଚୋରି କରି ଧରା ପଡିବା ପରେ ଜଣେ ଯୁବକ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟଙ୍କୁ ଏକ ପୋଷ୍ଟର ଜରିଆରେ କ୍ଷମା ମାଗିଛନ୍ତି। ସେ ହେଲେ ଅଙ୍କୁର ଆଲିଆଜ୍ ରାଜା। ରିପୋର୍ଟ ମୁତାବକ, ମୋଟରସାଇକେଲ ଚୋରି କରୁଥିବା ଏକ ଗ୍ୟାଙ୍ଗ ଚୋରି କରିଥିଲେ। ହେଲେ ଗ୍ୟାଙ୍ଗର ଜଣେ ଯୁବକ ବାଇକ୍ ଚୋରି ପରେ ପୋଲିସର ଏନ୍କାଉଣ୍ଟର ଡରରେ ନିଜେ ପରିବାର ସହ ଆସି ମୁଜାଫରନଗରର ମନସୁରପୁର ପୋଲିସ ଷ୍ଟେଶନରେ ସରେଣ୍ଡର କରିଛନ୍ତି। ସେ ଏକ ପୋଷ୍ଟରରେ 'ଯୋଗୀ ଜି ମାଫ୍ କର୍ନା ଗଲ୍ତି ମାରେ ସେ ହୋଗୟି' ଲେଖି ଯୋଗୀଙ୍କୁ କ୍ଷମା ମାଗିଥିଲେ। ତେବେ ସେହି ଗ୍ୟାଙ୍ଗକୁ ପୋଲିସ ଗିରଫ କରିଛି।

# ୱାର୍ଲ୍ଡ ରେକର୍ଡ୍ସରେ ୪୫ କେଜିର ମୂଳା



**ଟୋକିଓ:** ଆମେ ବାରିଆଡେ ବିଭିନ୍ନ ପ୍ରକାର ପନିପରିବା ଲଗାଇଥାଉ। ତେବେ ତାହାର ଆକାର ବେଶି ବଡ଼ ହୋଇ ନ ଥାଏ। ନିକଟରେ ଜାପାନର ଏକ କମ୍ପାନୀ ବିଶ୍ୱର ସବୁଠାରୁ ଅଧିକ ଓଜନ ବିଶିଷ୍ଟ ମୂଳା ଉତ୍ପାଦନ କରିଛି। ସେହି ମୂଳା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ଜାପାନିଜ୍ ମାନୁଫାକ୍ଚରର ଅଫ୍ ହାର୍ଭେଷ୍ଟେଡ୍ ଅଫ୍ ସପ୍ଲିମେଣ୍ଟସ୍ ଆଣ୍ଡ ସ୍ପେଶାଲ ଫର୍ଟିଲାଇଜର୍ସ କମ୍ପାନୀ ୪୫. ୮୬୫ କେଜି ଓଜନ ବିଶିଷ୍ଟ ମୂଳା ଉତ୍ପାଦନ କରିଥିବାବେଳେ ଏହାର ପରିଧି ୧୧୩ ସେମି। ତାର ଚେର ମାଟି ତଳେ ୮୦ ସେମି ପର୍ଯ୍ୟନ୍ତ ଲମ୍ବିଥିଲା। ସାଧାରଣତଃ ମୂଳା ଚାରା ଲଗାଯିବାର ୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯାଇଥାଏ। ହେଲେ ଏହି ମୂଳା ଉତ୍ପାଦନକୁ ପ୍ରାୟ ୬ ମାସ ସମୟ ଲାଗିଥିଲା। ହିରୋସିମା ସହରର ହାକୋ ପାର୍କରେ ଏହି ମୂଳାକୁ ଯାଞ୍ଚ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୋପାନ୍ନା ସବୁଠାରୁ ବୟସ୍କ ଚାମ୍ପିୟନ

**ଇଣ୍ଡିଆନ ୱେଲ୍ସ (ୟୁଏସ୍), ୧୯।୩ (ପି.ଟି.)**

ଭାରତର ରୋହନ ବୋପାନ୍ନା ସବୁଠାରୁ ବୟସ୍କ ଖେଳାଳି ଭାବେ ଏଟିପି ମାଷ୍ଟର୍ସ ୧୦୦୦ ଚାମ୍ପିୟନ ହୋଇଛନ୍ତି। ସେ ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମ୍ୟାଟ ଇବିଡେନ୍ ଏଠାରେ ଚାଲିଥିବା ବିଏନ୍‌ପି ପାରିବାସ ଓପନ ପୁରୁଷ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ୪୩ ବର୍ଷୀୟ ବୋପାନ୍ନା ଓ ଇବିଡେନ୍ (୩୫ ବର୍ଷ) ଫାଇନାଲରେ ଟପ୍ ସିଡ୍ ନେଦରଲାଣ୍ଡର ୱେସ୍‌ଲି କୁଲ୍‌ହଫ୍ ଓ ବ୍ରିଟେନର ନିଲ୍ ସ୍କୁପ୍‌ସ୍କିଙ୍କୁ ୬-୩, ୨-୬, ୧୦-୮ରେ ହରାଇ ଦେଇଛନ୍ତି। ବୋପାନ୍ନାଙ୍କର ଏହାଥିଲା ୧୦ମ ଏଟିପି ମାଷ୍ଟର୍ସ ୧୦୦୦ ଫାଇନାଲ। ଏହି କ୍ରମରେ ସେ କାନାଡାର ଡାନିଲ ନେଷ୍ଟରଙ୍କ ରେକର୍ଡ ଭଙ୍ଗ କରିଦେଇଛନ୍ତି। ନେଷ୍ଟର ୨୦୧୫ରେ ସିନ୍‌ସିନାଟି ମାଷ୍ଟର୍ସରେ ସବୁଠାରୁ ବୟସ୍କ ଖେଳାଳିଭାବେ



ଟ୍ରଫି ସହ ମ୍ୟାଟ ଇବିଡେନ୍ ଓ ରୋହନ ବୋପାନ୍ନା।

ଚାମ୍ପିୟନ ହୋଇଥିଲେ। ସେତେବେଳେ ତାଙ୍କ ବୟସ ୪୨ବର୍ଷ ଥିଲା। ଏଠାରେ ବୋପାନ୍ନା ୫ମ ମାଷ୍ଟର୍ସ ୧୦୦୦ ଡବଲ୍ସ ଟାଇଟଲ ଜିତିଛନ୍ତି। ୨୦୧୭ରେ ମଣ୍ଟେ କାର୍ଲୋପରେ ଏହା ପ୍ରଥମ। ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ିଙ୍କ ବର୍ଷରେ

## ବିଏନ୍‌ପି ପାରିବାସ୍ ଓପନ ଟେନିସ

ଏହା ହେଉଛି ତୃତୀୟ ଫାଇନାଲ। ବୋପାନ୍ନାଙ୍କ ଟୁର୍ ଲେଭଲ ଟ୍ରଫି ସଂଖ୍ୟା ବର୍ତ୍ତମାନ ୨୪ରେ ପହଞ୍ଚିଛି। ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ି ଏଠାରେ ସେମିଫାଇନାଲରେ ଗତଥର ଚାମ୍ପିୟନ ଜନ୍ ଇଜ୍‌ନର ଓ ଜ୍ୟାକ୍ ସକ୍‌ଙ୍କୁ ହରାଇ ଦେଇଥିଲେ। କ୍ୱାର୍ଟର ଫାଇନାଲରେ ସେମାନେ କାନାଡାର ସିଙ୍ଗଲ୍ସ ଷ୍ଟାର ଖେଳାଳି ଫେଲିକ୍ସ ଅଗର-ଅଲିଆସିମ୍ ଓ ଡେନିସ ଶାପୋଭାଲୋଭଙ୍କୁ ପରାସ୍ତ କରିଥିଲେ। ଓପନିଂ ମ୍ୟାଚରେ ଏହି ଯୋଡ଼ି ରାଫେଲ ମାଟୋସ ଓ ଡେଭିଡ୍ ଭେଗା ହର୍ନାଣ୍ଡେଜଙ୍କୁ ହରାଇ ଦେଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ୩ ବୋପାନ୍ନା ଏଟିପି ଲାଇଭ୍ ଡବଲ୍ସ ର୍‌ୟାଙ୍କିଙ୍ଗ୍‌ରେ ବର୍ତ୍ତମାନ ୪ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନ ଅଧିକାର କରିଛନ୍ତି।

# ଦ୍ୱିତୀୟ ଦିନିକିଆ ଜିତିଲା ୱେଷ୍ଟଇଣ୍ଡିଜ୍



ଶତକୀୟ ଇନିଂସ ଖେଳିବା ଅବସରରେ ସାଇ ହୋପ୍।

**ଇଷ୍ଟ ଲଣ୍ଡନ, ୧୯।୩(ପି.ଟି.)**

ଟପ୍ ଅର୍ଡର ବ୍ୟାଟର ସାଇ ହୋପ୍‌ଙ୍କ ଅପରାଜିତ ୧୨୮ ରନ୍ ବଳରେ ଇଷ୍ଟ ଲଣ୍ଡନରେ ଖେଳା ଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆକୁ ୪୮ ରନରେ ଜିତି ନେଇଛି ୱେଷ୍ଟଇଣ୍ଡିଜ୍। ପ୍ରଥମ ଦିନିକିଆ ବର୍ଷା କାରଣରୁ ବାତିଲ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଜିତି ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ଉଇକେଟରେ ୩୩୫ ରନ୍ କରିଥିଲା। ଜବାବରେ ଟେମ୍ବା ବାଭୁମାଙ୍କ ୧୪୪ ରନ୍ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୪୧.୪ ଓଭରରେ ୨୮୭ ରନରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ପ୍ରଥମ ଉଇକେଟରେ ୬୭ ରନ୍ ଯୋଡିଥିଲା। ୪ ରନ୍ ମଧ୍ୟରେ ୩ ଉଇକେଟ ହରାଇ ଦଳ ସଙ୍କଟରେ ଥିବା ବେଳେ ନିକୋଲାସ୍ ପୁରନ୍ (୩୯)ଙ୍କ ସହ ୮୬ ରନ୍ ଯୋଡିଥିଲେ ସାଇ ହୋପ୍। ପରେ ନିମ୍ନ ମଧ୍ୟକ୍ରମରେ ରୋଭମାନ ପାୱେଲ(୪୬), ଜାସନ ହୋଲ୍ଡର (୧୫) ଓ ଆଲଜାରି ଯୋଶେଫ୍ (୧୩)ଙ୍କୁ ସାଥୀ କରି ଦଳୀୟ ସ୍କୋର ୩୦୦ ପାର କରାଇଥିଲେ। ୧୦୫ ତମ ଦିନିକିଆ ମ୍ୟାଚ୍ ଖେଳୁଥିବା ୨୯ ବର୍ଷୀୟ ହୋପ୍ ନିଜର ୧୪ ତମ ଶତକ ହାସଲ କରିଥିଲେ। ୧୧୫ ବଲ୍ ଖେଳି ସେ ୫ ଚୌକା ଓ ୭ ଛକା ମାରିଥିବା ବେଳେ ୧୨୮ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଜେରାଲ୍ଡ କୋଏର୍ଜେ ୩ ଉଇକେଟ ନେଇଥିବା ବେଳେ ବ୍ୟୁଏର୍ନ ଫୋର୍ଚୁଇନ୍ ଓ ଟାବରେଜ୍ ସାମ୍‌ସି ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୩୬ ରନ୍ ଲକ୍ଷ୍ୟର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ୍ ଡିକକ୍(୪୮) ଓ ବାଭୁମା ପ୍ରଥମ ଉଇକେଟରେ ୭୬ ରନ୍ ଯୋଡ଼ିଥିଲେ। ତେବେ ମଧ୍ୟକ୍ରମ ବିପର୍ଯ୍ୟୟ କାରଣରୁ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅଧିନାୟକ ବାଭୁମା ଗୋଟିଏ ପଟରୁ ଲଢେଇ ଜାରି ରଖି ଦ୍ରୁତ ଶତକ ହାସଲ କରିଥିଲେ ମଧ୍ୟ ଦଳ ବିଜୟରୁ ୪୮ ରନ୍ ଦୂରରେ ରହି ଯାଇଥିଲା। ବାଭୁମା ୧୧୮ ବଲ୍ ଖେଳି ୧୧ ଚୌକା ଓ ୭ ଛକା ସହିତ ୧୪୪ ରନ୍ କରି ନବମ ବ୍ୟାଟର ଭାବରେ ପ୍ୟାଭିଲିୟନ୍ ଫେରିଥିଲେ। ଆଲଜାରି ଯୋଶେଫ୍ ଓ ଅକିଲ ହୋସେନ୍ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୩୫/୮(ସାଇ ହୋପ୍-୧୨୮, ରୋଭମାନ ପାୱେଲ-୪୬, ନିକୋଲାସ ପୁରନ୍-୩୯, ଜେରାଲ୍ଡ କୋଏର୍ଜେ-୩/୫୭, ବ୍ୟୁଏର୍ନ ଫୋର୍ଚୁଇନ୍-୨/୫୭, ଟାବରେଜ୍ ସାମ୍‌ସି-୨/୬୨)। ଦକ୍ଷିଣ ଆଫ୍ରିକା ୪୧.୪ ଓଭରରେ ୨୮୭/୧୦(ଟେମ୍ବା ବାଭୁମା-୧୪୪, କ୍ୱିଣ୍ଟନ୍ ଡିକକ୍-୪୮, ଟୋନି ଡେ ଜୋର୍ଜି-୨୭, ଆଲଜାରି ଯୋଶେଫ୍-୩/୫୩, ଅକିଲ ହୋସେନ-୩/୫୯)।

# ଭାରତୀୟ ଖୋଖୋ ଦଳରେ ଅର୍ଚ୍ଚନା

**ଭୁବନେଶ୍ୱର, ୧୯।୩ (ସ୍ପୋର୍ଟ୍ସ ବ୍ୟୁରୋ)**



ଆସାମର ଗୁଆହାଟୀଠାରେ ସୋମବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ୪ର୍ଥ ଏସିଆନ୍ ଖୋ ଖୋ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ୨୦୨୩ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ଖୋ ଖୋ ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସୋସିଆଲ ସାଇନ୍‌ସେସ୍ (କିସ୍)ର ଛାତ୍ରୀ ଅର୍ଚ୍ଚନା ମାଝି ସ୍ଥାନ ପାଇଛନ୍ତି। ଏସିଆନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ମନୋନୟନ ସକାଶେ ଆସାମର ଗୁଆହାଟୀସ୍ଥିତ ସାରୁସାଜାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମାର୍ଚ୍ଚ ୧୪ରୁ ୧୮ ପର୍ଯ୍ୟନ୍ତ ଏକ କୋଚିଂ କ୍ୟାମ୍ପ ଓ ସିଲେକ୍ସନ ଟ୍ରାଏଲ ଆୟୋଜନ କରାଯାଇଥିଲା। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଏସିଆନ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ ପାଇଁ ଶୁଭକାମନା କରିଛନ୍ତି।

# ଓଡ଼ିଶାର ଆହନ ରନର ଅପ୍

## ୧୬ ବର୍ଷରୁ କମ୍ ଟେନିସ ଚାମ୍ପିୟନଶିପ୍ ସିରିଜ

**ଭୁବନେଶ୍ୱର, ୧୯।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଅଗରତାଲାରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଟେନିସ ଚାମ୍ପିୟନଶିପ୍ ସିରିଜରେ ଓଡ଼ିଶାର ଆହନ ମିଶ୍ର ରନରଅପ୍ ହୋଇଛନ୍ତି। ଫାଇନାଲରେ ସେ ଟପ୍ ସିଡ୍ ତଥା ତ୍ରିପୁରାର ଦ୍ୱିଜିଲାଙ୍ଗ୍ ଦେବର୍ମାଙ୍କଠାରୁ ୧-୬,୧-୬ ସିଧାସଳଖ ସେଟ୍‌ରେ ହାରିଯାଇଥିଲେ। କ୍ୱାର୍ଟରଫାଇନାଲରେ ସେ ପଶ୍ଚିମବଙ୍ଗର ମନୋଜିତ୍ ବାନାର୍ଜୀଙ୍କୁ ଏବଂ ସେମିଫାଇନାଲରେ ସେ ଝାଡ଼ଖଣ୍ଡର ସ୍ନେହଲ ସିଂ ମୁଣ୍ଡାଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ଓଡ଼ିଶାର ଅନ୍ୟତମ ଉଦୀୟମାନ ଟେନିସ ଖେଳାଳି ଆହନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟେନିସ ଏକାଡେମୀରେ ସିନିୟର କୋଚ୍ ସନ୍ତୋଷ ମଲିକଙ୍କଠାରୁ କୋଚିଂ ନେଉଛନ୍ତି। ସେ ଆକ୍ରମଣାତ୍ମକ ଟେନିସ ଖେଳିଥାନ୍ତି, ଯାହାକି ଆଧୁନିକ ଟେନିସରେ ଆବଶ୍ୟକତା ରହିଛି।



# ଆରଏସ୍‌ବି ଚେନ୍ନାଇ, କେରଳ ଚାମ୍ପିୟନ




ଅତିଥି ଓ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ କେରଳ ମହିଳା ଦଳ।

**ଭୁବନେଶ୍ୱର, ୧୯।୩(ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ଓ କିସ୍‌ରେ ସର୍ବଭାରତୀୟ ସିଭିଲ ସର୍ଭିସେସ୍ ଚେସ୍ ଉଦ୍‌ଯାପିତ ହୋଇଛି। ପୁରୁଷ ବର୍ଗରେ ଆରଏସ୍‌ବି ଚେନ୍ନାଇ ଓ ମହିଳା ବର୍ଗରେ କେରଳ ଦଳଗତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ପୁରୁଷ ବର୍ଗରେ ଆରଏସ୍‌ବି ମୁମ୍ବାଇ ଦ୍ୱିତୀୟ ସ୍ଥାନ ଓ ସିସିଏସ୍‌ସିଏସ୍‌ବି ଦିଲ୍ଲୀ ତୃତୀୟ ସ୍ଥାନରେ ରହିଥିଲା। ମହିଳା ବର୍ଗରେ ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ବ୍ୟକ୍ତିଗତ ବିଭାଗରେ ଆରଏସ୍‌ବି ଭୁବନେଶ୍ୱରର ଉତ୍କଳ ରଞ୍ଜନ ସାହୁ ୯ ରାଉଣ୍ଡରୁ

**ସର୍ବଭାରତୀୟ ସିଭିଲ ସର୍ଭିସେସ୍ ଚେସ୍**

୭.୫ ପଏଣ୍ଟ ସହିତ ଚାମ୍ପିୟନ ହୋଇଥିଲେ। ଆରଏସ୍‌ବି ଜୟପୁରର ଶେର ସିଂ ଓ ଆରଏସ୍‌ବି ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୩୪ ମହିଳା ଦଳ ଓ ୧୫ ପୁରୁଷ ଦଳ ଭାଗ ନେଇଥିଲେ ସମୁଦାୟ ୧୮୦ ଜଣ ପୁରୁଷ ଓ ୮୨ ଜଣ ମହିଳା ଖେଳାଳି ଏଥିରେ ଭାଗ ନେଇଥିଲେ।

ଗ୍ରାଣ୍ଡ ମାଷ୍ଟର ଦିବ୍ୟେନ୍ଦୁ ବରୁଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, କ୍ରୀଡା ଓ ଯୁବ ସେବା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, କୈଳାଶ ଚନ୍ଦ୍ର ଦାସ, କନ୍‌ଭେନର ଅତୁଲ ମିଶ୍ର, ଆୟୋଜକ ସଚିବ ରଞ୍ଜନ ମହାନ୍ତି ଓ ଆୟୋଜକ କମିଟିର ଶ୍ୱେତାମ୍ବର ନାୟକ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କ୍ରୀଡା ବ୍ୟବସ୍ଥାକୁ ବରୁଆ ଭୂୟସୀ ପ୍ରଶଂସା କରିଥିବା ବେଳେ ବିଶ୍ୱନାଥନ ଆନନ୍ଦଙ୍କ ନାମରେ ଚେସ୍ ହଲ୍ ନାମିତ କରାଯାଇଥିବାରୁ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପଞ୍ଚମ ଆଧାର କାର୍ଡ଼ କ୍ରିକେଟ: ସୁଆଙ୍ଗ ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୧୯।୩ (ଡିଏନ୍‌ଏ)**

ସ୍ଥାନୀୟ ସୁଆଙ୍ଗ ସ୍ଥିତ ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ୫ମ ଅଧାରକାର୍ଡ଼ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ସୁଆଙ୍ଗ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚରେ ଗଙ୍ଗପଡ଼ାକୁ ୨୪ ରନ୍‌ରେ ହରାଇଥିଲା ଦଳ। ଟସ୍ ଜିତି ସୁଆଙ୍ଗ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୪୭ ରନ୍ କରିଥିଲା। ଜବାବରେ ଗଙ୍ଗପଡ଼ା ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ କରିଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ବଡ଼ଜେନା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଜଟଣୀ ବିଧାୟକ ସୁର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୫ହଜାର ଓ ରନର ଅପ୍ ଟିମ୍‌କୁ ୧୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକ ଭାଇସ୍ ଚେୟାରମ୍ୟାନ




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳ।

ଅଜିତ୍ ଶ୍ରୀଚନ୍ଦନ ଏବଂ ସରପଞ୍ଚ ବର୍ଷାରାଣୀ ନାୟକ ଉପସ୍ଥିତ ରଣସିଂହପୁର ପରିଡ଼ା ଥିଲେ। ମନୋଜ ମ୍ୟାଚ ମାର୍ଥା ଏବଂ ଅମରଦୀପ ପରିଚାଳନା କରିଥିଲେ।


# Classified Everyday

0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

**Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186.** D-74660

ପିପିଲି ଟାଉନ୍‌କୁ ଲାଗି immediate ଘର କଲାଭଳି plot boundary, electricity, road, plantation, with ପଟ୍ଟା ଓ ସମସ୍ତ ଖର୍ଚ୍ଚ ସହିତ sqft.-950/- ରେ ମିଳୁଛି। 7749800648. D-3032

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side**, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **9937450545.** D-74830

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74656

Newly open full body massage ladies and gents. 8327740003, 9861883292. D-74659

"Only Professional body massage, Steam-Bath & Body Scrubbing. 9861550765". D-2985

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

All types of Professional body massage by professional therapy. Contact: 9556924059 / 7077933109. D-2996


**AFFIDAVIT**

Affidavit No-126 dt-16/03/2023 before Executive Magistrate, Bhubaneswar, my name has changed from Sai Subham Satapathy to Yunay Satapathy. Henceforth I shall be known as Yunay Satapathy, S/o- Abhiram Prasad Satapathy, Kunti Nivas, Bhagirathi Bihar, B/21, PO/ Dist.- Dhenkanal for all purposes.
D-3033


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**LEGAL NOTICE**

NOTICE

In the Court of the Senior Civil Judge, Dhenkanal
CS No.- 69/2023
Padma Charan Patra and others
... plaintiffs
versus
State of Odisha and others.
..... Defendants
Notice U/OR 1 Rule 8 C.P.C.

Take notice that the plaintiffs have filed the above noted suit in respect of Khata No.992/1, Plot No. 1150 and 1151, Mouza- Kasiadihi, P.S.- Sadar, Dist.- Dhenkanal for reliefs of declaration etc.

It is hereby noticed that any person interested to appear as party and to context the Suit on 06.04.2023 at 7.30AM 0'clock. 2023 may so appear and context the Suit either as plaintiff or defendant, before the under signed court positively, failing which the Suit shall proceed as per Law in your absence.

By Order, Senion Civil Judge, Dhenkanal.
Dt. 17.03.2023
D-74053

# କାରଣ ଅସ୍ପଷ୍ଟ, ତଦନ୍ତ ଶିଥିଳ

**ନବଦାସ ହତ୍ୟାକାଣ୍ଡକୁ ୫୦ ଦିନ ପୂରିଲା**

■ ଅନୌପଚାରିକ ଉପନିର୍ବାଚନ ପ୍ରଚାର ଚାଲିଲାଣି
■ କାରଣ ଜାଣିବା ଅପେକ୍ଷାରେ ରାଜ୍ୟବାସୀ

ସମ୍ବଲପୁର, ୧୯।୩(ବ୍ୟୁରୋ)

ଝାରସୁଗୁଡା ଜିଲା ଗାନ୍ଧୀଛକରେ ଗତ ଜାନୁୟାରୀ ୨୯ ତାରିଖରେ ରାଜ୍ୟର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। କେହି କିଛି ବୁଝିବା ପୂର୍ବରୁ ସ୍ଥାନୀୟ ଫାଣ୍ଡିରେ କାର୍ଯ୍ୟରତ ପୋଲିସ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ଅତି ନିକଟରୁ ନବଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସମଗ୍ର ରାଜ୍ୟ ସ୍ତବ୍ଧ ହୋଇଯାଇଥିଲା। ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ତଦନ୍ତ ଭାର ନେଇଥିଲେ। ଅଭିଯୁକ୍ତ ଗୋପାଳଙ୍କୁ ଗିରଫ କରିବା ପରେ ରିମାଣ୍ଡରେ ନିଆଯାଇଥିଲା। ପରେ ପାଇଖାନା ଟାଙ୍କି ଭାଙ୍ଗି ଚିଠି ବାହାର କରିବା, ନାର୍କୋ ପରୀକ୍ଷା ପାଇଁ ଭାଜପା ଶାସିତ ରାଜ୍ୟ ଗୁଜରାଟ ନେବା, ଗୋପାଳଙ୍କୁ ରାଜ୍ୟ ମେଡିକାଲ ଟିମ୍ ପାଗଳ ନୁହେଁ ବୋଲି କହିବା ପରେ ପୁଣି ଆଉ ଥରେ ପରୀକ୍ଷା କରିବା ପାଇଁ ବେଙ୍ଗାଲୁର ନେବାକୁ କୋର୍ଟରେ ଆବେଦନ କରିବା ଭଳି ଗୋଟିଏ ପରେ ଗୋଟିଏ ଘଟଣା ଏତେ ଦିନ ଭିତରେ ଘଟିଯାଇଛି। ରବିବାର ଘଟଣାକୁ ୫୦ଦିନ ପୂରି ଯାଇଥିଲେ ସୁଦ୍ଧା ଗୋପାଳ କାହିଁକି ନବଙ୍କୁ ହତ୍ୟା କଲେ ତାହା ତଦନ୍ତକାରୀ ସଂସ୍ଥା ଜାଣିବାରେ ବିଫଳ ହୋଇଥିବାବେଳେ ତଦନ୍ତ ଏକପ୍ରକାର ଶିଥିଳ ହୋଇଯାଇଥିବା କୁହାଯାଉଛି।

ଗୋପାଳ ପାଗଳ କି ନୁହେଁ ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଯାଞ୍ଚ ଓ ତଦନ୍ତ କରାଯାଉଥିବାବେଳେ ହତ୍ୟାକାଣ୍ଡର କାରଣକୁ ନେଇ ତଦନ୍ତ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ଏହି ଘଟଣାରେ ସରକାର ଓ କ୍ରାଇମବ୍ରାଞ୍ଚ ଉପରୁ ରାଜ୍ୟବାସୀଙ୍କ ଆସ୍ଥା ଧୀରେ ଧୀରେ ତୁଟିବାରେ ଲାଗିଛି। ଏହି ଘଟଣାକୁ ନେଇ ବିଧାନସଭା ଅଚଳ ହୋଇଛି। ବିରୋଧୀ ଭାଜପା, କଂଗ୍ରେସ ଓ ଅନ୍ୟ ଦଳ ଘଟଣାକୁ ନିନ୍ଦା କରି ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣାରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ ଇନ୍‌ଭେଷ୍ଟିଗେଶନ୍(ଏଫ୍‌ବିଆଇ)ର ସହାୟତା ନିଆଯାଇଥିବା ସୂଚନା ଦେଇଥିଲେ, ଯାହାକୁ ନେଇ ଶାସକ ଦଳ ବେଶ୍ ଚର୍ଚ୍ଚାରେ ରହିଥିଲା। ତଦନ୍ତ ଭାର ଏଫ୍‌ବିଆଇକୁ ଯଦି ଦିଆଯାଇଛି ତାହା କେଉଁ ସ୍ଥିତିରେ ରହିଛି ତାହା ମଧ୍ୟ ଜଣାପଡୁ ନାହିଁ। ମାତ୍ର ନବଙ୍କ ଝିଅ ଦିପାଳୀ ହତ୍ୟାକାଣ୍ଡ ନେଇ ସରକାର ଯାହା କରୁଛନ୍ତି ଓ ଯେଉଁଭଳି ଭାବେ ତଦନ୍ତ ଚାଲିଛି, ତାହା ଠିକ୍ ବୋଲି କହିବା ଘଟଣାକୁ ନେଇ ବିରୋଧୀ କଡ଼ା ସମାଲୋଚନା କରିଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ବ୍ରଜରାଜନଗର ଉପନିର୍ବାଚନ ତାରିଖ ଘୋଷଣା ହୋଇନାହିଁ। ହେଲେ ଅନୌପଚାରିକ ଭାବରେ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଯାଇଛି। ବିଭିନ୍ନ ସଭା ସମିତିରେ ନବଙ୍କ ପରିବାର ସଦସ୍ୟଙ୍କୁ ଦେଖିବାକୁ ମିଳୁଛି। ଅନ୍ୟପଟେ ଭାଜପା ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅତାବିରା ଏନ୍‌ଏସି ନିର୍ବାଚନ ପରେ ଶୀଘ୍ର ଝାରସୁଗୁଡା ଉପନିର୍ବାଚନ ତାରିଖ ଘୋଷଣା ହୋଇପାରେ ବୋଲି ମତପ୍ରକାଶ ପାଉଛି। ତେଣୁ ଉପନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ନବ ଦାସ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ କରନ୍ତୁ ବୋଲି ଆଲୋଚନା ହେଉଛି। ହତ୍ୟା ଘଟଣାରେ ରାଜ୍ୟର ଜଣେ ବରିଷ୍ଠ ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀ, ଜଣେ ପ୍ରଭାବଶାଳୀ ନେତା ଓ କେନ୍ଦ୍ର ଲିଙ୍କ୍ ଥିବା ନେଇ ମଧ୍ୟ ଆଲୋଚନା ଜୋର ଧରିଥିଲା। ରାଜନୈତିକ ଶତ୍ରୁତାଠାରୁ ବ୍ୟବସାୟିକ ଶତ୍ରୁତା କାରଣ ହୋଇପାରେ ବୋଲି ମଧ୍ୟ ସନ୍ଦେହ ଘେରକୁ ଆସିଥିଲା। ହେଲେ ଏବେ ମଧ୍ୟ କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାକୁ ନେଇ ରାଜ୍ୟ ସରକାର ଓ ଦାୟିତ୍ୱରେ ଥିବା କ୍ରାଇମବ୍ରାଞ୍ଚ ନୀରବ ରହିଛି, ଫଳରେ ଘଟଣାର ସତ୍ୟତା ଉନ୍ମୋଚନ ହେବା ନେଇ ଲୋକଙ୍କ ମନରେ ସନ୍ଦେହ ଉପୁଜିଛି।

# ମାଟିତଳୁ ମିଳିଲା ଗଙ୍ଗାମାତାଙ୍କ ମୂର୍ତ୍ତି

**ପୂଜକଙ୍କୁ ସ୍ୱପ୍ନାଦେଶ**

ଚିତ୍ରକୋଣ୍ଡା, ୧୯।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ତିରୁପତି ବାଲାଜୀ ମନ୍ଦିରର ପୂଜକ ରବି ଶାସ୍ତ୍ରୀଙ୍କୁ ଗତ ୧୭ ତାରିଖ ରାତ୍ରିରେ ସ୍ୱପ୍ନାଦେଶ ହୋଇଥିଲା। ମନ୍ଦିର ପରିସରରେ ଗଙ୍ଗାମାତା ମାଟି ତଳେ ପୋତି ହୋଇ ରହିଛନ୍ତି ତାଙ୍କୁ ଉଦ୍ଧାର କରିବାକୁ ସ୍ୱପ୍ନରେ ଠାକୁର ପୂଜକଙ୍କୁ କହିଥିଲେ। ଏହାକୁ ବିଶ୍ୱାସକୁ ନେଇ ୧୮ ତାରିଖରେ ପୂଜକ ଶାସ୍ତ୍ରୀ ସ୍ୱପ୍ନାଦେଶ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ଓ ଚିତ୍ରକୋଣ୍ଡା ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଉକ୍ତ ମୂର୍ତ୍ତିକୁ ଉଦ୍ଧାର ପାଇଁ ପାରମ୍ପରିକ ପୂଜାବିଧି ହୋଇଥିଲା। ବହୁ ସଂଖ୍ୟକ ମହିଳା ସିଲେରୁ ନଦୀରୁ ଜଳକଳସ ଉଠାଇ ଶୋଭାଯାତ୍ରାରେ ଆଣି ବାଲାଜୀ ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରି ଖୋଳା ଆରମ୍ଭ ହୋଇଥିଲା। ୭ଫୁଟ ମାଟି ଖୋଳିବା ପରେ ରାତି ୧୦ଟାରେ ମୂର୍ତ୍ତିର କିଛି ଅଂଶ ଦେଖିବାକୁ ମିଳିଥିଲା। ଆଉ ଅଳ୍ପ କିଛି ସମୟ ଖୋଳିବା ପରେ ମୂର୍ତ୍ତିର ସମ୍ପୂର୍ଣ୍ଣ ଅଂଶ ଦେଖାଯାଇଥିଲା। ଦଶ ଇଞ୍ଚ ବିଶିଷ୍ଟ ସାପ ଚିତ୍ର ସହ ପଥର ନିର୍ମିତ ଏହି ଗଙ୍ଗାମାତାଙ୍କ ମୂର୍ତ୍ତି ବାହାରକୁ କଢ଼ାଯାଇଥିଲା। ପରେ ପୂଜାର୍ଚ୍ଚନା କରାଯାଇ ମନ୍ଦିରରେ ରଖାଯାଇଥିଲା। ଗଙ୍ଗାମାତାଙ୍କ ଆବିର୍ଭାବ ସମ୍ପର୍କରେ ଖବର ଶୁଣି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ମନ୍ଦିର ପରିସରରେ ହୋଇଥିଲା।


ମାଟିତଳୁ ଉଦ୍ଧାର ହୋଇଥିବା ଗଙ୍ଗାମାତାଙ୍କ ମୂର୍ତ୍ତି।

# ବାରୁଣୀ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦେଲେ ପିଣ୍ଡଦାନ**


ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

ଯାଜପୁର ଟାଉନ୍, ୧୯।୩ (ଡି.ଏନ୍.ଏ.)

୩ ବର୍ଷ ବ୍ୟବଧାନ ପରେ ଯାଜପୁରର ବୈତରଣୀ ନଦୀ କୂଳରେ ଅବସ୍ଥିତ ଦଶାଶ୍ୱମେଧଘାଟଠାରେ ବାରୁଣୀ ଯୋଗରେ ରବିବାର ଶ୍ରଦ୍ଧାଳୁମାନେ ବୁଡ଼ ପକାଇଛନ୍ତି। ପୂର୍ବରୁ କରୋନା ପାଇଁ ୩ ବର୍ଷ ବାରୁଣୀ ବୁଡ଼କୁ ପ୍ରଶାସନ ବାରଣ କରିଥିଲା। ଫଳରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ ଯୋଗ ସମୟରେ ବୁଡ଼ ପକାଇ ପାରୁ ନ ଥିଲେ। ବିରଜା ପଞ୍ଜିକା ଅନୁଯାୟୀ, ଚୈତ୍ରମାସ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷେତ୍ରରେ ପ୍ରାତଃ ୩ଟା ୩୩ରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଓ ଜଗନ୍ନାଥ ପଞ୍ଜିକାରେ ପ୍ରାତଃ ୮ଟା ୨୦ରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଏଠାରେ ସ୍ନାନ ଯୋଗଥିଲା। ଚଳିତ ବର୍ଷ ମହାଯୋଗ ନ ଥିଲେ ମଧ୍ୟ ବିଗତ ୩ ବର୍ଷକାଳ ଏହା ବନ୍ଦଥିବା ହେତୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହାସହ ଅନେକେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

# ନାକଟିଦେଉଳ ଅଫିମ ଚାଷରେ ଝାଡ଼ଖଣ୍ଡର ଲିଙ୍କ୍

ସମ୍ବଲପୁର, ୧୯।୩(ବ୍ୟୁରୋ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଅଫିମ ଚାଷ ଧୀରେ ଧୀରେ ବଢ଼ିବାରେ ଲାଗିଛି। ନାକଟିଦେଉଳ ଥାନା ଗୋପାଳପୁର ଗ୍ରାମରେ ରବିବାର ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ୪୦ ଡେସିମିଲ ଜମିରେ ହୋଇଥିବା ୧୦ ହଜାର ଅଫିମ ଗଛକୁ ନଷ୍ଟ କରିବା ସହ ଅଫିମ ଜବତ କରିଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଛି। ଏହି ଚାଷରେ ଝାଡ଼ଖଣ୍ଡ ଲୋକଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟ କିଙ୍ଗପିନ୍ ମଧ୍ୟ ଝାଡ଼ଖଣ୍ଡର ବୋଲି ଅବକାରୀ ବିଭାଗ ଅଧୀକ୍ଷକ ଅଶୋକ ସେଠ କହିଛନ୍ତି। ଗଞ୍ଜେଇ ଅମଳ ପାଇଁ ୬ ମାସ ଲାଗୁଥିବାବେଳେ ଅଫିମ ୩ ମାସରେ ଅମଳ ହୋଇଥାଏ।

# ଶ୍ରୀପୁରୁଷୋତ୍ତମ ଭଣ୍ଡାରର ଅବଦାନ

**ଏରବଙ୍ଗରେ ଶ୍ରୀଦଧିବାମନ ଉପାସନା ୮୦୦ ବର୍ଷର ପୁରାତନ**

ଡ. ସୁରେନ୍ଦ୍ର କୁମାର ମିଶ୍ର


ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପୂଜାପଣ୍ଡା ପଟୁଆରରେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)




ଗତ ସଂଖ୍ୟାରେ କୋଣାର୍କଠାରେ ମନ୍ଦିର ଆରମ୍ଭ ଏବଂ ଶ୍ରୀମହାଭାସ୍କରଙ୍କ ବିଗ୍ରହ ନିର୍ମାଣ ସମୟରେ ଯଥାକ୍ରମେ 'ଶ୍ରୀକାପଡ଼ା' ଓ ଆଜ୍ଞାମାଳ ଦିଆଯାଇଥିବା ଆଲୋଚନା କରିଥିଲୁ। ବିଶେଷ ଭାବରେ ମହାପ୍ରଭୁଙ୍କ ଅଙ୍ଗଲାଗି ଏହା ଏକ ବସ୍ତ୍ର। ଖଦିର ଏହି ପତଳା ବସ୍ତ୍ର ମହାପ୍ରଭୁଙ୍କ 'ଶିର'ରେ ଲାଗି ହେଉଥିବାରୁ କୁହାଯାଉଥିଲା ଶିର–କପଡ଼ା। ପୁରୀ ଭାଷାରେ ତାହା 'ଶ୍ରୀକାପଡ଼ା' ଶବ୍ଦରେ ତଉତି ହୋଇଯାଇଛି। ପୁରୀର ଶ୍ରୀଶଙ୍କରାନନ୍ଦ ମଠର ସ୍ୱାମୀ କୋଣାର୍କରେ ପଦାର୍ପଣ କରିଥିଲେ। ତାହା ଆମେ ସ୍ପଷ୍ଟ କରିବା।

ଗଜପତି ଲାଙ୍ଗୁଳା ନରସିଂହଦେବ ଯେଉଁ ସ୍ୱାମୀଙ୍କୁ ଆମନ୍ତ୍ରଣ କରିଥିଲେ, ଅର୍ଥାତ୍ ନରସିଂହ ସରସ୍ୱତୀଙ୍କୁ, ତାଙ୍କ ନାମ ମଠର ସ୍ୱାମୀମାନଙ୍କ ତାଲିକାରେ ନାହିଁ, ତେଣୁ ମଠରୁ ପୂର୍ବେ ଆମେ ଯେଉଁ ତାଲିକା ସଂଗ୍ରହ କରିଥିଲୁ, ତାହା ସ୍ୱୟଂ ସମ୍ପୂର୍ଣ୍ଣ ବୋଲି ଜୋର ଦେଇ କହିପାରୁନାହୁଁ। ବାୟାଚକଡ଼ା ପୋଥିରେ ପୁରୁଷୋତ୍ତମର ବାଲିମଠ ନାମ ଆସୁଛି। ବାଲିମଠ ଗୋବର୍ଦ୍ଧନ ମଠର ପୂର୍ବ ନାମ ନା ଅଲଗା ମଠ ଥିଲା, ତାହା ବି ବିଚାର କରିବା କଥା। ଶ୍ରୀଗୋବର୍ଦ୍ଧନ ମଠର ପ୍ରତିଷ୍ଠାତା ଆଦିଶଙ୍କର ବିଗ୍ରହ ନିର୍ମାଣ କଥା ପ୍ରସଙ୍ଗରେ ଏହା ସ୍ଥାନ ପାଇଛି। ପୋଥି ଉଦ୍ଧାରବେଳେ ଏପଟସେପଟ କିଛି ହୋଇପାରେ। କାରଣ ଶ୍ରୀଗୋବର୍ଦ୍ଧନ ମଠର ସ୍ୱାମୀଙ୍କ ନାମ ଶେଷରେ 'ତୀର୍ଥ' ରହିବାର ପରମ୍ପରା ଥିଲା। ଗୋବର୍ଦ୍ଧନ ଶ୍ରୀଶଙ୍କରାନନ୍ଦ ମଠର ସ୍ୱାମୀଙ୍କ ନାମ ଶେଷରେ 'ସରସ୍ୱତୀ' ରହିବାର ବିଧି ଅଛି। ୪୧ଜଣ ସ୍ୱାମୀଙ୍କ ନାମ ତାଲିକାରେ ମଧ୍ୟ ସମସ୍ତଙ୍କ ନାମ ଶେଷରେ 'ସରସ୍ୱତୀ' ଅଛି, ତେଣୁ ନରସିଂହ ସରସ୍ୱତୀ ଥିଲେ ଶଙ୍କରାନନ୍ଦ ମଠର ସ୍ୱାମୀ। ସେ ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ ହିଁ ସ୍ୱାମୀ ଥିଲେ।

ଆଦି ଶଙ୍କରଙ୍କ ମଠାମ୍ନାୟରେ ବାଲିମଠ ଶବ୍ଦ ନାହିଁ। ଆମେ ବାଲିମଠ ସମ୍ବନ୍ଧରେ ଅନୁସନ୍ଧାନ କଲା ପରେ ଅନେକ ଚମକପ୍ରଦ ଐତିହ୍ୟ ଆମକୁ ମିଳୁଛି। ଇତିହାସ କିନ୍ତୁ ନୀରବ। ଶ୍ରୀଗୋବର୍ଦ୍ଧନ ମଠରେ ପ୍ରଥମେ ଚାଳଛପର ଘର ଥିଲା। ବିସ୍ତୀର୍ଣ୍ଣ ବାଲିପ୍ରାନ୍ତର ମହୋଦଧିକୁ ଲାଗିଥିଲା। ତା' ଭିତରେ ଏକ ପୋଖରୀ ଥିଲା। ପୋଖରୀର ପୂର୍ବ ଦିଗକୁ ବାଲିହୁଙ୍କା ଥିଲା। ସେଇଠାରୁ ଏକ ବିରାଟ ବାଲିବନ୍ତ ଆରମ୍ଭ ହୋଇଥିଲା। ବାଲିବନ୍ତର ଉତ୍ତର ଦିଗକୁ ବଡ଼ ଚାଳଘରଟିଏ ଥିଲା। ତା' ପାଖକୁ ଲାଗି ଲାଗି ତାଳ ବରଡ଼ାରେ ଛୋଟ ଛୋଟ କୁଡ଼ିଆ ଥିଲା। କୁଡ଼ିଆରେ ସନ୍ନ୍ୟାସୀମାନେ ରହୁଥିଲେ। ଉକ୍ତ ଚାଳଘର କିଏ ନିର୍ମାଣ କରିଥିଲେ ଜଣାପଡୁନି, କିନ୍ତୁ ତାହା ବାଲିମଠ ଭାବରେ ଲୋକସମାଜରେ ଜଣାଶୁଣା ଥିଲା। ଏହାକୁ ୬୦/୭୦ ବର୍ଷ ତଳେ ପୁରୀର ପୁରୁଣା ଲୋକେ ଦେଖିଥିବାର ପ୍ରକାଶ କରନ୍ତି। ଏହି ମଠରେ କିଛି ଜମି ଶ୍ରୀଲୋକନାଥ ମନ୍ଦିର ପଛପଟେ ଥିଲା। ତାହା ବି ବାଲିମଠ ବଗିଚା ନାମରେ ପ୍ରସିଦ୍ଧ। କୌଣସି ଏକ ସମୟରେ ଶ୍ରୀଗୋବର୍ଦ୍ଧନ ମଠ ସହିତ ଏକାକାର ହୋଇଯିବା ପରେ ଶ୍ରୀଗୋବର୍ଦ୍ଧନ ମଠକୁ ଲୋକେ ବାଲିମଠର ନାମରେ ବୁଝିଲେ। ଜନଶ୍ରୁତି ଅଛି ବାଲିମଠରେ ଏକ ଗୋ–ଶାଳା ଥିଲା। ଯାହା ଭୋଗବର୍ଦ୍ଧନ ମଠ ଶ୍ରୀଶଙ୍କରାନନ୍ଦ ପୀଠ ପରିଚାଳନା କରୁଥିଲେ। ତେଣୁ ସମ୍ଭାବନା ହୁଏ, ଉକ୍ତ ଗୋଶାଳା ସଂଲଗ୍ନ ଚାଳଘର ଓ କୁଡ଼ିଆଗୁଡ଼ିକରେ ଶ୍ରୀଶଙ୍କରାନନ୍ଦ ମଠରେ ସନ୍ନ୍ୟାସୀମାନେ ରହୁଥିଲେ। ତେଣୁ କ'ଣ କୋଣାର୍କ ମନ୍ଦିର ନିର୍ମାଣବେଳେ ଶଙ୍କରାନନ୍ଦ ମଠ ସ୍ୱାମୀଙ୍କୁ ବାଲିମଠ ସ୍ୱାମୀ ଭାବରେ ଚିହ୍ନିତ କରାଯାଉଥିଲା? ନା ଶ୍ରୀନରସିଂହ ସରସ୍ୱତୀ ସ୍ୱାମୀ ସେ ସମୟରେ ବାଲିମଠରେ ଅବସ୍ଥାନ କରୁଥିଲେ? ତେଣୁ ପୋଥିରେ ଶଙ୍କରାନନ୍ଦ ମଠ ସ୍ୱାମୀ ଓ ବାଲିମଠ ସ୍ୱାମୀ ଶବ୍ଦ ଏକତ୍ର ଗୋଟିଏ ପ୍ରସଙ୍ଗରେ ବ୍ୟବହାର ହୋଇଛି!

ଗଜପତି କେବଳ ବାସ୍ତୁଶାସ୍ତ୍ର, ଆଗମଶାସ୍ତ୍ର ବିଶାରଦ ଶ୍ରୀଶଙ୍କରାନନ୍ଦ ସ୍ୱାମୀଙ୍କୁ ଆମନ୍ତ୍ରଣ ଜଣାଇ ପୁରୁଷୋତ୍ତମ କ୍ଷେତ୍ରରୁ କୋଣାର୍କ ନେଇଥିଲେ ତାହା ନୁହେଁ, ପୁରୀରୁ ନାରାୟଣ ଚିତ୍ରକାର ନାୟକ (ଚିତ୍ରଶିଳ୍ପୀ), ପୁରୁଷୋତ୍ତମ ମନ୍ଦିରର ଚାମର ସେବକ ନରସିଂହ କୋଟର ଗୁରୁ ଓ ପୁରାତନ ମୂର୍ତ୍ତିକାର ମହେଶ୍ୱର ମୂର୍ତ୍ତିକାରଙ୍କୁ ପରାମର୍ଶ ପାଇଁ କୋଣାର୍କକୁ ଆମନ୍ତ୍ରଣ କରି ନେଇଥିଲେ। ଏମାନଙ୍କ ସହିତ କାଳହସ୍ତିଶ୍ୱର କ୍ଷେତ୍ର, ତିରୁପତିର ପଣ୍ଡିତ, କାଳିଂଜରକ୍ଷେତ୍ର (ଦାକ୍ଷିଣାତ୍ୟ)ର ଜଣେ ଶିଳ୍ପୀଙ୍କୁ ଦେଖିବା ପାଇଁ ଡକାଇଥିଲେ। ନାରାୟଣ ବରଦ କ୍ଷେତ୍ର (କର୍ଣ୍ଣାଟକ)ର ବିଶ୍ୱକସେନ ଆଚାର୍ଯ୍ୟଙ୍କୁ ଡକାଇଥିଲେ। ଆଚାର୍ଯ୍ୟ ମହାଶୟ ଥିଲେ ଶ୍ରୀସମ୍ପ୍ରଦାୟର ଗୁରୁ, ଶ୍ରୀନାରାୟଣଙ୍କର ପ୍ରସିଦ୍ଧ ଉପାସକ। ଶ୍ରୀସୂର୍ଯ୍ୟନାରାୟଣଙ୍କ ମନ୍ଦିର ନିର୍ମାଣ ଦେଖିବା ପାଇଁ ତାଙ୍କୁ ବି ଆମନ୍ତ୍ରଣ କରାଯାଇଥିଲା। ଛଅଜଣ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଶିଳ୍ପୀ ଏମାନଙ୍କ ସହିତ ରହି କାର୍ଯ୍ୟର ଅଗ୍ରଗତି ଅବଗତ କରାଇଥିଲେ। କାର୍ତ୍ତିକ ମାସ ଅଁଳା ନବମୀ ଦିନ କୋଣାର୍କରୁ ଫେରିଥିଲେ ପୁରୀ। ଗଜପତିଙ୍କ ଆଦେଶ ଥିଲା ପୁରୀର ଆତ୍ମାରାମ ଗୋଛିକାର ମନ୍ଦିର ନିର୍ମାଣ ଦେଖାଇବେ ଓ ଶିଳ୍ପ ବିଷୟରେ ବୁଝାଇବେ। ତାହା ହିଁ ହୋଇଥିଲା। ସମସ୍ତେ ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କରିଥିଲେ।

## ଶ୍ରୀମନ୍ଦିର ଭଣ୍ଡାର

ଶ୍ରୀମନ୍ଦିର ଭଣ୍ଡାର ସେତେବେଳେ 'ଶ୍ରୀପୁରୁଷୋତ୍ତମ ମନ୍ଦିର ଭଣ୍ଡାର' ନାମରେ ପ୍ରସିଦ୍ଧ ଥିଲା। କୋଣାଦିତ୍ୟରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ଗଜପତିଙ୍କ ଆଦେଶ କ୍ରମେ ସାମ୍ରାଜ୍ୟର ବିଭିନ୍ନ ଦଣ୍ଡପାଟ, ଖମାର, ବିଷୟ ଓ ମନ୍ଦିର ଭଣ୍ଡାରରୁ ଅନେକ ସାମଗ୍ରୀ କୋଣାର୍କ ଭଣ୍ଡାରକୁ ଯୋଗାଇ ଦିଆଯାଇଥିଲା। ଆଢ଼ତିଆ କରଣ ବୀରବର ପଟ୍ଟନାୟକ ଅନ୍ୟ ଭଣ୍ଡାରରୁ କୋଣାର୍କ ଭଣ୍ଡାରକୁ ଆସିଥିବା ସମସ୍ତ ଜିନିଷର ତଦାରଖ କରିଥିଲେ। ତଦାରଖ ପରେ ଲିଖିତ ତାଲିକା ବିଜାରି କରିଥିଲେ। ସେଥିରୁ ଜଣାପଡ଼େ–

ଶ୍ରୀପୁରୁଷୋତ୍ତମ ମନ୍ଦିର ଭଣ୍ଡାରରୁ ୩,୪୭୨ ସଂଖ୍ୟକ ଛିଦ୍ରଯୁକ୍ତ ସୁନା ମୋହର ମନ୍ଦିର ନିର୍ମାଣରେ ଖର୍ଚ୍ଚ ହେବା ପାଇଁ କୋଣାର୍କକୁ ଯାଇଥିଲା। ପୋଥିର ଅନ୍ୟ ଏକ ସ୍ଥାନରୁ ମିଳେ ଯେ ବଡ଼ଦେଉଳ ଅଧୀକ୍ଷକ ମହାଦେବ ରାଜଗୁରୁ ମହାପାତ୍ର ମଧ୍ୟ ଥରେ ୩,୪୦୩ ସୁନା ମାଢ଼ ଦେଇଥିଲେ। ଦୁଇଥରରେ ସମୁଦାୟ ୬,୮୭୫ ସୁନା ମାଢ଼ କୋଣାର୍କକୁ ଯାଇଥିଲା।

କେବଳ ସୁନା ମୋହର ନୁହେଁ, ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରେ ଧାନ ମଧ୍ୟ ଗଚ୍ଛିତ ରହୁଥିଲା। ୩,୪୦୮ ଭରଣ ଧାନ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରୀପୁରୁଷୋତ୍ତମଙ୍କ ଭଣ୍ଡାରରୁ କୋଣାର୍କକୁ ଯାଇଥିଲା।

ମହାପ୍ରଭୁଙ୍କ ଭଣ୍ଡାରରୁ ଯେପରି ଖାଦ୍ୟ ଓ ପାରିଶ୍ରମିକ, ସହଯୋଗ କୋଣାର୍କକୁ ଯାଉଥିଲା, ଠିକ୍ ସେହିପରି ମହାପ୍ରଭୁଙ୍କ ମହାପ୍ରସାଦ ମଧ୍ୟ ଶିଳ୍ପୀଙ୍କ ପାଇଁ ଯାଉଥିଲା। ଏରବଙ୍ଗରେ ଶ୍ରୀଦଧିବାମନଙ୍କ ମନ୍ଦିରରେ ମହାପ୍ରସାଦ ସେବା କରିଥିଲେ ଶିଳ୍ପୀମାନେ। ଏରବଙ୍ଗ ଲେଖା ହେଲାବେଳେ 'ଗଙ୍ଗେଶ୍ୱରୀ ମନ୍ଦିର ନିକଟ' ବୋଲି ଚିହ୍ନିତ କରାଯାଇଛି ଏବଂ ଦେବୀ ଗଙ୍ଗେଶ୍ୱରୀ ଶିଳ୍ପୀଙ୍କର ଇଷ୍ଟ ବୋଲି ସ୍ପଷ୍ଟ ଲେଖାଯାଇଛି। ଏହି ଘଟଣା ଘଟିଥିଲା ମହାପ୍ରଭୁଙ୍କ ସ୍ନାନ ଉତ୍ସବ ସମୟରେ। ଏଥିରୁ ଜଣାଯାଉଛି, ମହାପୁରୁଷ ବଳରାମ ଦାସ ଏରବଙ୍ଗରେ (୧୫୨୦–୩୦ ମସିହା) ଶ୍ରୀଚତୁର୍ଦ୍ଧା ବିଗ୍ରହଙ୍କ ଉପାସନା ଆରମ୍ଭ କରିବାର ହାରାହାରି ୩୦୦ ବର୍ଷ ପୂର୍ବରୁ ଶ୍ରୀଜଗନ୍ନାଥଙ୍କର ଏରବଙ୍ଗରେ ଶ୍ରୀଦଧିବାମନ ରୂପେ ଉପାସନା ଆରମ୍ଭ ହୋଇ ସାରିଥିଲା।

ପୁରୁଷୋତ୍ତମ ଭଣ୍ଡାରରୁ ଯିବା ତ ଆମେ ଜାଣିଲେ। ଆସିବାର ଉଦାହରଣ ବି ଆମକୁ ମିଳେ। ଗଜପତି ବଙ୍ଗଳା–ଲକ୍ଷ୍ନୌଟିର ନବାବଙ୍କୁ ପରାସ୍ତ କରିବା ପରେ ତାଙ୍କ ଉଆସରୁ ଧନଦରବ ୪ଟି ହାତୀରେ ଆଣିଥିଲେ। ତାହା କୋଣାର୍କ ଭଣ୍ଡାରକୁ ଆସିବା ପରେ ସେଥିରୁ ସୁନାବେଷ୍ଟ ଲାଗିଥିବା ଏକ ବାଘମାର୍କା ଛୁରି, ଯାହାର ଭିତରପଟେ ମାଣିକ୍ୟ ଓ ମୁକ୍ତା ଲାଗିଥିଲା, ତାହାକୁ ପୁରୁଷୋତ୍ତମ କୋଷାଗାରକୁ ପଠାଯାଇଥିଲା। ସେଥିରେ ୧୮ ମାଢ଼ ସୁନା ବ୍ୟବହାର ହୋଇଥିଲା।



























# ୧୦ ଉଇକେଟରେ ହାରିଲା ଭାରତ



ଅଷ୍ଟ୍ରେଲିଆର ସଫଳ ବୋଲର ମିଚେଲ୍ ଷ୍ଟାର୍କ (ବାମ)।



ପରାଜୟ ପରେ ପଡ଼ିଆ ଛାଡୁଛନ୍ତି ଭାରତୀୟ ଖେଳାଳି।

**ବିଶାଖାପାଟଣା,୧୯।୩(ପି.ଟି.)**

ବିଶାଖାପାଟଣାର ୱାଇଏସ୍ଆର ରେଡ୍ଡୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତକୁ ୧୦ ଉଇକେଟରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ବାମହାତୀ ପେସ୍ ବୋଲର ମିଚେଲ୍ ଷ୍ଟାର୍କ ଅଗ୍ନିବର୍ଷୀ ବୋଲିଂ କରି ୫ ଉଇକେଟ ଅକ୍ତିଆର କରିବା ଫଳରେ ଭାରତ ମାତ୍ର ୧୧୭ ରନରେ ଅଲଆଉଟ ହୋଇଥିଲା। ଜବାବରେ ଟ୍ରାଭିସ୍ ହେଡ୍ ଓ ମିଚେଲ ମାର୍ଶଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ମ୍ୟାଚକୁ ଜିତି ନେଇଥିଲା। ଏହି ବିଜୟ ସହିତ ସିରିଜ୍ ବର୍ତ୍ତମାନ ୧-୧ରେ ଥିବା ବେଳେ ବୁଧବାର ଚେନ୍ନାଇର ଏମ୍. ଏ. ଚିଦାମ୍ବରମ ଷ୍ଟାଡିୟମରେ ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ।

## ଷ୍ଟାର୍କଙ୍କ ଘାତକ ବୋଲିଂ

ବିଶାଖାପାଟଣାର ପେସ୍ ବୋଲିଂ ସହାୟକ ପିଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବାମହାତୀ ପେସ୍ ବୋଲର ମିଚେଲ ଷ୍ଟାର୍କ ନିଜ ଗତି ଓ ସୁଇଂରେ ଭାରତୀୟ ବ୍ୟାଟିଂ ଲାଇନଅପକୁ ଧ୍ୱସ୍ତ କରି ଦେଇଥିଲେ। ସେ କ୍ୟାରିୟରର ୧୦୯ ତମ ଦିନିକିଆ ମ୍ୟାଚରେ ନବମ ଥର ପାଇଁ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ। ପ୍ରତ୍ୟାବର୍ତ୍ତନ କରୁଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମା(୧୩), ଶୁବମାନ ଗିଲ୍(୦), ସୂର୍ଯ୍ୟକୁମାର ଯାଦବ(୦), ଲୋକେଶ ରାହୁଲ(୯) ଓ ମହମ୍ମଦ ସିରାଜ (୦)ଙ୍କୁ ଆଉଟ କରି ଷ୍ଟାର୍କ ନିଜର ୫ ଉଇକେଟ ପୂରଣ କରିଥିଲେ। ଟପ୍ ଅର୍ଡରରେ ୪ ଖେଳାଳିଙ୍କୁ ଆଉଟ କରି ପ୍ରାରମ୍ଭିକ ବିପର୍ଯ୍ୟୟ ଘଟାଇଥିବା ବେଳେ ସିରାଜଙ୍କୁ ଆଉଟ କରି ଭାରତୀୟ ଇନିଂସ ଶେଷ କରିଥିଲେ ଷ୍ଟାର୍କ। ଭାରତ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୩୧ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ୧୬ ଓ ଅକ୍ଷର ପଟେଲ ଅପରାଜିତ ୨୯ ରନ୍ କରିଥିଲେ। ଏହି ୪ ବ୍ୟାଟରଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଦ୍ୱିତୀୟ ଉଇକେଟରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ମଧ୍ୟରେ ହୋଇଥିବା ୨୯ ରନ୍ ଭାରତୀୟ ଇନିଂସର ସର୍ବାଧିକ ରନ୍ ଥିଲା। ଅନ୍ୟ ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ସିନ୍ ଆବୋଟ ୩ ଓ ନାଥାନ ଏଲିସ୍ ୨ ଉଇକେଟ୍ ନେଇଥିଲେ।

## ହେଡ୍ ଓ ମାର୍ଶଙ୍କ ଅର୍ଦ୍ଧଶତକ

ଭାରତୀୟ ଇନିଂସ ମାତ୍ର ୨୬ ଓଭରରେ ୧୧୭ ରନରେ ସମାପ୍ତ ହୋଇଥିଲା। ୧୧୮ ରନ୍ ବିଜୟ ଲକ୍ଷ୍ୟରେ ବ୍ୟାଟିଂ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଉଭୟ ଓପନର ଅପରାଜିତ ଅର୍ଦ୍ଧଶତକ ହାସଲ କରିବା ସହିତ ୧୦ ଉଇକେଟରେ ଦଳକୁ ଜିତାଇଥିଲେ। ଟ୍ରାଭିସ୍ ହେଡ୍ ୩୦ ବଲ୍‌ରୁ ୫୧ ଓ ମିଚେଲ ମାର୍ଶ ୩୬ ବଲ୍‌ରୁ ୬୬ ରନ୍ କରିଥିଲେ। ହେଡ୍‌ଙ୍କ ଇନିଂସରେ ୧୦ ଚୌକା ସାମିଲ ଥିବା ବେଳେ ମାର୍ଶ ୬ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ମିଚେଲ୍ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ସିରିଜର ଅନ୍ତିମ ମ୍ୟାଚ୍ ବୁଧବାର ଚେନ୍ନାଇରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ ୨୬ ଓଭରରେ ୧୧୭/୧୦ (ବିରାଟ କୋହଲି-୩୧*, ଅକ୍ଷର ପଟେଲ-୨୯, ରବୀନ୍ଦ୍ର ଜାଡେଜା-୧୬, ମିଚେଲ ଷ୍ଟାର୍କ-୫/୫୩, ସିନ୍ ଆବୋଟ୍-୩/୨୩, ନାଥାନ ଏଲିସ୍-୨/୧୩)। ଅଷ୍ଟ୍ରେଲିଆ ଇନିଂସ ୧୧ ଓଭରରେ ୧୨୧/୦ (ଟ୍ରାଭିସ୍ ହେଡ୍-୫୧*, ମିଚେଲ୍ ମାର୍ଶ-୬୬*)।

# ‘ଷ୍ଟାର୍କଙ୍କ ରଣନୀତିରେ ବ୍ୟାଟର ବିଫଳ’

**ବିଶାଖାପାଟଣା,୧୯।୩(ପି.ଟି.)**

ଦ୍ୱିତୀୟ ଦିନିକିଆରେ ଭାରତର ପରାଜୟ ପରେ ମୁହଁ ଖୋଲିଛନ୍ତି ଅଧିନାୟକ ରୋହିତ ଶର୍ମା। ଷ୍ଟାର୍କଙ୍କ ରଣନୀତି ସମ୍ମୁଖରେ ଭାରତୀୟ ବ୍ୟାଟର ଆତ୍ମସମର୍ପଣ କଲେ ବୋଲି ସେ କହିଛନ୍ତି। ଭାରତୀୟ ଖେଳାଳି ନିଜ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିବାରେ ବିଫଳ ହେବା ସହିତ ପରାଜୟ ବରଣ କରିଥିଲେ। ବିଶାଖାପାଟଣାର ପିଚ୍ ଆଦୌ ଲୋ ସ୍କୋରିଂ ପିଚ୍ ନ ଥିଲା। ମାତ୍ର ଭାରତୀୟ ଖେଳାଳି ମାନେ ଉପଯୁକ୍ତ ଟେକ୍‌ନିକ୍‌ର ସହିତ ଖେଳି ନ ପାରି ମାତ୍ର ୧୧୭ ରନ୍‌ରେ ଅଲଆଉଟ ହେଲେ ବୋଲି ରୋହିତ କହିଛନ୍ତି। ଷ୍ଟାର୍କ ଜଣେ ଭଲ ବୋଲର ଏହା ନିଃସନ୍ଦେହ। ଦୀର୍ଘ ବର୍ଷ ଧରି ସେ ଅଷ୍ଟ୍ରେଲିଆ କ୍ରିକେଟର ସେବା କରି ଆସୁଛନ୍ତି। ନିଜ ରଣନୀତି ଅନୁସାରେ ସେ ବୋଲିଂ କରିବା ସହିତ ଭାରତୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇଥିଲେ। ଭାରତୀୟ ଦଳର ସମସ୍ତ ଖେଳାଳି ଦକ୍ଷତା ମୁତାବକ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ପ୍ରଥମ ମ୍ୟାଚ ଖେଳିନଥିବା ରୋହିତ ୧୫ ବଲ୍ ଖେଳି ମାତ୍ର ୧୩ ରନ୍ କରିବାରେ ସମର୍ଥ ହୋଇଥିଲା। ସୂର୍ଯ୍ୟକୁମାର ଯାଦବ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଗୋଲ୍‌ଡେନ୍ ଡକ୍‌ରେ ଆଉଟ ହେବା ଭାରତର ଚିନ୍ତା ବଢାଇଛି। ତେବେ ସୂର୍ଯ୍ୟ ଫର୍ମକୁ ଫେରିବା ନେଇ ରୋହିତ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଫଲୋଅନ୍ ପରେ ଶ୍ରୀଲଙ୍କା ୧୧୩/୨

**ଦ୍ୱିତୀୟ ଟେଷ୍ଟ**

**ୱେଲିଂଟନ,୧୯।୩(ପି.ଟି.)**

ୱେଲିଂଟନରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଦୃଢ ସ୍ଥିତିରେ ଘରୋଇ ଦଳ। ପ୍ରଥମ ଇନିଂସରେ ୫୮୦ ରନ୍‌ର ବିଶାଳ ସ୍କୋର କରିବା ପରେ ନ୍ୟୁଜିଲାଣ୍ଡ ୧୬୪ ରନରେ ଶ୍ରୀଲଙ୍କାକୁ ସୀମିତ ରଖିବା ସହିତ ଫଲୋଅନ ଡାକରା ଦେଇଥିଲା। ଜବାବରେ ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ଶ୍ରୀଲଙ୍କା ୨ ଉଇକେଟ ହରାଇ ୧୧୩ ରନ୍ ସଂଗ୍ରହ କରି ୩୦୩ ରନ୍ ପଛରେ ରହିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୬/୨ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅଧିନାୟକ ଦିମୁଥ କରୁଣାରତ୍ନେ ଲଢୁଆ ୮୯ ରନ୍ କରିଥିବା ବେଳେ ଅନ୍ୟ ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ୧୬୪ ରନରେ ଅଲଆଉଟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀନେଶ ଚାନ୍ଦିମାଲ ୩୭ ଓ ନିଶାନ ମଧୁଷ୍କା ୧୯ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନରୀ ଓ ମାଇକେଲ ବ୍ରେସୱେଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଫଲୋଅନ ଡାକରା ପାଇ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପକ୍ଷରୁ ଦିମୁଥ କରୁଣାରତ୍ନେ(୫୧) ଓ କୁଶାଲ ମେଣ୍ଡିସ୍(୫୦) ରନ୍ କରିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୨ ଉଇକେଟ ହରାଇ ୧୧୩ ରନ୍ କରିଛି।



କଭରଡ୍ରାଇଭ୍ ଖେଳୁଛନ୍ତି ଦିମୁଥ କରୁଣାରତ୍ନେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୫୮୦/୪(ଘୋଷଣା)।
ଶ୍ରୀଲଙ୍କା ପ୍ରଥମ ଇନିଂସ ୬୬.୫ ଓଭରରେ ୧୬୪/୧୦ (ଦିମୁଥ କରୁଣରତ୍ନେ-୮୯, ଦୀନେଶ ଚାନ୍ଦିମାଲ-୩୭, ନିଶାନ ମଧୁଷ୍କା-୧୯, ମ୍ୟାଟ ହେନ୍‌ରୀ-୩/୪୪, ମାଇକେଲ ବ୍ରେସୱେଲ-୩/୫୦)।
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ (ଫଲୋଅନ୍)- ୪୩ ଓଭରରେ ୧୧୩/୨ (ଦିମୁଥ କରୁଣାରତ୍ନେ-୫୧, କୁଶଲ ମେଣ୍ଡିସ୍-୫୦*, ଟିମ୍ ସାଉଦି-୧/୯, ଡଗ୍ ବ୍ରେସ୍‌ୱେଲ-୧/୨୦)।

# ନିଖତ, ମନୀଷା ପ୍ରି-କ୍ୱାର୍ଟରରେ

**ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୧୯।୩ (ପି.ଟି.)**

ଭାରତର ଷ୍ଟାର ବକ୍ସର ନିଖତ ଜରିନ୍ ଆଲଜେରିଆର ବୋଲାମ ରୋମେସାଙ୍କୁ ପରାସ୍ତ କରି ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗତ ସଂସ୍କରଣ ବ୍ରୋଞ୍ଜ ବିଜେତା ମନୀଷା ମାଉନ୍ (୫୭କେଜି) ଅଷ୍ଟ୍ରେଲିଆର ରାହିମି ଟିନାଙ୍କ ବିପକ୍ଷରେ ୫-୦ରେ ବିଜୟ ହାସଲ କରି ପ୍ରିକ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ଗତଥର ସ୍ୱର୍ଣ୍ଣ ବିଜେତା ନିଖତ ୫୦ କେଜି ଇଭେଣ୍ଟରେ ବର୍ତ୍ତମାନର ଆଫ୍ରିକାନ ଚାମ୍ପିୟନଙ୍କୁ ସମାନ ପଏଣ୍ଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଟୁର୍ନାମେଣ୍ଟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ବିଜୟ।

# ଜାତୀୟ ପାରା ଆଥଲେଟିକ୍ସ: ଜୟନ୍ତୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

**ଭୁବନେଶ୍ୱର,୧୯।୩(ସ୍ପୋର୍ଟ୍ସ ବ୍ୟୁରୋ)**

ପୁଣେର ବାଲେୱାଡ଼ିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆରମ୍ଭ ହୋଇଥିବା ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଜୟନ୍ତୀ ବେହେରା। ଜୟନ୍ତୀ ୧୩.୩୭ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ହାସଲ କରିଥିବା ବେଳେ ଆନ୍ଧ୍ରପ୍ରଦେଶର ଭବାନୀ ଭଲସାମଗାରି ଓ ଉତ୍ତରପ୍ରଦେଶର ତୃପ୍ତି ରାଜପୁତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଲାଲ ପ୍ରସାଦ ସୋରେନ ଟି-୧୨ ବର୍ଗ ରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେ ୧୨.୫୬ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ପଙ୍କଜ ଭୁଏ ଟି-୧୩ ବର୍ଗ ୧୦୦ମି ଦୌଡରେ କାଂସ୍ୟ ପଦକ ଜିତିଛନ୍ତି। ଦ୍ୱିତୀୟ ଦିନର ଖେଳ ସୁଦ୍ଧା ଓଡ଼ିଶା ୩ ସ୍ୱର୍ଣ୍ଣ ଓ ୪ ବ୍ରୋଞ୍ଜ ସହିତ ସମୁଦାୟ ୭ ପଦକ ହାସଲ କରିଛି।




ସ୍ୱର୍ଣ୍ଣ ପଦକ ସହ ଜୟନ୍ତୀ ବେହେରା(ମଝି)




TALK TO TOYOTA
FOR ENQUIRIES & FEEDBACK CONTACT
TOLL FREE NO.: 1800-309-0001
NEW LAND LINE: 080-45059000
UNMATCHED WARRANTY*
3 years / 100000 kms
*Conditions apply.
TOYOTA TRUST Buy | Sell | Exchange - Used car
TOYOTA FINANCIAL SERVICES
Q SERVICE
24x7 ROADSIDE ASSISTANCE
Toyota Mobility Service: Individual Subscription, Corporate Leasing

ODISHA: Angul / Bhubaneswar / Cuttack: Espirit Toyota (Turanga/Patia/Telengapentha) Ph: 7873044152; Balasore: Neelam Toyota, Plot- 2019, Ganeswarpur Industrial Estate, Remuna Ph: 9124084726, 9124084716; Bhubaneswar: Capital Toyota (S-3 25, 26, 27 & 28, Mancheswar Ind. Estate, SBI Chhak – 751010) Ph: 9040087510; Ganjam: Laxmi Toyota, 1126,161/1418, K Jagannath Rao, Berhampur Bypass, NH 5, Berhampur, Ph: 9124103002; Rourkela / Sambalpur: Espirit Toyota (Kalunga/Bareiplai) Ph: 7873044660.

dentsu/dha bhu/02/23

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ